

# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ମୋଦୀଙ୍କ ବିକାଶ ଘରେ ଘରେ ପହଞ୍ଚିବ | ୬

ODISHA BHASKAR ଯାହା ଆପଣଙ୍କ କଥା କହେ

ଏମ୍ଆଇ ନ୍ୟୁୟର୍କର ଅଧିନାୟକ ହେଲେ ପୁରନ୍ | ୭

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୭୨ Vol. 22 No-72 12 JUNE 2025 THURSDAY BHUBANESWAR ଗୁରୁବାର, ୧୨ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓଡ଼ିଶା ଶାସନ

# କଥାଦେଇ କଥା ରଖିଲେ ଲୋକଙ୍କ ସରକାର



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଲୋକଙ୍କ ପାଇଁ, ଲୋକଙ୍କ ସରକାର

- କାର୍ଯ୍ୟକ୍ଷମ ହେଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
- ଲୋକଙ୍କ ପାଖରେ ପହଞ୍ଚିଲା ସରକାର, ସମ୍ବଲପୁରରେ ହେଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି
- ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରାୟ ୮୫% ଅଭିଯୋଗ ସମାଧାନ
- ଜନଶୁଣାଣି ପୋର୍ଟାଲ୍ ମାଧମରେ ୫ଲକ୍ଷରୁ ଅଧିକ ଅଭିଯୋଗ ସମାଧାନ

## ମହିଳା ସଶକ୍ତିକରଣ

- ସୁଭଦ୍ରାରେ ୧ କୋଟିରୁ ଅଧିକ ମହିଳା ଉପକୃତ
- ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି
- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଆର୍ଥିକ ଅନଗ୍ରସର ପରିବାରର ଝିଅମାନଙ୍କୁ ସ୍ଥାନୀୟ ପରମ୍ପରା ଅନୁସାରେ ଗଣ ବିବାହ

## କୃଷି ଓ କୃଷକ ସଶକ୍ତିକରଣ

- ସମୃଦ୍ଧ କୃଷକ ଯୋଜନାରେ ଧାନର କ୍ୱିଣ୍ଟାଲ ପିଛା MSP ଉପରେ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା
- ପ୍ରତି ଉପଖଣ୍ଡରେ ଶୀତଳ ଭଣ୍ଡାର ପାଇଁ ନିଷ୍ପତ୍ତି
- ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୫ ଲକ୍ଷରୁ ଅଧିକ ଦୁଗ୍ଧ ଚାଷୀ ଉପକୃତ

## ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା

- AB-PMJAY ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଦେଶର ୨୯ ହଜାରରୁ ଅଧିକ ଚିକିତ୍ସାଳୟରେ ନଗଦବିହୀନ ଚିକିତ୍ସା ସୁବିଧା
- ପ୍ରତି ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କାର ଉନ୍ନତ ଚିକିତ୍ସା ସୁବିଧା
- ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ ଓ ତଦୂର୍ଦ୍ଧ ବୟସର ବରିଷ୍ଠ ନାଗରିକଙ୍କ ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା

## ଶିକ୍ଷା ବ୍ୟବସ୍ଥାର ରୂପାନ୍ତରଣ

- ଜାତୀୟ ଶିକ୍ଷା ନୀତି – ୨୦୨୦ କାର୍ଯ୍ୟକାରୀ
- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗୋଟିଏ ଲେଖାଏଁ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ
- ଶତାୟୁ ବିଦ୍ୟାଳୟଗୁଡ଼ିକର ନବୀକରଣ ପାଇଁ ଐତିହ୍ୟ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ

## ଗ୍ରାମୀଣ ଭିତ୍ତିଭୂମି ବିକାଶ

- ଗ୍ରାମ ଗୁଡ଼ିକର ସର୍ବାଙ୍ଗୀନ ବିକାଶ ପାଇଁ ବିକଶିତ ଗାଁ, ବିକଶିତ ଓଡ଼ିଶା
- ୩ ଲକ୍ଷ ୬୫୮ ଘରୋଇ ଟ୍ୟାପ ସଂଯୋଗୀକୃତ
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧୀନରେ ୨.୬୭ ଲକ୍ଷ ଘର ନିର୍ମିତ ଓ ୩୬ ଲକ୍ଷ ନୂତନ ହିତାଧିକାରୀ ଚିହ୍ନଟ
- ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରାୟ ୬୦ ହଜାର ହିତାଧିକାରୀଙ୍କୁ ଘର ମଞ୍ଜୁର

## ଜନଜାତି ବିକାଶ

- ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ୧,୭୨,୩୫୬ ଜଣ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଉପକୃତ
- ଆବାସିକ ବିଦ୍ୟାଳୟଗୁଡ଼ିକ ପାଇଁ ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ଯୋଜନା
- ଜନଜାତି ଶିଶୁମାନଙ୍କ ଶିକ୍ଷା ଏବଂ ଜ୍ଞାନାତ୍ମକ ବିକାଶ ଉଦ୍ଦେଶ୍ୟରେ "ଆମେ ପଢ଼ିବା ଆମ ଭାଷାରେ" ଅଭିଯାନ କାର୍ଯ୍ୟକାରୀ

## ଯୁବବର୍ଗଙ୍କ ପାଇଁ ଅପାର ସୁଯୋଗ

- ଅଦ୍ୟାବଧୀ ୨୭,୩୮୨ ମୂଳ ସରକାରୀ ପଦବୀ ପୂରଣ
- ସରକାରୀ ଚାକିରୀ ବୟସ ସୀମା ୪୨ କୁ ବୃଦ୍ଧି
- ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚ ଶିକ୍ଷାରେ ୧୧.୨୫% ସ୍ଥାନ ସଂରକ୍ଷଣ

## ସମୃଦ୍ଧ ଓଡ଼ିଶା ପାଇଁ ଶିଳ୍ପାୟନ

- ଉତ୍କର୍ଷ ଓଡ଼ିଶା-୨୦୨୫ କନକ୍ଲେଭରେ ୫୯୩ଟି ପ୍ରକଳ୍ପ ପ୍ରସ୍ତାବ ଗ୍ରହଣ, ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ଲକ୍ଷ୍ୟ, ୧୨.୮ ଲକ୍ଷ ନିଯୁକ୍ତି ସୃଷ୍ଟି
- କଳିଙ୍ଗନଗରରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ସମୁଦାୟ ୨୦ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ; ଶୁଭ ଉଦ୍‌ଘାଟନ; ୩୬ ହଜାର ନୂଆ ନିଯୁକ୍ତି ସୃଷ୍ଟି
- ଖୋର୍ଦ୍ଧାରେ ୫,୭୬୦ କୋଟି ଟଙ୍କାର ୧୪ଟି ପରିବର୍ତ୍ତନକାରୀ ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ; ଭିତ୍ତି ପ୍ରସ୍ତର ସ୍ଥାପନ; ୩୭ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି




DADLS - 29

OIPR 15001/13/0683/2526

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପବିତ୍ର ଦେବସ୍ନାନ ପୂର୍ଣ୍ଣମୀ ତିଥିରେ ଗଙ୍ଗାଧର ମେହେର ପ୍ରତିଷ୍ଠାନ, ବରପାଲି ଓ ଭୁବନେଶ୍ୱର ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ମହାବିଶ୍ରାମର ଶତବାର୍ଷିକୀ ଅବସରରେ ପ୍ରଥମ ଜାତୀୟ ଭୁଲିଆ ସମ୍ମିଳନୀ ଓ ଆଲୋଚନା ଚକ୍ର-୨୦୨୫ ଭୁବନେଶ୍ୱର ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଗଙ୍ଗାଧର ମେହେର ପ୍ରତିଷ୍ଠାନର ଅଧ୍ୟକ୍ଷ ମିହିର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆମ ଓଡିଶା ଓ ସମ୍ବାଦ ଗ୍ରୁପର ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରଥିଲେ । ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ପୂର୍ବତନ ପାଟଣାଗଡ ବିଧାୟକ ସରୋଜ ମେହେର ଓ ଇଂ ସୁକଦେବ ମେହେର, ବିଶିଷ୍ଟ ଅତିଥି ଭାବେ ନରେନ୍ଦ୍ର କୁମାର ମିଶ୍ର ପ୍ରଥମ ଭୁଲିଆ ସମ୍ମିଳନୀକୁ ପ୍ରସଂଶା କରି ନିଜର ବକ୍ତବ୍ୟ ରଖିଥିବା ବେଳେ କାର୍ଯ୍ୟକାରୀ ଅଧକ୍ଷ ମହେନ୍ଦ୍ର କୁମାର ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ଗଙ୍ଗାଧର ମେହେର ପ୍ରତିଷ୍ଠାନର କର୍ମକର୍ତ୍ତା ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଂଯୋଜନା କରିଥିବା ବେଳେ ଧନ୍ୟବାଦ ପ୍ରଦାନ କରିଥିଲେ ମନୋରଞ୍ଜନ ମେହେର ।



### ଟ୍ୱିନ୍‌ସିଟିରେ ଦେବସ୍ନାନ ପୂର୍ଣ୍ଣିମା

# ଇସ୍କନରେ ଭକ୍ତଙ୍କ ପ୍ରବଳ ଭିଡ





କଟକ/ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସ୍ନାନ ପୂର୍ଣ୍ଣିମା ବା ଜନ୍ମ ଉତ୍ସବ ମହାଆଡ଼ମ୍ବରରେ ଇସ୍କନ୍ ଭୁବନେଶ୍ୱରରେ ପାଳିତ ହୋଇଯାଇଛି । ଯେଉଁ ରୀତିନୀତି ଅନୁସାରେ ଶ୍ରୀକ୍ଷେତ୍ରଧାମ ପୁରୀରେ ସ୍ନାନପୂର୍ଣ୍ଣିମା ଉତ୍ସବ ପାଳନ କରାଯାଇଥାଏ ସମରୀତିନୀତି ଅନୁସାରେ ମଧ୍ୟ ଇସ୍କନ୍ ଭୁବନେଶ୍ୱର ପରିସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସ୍ନାନ ଉତ୍ସବ ମହାଆଡ଼ମ୍ବରରେ ପାଳନ କରାଯାଇଛି । ରଥଯାତ୍ରା ଉତ୍ସବର ଏହା ଏକ ମୁଖ୍ୟ ପର୍ବ ଅଟେ। ଇସ୍କନ ପରିସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ଚନ୍ଦନ ଯାତ୍ରା ପରେ ସ୍ନାନ ପୂର୍ଣ୍ଣିମା ଉତ୍ସବ ମହାଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ। ଏହି ଉତ୍ସବ ଉପଲକ୍ଷେ ଇସ୍କନ ଭୁବନେଶ୍ୱର ମନ୍ଦିର ଚଳଚଞ୍ଚଳ ହୋଇଉଠିଛି । ବୁଧବାର ପୂର୍ବାହ୍ନ ୯ଟା୩୦ରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରା ଓ ପ୍ରଭୁ ସୁଦର୍ଶନଙ୍କୁ ପହଣ୍ଡିରେ ସ୍ନାନ ମଣ୍ଡପକୁ ନିଆଯାଇଥିଲା। ପହଣ୍ଡି ସମୟରେ ମନ୍ଦିର ପୂରାପୂରି ଉତ୍ସବମୁଖର ହୋଇଉଠିଛି। ଘଣ୍ଟଘଣ୍ଟା, କାହାଳୀ, ଭେରୀ-ତୁରୀ ବଜାଇ ମହାସଂକୀର୍ତ୍ତନରେ ଶ୍ରୀଜୀଉମାନଙ୍କୁ ସ୍ନାନ ମଣ୍ଡପକୁ ନିଆଯାଇଥିଲା। ପୂର୍ବାହ୍ନ ୧୦ଟା୩୦ରେ ବିଭିନ୍ନ ତୀର୍ଥକ୍ଷେତ୍ରରୁ ଅଣାଯାଇଥିବା ୧୦୮ କଳସୀର ପବିତ୍ର ଜଳରେ ଶ୍ରୀଜୀଉମାନଙ୍କୁ ସ୍ନାନାଭିଷେକ କରାଯାଇଥିଲା। ମଧ୍ୟାହ୍ନ ୧୨ଟା ୩୦ରେ ଶ୍ରୀଜୀଉଙ୍କ ପାଖରେ ଭୋଗ ଲାଗିକରି ଶୃଙ୍ଗାର କରାଯାଇଥିଲା। ଅପରାହ୍ନ ୧ଟାରେ ଶ୍ରୀଜୀଉଙ୍କୁ ଆରତୀ କରାଯିବା ପରେ ଅପରାହ୍ନ ୧ଟା୪୫ରେ ଉପସ୍ଥିତ ଭକ୍ତମାନଙ୍କୁ ସ୍ନାନଯାତ୍ରାର ସୁସ୍ୱାଦୁ ପ୍ରସାଦ ବିତରଣ କରାଯାଇଥିଲା। ସନ୍ଧ୍ୟା ୬ଟା୩୦ରେ ଶ୍ରୀଜୀଉଙ୍କ ପାଖରେ ସନ୍ଧ୍ୟା ଆରତୀ କରାଯାଇ ସନ୍ଧ୍ୟା ୭ଟାରେ ଶ୍ରୀଜୀଉଙ୍କ ପ୍ରୀତ୍ୟାର୍ଥେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରାତ୍ର ୯ଟାରେ ଶ୍ରୀଜୀଉମାନଙ୍କୁ ପହଣ୍ଡି କରାଯାଇ ଅଣସର ଗୃହରେ ବିଶ୍ରାମ ଦିଆଯାଇଥିଲା। ଶେଷରେ ସମସ୍ତଙ୍କୁ ପ୍ରସାଦ ବିତରଣ କରାଯାଇ ସ୍ନାନଯାତ୍ରା ଉତ୍ସବ ସମାପନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ମନ୍ଦିରର ବରିଷ୍ଠ ଭକ୍ତମାନେ ସଞ୍ଚାଳନ କରିଥିଲେ। ସେମାନଙ୍କ ମଧ୍ୟରେ ଶ୍ରୀପାଦ ସାତ୍ତ୍ୱତିପତି ଦାସ, ଶ୍ରୀପାଦ ଉପେନ୍ଦ୍ର ମିଶ୍ର ଦାସ, ଶ୍ରୀପାଦ ବୈକୁଣ୍ଠମୂର୍ତ୍ତି ଦାସ, ଶ୍ରୀପାଦ ମଦନମୋହନ ଦାସ, ଶ୍ରୀପାଦ ଗୁଣାର୍ଣ୍ଣବ ଦାସ, ଶ୍ରୀପାଦ ସାକ୍ଷୀଗୋପାଳ ଦାସ, ଓ ଶ୍ରୀପାଦ ବନମାଳୀ ଜଗନ୍ନାଥ ଦାସ ଅନ୍ୟାନ୍ୟ ଭକ୍ତମାନଙ୍କ ମଧ୍ୟରେ ପ୍ରମୁଖ ଅଟନ୍ତି। ପରବର୍ତ୍ତୀ କାର୍ଯ୍ୟକ୍ରମ ନବଯୌବନ ଦର୍ଶନ, ରଥଯାତ୍ରା, ବାହୁଡ଼ାଯାତ୍ରା, ସୁନାବେଶ ଓ ନୀଳାଦ୍ରି ବିଜେ ପରେ ଶ୍ରୀଜୀଉଙ୍କର ରଥଯାତ୍ରା କାର୍ଯ୍ୟକ୍ରମ ସମାପନ ହେବ। ଟ୍ୱିନିସିଟିରେ ମହାପ୍ରଭୁଙ୍କର ସ୍ନାନ ଯାତ୍ରା ଶେଷ ହୋଇଥିବା ବେଳେ ଭୁବନେଶ୍ୱରର ଇସ୍କନ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ୟୁନିଟ୍-୫ ଠାରୁ ଆରମ୍ଭ କରି ଶିରିପୁର ଶ୍ରୀଜଗନ୍ନାଥ ମନ୍ଦିର, କିଟ୍ ଜଗନ୍ନାଥ ମନ୍ଦିର ଏବଂ କଟକର ଚାନ୍ଦିନୀ ଚୌକ, ଦୋଳମୁଣ୍ଡେଇ, ଜଗନ୍ନାଥ ବଲ୍ଲଭ ମଠ, ରାଣୀହାଟ, ତେଲେଙ୍ଗା ବଜାରରେ ମହାପ୍ରଭୁଙ୍କର ସ୍ନାନ ଯାତ୍ରା ଶାନ୍ତି ଶୃଙ୍ଖଳାରେ ସମାପନ ହୋଇଛି।

### ରାଜ୍ୟସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ

## ଦେଇଥିବା ପ୍ରତିଶ୍ରୁତ ବାସ୍ତବତାରେ ପରିଣତ କରିଛୁ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ବିକାଶ ମେଳା ୨୦୨୫ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱରର ଇଡ୍‌କୋ ପ୍ରଦର୍ଶନୀ ପଡିଆ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ତଥା ହସ୍ତତନ୍ତ, ହସ୍ତଶିଳ୍ପ ଓ ସ୍ଥାନୀୟ ଉତ୍ପାଦ ସଂପର୍କିତ ପ୍ରଦର୍ଶନୀ ଏବଂ ଫୁଡ୍ କୋଟ୍‌ର ଶୁଭାରମ୍ଭ କରିବା ସହିତ ବୁଲି ଦେଖିଥିଲେ । ସୂଚନାଯୋଗ୍ୟ ଯେ ଏହି ବିକାଶ ମେଳା ଜୁନ୍ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମେଳାରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରାୟ ୭୫ରୁ ଅଧିକ ଷ୍ଟଲ୍‌ରେ ଜନସାଧାରଣଙ୍କୁ ସୂଚନା, ଶିକ୍ଷା ଓ ଯୋଗାଯୋଗ ପଦ୍ଧତି ମାଧ୍ୟମରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଂପର୍କରେ ସଚେତନ କରାଯାଉଛି । ଏଥିସହିତ ସୁଭଦ୍ରା ଶକ୍ତି ମହିଳା ମାନଙ୍କ ଦ୍ୱାରା ୪୦ ରୁ ଅଧିକ ଷ୍ଟଲରେ ଓଡିଆ ପାରମ୍ପାରିକ ଖାଦ୍ୟର ବିବିଧତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଫୁଡ୍ ଫେଷ୍ଟିଭାଲ ମଧ୍ୟ ଆୟୋଜନ କରାଯାଇଛି । କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଗତ ଏକ ବର୍ଷ ଥିଲା ଆମ ପାଇଁ ଆହ୍ୱାନର ବର୍ଷ। ଆମର ସବୁ କାର୍ଯ୍ୟକ୍ରମରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଆମକୁ ମାର୍ଗଦର୍ଶନ ଦେଇଆସିଛନ୍ତି। ଏହି ସମୟ ମଧ୍ୟରେ ଆମେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛୁ ଏବଂ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ଗୁଡିକୁ ବାସ୍ତବତାରେ ପରିଣତ କରିଛୁ । ଆମ ପ୍ରତିଶ୍ରୁତି ପାଣିର ଗାର ନୁହେଁ, ପଥରରେ ଅଙ୍କା ଯାଇଥିବା ଅଲିଭା ଗାର। କଥା ଦେଇଥିଲୁ କଥା ରଖିଛୁ । ଏହି କାର୍ଯ୍ୟକ୍ରମରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଥିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ଆମକୁ ଆତ୍ମନିର୍ଭରଶୀଳତାର ମନ୍ତ୍ର ଦେଇଛନ୍ତି । କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁବିକାଶ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ ଉପସ୍ଥିତ ଥିଲେ । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର-ତଥା-ଶାସନ ସଚିବ ଗୁହା ପୁନମ ତାପସ କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଇଘର ଚାଷୀଙ୍କ ଆନ୍ଦୋଳନକୁ ବିଜେଡିର ସମର୍ଥନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅବିଭକ୍ତ କୋରାପୁଟ ଜିଲ୍ଲାରେ ୩୪୪ ଜଣ ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ଚାରି ମାସ ପରେ ମଧ୍ୟ ମିଳି ନଥିବାରୁ, ଚାଷୀ ସମାଜ ମଧ୍ୟରେ ପ୍ରବଳ ଜନ ଅସନ୍ତୋଷ ସୃଷ୍ଟି ହୋଇଛି । ଚାଷୀମାନଙ୍କୁ ତୁରନ୍ତ ତାଙ୍କ ପ୍ରାପ୍ୟ ପ୍ରଦାନ ଦାବୀରେ ଚାଷୀ ସଂଗଠନ ତରଫରୁ ଆସନ୍ତା ୧୨ ଜୁନରେ ରାଇଘରରେ ୧୨ ଘଣ୍ଟିଆ ବନ୍ଦ ସହିତ କଳା ଦିବସ ପାଳନ ପାଇଁ ଡାକରା ଦିଆଯାଇଛି । ଚାଷୀମାନଙ୍କ ଦ୍ୱାରା ଦିଆଯାଇଥିବା ଏହି ଡାକରାକୁ, ବିଜୁ ଜନତା ଦଳ ସମର୍ଥନ ଘୋଷଣା କରିଛି । ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ବିଜୁ ଜନତା ଦଳର ଉପସଭାପତି ରବି ନାରାୟଣ ନନ୍ଦ, ବରିଷ୍ଠ ସାଧାରଣ ସମ୍ପାଦକ ରମେଶ ମାଝୀ ଓ ପ୍ରଦୀପ ମାଝୀ ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ପ୍ରଦାନରେ ଅହେତୁକ ବିଳମ୍ବକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ।

## ହଟିଲା ପାର୍ଟ ପ୍ଲଟ୍ ବିକ୍ରି ପାଇଁ କଟକଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ହଟିଲା ପାର୍ଟ ପ୍ଲଟ୍ ବିକ୍ରି ପାଇଁ ସମସ୍ତ କଟକଣା । ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । 'ଝିଅ ବାହାଘର ଓ ଉଚ୍ଚ ଶିକ୍ଷା ପାଇଁ ଟଙ୍କା ଯୋଗାଡ଼ ସମସ୍ୟା ହଟିଲା । '୫ ହଜାର ୨୦୦ ବର୍ଗଫୁଟ୍‌ର ପାର୍ଟ ପ୍ଲଟ୍ ବିକ୍ରି କଟକଣା ହଟିଲା । କୃଷି ଜମି ଉପରେ ସମସ୍ତ କଟକଣା ହଟିଛି । କେବଳ ଘର ବାଡ଼ି ଜମିରେ କଟକଣା ରହିଛି । ଖୁବଶୀଘ୍ର ଆପାର୍ଟମେଣ୍ଟ ରେଜିଷ୍ଟ୍ରେସନ୍ ନେଇ ବାଟ ଫିଟିବ ବୋଲି ମନ୍ତ୍ରୀ କହିଛନ୍ତି ।

### ଗୋଷ୍ଠୀ ସଂଘର୍ଷରେ ଯୁବକଙ୍କ ମୃତ୍ୟୁ ଘଟଣା

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ସହାୟତା ଘୋଷଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗତ କିଛି ଦିନ ତଳେ ଭଦ୍ରକ ତିହିଡି ଥାନା ଅଞ୍ଚଳରେ ଦୁଇ ସଂପ୍ରଦାୟଙ୍କ ଭିତରେ କିଛି କାରଣରୁ ଗଣ୍ଡଗୋଳ ଘଟିଥିଲା ଏବଂ ସେଥିରେ ଗୁରୁତର ଆହତ ହୋଇଥିବା ଜଣେ ଯୁବକ ସନ୍ତୋଷ ପରିଡାଙ୍କ ଆଜି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଏ ଘଟଣାରେ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ମୃତ୍ୟୁବରଣ କରିଥିବା ଯୁବକଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହିତ ସଂପୃକ୍ତ ଯୁବକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯିବା ସହିତ ପରିବାରର ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।


## ଜାଲ ସାର୍ଟିଫିକେଟ୍‌ରେ ଜିଡିଏସ୍ ଚାକିରି ମାମଲାରେ ଆଉ ୫ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜାଲ ଶିକ୍ଷା ଗତ ପ୍ରମାଣ ପତ୍ର ପ୍ରଦାନ କରି ଗ୍ରାମୀଣ ଡାକ ସେବକ (ଜିଡିଏସ୍) ଚାକିରି ପାଇବାକୁ ଉଦ୍ୟମ କରିବା ଅଭିଯୋଗରେ ରାଜ୍ୟ କ୍ରାଇମବ୍ରାଞ୍ଚ ଟିମ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହା ସହିତ ଏହି ମାମଲାରେ ମୋଟ ଗିରଫ ସଂଖ୍ୟା ୨୫କୁ ବୃଦ୍ଧି ପାଇଛି। ଗିରଫ ହୋଇଥିବା ୫ ଅଭିଯୁକ୍ତ ହେଉଛନ୍ତି ବଲାଙ୍ଗୀର ଥାନା ମୁରିବାହଲର କୁଳମଣି ରାଣା (୨୪), ବଲାଙ୍ଗୀର ସଦର ଥାନା କୁଟମଦୋଳାର ଅଜାଉଦିନ କୁମ୍ଭାର (୨୮), ଜଗନ୍ନାଥ ପଡାର ରଜତ କୁମାର ନାଏକ (୩୨), ବଲାଙ୍ଗୀର ଥାନା ଅଞ୍ଚଳର ସୁଧିର ଭୁଏ (୨୭) ଏବଂ ସୁବର୍ଣ୍ଣପୁର ଅଞ୍ଚଳର ତୋଫାନ ବାଗ (୪୫) । ପୂର୍ବରୁ ଏହି ମାମଲାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଅଭିଜିତ କୁମାର ଭକତ, ବଲାଙ୍ଗୀର ଟାଉନ ରିଲାଏନ୍ସ ଏଜୁକେସନ କମ୍ପ୍ଲେକ୍ସର ମାଲିକ ମନୋଜ ମିଶ୍ର ଏବଂ ଆଲୋକ ରଞ୍ଜନ ଉଦଗାତାଙ୍କ ସମେତ ଏହି ରାକେଟ ସହିତ ଜଡିତ ଅନ୍ୟ ୧୭ ଜଣଙ୍କୁ ଗିରଫ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ୨୦୨୩ ଜାନୁଆରୀ ମାସରେ ଗ୍ରାମୀଣ ଡାକ ସେବକ (ଜିଡିଏସ୍)ରେ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ଏହି ଚାକିରି ନିମନ୍ତେ ହଜାର ହଜାର ସଂଖ୍ୟାରେ ଆଶାୟୀ ପରୀକ୍ଷାର୍ଥୀ ଆବେଦନ କରିଥିଲେ। ତେବେ କିଛି ପରୀକ୍ଷାର୍ଥୀ ଜାଲ ଶିକ୍ଷାଗତ ପ୍ରମାଣ ପତ୍ର ପ୍ରଦାନ କରି ଚାକିରୀ ପାଇବାକୁ ଉଦ୍ୟମ କରୁଥିବା ସଂକ୍ରାନ୍ତରେ ବଲାଙ୍ଗୀର ଡିଭିଜନର ଡାକଘର ସୁପରିଟେଣ୍ଡେଣ୍ଟ ରାଜେନ୍ଦ୍ର କୁମାର ପଟ୍ଟନାୟକ ବଲାଙ୍ଗୀର ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି ଏହି ଘଟଣାରେ ଏକ ସଂଗଠିତ ନେଟୱାର୍କ କାର୍ଯ୍ୟ କରୁଥିବା ସମ୍ପର୍କରେ ଜାଣିବାକୁ ପାଇଥିଲା। ତେବେ ମାମଲାଟି ଅତ୍ୟନ୍ତ ସମ୍ବେଦନଶୀଳ ଥିବାରୁ ପରବର୍ତ୍ତୀ ସମୟରେ ଏହାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସପି ବିକାଶ ରଞ୍ଜନ ବେହୁରାଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ମାମଲାର ତଦନ୍ତ ଆରମ୍ଭ କରାଯାଇଥିଲା। ଅଭିଯୁକ୍ତମାନେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପ୍ରତିଷ୍ଠାନରୁ ନକଲି ପ୍ରମାଣପତ୍ର ପ୍ରସ୍ତୁତ କରି ଚାକିରୀ ଆଶାୟୀଙ୍କୁ ଯୋଗାଉ ଥିବା ସମ୍ପର୍କରେ ତଦନ୍ତକାରୀ ଟିମ ଜାଣିବାକୁ ପାଇଥିଲେ। ଏହି ଠକେଇ ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାକୁ ପୋଲିସର ତଦନ୍ତ ଜାରି ରହିଛି।

## ମହମ୍ମଦ ମୋକିମଙ୍କ ଘରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗବିଜୟ ସିଂ



କଟକ(ଭାସ୍କର ନ୍ୟୁଜ୍): ବୁଧବାର ସନ୍ଧ୍ୟାରେ ମଧ୍ୟ ପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ଓଡିଶା କଂଗ୍ରେସ ପ୍ରଭାରୀ ତଥା ସିଡବ୍ଲୁସି ମେମ୍ବର ଏମପି ଦିଗବିଜୟ ସିଂ ଓ ତାଙ୍କ ପତ୍ନୀ ଅମ୍ରିତା ରାୟଙ୍କ ସହ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ସେଲଟର ଛକ ସ୍ଥିତ ବାସଭବନରେ ପହଞ୍ଚିଥିଲେ । ଓଡିଶା ଓ ଭାରତ ବର୍ଷରେ ସାଂପ୍ରତିକ ରାଜନୈତିକ ପରିସ୍ଥିତି ସହିତ କଂଗ୍ରେସ ଦଳର ସଂଗଠନ ଓ ଓଡିଶାର ରାଜନୈତିକ ସ୍ଥିତି ବିଷୟରେ ଆଲୋଚନା କରିଥିଲେ । ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ପରି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବିଜୟୀ ହୋଇଥିବାରୁ ବିଧାୟିକା ସୋଫିଆ ଫିରଦୋସଙ୍କୁ ଉଭୟେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମ ଏହା ଏକ ସୌଜନ୍ୟମୂଳକ ସାକ୍ଷାତକାର ବୋଲି କହିଥିଲେ । କଟକ କଂଗ୍ରେସ ପକ୍ଷରୁ ଏମ୍‌ପି ଦିଗବିଜୟ ସିଂ ଓ ତାଙ୍କ ସହ ଧର୍ମିଣୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କକରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, ନିକୁଞ୍ଜ ପସାୟତ, ବିଶ୍ୱଜିତ ଦାସ, କର୍ପୋରେଟର ସନ୍ତୋଷ କୁମାର ଭୋଳ, ଲିଜା ରାଉତ, ଭାନୁ ସେନାପତି, ଶୁଭାଶିଷ ପଟ୍ଟନାୟକ, ଜଗନ୍ନାଥ ବେହେରା, ପ୍ରକାଶ ନାୟକ, ଅବଦୁଲ ନସିମ ପ୍ରମୁଖ ଉପସ୍ଥିତ ଥିଲେ।



# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ଟ୍ରମ୍ପଙ୍କୁ ଅଲକାଏଦାର ଧମକ | ୬



ବିହାରର ସବୁ ଆସନରେ ଲଢ଼ିବୁ | ୬


RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୭୨ | Vol. 22 No-72 | 12 JUNE 2025 THURSDAY, BHUBANESWAR | ଗୁରୁବାର, ୧୨ ଜୁନ୍ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦



DADLS-30

ବର୍ଷ ଏକ ଉପଲବ୍ଧି ଅନେକ

ଖାଦ୍ୟ ସୁରକ୍ଷା ଆମ ପ୍ରାଥମିକତା

- ୨୦୨୪-୨୫ ଖରିଫ ଋତୁରେ ଚାଷୀଙ୍କ ଠାରୁ ରେକର୍ଡ଼ ପରିମାଣର ୭୩.୪୭ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ
- ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଅତିରିକ୍ତ ୮୦୦ ଟଙ୍କାର ଇନପୁଟ ସହାୟତା
- ୭ ଲକ୍ଷ ନୂତନ ହିତାଧିକାରୀଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ମଞ୍ଜୁରୀ



OIPR 15001/13/0689/2526


## ଭକ୍ତିମୟ ଶ୍ରୀକ୍ଷେତ୍ର, ଲୋକାରଣ୍ୟ ବଡ଼ଦାଣ୍ଡ

# ହାତୀବେଶ ଦର୍ଶନ କଲେ ଶ୍ରଦ୍ଧାଳୁ



- ସ୍ନାନମଣ୍ଡପକୁ ଓହ୍ଲାଇ ଆସିଲେ ଚତୁର୍ଦ୍ଧାମୂର୍ତ୍ତି
- ୧୦୮ ଗରା ସୁବାସିତ ଜଳରେ କଲେ ସ୍ନାନ
- ଗୋଟି ପହଣ୍ଡିରେ ବିଜେ ହେଲେ ଶ୍ରୀବିଗ୍ରହ
- ଦିବ୍ୟସ୍ନାନ ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ
- ସୁରକ୍ଷା କଡ଼ାକଡ଼ି, ୭୦ ପ୍ଲାଟୁନ୍ ଫୋର୍ସ ମୁତୟନ

ପୁରୀ,୧୧।୬ (ଭାସ୍କର ନ୍ୟୁଜ) : ପୁରୀ : ମହା ଆଡମ୍ବର ସହ ପାଳିତ ହୋଇଯାଇଛି ଶ୍ରୀଜିଉଙ୍କ ସ୍ନାନଯାତ୍ରା। ଜ୍ୟେଷ୍ଠ ମାସ ଶୁକ୍ଲପକ୍ଷ ପୂର୍ଣ୍ଣିମା ତିଥିରେ ଆଜି ସଂପୂର୍ଣ୍ଣ ନୀତିବିଧି ସହକାରେ ଅନୁଷ୍ଠିତ ହୋଇଯାଇଛି ଦେବସ୍ନାନ ପୁର୍ଣିମା। ରତ୍ନ ସିଂହାସନରେ ଦର୍ଶନ ଦେଉଥିବା ଚତୁର୍ଦ୍ଧାମୂର୍ତ୍ତି ଆଜି ଅଗଣିତ ଭକ୍ତଙ୍କୁ ସ୍ନାନବେଦିରୁ ଦର୍ଶନ ଦେଇଥିଲେ। ଖରା ବର୍ଷାର ଲୁଚକାଳି ମଧ୍ୟରେ ସ୍ନାନଲୀଳା କଲେ ଦାରୁବ୍ରହ୍ମ। ମହାପ୍ରଭୁଙ୍କ ଏହି ଦିବ୍ୟ ଲୀଳା ଦେଖିବା ପାଇଁ ଲୋକାରଣ୍ୟ ହୋଇଥିଲା ଶ୍ରୀକ୍ଷେତ୍ର। ମାର୍କେଟ ଛକ ଠାରୁ ସ୍ୱତନ୍ତ୍ର ବ୍ୟାରିକେଡ଼ ରେ ଆସି ସ୍ନାନ ବେଦୀରେ ଦିବ୍ୟ ସ୍ନାନ ଓ ଗଜାନନ ବେଶ ଦେଖି ଭାବ ବିହ୍ୱଳ ହୋଇ ପଡ଼ିଥିଲେ ଭକ୍ତ। ଆଜି ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ବା ସ୍ନାନ ପୂର୍ଣ୍ଣିମା ବା ମହତି ଜେଷ୍ଠା ସ୍ନାନ ଉତ୍ସବ। ଆଜି ସ୍ନାନ ଯାତ୍ରାରେ ମହାପ୍ରଭୁ ସ୍ନାନ କରିଥିଲେ। ବିଶ୍ୱରେ ଏମିତି ଦିଅଁ ଇଏ ଯାହାଙ୍କର ସ୍ନାନ କୁ ନେଇ ଯାତ୍ରା। ସବୁଦିନ ସ୍ନାନ କରନ୍ତି ମହାପ୍ରଭୁ ଓ ଆଜି ମଧ୍ୟ ସ୍ନାନ କରିଥିଲେ। ହେଲେ ସବୁଦିନ ଯେଉଁ ସ୍ନାନ କରନ୍ତି ତାଙ୍କ ସମ୍ମୁଖରେ ଦର୍ପଣ ରଖାଯାଏ ଏବଂ ସେଥିରେ ତାଙ୍କ ପ୍ରତିବିମ୍ବ ପଡେ ସେ ଦର୍ପଣକୁ ସ୍ନାନ କରାଯାଏ ତାକୁ ବିମ୍ବ ସ୍ନାନ କୁହାଯାଏ। କିନ୍ତୁ ଆଜି ମହାପ୍ରଭୁ ଯେଉଁ ସ୍ନାନ କରିଛନ୍ତି ତାକୁ ପ୍ରତ୍ୟକ୍ଷ ସ୍ନାନ କୁହାଯାଏ। ଶ୍ରୀକ୍ଷେତ୍ରରେ ସୃଷ୍ଟି ହୋଇଥିଲା ଏକ ଆଧ୍ୟାତ୍ମିକ ପରିବେଶ। ପ୍ରବଳ ଖରା ଓ ଗୁଳୁଗୁଳି ସତ୍ତ୍ୱେ ଲୋକାରଣ୍ୟ ହୋଇଥିଲା ବଡ଼ଦାଣ୍ଡ। ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ ମାତ୍ର କିଛି ସମୟର ବିଳମ୍ବରେ ପହଣ୍ଡି ଆରମ୍ଭ ହୋଇଥିଲା। ଲକ୍ଷାଧିକ ଭକ୍ତଙ୍କ ଗହଣରେ ଅନୁଷ୍ଠିତ ହୋଇଯାଇଛି ମହାପ୍ରଭୁଙ୍କ ପବିତ୍ର ଦେବସ୍ନାନ ପୂର୍ଣ୍ଣମୀ ତଥା ଜଗତର ନାଥ ଜଗନ୍ନାଥଙ୍କ ଜନ୍ମ ତିଥି। ଏଥି ସହ ଦୁର୍ଲ୍ଲଭ ହାତୀବେଶରେ ପ୍ରଭୁଙ୍କ ଦର୍ଶନ କରିଛନ୍ତି ଲକ୍ଷାଧିକ ଭକ୍ତ ଶ୍ରଦ୍ଧାଳୁ। ଭକ୍ତଙ୍କ ଗହଳି, ଟାଣ ଖରା ଓ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ଜ୍ୟେଷ୍ଠ ପୂର୍ଣ୍ଣମୀ ବା ନିଜ ଜନ୍ମତିଥିରେ ରତ୍ନବେଦୀରୁ ଓହ୍ଲାଇ ଆସି ସ୍ନାନବେଦିରୁ ଭକ୍ତ ମାନଙ୍କୁ ଦର୍ଶନ ଦେଇଛନ୍ତି ଚତୁର୍ଦ୍ଧାମୂରତି। ଆଜିର ନୀତି ନିର୍ଘଣ୍ଟ ଅନୁଯାୟୀ ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦିତ ହୋଇଥିଲା। ଧାଡ଼ି ପହଣ୍ଡିରେ ଚକ୍ରରାଜ ସୁଦର୍ଶନ, ପରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ କାଳିଆ ସାଆନ୍ତ ପ୍ରଭୁ ଶ୍ରୀ ଜଗନ୍ନାଥ ପହଣ୍ଡି ହୋଇ ଆସି ସ୍ନାନ ମଣ୍ଡପରେ ଅଧିଷ୍ଠିତ ହୋଇଥିଲେ। ତେବେ ମହାପ୍ରଭୁ ଙ୍କ ପହଣ୍ଡି ବେଳେ ଦେଖିବାକୁ ମିଳିଥିଲା ଅଲୌକିକ ଘଟଣା। ପହଣ୍ଡି ସମୟରେ ପ୍ରବଳ ଖରା ଥିବାବେଳେ ସ୍ନାନ ବେଦୀ ରେ ବିରାଜମାନ କରିବା ପରେ ଘୋଟି ଆସିଥିଲା ମେଘ ମଣ୍ଡଳ। ସିଂହାସନ ରେ ମହାପ୍ରଭୁ ବସିଥିବା ବେଳେ ହୋଇଥିଲା ବର୍ଷା। ଭକ୍ତ ଅନୁଭବ କରିଥିଲେ ଖରା ବର୍ଷାର ଲୁଚକାଳି ଖେଳ। ସତେ ଯେମିତି ଦେବଲୋକରୁ ଦେବରାଜ ଇନ୍ଦ୍ର ବି ମହାପ୍ରଭୁଙ୍କ ସ୍ନାନ ଲୀଳାରେ ଜଳ ସେବା କରିଥିଲେ। ପରେ ଶ୍ରୀଜଗନ୍ନାଥଙ୍କୁ ୩୫ଗରା, ଶ୍ରୀବଳଭଦ୍ରଙ୍କୁ ୩୩ଗରା ଓ ଦେବୀ ସୁଭଦ୍ରାଙ୍କୁ ୨୨ଗରା ଏବଂ ସୁଦର୍ଶନଙ୍କୁ ୧୮ଗରା ଜଳରେ ସ୍ନାନ କରାଯାଇଥିଲା। ମହାପ୍ରଭୁଙ୍କ ଆଦ୍ୟସେବକ • ପୃଷ୍ଠା ୫ ଦେଖନ୍ତୁ



ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ


## ନୂଆ ଭାରତର ଡିଜିଟାଲ ଶକ୍ତି

Government of India




**ଡିବିଟି** ଜରିଆରେ ଗରିବ ଓ ବଞ୍ଚିତଙ୍କୁ ପ୍ରାୟ **୪୪ ଲକ୍ଷ କୋଟି ଟଙ୍କା ସ୍ଥାନାନ୍ତର**

ଡିଜି ଲକରରେ, **୫୨+ କୋଟି ବ୍ୟବହାରକାରୀ ୯୪୩+ କୋଟି ଦସ୍ତାବିଜ** ଅପଲୋଡ କରିଛନ୍ତି, ଯାହାଦ୍ୱାରା ଏବେ ଡିଜିଟାଲ ଦସ୍ତାବିଜକୁ ଯେ କୌଣସି ସମୟରେ ଏବଂ ଯେ କୌଣସି ସ୍ଥାନରେ ବ୍ୟବହାର କରାଯାଇପାରିବ

**୨୨୦୦+ ସରକାରୀ ସେବା ଉମଙ୍ଗ ଆପ୍** ଜରିଆରେ ଉପଲବ୍ଧ ହେଉଛି, ଦେଶବ୍ୟାପୀ ସେବା ସୁବିଧା ପାଇଁ ଏହା ଏକକ ପ୍ଲାଟଫର୍ମ, ବର୍ତ୍ତମାନ ସୁଦ୍ଧା **୮.୨୫ କୋଟି ପଞ୍ଜିକରଣ ହୋଇଛି**

**ଜୀବନ ପ୍ରମାଣ** ଅଧୀନରେ ପେନସନଭୋଗୀଙ୍କ ଦ୍ୱାରା **୧୦.୨+ କୋଟି ଜୀବନ ପ୍ରମାଣପତ୍ର** ଡିଜିଟାଲ ମାଧ୍ୟମରେ ଅପଲୋଡ୍ ହୋଇଛି



ସେମିକଣ୍ଡକ୍ଟର ହବ୍ ହେବା ଦିଗରେ ଭାରତର ବ୍ୟାପକ ପ୍ରଗତି, ୨୦୨୪ରେ ବଜାର ଆକାର **୪+ଲକ୍ଷ କୋଟିରେ** ପହଞ୍ଚିଲା

୪୨+ ଲକ୍ଷ ରୁଟ୍ କିମିରେ ପହଞ୍ଚିଲା **ଅପ୍ଟିକାଲ ଫାଇବର କେବୁଲ** ଲମ୍ବ, **୨.୧୪ ଲକ୍ଷ ଗ୍ରାମ ପଞ୍ଚାୟତକୁ** ସଂଯୋଗ

ଡିଜିଟାଲ ଇଣ୍ଡିଆ ଅଧୀନରେ **୫.୭୬ ଲକ୍ଷ କାର୍ଯ୍ୟକ୍ଷମ ଜନସେବା କେନ୍ଦ୍ର**

**ଜିଇଏମ୍ ପୋର୍ଟାଲ ଜରିଆରେ ୧୩.୪+ ଲକ୍ଷ କୋଟି** ଟଙ୍କା ମୂଲ୍ୟର ଅର୍ଡର ଦିଆଯାଇଛି, ଯାହା ସରକାରୀ କ୍ରୟରେ ପାରଦର୍ଶିତା, ଦକ୍ଷତା ଏବଂ ଗତି ବଢାଇଛି



ବିଶ୍ୱର **ଦୁଇଟି ମଧ୍ୟରୁ ଗୋଟିଏ ବାସ୍ତବ ସମୟ ଡିଜିଟାଲ ନେଣଦେଣ ଭାରତରେ** ହେଉଛି

ଏପ୍ରିଲ ୨୦୨୫ରେ **୨୪ଲକ୍ଷ କୋଟି ଟଙ୍କାର ୟୁପିଆଇ ନେଣଦେଣ** ହୋଇଛି

ଡିଜିଟାଲ **କୋୱିନ୍ ପ୍ଲାଟଫର୍ମ ଜରିଆରେ ୨୨୦ କୋଟି ଡୋଜ୍ କୋଭିଡ-୧୯ ଟିକା** ଦେବାର ଉଲ୍ଲେଖନୀୟ ସଫଳତା



**ପ୍ରତି ଜିବି ଡାଟା** ମୂଲ୍ୟ ୨୦୧୪ରେ ୩୦୦+ ଟଙ୍କାରୁ ହ୍ରାସ ପାଇ **୧୦ ଟଙ୍କା ହେଲା**

**ମାତ୍ର ୨୨ ମାସରେ ୯୯.୬% ଜିଲ୍ଲାରେ ପହଞ୍ଚିଲା ୫ଜି,** ବିଶ୍ୱରେ ସବୁଠୁ ଦ୍ରୁତ କାର୍ଯ୍ୟକାରିତା

ଭାରତ ବିଶ୍ୱର **ଦ୍ୱିତୀୟ ସର୍ବବୃହତ ମୋବାଇଲ ଫୋନ୍ ଉତ୍ପାଦନକାରୀ**

CBC 37101/13/0009/2526

Viksit Bharat ka Amrit Kaal

Seva, Sushasan, Garib Kalyan ke


11 SAAL





"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"

-ଡକ୍ଟର ରାଧାକ୍ରିଷ୍ଣନ୍



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"

-ମୁନ୍‌ସୀ ପ୍ରେମଚନ୍ଦ

## ମଣିପୁରରେ ପୁଣି ହିଂସାର ନିଆଁ

# ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଉଦ୍ୟମ ଲୋଡ଼ା

ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ୨୦୨୩ ମସିହା ମଇ ମାସରୁ ଆରମ୍ଭ ହୋଇଥିବା ଜାତିଆଣ ଦଙ୍ଗା, ଲୁଟ୍ ତରାଜ ଓ ଅରାଜକତା ଥମିବାର ନାମଗନ୍ଧ ଧରୁନାହିଁ। ମଝିରେ ମଝିରେ ଏହି ରାଜ୍ୟରେ ସାମୟିକ ଭାବରେ ଶାନ୍ତି ଓ ସ୍ଥିରତା ଦେଖିବାକୁ ମିଳୁଥିଲେ ହେଁ ପରବର୍ତ୍ତୀ ସମୟରେ ପୁଣି କୌଣସି ନା କୌଣସି କାରଣରୁ ହିଂସା ଓ ଗଣ୍ଡଗୋଳ ବ୍ୟାପିବା ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ମଣିପୁର ଦଙ୍ଗା ଓ ହିଂସାକାଣ୍ଡ ପାଇଁ ବିବାଦ ଘେରରେ ଥିବା ମୁଖ୍ୟମନ୍ତ୍ରୀ ଏସ୍. ବିରେନ୍ ସିଂହ ବାଧ୍ୟବାଧକତାରେ ପଦତ୍ୟାଗ କରିବା ପରେ ତିନିମାସ ପୂର୍ବେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରାଯାଇଛି। ତାଙ୍କ ସରକାରର ନିଷ୍କ୍ରିୟତା ଓ ଅପାରଗତା ଯୋଗୁଁ ରାଜ୍ୟରେ ଜାତିଆଣ ଦଙ୍ଗା ନିୟନ୍ତ୍ରଣକୁ ଆସୁନଥିବା ଅଭିଯୋଗ ତୀବ୍ର ହେବାରୁ କେନ୍ଦ୍ର ନେତୃତ୍ୱ ତାଙ୍କୁ ହଟାଇବାକୁ ବାଧ୍ୟ ହୋଇଥିଲେ। ଏହା ସତ୍ତ୍ୱେ ଏହି ସୀମାନ୍ତବର୍ତ୍ତୀ ରାଜ୍ୟର ସ୍ଥିତିରେ ସେଭଳି କୌଣସି ଉନ୍ନତି ପରିଲକ୍ଷିତ ହେଉନାହିଁ। ଗତ ସପ୍ତାହରେ ମୈତେଇ ସଂପ୍ରଦାୟର ଜଣେ ନେତାଙ୍କୁ ପୋଲିସ ଗିରଫ କରିବା ପରେ ସମଗ୍ର ମଣିପୁର ପୁନର୍ବାର ଅଶାନ୍ତ ହୋଇ ଉଠିଛି। ରାଜଧାନୀ ଇମ୍ଫାଲରେ ପୋଲିସ କାର୍ଯ୍ୟାନୁଷ୍ଠାନରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ କେତେକ ବିକ୍ଷୋଭକାରୀ ଆତ୍ମଦାହ ପାଇଁ ଉଦ୍ୟମ କରିଥିଲେ। ରବିବାର ହିଂସା ଅଧିକ ବୃଦ୍ଧି ପାଇବାରୁ ବିଷ୍ଣୁପୁର ଜିଲ୍ଲାରେ କର୍ଫ୍ୟୁ ବଳବତ୍ତର ହେବା ସହିତ ପାଞ୍ଚଟି ଜିଲ୍ଲାରେ ଇଣ୍ଟରନେଟ୍ ସେବାକୁ ବାତିଲ କରିଦିଆଯାଇଛି। ଦୁଇବର୍ଷ ପୂର୍ବେ ରାଜ୍ୟର କୁକି ଓ ମୈତେଇ ସଂପ୍ରଦାୟ ମଧ୍ୟରେ ବିବାଦ ଏବଂ ସଂଘର୍ଷରୁ ଦଙ୍ଗାର ଅୟମାରମ୍ଭ ହୋଇଥିଲା। ଦୁଇ ସଂପ୍ରଦାୟ ମଧ୍ୟରେ ରହିଥିବା କ୍ରୋଧ ଓ ବିଦ୍ୱେଷ ଏବେ ମଧ୍ୟ ବଳବତ୍ତର ରହିଛି, ଯେଉଁଥିପାଇଁ ବରାବର ହିଂସା ମୁଣ୍ଡ ଟେକି ଚାଲିଛି। ପୋଲିସ କର୍ମଚାରୀଙ୍କ ଠାରୁ ଲୁଟ୍ ହୋଇଥିବା କେତେକ ଅସ୍ତ୍ରଶସ୍ତ୍ରକୁ ଏବେ ଉଦ୍ଧାର କରାଯିବା କିଛିଟା ଆଶ୍ୱସ୍ତି ଆଣି ଦେଇଛି। ସରକାରୀ ତଥ୍ୟ ଅନୁଯାୟୀ ୨୦୨୩ ମଇ ମାସରୁ ଏଯାବତ୍ ରାଜ୍ୟରେ ହିଂସାକାଣ୍ଡ ଯୋଗୁଁ ୨୬୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ସ୍ଥଳେ ହଜାର ହଜାର ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ପଳାଇ ଯାଇଛନ୍ତି। ସର୍ବଶେଷ ତଥ୍ୟ ଅନୁଯାୟୀ ମୈତେଇ ସଂପ୍ରଦାୟର ଗିରଫ ହୋଇଥିବା ନେତାଙ୍କୁ ଖଲାସ ଦାବି କରି ସୋମବାର ପୁଣି ଥରେ ରାଜ୍ୟରେ ବିକ୍ଷୋଭ ଓ ପୋଡ଼ାଜଳା ଲାଗି ରହିଥିଲା। ପ୍ରତିବାଦକାରୀ ମାନେ ନିଷେଧ ଆଦେଶକୁ ଅମାନ୍ୟ କରି ଇମ୍ଫାଲ ଉପତ୍ୟକାର ବିଭିନ୍ନ ଜିଲ୍ଲାରେ ସୁରକ୍ଷା ବାହିନୀ ସହ ସଂଘର୍ଷରେ ଲିପ୍ତ ରହିଥିଲେ। ବିକ୍ଷୋଭକାରୀ ମାନେ ଗୋଟିଏ ଚାରିଚକିଆ ଯାନକୁ ଜାଳିଦେବା ସଙ୍ଗେ ସଙ୍ଗେ ତେରା ଅଞ୍ଚଳରେ ସୁରକ୍ଷା ବାହିନୀ ଉପରକୁ ଗୁଳିଚାଳନା କରିଥିବାର ଖବର ମିଳିଛି। ସି.ଆର୍.ପି.ଏଫ୍ ଯବାନମାନେ ବିକ୍ଷୋଭକାରୀଙ୍କ ଦ୍ୱାରା କରାଯାଇଥିବା ରାସ୍ତା ଅବରୋଧ ହଟାଇବା ସମୟରେ ଛୋଟ ବନ୍ଧୁକରୁ ଅତିକମ୍‌ରେ ସାତ ରାଉଣ୍ଡ ଗୁଳି ଚଳାଯାଇଥିଲା। ଏହାଫଳରେ ଦୁଇଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ମଣିପୁର ଦଙ୍ଗା ବିଗତ ଦୁଇବର୍ଷ ଧରି ଆମ ଦେଶର ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିଲେ ହେଁ ଏହାର ସ୍ଥାୟୀ ସମାଧାନ କ୍ଷେତ୍ରରେ କେନ୍ଦ୍ର ସରକାର ସେଭଳି କୌଣସି ତତ୍ପରତା ପ୍ରକାଶ କରୁନଥିବା ଅଭିଯୋଗ ବରାବର ଶୁଣିବାକୁ ମିଳୁଛି। ଏହା ଫଳରେ ଆନ୍ତର୍ଜାତୀୟ ସ୍ତରରେ ଆମ ଦେଶର ଭାବମୂର୍ତ୍ତି କ୍ଷୁର୍ଣ୍ଣ ହେଉଛି। ଏହି ରାଜ୍ୟର ପାହାଡ଼ିଆ ଅଞ୍ଚଳ ଓ ଉପତ୍ୟକାରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ଉତ୍ତମ ବୁଝାମଣା ସୃଷ୍ଟି ସହିତ ଆଇନ୍‌ର ଶାସନ ପ୍ରତିଷ୍ଠା ନିମନ୍ତେ ସରକାର ନିଷ୍ଠାପର ପ୍ରଚେଷ୍ଟା ଜାରି ରଖିବା ଏକାନ୍ତ ଜରୁରି। ବିଶେଷ କରି ଯେଉଁ ହଜାର ହଜାର ଲୋକ ବିସ୍ଥାପିତ ଅବସ୍ଥାରେ ଅଛନ୍ତି ସେମାନଙ୍କୁ ପୁନର୍ବାର ଉପଯୁକ୍ତ ଥଇଥାନ କରିବା ମାନବିକତା ଦୃଷ୍ଟିକୋଣରୁ ଏକାନ୍ତ କାମ୍ୟ।

## ନୀତିବାଣୀ



କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ
ଆସ୍ତେ ମନସା ସ୍ମରନ୍ ।
ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା
ମିଥ୍ୟାଚାରଃ ସ ଉଚ୍ୟତେ ॥

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନ ଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ଲୋକଙ୍କ ସରକାର



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର

କାଲି ଭଳି ଲାଗୁଛି । ନୂଆ ସରକାରକୁ ଏକ ବର୍ଷ ଆଜି ପୁରିଛି । ଗତକାଲି ଥିଲା ପବିତ୍ର ସ୍ନାନପୂର୍ଣ୍ଣିମା । ମୁଁ ସ୍ନାନବେଦୀରେ ମହାପ୍ରଭୁଙ୍କୁ ଆଖିରେ ଆଖି ମିଳାଇ ସାରା ଓଡିଶାବାସୀଙ୍କ ମଙ୍ଗଳକାମନା କରି ପ୍ରାର୍ଥନା କଲି । ରତ୍ନ ସିଂହାସନ ଛାଡି ସ୍ନାନବେଦୀରେ ବିଦ୍ୟମାନ ପ୍ରଭୁଙ୍କୁ ଅପଲକ ନୟନରେ ଦେଖିଲି । ଆତ୍ମ ସନ୍ତୋଷ ଓ ଖୁସିମନରେ ମହାପ୍ରଭୁଙ୍କ ଠାରୁ ମେଲାଣୀ ନେଲି । ମହାପ୍ରଭୁ ଆମ ସମସ୍ତଙ୍କର ମାଲିକ, ଆମେ ସମସ୍ତେ ତାଙ୍କର ସେବକ । ତାଙ୍କର ଆଶୀର୍ବାଦ ହିଁ ଆମର ଶକ୍ତି ।

ପୁରୀରୁ ଭୁବନେଶ୍ୱର ଫେରିବା ବେଳେ ମୋ ଜୀବନର ସୁଖଦୁଃଖ ଓ ଅଙ୍ଗେନିଭା କଥା । ରାଜନୈତିକ ସଂଘର୍ଷ-ଜୟ-ପରାଜୟ ତଥା ସଫଳତା ବିଫଳତାର କାହାଣୀ । ବର୍ଷରେ ସରକାରରେ ମୋ ନେତୃତ୍ୱ । ତିକ୍ତ-ମଧୁର ଅନୁଭୂତି । ବର୍ଷକରେ ଆମେ କଲୁ କ'ଣ ? ୪ ବର୍ଷରେ ଆମର ଆଉ କଣ କରିବାକୁ ବାକି ରହିଲା ? ୨୦୩୬ ଆମର ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତୀ ସମୟରେ ଆମର ଲକ୍ଷ ପୂରଣ ପାଇଁ କଣ କଣ ପଦକ୍ଷେପ ଆଜିଠାରୁ ଆବଶ୍ୟକ ? ୨୦୪୭ ମସିହା ଆମ ଦେଶ ଯେତେବେଳେ ସ୍ୱାଧୀନତାର ଶତାବ୍ଦୀ ପାଳନ କରିବ-ଦେଶକୁ ବିଶ୍ୱ ଦରବାରରେ ଶ୍ରେଷ୍ଠ କରିବାରେ ଓଡିଶାର କଣ ଓ କେତେବଡ ଭୂମିକା ରହିବ ତାକୁ ନେଇ ମୋ ମନରେ ଅନେକ କଳ୍ପନା ଯୋଜନା ତଥା ସଂକଳ୍ପ ମୋ ମନ ଭିତରେ ଉଙ୍କି ମାରୁଥିଲା ।

ଠିକ୍ ବର୍ଷେ ତଳେ ଆଜି ଦିନରେ ଭୁବନେଶ୍ୱର ଜନତା ମଇଦାନରେ ଶପଥ ଗ୍ରହଣ ଉତ୍ସବ ପରେ ଲୋକସେବା ଭବନ ଆସି ପ୍ରଥମ କ୍ୟାବିନେଟ୍ ବୈଠକ କଲୁ । ୨୪ ମିନିଟ୍ ରେ ଆମେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲୁ । ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଭକ୍ତ ମଧ୍ୟରେ ପ୍ରାଚୀର ସୃଷ୍ଟି କରିବାର ଓଡିଆ ଭାବାବେଗ ବିରୋଧୀ ୪ ଦ୍ୱାରରୁ ୩ ଦ୍ୱାର ବନ୍ଦ ନିଷ୍ପତ୍ତିକୁ ବଦଳାଇ ୪ ଦ୍ୱାର ଖୋଲିବାର ନିର୍ଣ୍ଣୟ ନେଲୁ । ମହାପ୍ରଭୁଙ୍କ ପାଇଁ ୫୦୦ କୋଟିର କର୍ପସ ଫଣ୍ଡ କଲୁ । ଆମ ସୁଭଦ୍ରା ସ୍ୱରୂପ ମା ଭଉଣୀଙ୍କ ପାଇଁ ସୁଭଦ୍ରା ଯୋଜନା ତଥା ଅନ୍ନଦାତା କୃଷକ ଭାଇ-ଭଉଣୀଙ୍କ ପାଇଁ ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କାର ଇନପୁଟ୍ ସବସିଡ୍ ମାଧ୍ୟମରେ ଧାନ କୁଇଣ୍ଟାଲର ଦାମ ୩,୧୦୦ ଟଙ୍କାରେ ପହଞ୍ଚାଇବାକୁ ନିର୍ଣ୍ଣୟ କଲୁ । ପୁରା କ୍ୟାବିନେଟ୍ ସହ ସେଦିନ ରାତି ପୁରୀରେ ରହିଲୁ । ମହାପ୍ରଭୁଙ୍କ ମଙ୍ଗଳଆଳତି ସହ ୪ ଦ୍ୱାର ଖୋଲିଲା ।

ଆଜି ଯେତେବେଳେ ସେହି ଦିନ ଗୁଡିକର ଏକବର୍ଷ ପୂର୍ତ୍ତୀ ହେଉଛି ମୋ ନେତୃତ୍ୱରେ ବର୍ଷକରେ କଣକଣ ଜନ ହିତକର କାମ ହୋଇଛି ତାର ଚର୍ଚ୍ଚା ହେବା ସ୍ୱାଭାବିକ୍ । ଆମର ସଂକଳ୍ପ ପତ୍ରରେ ଆମେ ଯେଉଁ ଯେଉଁ ସଂକଳ୍ପକୁ ଜନତା ଦରବାରରେ ଉପସ୍ଥାପିତ କରିଥିଲୁ ସେଥିପାଇଁ ମୋ ସରକାର ଓ ମୁଁ ଉତ୍ତରଦାୟି ।

ବର୍ଷକରେ ଆମ କାମର ହିସାବ ଦେବା ମୋ ସରକାର ଏବଂ ବ୍ୟକ୍ତିଗତ ଭାବରେ ମୋର ଦାୟିତ୍ୱ। ମାତ୍ର ହିସାବ ଦେବା ଆଗରୁ ଗୋଟିଏ କଥା କହିବି ଏ ଜାତିର ନମସ୍ୟ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ କହିଥିଲେ, ଉତ୍କଳେ ନେତାର ନାହିଁ ପ୍ରୟୋଜନ-ଉତ୍କଳର ନେତା ସ୍ୱୟଂ ନାରାୟଣ। ମୁଁ ଆଦିବାସୀ ଘରରେ ଜନ୍ମ । ଦାରିଦ୍ର୍ୟ-ଅନାଟନ-ଅଭାବ ଓ ଅସୁବିଧାକୁ ସାମନା କରି ଆଗକୁ ବଢିଛି । ଯେବେ ପଡିଛି ଆହୁରି ଦୃଢ ଓ ଆତ୍ମ ବିଶ୍ୱାସର ସହ ଛିଡା ହୋଇଛି । ଆମର ମହାପ୍ରଭୁ ଆଦିବାସୀ ଓ ଗରିବର ଦେବତା । ବୋଧହୁଏ ମୋ ଭଳି ଗରୀବ ଆଦିବାସୀ ପରିବାରରୁ ଆସିଥିବା ସାଧାରଣ-ସରଳ ମଣିଷଟିଏ ହାତରେ ତାଙ୍କର ସେବାପାଇଁ ସୁଯୋଗ ଦେଇଥିବାରୁ ତାଙ୍କର ସେବକ ଭାବରେ ତାଙ୍କରି ହିଁ କାମ କରୁଛି । ଏହି ଭାବାବେଗ ସହ ଏହି ଆଲେଖ୍ୟ ତାଙ୍କୁ ହିଁ ସମର୍ପଣ କରୁଛି ।

ଓଡିଶାର ପ୍ରିୟ ଭାଇଭଉଣୀମାନେ । ଆଜି ଓଡିଶାରେ ବିଜେପି ଶାସନ ଆସିବାର ପ୍ରଥମ ବର୍ଷ ପୂର୍ତ୍ତୀ ସତ । ମାତ୍ର ଏହା ସହ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ଶାସନର ୧୧ ବର୍ଷ ପୂର୍ତ୍ତୀ ମଧ୍ୟ ହୋଇଛି । ନରେନ୍ଦ୍ର ମୋଦୀ ତାଙ୍କ ଶାସନରେ ପୂର୍ବ ଭାରତକୁ ପ୍ରାଥମିକତା ଦେଇଛନ୍ତି ଓ ଓଡିଶା ପୂର୍ବଭାରତ ବିକାଶର ପ୍ରବେଶ ପଥ ହୋଇଛି । ଦିଲ୍ଲୀ ଓ ଭୁବନେଶ୍ୱରରେ ବିଜେପି ଶାସନ ନୁହେଁ ଆମେ ଏହାକୁ ଡବଲ ଇଂଜିନ୍ ସରକାର ବୋଲି କହୁଛୁ । ଓଡିଶାକୁ ମୋଦୀଜୀ ସାରା ଦେଶରେ ଅନ୍ୟ ରାଜ୍ୟ ମାନଙ୍କ ତୁଳନାରେ ଅଧିକ ପ୍ରାଧାନ୍ୟ ଦେବା କାରଣରୁ ଓଡିଶା ଜାତୀୟ ସ୍ତରରେ ବି ନାଁ କରିଛି ।

ଗତ କିଛିଦିନ ତଳେ ଦିଲ୍ଲୀରେ ନୀତି ଆୟୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ମୋଦୀଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଁ ଏଥିରେ ଓଡିଶାର କାର୍ଯ୍ୟକ୍ରମ-କେନ୍ଦ୍ର ସରକାରଙ୍କ ଠାରୁ ଅପେକ୍ଷା ଆଲୋଚନା ସମୟରେ ଦୁଇଟି ପ୍ରସଙ୍ଗ ଗୁରୁତ୍ୱର ସହ ଉଲ୍ଲେଖ କରିଥିଲି । ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ମହିଳା ସଶକ୍ତିକରଣକୁ ଆଗକୁ ନେଇ ଆମେ ଓଡିଶାରେ ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ଲକ୍ଷ ହାସଲ କରିବା କଥା କହିଥିଲି । ଦେଶର ୨୦୪୭ର ଲକ୍ଷ ପୂର୍ବରୁ ଆମ ରାଜ୍ୟ ଗଠନର ୨୦୩୬ ମସିହା ସୁଦ୍ଧା ଆମର ବଡ ଲକ୍ଷର କଥା ଉଲ୍ଲେଖ କରିଥିଲି । ମୋଦିଜୀ ତାଙ୍କ ଭାଷଣ ସମୟରେ ମୁଁ ଉଲ୍ଲେଖ କରିଥିବା ଏହି ଦୁଇ ପ୍ରସଙ୍ଗକୁ ଉଲ୍ଲେଖ କରି ଆମ କାମକୁ ସମ୍ମତି ପ୍ରଦାନ କରିଥିଲେ ।

ବର୍ଷକ ପୂର୍ବରୁ ନିର୍ବାଚନ ପରେ ଏନଡିଏ ସାଂସଦ ମାନଙ୍କୁ ଉଦବୋଧନ ଦେଇ ଓଡିଶା ଦେଶର ଗ୍ରୋଥ୍ ଇଂଜିନ୍ ହେବ ବୋଲି କହିଥିଲେ ମୋଦୀଜୀ । ଏହା ଭିତରେ ମୋଦୀଜୀ ଓଡିଶାକୁ ବର୍ଷକରେ ୫ ଥର ଆସିବା ପରେ ପୁଣି ଆସନ୍ତା ୨୦ ତାରିଖରେ ରାଜ୍ୟ ସରକାରର ବର୍ଷପୂର୍ତ୍ତୀ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସଦୟ ସମ୍ମତି ପ୍ରଦାନ କରିଛନ୍ତି । ଓଡିଆ ଜନତାଙ୍କ ସ୍ନେହ, ଶ୍ରଦ୍ଧା, ଶୁଭେଚ୍ଛା ଓ ଦେଶର ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କର ଓଡିଶା ପ୍ରତି ଅଧିକ ସମ୍ବେଦନଶୀଳତା ଆମକୁ ପ୍ରଗତୀର ଶୀର୍ଷରେ ପହଞ୍ଚାଇବ ବୋଲି ମୁଁ ମୋର ପ୍ରିୟ ରାଜ୍ୟବାସୀଙ୍କୁ ଭରଷା ଦେଉଛି ।

ମୋଦୀଜୀଙ୍କ ଭାଷାରେ ଆମର ମୋଟ ୪ ଜାତି । ଜାତି-୧ , ଗରୀବ । ଜାତି-୨ , କୃଷକ । ଜାତି-୩, ଯୁବପୀଢି । ଜାତି-୪ , ମହିଳା । ୨୦୧୪ରୁ ଦେଶରେ ଗାନ୍ଧି-ଦୀନଦୟାଲଙ୍କ ଗରୀବ କଲ୍ୟାଣ ଓ ଅନ୍ତୋଦୟର ଶାସନ ଚାଲୁଛି । ଏବେ ସଦ୍ୟତମ ବିଶ୍ୱବ୍ୟାଙ୍କ ରିପୋର୍ଟ କହୁଛି ମୋଦୀଜୀଙ୍କ ନେତୃତ୍ୱରେ ଆମ ଦେଶରେ ଗରୀବୀ ହଟାଅ ସ୍ଲୋଗାନ ନୁହେଁ ଗରୀବ କଲ୍ୟାଣ ଦେଶବାସୀଙ୍କ ପାଇଁ ଜନ ଆଶୀର୍ବାଦ ହୋଇଛି । ସବକା ସାଥ୍ ସବକା ବିକାଶ, ସବକା ପ୍ରୟାସ, ସବକା ବିଶ୍ୱାସ ଓଡିଶାରେ ବି ଆମ ଶାସନର ମୂଳ ମନ୍ତ୍ର ହୋଇଛି ।

ସୁଭଦ୍ରାରେ ୧ କୋଟିରୁ ଅଧିକ ମହିଳା, ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଗରୀବ ପରିବାରର ଝିଅ ମାନଙ୍କର ବିବାହକୁ ଜାକଜମକରେ କରିବାର ବ୍ୟବସ୍ଥା । ସ୍ୱୟଂସହାୟକ ଗୋଷ୍ଠିର ବିକାଶ ମାଧ୍ୟମରେ ରାଜ୍ୟର ଅର୍ଥନୀତିକୁ ବଡ କରିବାର ବଡ ଯୋଜନା କ୍ରିୟାନ୍ୱିତ ହେଉଛି ।

୮୦୦ ଟଙ୍କାର ଧାନ ଉପରେ ଇନପୁଟ ସବସିଡ ଦେଇ ଧାନର କୁଇଣ୍ଟାଲ ପିଛା ମୂଲ୍ୟ ୩,୧୦୦ ଟଙ୍କା କରିବା ଆମର ବଡ ନିଷ୍ପତ୍ତି । କୃଷି-ମତ୍ସ୍ୟପଶୁପାଳନ-ସମବାୟ ଓ ଜଳସେଚନ ଏହି ସବୁ ବିଭାଗର ଯୋଜନାକୁ ଏକିକୃତ କରି ଚାଷୀମାନଙ୍କର ବଡ ବିକାଶର କାମରେ ଲାଗିଛି ଆମ ସରକାର ।

ଶିଳ୍ପ ପ୍ରସ୍ତାବ ଆସୁଥିଲା । ଉପଯୁକ୍ତ ଉଦ୍ୟମ ଅଭାବରୁ ଫେରି ଯାଉଥିଲା । ଉତ୍କର୍ଷ ଓଡିଶା ସମ୍ମିଳନୀରେ ମୋଦୀ ଯୋଗଦେଲେ ଓ ଶିଳ୍ପପତି ମାନଙ୍କୁ ଓଡିଶାରେ ପୁଞ୍ଜିନିବେଶ ଅନୁରୋଧ କରି ସେମାନଙ୍କୁ ମୋଦୀ ଗ୍ୟାରେଣ୍ଟିର ପ୍ରତିଶ୍ରୁତି ଦେଲେ । ଏବେ ଆମ ରାଜ୍ୟକୁ ପାଖାପାଖି ୧୭ ଲକ୍ଷ କୋଟି ପୁଞ୍ଜିନିବେଶର ପ୍ରସ୍ତାବ ଆସିଛି । ସେଥିମଧ୍ୟରୁ ଅନେକଙ୍କର କାମ ଆରମ୍ଭ ହୋଇସାରିଲାଣି । ଆମର ନିଷ୍ଠାପର ଉଦ୍ୟମ ଯେତେ ପ୍ରସ୍ତାବ ଆସୁଛି ତାକୁ ସବୁ ଏବଂ କମ୍ ସମୟରେ କିପରି କ୍ରିୟାନ୍ୱିତ ହୋଇପାରିବ ତାର ପ୍ରବନ୍ଧନ କରିବା ଓ ଆମ ଯୁବପୀଢି ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିବା ।

୫ ବର୍ଷରେ ଦେଢଲକ୍ଷ ସରକାରୀ କର୍ମଚାରୀ ପଦବୀ ପୂରଣ ପାଇଁ ଆମେ ସଂକଳ୍ପ ପତ୍ରରେ କହିଥିଲୁ । ତୃଣମୂଳ ସ୍ତରରେ ଯୋଜନା କ୍ରିୟାନ୍ୱୟନ ହେବାରେ ବଡ ପ୍ରତିବନ୍ଧକ କର୍ମଚାରୀ ଅଭାବ । ଗତ ବର୍ଷକରେ ସ୍ୱଚ୍ଛ ନିର୍ମଳ ପ୍ରକ୍ରିୟାରେ ୨୭ ହଜାର କର୍ମଚାରୀ ପଦବୀ ପୂରଣ କରିଛୁ । ଆଗାମୀ ବର୍ଷ ଆଉ ୪୦ ହଜାର ପଦବୀ ପୂରଣ କରିବାର ଲକ୍ଷ ରଖିଛୁ ।

୨୪ ବର୍ଷ ସରକାରରେ ପଛୁଆବର୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ନିଷ୍ପତ୍ତି ହୋଇପାରୁନଥିଲା । ଏବେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ହୋଇଛି । ଇତିମଧ୍ୟରେ ଇଂଜିନିୟରିଂ ଓ ମେଡିକାଲ ଶିକ୍ଷା କ୍ଷେତ୍ରରେ ସମାନ ସଂରକ୍ଷଣ ପାଇଁ ମୋ ପାଖକୁ ଅନେକ ଦାବି ଆସୁଛି । ଆମେ ତର୍ଜମା କରି ନିଶ୍ଚିତ ନିର୍ଣ୍ଣୟ କରିବୁ ।

ଏବେ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲାଗୁ ହେବା କାରଣରୁ ମାଗଣା ସ୍ୱାସ୍ଥ୍ୟସେବା ଲୋକଙ୍କ ପାଖରେ ପହଞ୍ଚିଛି । ଏଥିପାଇଁ ଆମର ପ୍ରବାସୀ ଶ୍ରମିକ ମାନେ ବିଶେଷ ଲାଭବାନ ହୋଇଛନ୍ତି । ଏବେ କେନ୍ଦ୍ରାପଡା ଗସ୍ତ ସମୟରେ ବିରୋଧୀ ଦଳର ଜଣେ ବିଧାୟକ ଓ ନେତୃବୃନ୍ଦ କେନ୍ଦ୍ରାପଡାର ପ୍ରବାସୀ ମାନଙ୍କର ଆୟୁଷ୍ମାନ ଯୋଜନା ପାଇଁ ଖୁସି ପ୍ରସଙ୍ଗ ଉଲ୍ଲେଖ କରୁଥିଲେ । ମୋଦୀଙ୍କୁ ଶ୍ରେୟ ଚାଲିଯିବ ବୋଲି ଗରୀବ ଓଡିଆଙ୍କୁ କଷ୍ଟ ଦେଇ ରାଜନୈତିକ ସ୍ୱାର୍ଥ ହାସଲ କରିବାକୁ ମୁଁ ଗ୍ରହଣ କରିପାରୁନାହିଁ । ସ୍ୱାସ୍ଥ୍ୟ ସହ ଶିକ୍ଷା ଓ ଏଥିପାଇଁ ନୂତନ ଶିକ୍ଷାନୀତି-୨୦୨୦ର କ୍ରିୟାନ୍ୱୟନ ପୁରା ନିଷ୍ଠାର ସହ ଚାଲିଛି ।

୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ ଭତ୍ତା ରାଶି ୩,୫୦୦ କୁ ବୃଦ୍ଧି କରାଯାଇଛି । ଆୟୁଷ୍ମାନ ଯୋଜନାରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ବୟୋବନ୍ଦନା ଯୋଜନାରେ ମାଗଣା ସ୍ୱାସ୍ଥ୍ୟସେବା ଦେବାର ବ୍ୟବସ୍ଥା ହୋଇଛି ।

ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଉପାନ୍ତ ଓ ଦୂର୍ଗମର ବାସିନ୍ଦା ଯେଉଁମାନେ ମୋଟାମୋଟି ରାଜ୍ୟର ଗରୀବ ମାନଙ୍କର ପ୍ରମୁଖ ଭାଗ ସେମାନେ ଆମର ପ୍ରାଥମିକତାରେ ଅଛନ୍ତି ଏବଂ ଏକବର୍ଷର ସରକାରରେ ସେମାନଙ୍କର ସେବାପାଇଁ ଆମେ ଉଦ୍ୟମରେ କେବେ ଅବହେଳା କରିନୁ ।

ମୋତେ ଜଣା ଆମ ରାଜ୍ୟରେ ପିଇବା ପାଣି ଏକ ସମସ୍ୟା ଭାବରେ ମୁଣ୍ଡ ଟେକିଛି । ଦକ୍ଷିଣ ଭାରତରୁ ଠିକାଦାର ଆଣି ପ୍ୟାକେଜ ମାଧ୍ୟମରେ କାମ ପୂର୍ବ ସରକାରରେ ଦେଇଥିଲେ । ପାଇପ ପାଣି ଯୋଗାଣ ଆମ ରାଜ୍ୟରେ ବିଡମ୍ବନା ହୋଇଛି । ଆମେ ଆମର ମା ମାନଙ୍କର ଏହି ପ୍ରମୁଖ ଆବଶ୍ୟକତାକୁ ଯୁଦ୍ଧକାଳୀନ ଭିତ୍ତିରେ କ୍ରିୟାନ୍ୱୟନ କରୁଛୁ । ୨୦୨୬ ସୁଦ୍ଧା ରାଜ୍ୟର ୯୦ ପ୍ରତିଶତ ଘରେ ଶୁଦ୍ଧ ପିଇବା ପାଣି ପାଇପ ଯୋଗେ ପହଞ୍ଚାଇବାର ବ୍ୟବସ୍ଥା କରୁଛୁ । ଉପାନ୍ତ ଅଞ୍ଚଳରେ ଗମନାଗମନ ପାଇଁ ସଡକ ବ୍ୟବସ୍ଥାକୁ ଆମେ ଗୁରୁତ୍ୱ ଦେଇ କାମ କରୁଛୁ ।

ମୋ ଦୁଆର ସମସ୍ତଙ୍କ ପାଇଁ ଖୋଲା । ଛୋଟିଆ କଥା , ଜଣେ ଭିକ୍ଷାବୃତ୍ତି କରୁଥିବା ଲୋକ ମୋ ବାସଭବନ ପାଖକୁ ଆସେ ଓ ମୋ ସୁରକ୍ଷାକର୍ମୀ ମୋତେ ଦେଖା କରିବାର ସୁଯୋଗ ଦେଇପାରିଲେନି । ବାରମ୍ବାର ଆସୁଥିବା ଏହି ବ୍ୟକ୍ତି ସମ୍ବନ୍ଧରେ ଜାଣିବା ପରେ ତାଙ୍କୁ ଡାକିଲି । ପୁରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇ ତାଙ୍କ ଆପତ୍ତି ଅଭିଯୋଗ ତର୍ଜମା କରି ସମାଧାନ କରିବାକୁ କହିଲି । ଅଭିଯୋଗ ଶୁଣାଣୀ-ଲୋକଙ୍କ ସହ ମିଶିବା କାରଣରୁ ଆପଣ ମୋତେ ଲୋକଙ୍କ ମୁଖ୍ୟମନ୍ତ୍ରୀ ଓ ସରକାରଙ୍କୁ ଲୋକଙ୍କ ସରକାର କହୁଥିବାରୁ ହୃଦୟରୁ ଧନ୍ୟବାଦ ଦେଉଛି ।

ମୁଁ ମୁଖ୍ୟମନ୍ତ୍ରୀ ଆସନରେ ବସି ଥାଇପାରେ । ମାତ୍ର ମୁଁ ଆପଣଙ୍କ ମଧ୍ୟରୁ ଆସିଥିବା ଜଣେ ସାଧାରଣ ଓଡିଆ । ଦୃଢ ନିଷ୍ଠା-କଠିନ ପରିଶ୍ରମ ଓ ଓଡିଶାର ସର୍ବାଙ୍ଗୀନ ବିକାଶ ପାଇଁ ମୋର ପ୍ରତିବଦ୍ଧତାକୁ ପୁଣିଥରେ ଦୋହରାଇ ରହୁଛି ।

# ଭଲ ମଣିଷ ସୃଷ୍ଟି ହେବା ଆବଶ୍ୟକ



ଭାସ୍କର ବାରିକ୍
ବାସୁଦେବପୁର, ଭଦ୍ରକ
ମୋ: ୯୪୩୭୩୨୦୩୫୦

ବାଟରେ ଚାଲିବା ବେଳେ ସବୁବେଳେ ରାସ୍ତା ସମତଳ ନଥାଏ। ନିଶ୍ଚିତ ଭାବରେ କେବେ ଉଠାଣି ତ ପୁଣି କେବେ ଖାଲଖମାରେ ଭରା ରାସ୍ତା ଅତିକ୍ରମ କରିବାକୁ ହୁଏ ଜୀବନରେ ଆଗକୁ ବଢ଼ିବାକୁ ହେଲେ। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ପରିଶ୍ରମ, ଧୈର୍ଯ୍ୟ, ଏକାଗ୍ରତା, ଈଶ୍ୱର ଭକ୍ତି ଓ ଆତ୍ମ ବିଶ୍ୱାସ ଜରୁରି। ମଝିରେ ମଝିରେ ଆତ୍ମ ବିଶ୍ଳେଷଣ ବି ଲୋଡ଼ା। ନିରୋଳାରେ ନିଜକୁ ନିଜେ ତର୍ଜମା କରି ଶିଖିଲେ, ନିଜର ଭୁଲକୁ ସହଜରେ ସୁଧାରି ହେବ। ପ୍ରତ୍ୟେକ ମଣିଷ ଭିତରେ କିଛି କରିବାର ସାମର୍ଥ୍ୟ ଓ ଶକ୍ତି ଈଶ୍ୱର ଦେଇଛନ୍ତି। ତେଣୁ ସେହି ଶକ୍ତିକୁ ଚିହ୍ନି କାମରେ ଲଗେଇଲେ ଆମେ ଆଗକୁ ବଢ଼ି ପାରିବା। ବଡ଼ ମଣିଷଙ୍କ ନୀତି ଆଦର୍ଶକୁ ପାଥେୟ କରି ସେମାନଙ୍କ ଭଳି ହେବା ପାଇଁ ସ୍ୱପ୍ନ ଦେଖିବା ଖୁବ୍ ଭଲ କଥା। କିନ୍ତୁ ବଡ଼ ମଣିଷ ହେବାକୁ ହେଲେ, ସମୟର ବାଲିରେ ନିଜର ପାଦଚିହ୍ନ ଛାଡ଼ି ଯିବାକୁ ହେଲେ, ପ୍ରଥମେ ଆମକୁ ଭଲ ମଣିଷ ହେବାକୁ ପଡ଼ିବ। ମାତୃ ଗର୍ଭରୁ ଜନ୍ମ ନେବାବେଳେ ଆମେ ସମସ୍ତେ ସମାନ। ସମସ୍ତେ ମଣିଷ ଛୁଆ। ପରେ ବୟସ ବଢିଲେ ଆମର ସଂସ୍କାର, ଶିକ୍ଷା, କର୍ମ, ଆଚାର ବ୍ୟବହାର ଆମକୁ ସୁ-ମଣିଷ ବା କୁ-ମଣିଷ ଭାବରେ ଗଢିତୋଳେ। ତେବେ ମନରେ ପ୍ରଶ୍ନ ଆସେ ମଣିଷ ତ ମଣିଷ ପୁଣି ଭଲ ମଣିଷ କିଏ ? ଏହାର ଏକ ସହଜ ଉତ୍ତର ହେଉଛି ଯାହା ଭିତରେ ମାନବୀୟ ଗୁଣ ଖୁନ୍ଦିହୋଇ ରହିଛି, ଯେ ମାନବବାଦର ପୂଜାରୀ, ସତ୍‌ମାର୍ଗରେ ଯେ ପଥିକ, ଗର୍ବ, ଅହଂକାର, ଈର୍ଷା, ଦ୍ୱେଷ, ପରଶ୍ରୀକାତରତା ଭଳି କୁ-ଗୁଣ ପାଖରୁ ଦୂରେଇ ରହିଛି, ସେ ଜଣେ ଭଲ ମଣିଷ। ସେବା ଓ ସାହାଯ୍ୟର ମନୋଭାବ, ସାହସିକତା, ନୀତି ନୈତିକତା, ପରୋପକାରୀ ହେବା, ଭଦ୍ର, ନମ୍ର, ସରଳ, ସମ୍ବେଦନଶୀଳ ହେବା ସହିତ ସମାଜକୁ ଠିକ୍ ବାଟରେ ନେବାର ଗୁଣ ଜଣେ ଭଲ ମଣିଷ ଭିତରେ ଥାଏ। ଅନ୍ଧ ବିଶ୍ୱାସ, କୁସଂସ୍କାର, ଅପସଂସ୍କୃତି, ଅଯୁକ୍ତିକର ଭେଦଭାବ, ଦୂରାଚାର, ବ୍ୟଭିଚାର, ଶୋଷଣ, ଅତ୍ୟାଚାର ଆଦି ବିରୋଧରେ ଲଢ଼େଇ କରିବାର ଶକ୍ତି ସାହସ ସାମର୍ଥ୍ୟ ଜଣେ ବିବେକବାନ ମଣିଷର ବିଶାଳ ହୃଦୟରେ ଥାଏ। ଦୁନିଆରେ କେତେ କେତେ ଲୋକ ପ୍ରତିଦିନ ମରୁଛନ୍ତି। କେତେଜଣଙ୍କ ମୃତ୍ୟୁରେ ଆମ ଆଖିରୁ ଲୁହଧାର ଝରି ପଡୁଛି। ଆମ ନିଜର ବଂଶ ଆତ୍ମୀୟଙ୍କ କଥା ଛାଡ଼ନ୍ତୁ। କେହି ଜଣେ ନିଜର ମଣିଷ ଦୁନିଆ ହାଟରୁ ବିଦାୟ ନେଲେ, ଆମେ ଦୁଃଖରେ କାନ୍ଦୁ। କିନ୍ତୁ ଏମିତି କିଛି ଲୋକ ଅଛନ୍ତି ଯେଉଁମାନଙ୍କ ମୃତ୍ୟୁରେ ଚିହ୍ନା ଅଚିହ୍ନା ଅସଂଖ୍ୟ ଆଖିରେ ଦୁଃଖର ଲୁହ ଜକେଇ ଆସେ। ସେମାନଙ୍କର କର୍ମ ପାଇଁ ସେମାନଙ୍କୁ ଆମେ ମନେରଖୁ। ଏଇଠି ଅଛି ସେମାନଙ୍କ ଜୀବନର ସଫଳତା ଓ ସାର୍ଥକତା।

ଭଲ ମଣିଷ ହେବା ଓ ବଡ଼ ମଣିଷ ହେବା ଦୁଇଟି ଅଲଗା ଅଲଗା କଥା। ଜଣେ ଭଲ ମଣିଷ ଭିତରେ ଜଣେ ବଡ଼ ମଣିଷ ହେବାର ସମ୍ଭାବନା ଲୁଚି ରହିଥାଏ। ସବୁ ଭଲ ମଣିଷ ଯେ ବଡ଼ ମଣିଷ ହେଇପାରିବେ, ପ୍ରକୃତରେ ସେମିତି କିଛି ନିୟମ ନାହିଁ। ଭଲ ମଣିଷଟିଏ ହୁଏତ ଜୀବନରେ ଖୁବ୍ ଉଚ୍ଚକୁ ଯାଇ ନପାରେ କି ମହାନ ହେଇ ନପାରେ କିନ୍ତୁ ଏଇଟା ନିଶ୍ଚିତ ସେ ଜୀବନରେ ଶାନ୍ତି ଓ ସାର୍ଥକତା ଅନୁଭବ କରେ। ଅତଏବ, ଜଣେ ବଡ଼ ମଣିଷ ନିଶ୍ଚିତ ଭାବରେ ପ୍ରଥମେ ଜଣେ ଭଲ ମଣିଷ। ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ସୁବାଷ ବୋଷ, ଭଗତ ସିଂ, ରାଣୀ ଲକ୍ଷ୍ମୀବାଇ, ଛତ୍ରପତି ଶିବାଜୀ, ବୀର ରାଣା ପ୍ରତାପଙ୍କ ଭଳି ଅସଂଖ୍ୟ ସାହସୀ ବୀର ଇତିହାସ ପୃଷ୍ଠାରେ ଚିର ଯାଜ୍ୱଲ୍ୟମାନ ଚେହେରା। ଦେଶ ପାଇଁ, ସମାଜ କଲ୍ୟାଣ ପାଇଁ, ସଭ୍ୟତା, ସଂସ୍କୃତିର ସୁରକ୍ଷା ପାଇଁ ଏମାନଙ୍କର ତ୍ୟାଗ ଓ ବଳିଦାନର ତୁଳନା ନାହିଁ। ଏମାନେ ଭଲ ମହାନ ମଣିଷ। କୋମଳ ହୃଦୟ କିନ୍ତୁ ଆବଶ୍ୟକତା ସ୍ଥଳେ ନିଜକୁ କରିଛନ୍ତି କଠୋର ଓ ନେଇଛନ୍ତି ସେହି ଅନୁସାରେ ପଦକ୍ଷେପ ଦେଶ ଓ ସମାଜର ମଙ୍ଗଳ ପାଇଁ। ଭଲ ମଣିଷରୁ ବଡ଼ ମଣିଷ ହେଇଛନ୍ତି। ଜନ୍ମରୁ କେହି ବଡ଼ ମଣିଷ ହେଇ ଜନ୍ମ ନେଇ ନଥାଏ। ନିଜର କର୍ମ ମଣିଷକୁ ବଡ଼ କରେ। ମହର୍ଷି ବାଲ୍ମୀକିଙ୍କ ଜୀବନକୁ ଦେଖନ୍ତୁ। ଅଜ୍ଞାନତା ବଶତଃ ଅପରାଧ ଦୁନିଆରେ ପ୍ରତ୍ୟକ୍ଷ ଭାବେ ଲିପ୍ତ ଥିବା ଜଣେ ନିଷ୍ଠୁର କୁଖ୍ୟାତ ଦସ୍ୟୁ ନିଜକୁ ଅବଲୋକନ କଲେ, ନିଜ କାର୍ଯ୍ୟକୁ ସମୀକ୍ଷା କଲେ, ଦସ୍ୟୁବୃତ୍ତି ଏକ ପାପ କାର୍ଯ୍ୟ ବୋଲି ନିଜେ ଉପଲବ୍ଧି କଲେ, ନିଜ ପାପକୁ ନିଜେ ଧୋଇବାକୁ ଦୃଢ଼ ନିଷ୍ପତ୍ତି ନେଲେ। ନିଜକୁ ସମ୍ପୂର୍ଣ୍ଣ ବଦଳେଇ ଦେବାର ଶକ୍ତ ମନୋଭାବ ଓ ସାଧନା ହିଁ ତାଙ୍କୁ ଜଣେ ବିଶ୍ୱପ୍ରସିଦ୍ଧ କାବ୍ୟକାର ଭାବେ ପରିଚିତ କରାଇ ପାରିଛି। ଦୃଢ଼ ମନୋବଳ ହେଉଛି ବଡ଼ ମଣିଷଙ୍କର ଲକ୍ଷଣ। ବଡ଼ ଲୋକମାନଙ୍କର ଭାବନା ବଡ଼, କର୍ମ ବଡ଼। ବିଶୁଦ୍ଧ ଭାବନା ଓ ନିସ୍ୱାର୍ଥ କର୍ମ ମାଧ୍ୟମରେ ତାଙ୍କର ବଡ଼ପଣ ପ୍ରତିପାଦିତ ହୋଇଥାଏ। ଏକଦା ବିଶ୍ୱ ପ୍ରସିଦ୍ଧ ଦାର୍ଶନିକ ସକ୍ରେଟିସ କହିଥିଲେ ଯେ ତାଙ୍କ ଭିତରେ ଏକ ବଡ଼ ଧରଣର ଅପରାଧୀ ହେଇଯିବାର ସମ୍ଭାବନା ଥିଲା କିନ୍ତୁ ଅପରାଧୀ ହେବାର ଭୟ ପାଖରୁ ଦୂରେଇ ଦୂରେଇ ସେ ଜଣେ ଦାର୍ଶନିକ ହେଇଗଲେ। ଏଥିରୁ ବୁଝି ହେଉଛି ମଣିଷ ମନର ମନସ୍ତତ୍ତ୍ୱକୁ। ମନ ସବୁବେଳେ ଚହଲା ପାଣି ଭଳି। ମଣିଷ ଭାବରେ ଅନେକ କଥା ଆମ ମନକୁ ଆସିବା ସ୍ୱାଭାବିକ କଥା କିନ୍ତୁ ଆମ ପିଛିଳ ମନକୁ ଆମକୁ ଲଗାମ ଦେଇ ଶିଖିବା ଆବଶ୍ୟକ। ଭୁଲ୍ ଠିକ୍‌ର ପାର୍ଥକ୍ୟକୁ ବୁଝିବା ଦରକାର। ଯେଉଁମାନେ ଈଶ୍ୱରଙ୍କ ଉପରେ ଅଟଳ ବିଶ୍ୱାସ ରଖି ନିଜର ମନକୁ ସଂଯତ କରି ଉତ୍ତମ କର୍ମ କର୍ତ୍ତବ୍ୟ ପଥରେ ଆଗକୁ ଯାଆନ୍ତି, ସେମାନଙ୍କୁ ଆଉ ପାଞ୍ଚ ଲୋକ ମାନନ୍ତି। ସେମାନଙ୍କୁ ସମ୍ମାନ ଦିଅନ୍ତି। ନେଲସନ ମାଣ୍ଡେଲା, ଇବ୍ରାହିମ ଲିଙ୍କନଙ୍କ ଭଳି ବିରଳ ବ୍ୟକ୍ତିତ୍ୱ ସମଗ୍ର ମାନବ ସମାଜ ପାଇଁ ଯୁଗ ଯୁଗକୁ ଅମର। ଗୁରୁ ନାନକ, ପ୍ରଭୁ ଶ୍ରୀଚୈତନ୍ୟ, ପରମହଂସ ନିଗମାନନ୍ଦ, ପରମହଂସ ଶ୍ରୀରାମକୃଷ୍ଣ, ଭାରତର ଗୈରିକ ସନ୍ନ୍ୟାସୀ ସିଂହ ଓ ଗୌରବମୟ ସଭ୍ୟତା ସଂସ୍କୃତି ଧର୍ମର ଆଲୋକବର୍ତ୍ତିକା ସ୍ୱାମୀ ବିବେକାନନ୍ଦଙ୍କ ପରି ଅଗଣିତ ପରମ ପୂଜନୀୟ ମହାପୁରୁଷ ଆମ ପାଇଁ ଆଶିଷ ଓ ପ୍ରେରଣାର ଉତ୍ସ। ସାଧାରଣ ମଣିଷରୁ ଏମାନେ ହେଇଗଲେ ଅସାଧାରଣ। ପରମେଶ୍ୱରଙ୍କ ଉପରେ ଅଟଳ ବିଶ୍ୱାସ, ଈଶ୍ୱରଙ୍କ ପ୍ରତି ଗଭୀର ଭକ୍ତିଭାବ, ତପସ୍ୟା, ସାଧନା ଓ କର୍ମ ଯୋଗୁଁ ଏମାନେ ଅମର। ଆଧ୍ୟାତ୍ମିକ ଜଗତରେ ଏମାନେ ଜଣେ ଜଣେ ଧ୍ରୁବତାରା। ଭଲ ଓ ବଡ଼ ମଣିଷରୁ ଏମାନେ ହେଇଗଲେ ମହାପୁରୁଷ ଓ ସମଗ୍ର ବିଶ୍ୱ ପାଇଁ ଦେଇଗଲେ ଶାନ୍ତି ଓ ମାନବବାଦର ଗୁରୁ ମନ୍ତ୍ର।

ଦୁର୍ଭାଗ୍ୟର କଥା ଆଜିକାଲିର ଦୁନିଆରେ ଯାହା ପାଖରେ ପ୍ରଚୁର ଅର୍ଥ ଅଛି, ଆମେ ତାକୁ ଜଣେ ବଡ଼ ମଣିଷ ଭାବରେ ଗଣୁଛୁ। ସେ ଗୁଣ୍ଡା ବଦମାସ୍ ହେଉ କି ଦୁଷ୍ଟଚରିତ୍ର ହେଉ। ଅର୍ଥ ବାହୁବଳ ଦ୍ୱାରା କାହାର ହୃଦୟରେ ସବୁଦିନ ରହିବା କେବେ ବି ସମ୍ଭବ ନୁହେଁ। ଧନ ଯୌବନ କ୍ଷମତା ଆଜି ଅଛି, କାଲି ନଥିବ। କିନ୍ତୁ ମଣିଷର ଉତ୍ତମ କର୍ମ ସବୁଦିନ ତାକୁ ଅନ୍ୟର ହୃଦୟରେ ସ୍ଥାନ ଦେବ। କ'ଣ ଥିଲା ଉତ୍କଳର ମଉଡମଣୀ ଗୋପବନ୍ଧୁଙ୍କ ପାଖରେ ? ନଥିଲା ଅର୍ଥର ଥଳୀ କିନ୍ତୁ ସେ ବିତ୍ତଶାଳୀ ଥିଲେ ଜ୍ଞାନ, ମନ ଓ ହୃଦୟରେ। ଜଣେ ଅତ୍ୟନ୍ତ ସରଳ ଦରଦୀ ସମ୍ବେଦନଶୀଳ ମଣିଷ ଯାହାଙ୍କର ଆଖିରୁ ଝରି ପଡୁଥିଲା ଧାର ଧାର ଅଶ୍ରୁ ଅନ୍ୟର ଦୁଃଖରେ। ସେବା ଓ ତ୍ୟାଗର ପୂଜାରୀ କୋଟି ହୃଦୟର ମଉଡମଣୀ ଭାବରେ ଚିରପୂଜ୍ୟ ହୋଇ ଅଛନ୍ତି ଓ ରହିବେ ସବୁଦିନ ପାଇଁ ଉତ୍କଳର ଗର୍ବ ଗୌରବ ଉତ୍କଳମଣି। ଭାରତର ପୂର୍ବତନ ମହାମହିମ ରାଷ୍ଟ୍ରପତି କାଲାମ ସାହେବ ପୃଥିବୀ ଛାଡ଼ି ଚାଲିଗଲା ପରେ ତାଙ୍କ ବ୍ୟାଙ୍କ ଏକାଉଣ୍ଟରେ କେତେ ଟଙ୍କା ଥିଲା ? ଚିର ଅବିବାହିତ କାଲାମଙ୍କ ସାରା ଜୀବନ କଟିଗଲା ସମାଜ ଓ ଭାରତବର୍ଷର ସେବାରେ। ପାଇଲଟ୍ ହେଇପାରିଲେ ନାହିଁ ବୋଲି ଦିନେ ନଦୀକୁ ଡ଼େଇଁ ଆତ୍ମହତ୍ୟା କରିବାକୁ ଯାଉଥିବା କାଲାମ ସାହେବ ସମୟ ସୁଅରେ ରଚିଗଲେ ଇତିହାସ। ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ବହୁ ଆଗକୁ ନେଇଗଲେ ବୈଜ୍ଞାନିକ ହୋଇ। ଛାତ୍ରମାନଙ୍କୁ ଖୁବ୍ ଭଲପାଉଥିବା ଏହି ସୁ ମଣିଷ ଜଣଙ୍କ ଭାରତର ସର୍ବୋଚ୍ଚ ପଦବୀରେ ବସିଥିଲେ ତାଙ୍କର ଗୁଣ, କର୍ମ, ବିଚାର ଶକ୍ତି ବଳରେ। ମରି ବି ସେ ଅମର ଆମ ହୃଦୟରେ। ଏମିତି ଅସଂଖ୍ୟ ଉଦାହରଣ ଅଛି ଭାରତ ଓ ବିଶ୍ୱ ଇତିହାସ ପୃଷ୍ଠାରେ। ତେଣୁ ଯେଉଁ ଚେହେରା, ଯେଉଁ ବ୍ୟକ୍ତିଙ୍କ ଉତ୍ତମ କର୍ମ କୋଟି କୋଟି ଲୋକଙ୍କ ପାଇଁ ପ୍ରେରଣାର ଉତ୍ସ, ସେ ଜଣେ ବଡ଼ ମଣିଷ।

ଏକଥା ସତ ଆଜିର ଦୁନିଆରେ ଦିନକୁ ଦିନ ଭଲ ମଣିଷଙ୍କ ସଂଖ୍ୟା କମିକମି ଯାଉଛି ଓ ମଣିଷ ପଣିଆ ମରି ମରି ଯାଉଛି। ଶିକ୍ଷାର ଅଗ୍ରଗତି ହୋଇଛି ଓ ଶିକ୍ଷାନୁଷ୍ଠାନ ଗୁଡିକରେ ଆଖିଦୃଶିଆ ପରିବର୍ତ୍ତନ ଆସିଛି। ପ୍ରତିବର୍ଷ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ପାଇ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେଉଛନ୍ତି। ସବୁ ଠିକ୍। ଆମେ ଯେଉଁ ଶିକ୍ଷା ଆମ ପିଲାମାନଙ୍କୁ ଦେଉଛୁ, ସେହି ଶିକ୍ଷାର ଆବଶ୍ୟକତା ଅଛି। କିନ୍ତୁ ଏହି ଆଧୁନିକ ଶିକ୍ଷା ସହିତ ଅଧିକ ଆବଶ୍ୟକତା ରହିଛି ପିଲାର ନିଜର ବିବେକର ଡାକରାକୁ ଶୁଣିବାର ଜ୍ଞାନ ଉଦ୍ରେକ କରିବା ଓ ନିଜ ଭିତରେ ଥିବା ସାମର୍ଥ୍ୟକୁ ପରିପ୍ରକାଶ କରିବାର ଦକ୍ଷତାକୁ ବାହାରକୁ ଆଣିବା। ପିଲାମାନଙ୍କୁ ସମାଜରେ ଭଲ ମଣିଷ ହେବାର ଶିକ୍ଷା ଆମ ଶିକ୍ଷା ବ୍ୟବସ୍ଥା ଭିତରେ ଅଧିକ ଗୁରୁତ୍ୱ ପାଇଲେ, ଖୁବ୍ ଭଲ ହୁଅନ୍ତା ଓ ଭଲ ମଣିଷ ସୃଷ୍ଟି ହୁଅନ୍ତେ ବୋଲି ମନେହୁଏ। ସିଲାବସ୍ ଅନୁସାରେ ବହି ଘୋଷି ଟଙ୍କା ରୋଜଗାର କଲେ କିଛି ଲାଭ ନାହିଁ। ଚରିତ୍ର ଗଠନ, ସମୟାନୁବର୍ତ୍ତିତା, ଶୃଙ୍ଖଳା, ପବିତ୍ରତା, ରାଷ୍ଟ୍ର ଭକ୍ତି, ସହଯୋଗିତା ଓ ସହଭାଗିତା, ନିଜର କଳା ସଂସ୍କୃତି, ସାହିତ୍ୟ, ସଭ୍ୟତା, ବେଦ ବେଦାନ୍ତ, ପବିତ୍ର ଗ୍ରନ୍ଥ, ପ୍ରଥା ପରମ୍ପରା, ମେଳା ମହୋତ୍ସବ ବିଷୟରେ ବି ପିଲା ଜାଣିବା ଅତ୍ୟନ୍ତ ଜରୁରି। ହାତରେ ମୋଟା ଦାମିକା ଓଜନିଆ ସାର୍ଟିଫିକେଟ କିନ୍ତୁ ଭିତରେ ଅମାନୁଷିକତା ଓ ଅମାନବୀୟ ଗୁଣ ରହିଲେ କଥା ସରିଲା। ବାପାମାଆ ତାଙ୍କ ସ୍ନେହ ଆଦର ଓ ଯତ୍ନ ପିଲାମାନଙ୍କ ପାଇଁ ଅକୁଣ୍ଠିତ ଚିତ୍ତରେ ଢ଼ାଳି ଦିଅନ୍ତି। ସେମାନଙ୍କ ପରିଶ୍ରମ ଲବ୍ଧ ଅର୍ଥ ବ୍ୟୟ କରି ପିଲାମାନଙ୍କୁ ସମାଜରେ ଶିକ୍ଷିତ, ଶୃଙ୍ଖଳିତ, ଭଲ ମଣିଷ, ଦୃଢ଼ ମଣିଷ କରିବାକୁ ଚେଷ୍ଟା କରନ୍ତି। ପିଲାମାନେ ଭଲ ପଢ଼ି ଭଲ ଚାକିରି କରୁଛନ୍ତି। ଉଚ୍ଚ ବେତନ ପାଉଛନ୍ତି। କିନ୍ତୁ ନିଜର ବାପା ମାଆଙ୍କୁ ଭୁଲି ଯାଉଛନ୍ତି। ଆଜିକାଲି ଅଧିକାଂଶ ବରିଷ୍ଠ ନାଗରିକ ନିଜ ପିଲାଙ୍କ ଦ୍ୱାରା ଅବହେଳିତ ଓ ନିର୍ଯାତିତ ମଧ୍ୟ। ଏପରି ପିଲାଙ୍କୁ ବଡ଼ ମଣିଷ କହିବା କି ? ତେଣୁ ପରିବର୍ତ୍ତିତ ପରିସ୍ଥିତିରେ ସବୁସ୍ତରରେ ନିମ୍ନଗାମୀ ହେଉଥିବା ଦୁନିଆରେ ଆମ ସମାଜ ଓ ଶିକ୍ଷା ବ୍ୟବସ୍ଥା ଭଲ ମଣିଷ ସୃଷ୍ଟି ଉପରେ ଅଧିକ ଗୁରୁତ୍ୱ ଦେଲେ ଭଲ ହୁଅନ୍ତା ଯାହାଦ୍ୱାରା ସମାଜରେ ଘଟୁଥିବା ଅଧପତନକୁ ରୋକାଯାଇ ପାରନ୍ତା।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ବ୍ଲକର ୧୬ ଗୋଟି ପଞ୍ଚାୟତର ଜନ ସାଧାରଣ ନିର୍ଭର କରନ୍ତି ସର୍ବ ପୁରାତନ କୁଣ୍ଢେଇହାଟ ଉପରେ। ଧାନ, ପାନ, ନଡ଼ିଆ, ବିଭିନ୍ନ ପ୍ରକାର ସାମଗ୍ରୀ ବାଉଁଶରେ ବୁଣା ହାତତିଆରି ଘରକରଣା ଜିନିଷ ମିଳିଥାଏ। ଏଠାରୁ ବିଭିନ୍ନ ସାମଗ୍ରୀ ରାଜ୍ୟ ଓ ରାଜ୍ୟ ବାହାରକୁ ପଠା ଯାଇଥାଏ। ଏବେ ଏହି ହାଟର ପରିବେଶ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। କୁଡ଼କୁଡ଼ ଅଳିଆ ଜମା ହୋଇ ଦୂଷିତ ହେବା ସହ ଦୁର୍ଗନ୍ଧରେ ଫାଟି ପଡୁଛି। ବର୍ଷାଦିନ ଆସିବା ହେତୁ ପାଣି ଜମା ହୋଇ ହାଟ ଭିତରେ ବିଭିନ୍ନ ସମସ୍ୟା ସୃଷ୍ଟିହେଉଛି। କୁଣ୍ଢେଇ ଗ୍ରାମ ପଞ୍ଚାୟତ ପକ୍ଷରୁ ଦୋକାନୀମାନଙ୍କ ଠାରୁ ସାପ୍ତାହିକ ଭଡା ଆଦାୟ କରୁଥିବା ବେଳେ ଅଳିଆ ଆବର୍ଜନା ସଫା ନକରିବା ଭଳି ଦୁର୍ଭାଗ୍ୟଜନକ ଘଟଣା ବୋଲି ସମାଜସେବୀ ଓ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ତୁରନ୍ତ ପ୍ରଶାସନ ଦୃଷ୍ଟି ଦେଇ ହାଟ ଭିତରେ ଓ ଚାରିପଟେ ଥିବା ଅଳିଆ ଆବର୍ଜନା ସଫା କରିବା ପାଇଁ ଆଇନଜୀବି ବିରେନ କୁମାର ମହାନ୍ତି, ସମାଜସେବୀ ଅନ୍ନଦା କୁମାର ବେହେରା, ଲିଙ୍ଗରାଜ ବେହେରା, ବିଜୟ କୁମାର ମାହାରୀ ସମେତ ହାଟରେ ବସୁଥିବା ବ୍ୟବସାୟୀ ମାନେ ଓ କାକଟପୁର ଦୁର୍ନୀତି ସଂଘର୍ଷ ମଞ୍ଚ ପକ୍ଷରୁ ଦୃଢ ଦାବି ହୋଇଛି।



# ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ରକ୍ତଦାନ ଶିବିର




ପାରାଦୀପ, (ଭାସ୍କର ନ୍ୟୁଜ୍): ବିଶ୍ୱ ରକ୍ତଦାନ ଦିବସ ଅବସରରେ, ଭାରତୀୟ ତଟରକ୍ଷୀ ବାହିନୀ, ଜିଲ୍ଲା ମୁଖ୍ୟାଳୟ (ଓଡ଼ିଶା) ଦ୍ୱାରା ୧୧ ଜୁନ୍ ବୁଧବାର ଦିନ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜିତ ହୋଇଯାଇଛି। ବିଶ୍ୱ ରକ୍ତଦାନ ଦିବସ-୨୦୨୫ ଅବସରରେ ଦେଶ ବ୍ୟାପି ଅଭିଯାନକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ମହତ କାର୍ଯ୍ୟକ୍ରମରେ ମୋଟ ୯୦ ଜଣ ତଟରକ୍ଷକ ବାହିନୀର ସଦସ୍ୟ ଓ ସେମାନଙ୍କ ପରିବାର ସଦସ୍ୟମାନେ ଅଂଶଗ୍ରହଣ କରି ୯୦ ୟୁନିଟ ରକ୍ତ ଦାନ କରିଥିଲେ। ଚଳିତ ବର୍ଷର ବିଶ୍ୱ ରକ୍ତଦାନ ଦିବସର ଶୀର୍ଷକ ଥିଲା 'ଗିଭ୍ ବ୍ଲଡ୍, ଗିଭ୍ ହୋପ୍, ଟୁଗେଦର ଉଇ ସେଭ ଲାଇଭସ୍'। ତଟରକ୍ଷୀ ଜିଲ୍ଲା ମୁଖ୍ୟାଳୟ (ଓଡ଼ିଶା) କମାଣ୍ଡର ସ୍ୱୟଂ ପ୍ରଥମ ରକ୍ତଦାନକାରୀ ଭାବରେ ଅଂଶଗ୍ରହଣ କରି, ଏହି ମହତ୍ କାର୍ଯ୍ୟରେ ସମ୍ମିଳିତ ସମସ୍ତ ରକ୍ତଦାତାମାନଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ। ସେ ଏହାକୁ ଆମ ଦେଶର ସଂସ୍କୃତି ଓ ପାରମ୍ପରିକ ମୂଲ୍ୟବୋଧ ସହ ସମ୍ମତ ଏକ ଉଦ୍ୟମ ବୋଲି ଉଲ୍ଲେଖ କରିଥିଲେ। ଶିବିର ବ୍ୟବସ୍ଥାପନାରେ ସାହାଯ୍ୟ କରିଥିବା ଜଗତସିଂହପୁର ଜିଲ୍ଲା ଚିକିତ୍ସାଳୟର ଚିକିତ୍ସକ ଓ କର୍ମଚାରୀଙ୍କ ପ୍ରତି ମଧ୍ୟ ସେ କୃତଜ୍ଞତା ପ୍ରକାଶ କରିଥିଲେ। ଚିକିତ୍ସା ଦଳ ଉପସ୍ଥିତମାନଙ୍କୁ ରକ୍ତଦାନର ଗୁରୁତ୍ୱ ବିଷୟରେ ଜଣାଇ ରକ୍ତ ଓ ରକ୍ତ ଉତ୍ପାଦନ ସାମଗ୍ରୀର ଜାଗତିକ ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଶିବିର ସମୟରେ ସମସ୍ତ ସ୍ୱେଚ୍ଛାସେବକଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହିତ ସାଧାରଣ ଚିକିତ୍ସା ଯାଞ୍ଚ, ଯେପରିକି ରକ୍ତଚାପ ଓ ହିମୋଗ୍ଲୋବିନ୍ ସ୍ତର ଯାଞ୍ଚ ଦ୍ୱାରା ତାଙ୍କ ରକ୍ତଦାନ ଯୋଗ୍ୟତା ନିଶ୍ଚିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତଟରକ୍ଷୀ ବାହିନୀର କର୍ମଚାରୀ ଓ ପରିବାର ସଦସ୍ୟମାନେ ଉତ୍ସାହ ଓ ଦୃଢ଼ ସମର୍ପଣ ଭାବନା ସହିତ ଅଂଶଗ୍ରହଣ କରି ଜୀବନ ରକ୍ଷା ପ୍ରତି ସାମୂହିକ ଅଙ୍ଗୀକାରକୁ ପ୍ରମାଣିତ କରିଥିଲେ।

# ଚିକିତ୍ସାଧୀନ ଅବସ୍ଥାରେ ଯୁବକ ମୃତ୍ୟୁ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଥାନା କୁବେରା ପଞ୍ଚାୟତ ଅଧୀନ କଷଟି ଗ୍ରାମର ସନ୍ତୋଷ ପରିଡ଼ା (୪୦)ନାମକ ଜଣେ ଯୁବକ ଗୋରୁ ବେପାରୀଙ୍କ ଆକ୍ରମଣରେ ଶିକାର ହୋଇ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ବୁଧବାର ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ଗୁରୁତର ସନ୍ତୋଷ ଦୀର୍ଘ ୧୩ଦିନ ଧରି ମୃତ୍ୟୁ ସହିତ ସଂଗ୍ରାମ କରୁଥିଲେ। ମୃତ୍ୟୁ ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବାବେଳେ ଗ୍ରାମର କିଛି ଲୋକ ମରଶରୀରକୁ ଗ୍ରାମକୁ ଆଣିବା ପାଇଁ ଭଦ୍ରକରେ ପହଞ୍ଚିଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ, ଗତ ୩୦ତାରିଖ ଦିନ କେତେକ ଗୋରୁ ବେପାରୀ ସନ୍ତୋଷଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୁରୁତର ହୋଇ ସେହିଦିନ ଠାରୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଅପରପକ୍ଷେ ଏହି ଘଟଣାରେ ତାଙ୍କ ସ୍ତ୍ରୀ ମିନତୀଙ୍କ ଅଭିଯୋଗ କ୍ରମେ ତିହିଡ଼ି ପୁଲିସ ଏକ ମାମଲା ରୁଜୁ କରି ବୁଧବାର ସୁଦ୍ଧା ୧୨ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଘଟଣା ପରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କଷଟି ଗ୍ରାମରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏସପି ମନୋଜ କୁମାର ରାଉତ ଗ୍ରାମରେ ପହଞ୍ଚି ମୃତ ଯୁବକଙ୍କ ପରିବାର ଲୋକଙ୍କୁ ଆଶ୍ୱାସନା ଦେଇଥିଲେ। ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗୁହାଚାର୍ଯ୍ୟ ଘଟଣା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହିତ ବାରମ୍ବାର ଗ୍ରାମକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରୁଥିବା ଜଣାପଡ଼ିଛି।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଖଜାପୁର ଗ୍ରାମରେ କ୍ୟାରମ ଖେଳକୁ ନେଇ ମହାଭାରତ ସୃଷ୍ଟି ହୋଇଛି। ଏକାଧିକବ୍ୟକ୍ତିଙ୍କ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଛନ୍ତି। ଅଭିଯୋଗ ଆଧାରରେ ପୋଲିସ୍ ଗୁରୁତର ଦଫାରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ଥାନା ଖଜାପୁର ଗ୍ରାମରେ କଲାମ ଅଲ୍ଲୀ (୨୦) ଗ୍ରାମ କ୍ଲବ୍ ଘରେ କ୍ୟାରମ ଖେଳୁଥିବା ବେଳେ ସାଙ୍ଗମାନଙ୍କ ସହିତ ଖେଳକୁ ନେଇ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ସେଠାରେ ଜିତନ୍ ଖାଁ ଆଜିତ୍ ଖାଁ, ଲୁଟୁକ୍ ସା, ମଙ୍ଗୁ ସା, ମେତନ ସା ପହଚିଂ କଲାମ ଅଲିକୁ ବିଧା ଗୋଇଠା ମାରିବା ସହ ଛାତିକୁ ଗୋଇଠା ମାରିବା ଦ୍ୱାରା ଯୁବକ ଜଣକ ସଜ୍ଞା ହରାଇ ପଡିଥିଲେ। ସେଠାରେ ଯୁବକଙ୍କ ବାପା ସିଆକତ୍ ଅଲୀ ଓ ତାଙ୍କର ପତ୍ନୀ ଆକ୍ରମଣକାରୀ କବଳରୁ ନିଜ ପୁଅକୁ ଉଦ୍ଧାର କରିବାକୁ ଯାଇଥିବା ବେଳେ ଆକ୍ରମଣକାରୀ ମାନେ ଯୁବକଙ୍କ ବାପା ମାଙ୍କୁ ଟଣା ଓଟରା କରି ମାଡ ମାରିଥିଲେ। କେତେକ ବ୍ୟକ୍ତିଙ୍କ ସେଠାରେ ପହଚିଂ ଆକ୍ରମଣକାରୀଙ୍କ କବଳରୁ ବାପ, ପୁଅ ଓ ମାଙ୍କୁ ଉଦ୍ଧାର କରି ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ମାତ୍ର କଲାମ ଅଲ୍ଲୀଙ୍କ ଅବସ୍ଥା ଗୁରୁତର ଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଏ ସମ୍ପର୍କରେ ଆହତଙ୍କ ପିତା ସିଆକତ୍ ଅଲୀ ନିମାପଡା ଥାନାରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରଖିଛନ୍ତି।

# ଖୁଲମ ଖୁଲା ବିକ୍ରି ହେଉଛି ଗର୍ଭ ନିରୋଧକ କୀଟ

ନିଆଳି, (ଭାସ୍କର ନ୍ୟୁଜ୍): କଟକରେ ନକଲି ଔଷଧ କାରବାର ଚାଲ ହେବା ପରେ ନିଆଳି ଔଷଧ ଦୋକାନମାନଙ୍କରେ ପଶିଚି ଛକନା। ଦୀର୍ଘଦିନ ହେବ ନିଆଳି ଅଞ୍ଚଳରେ ଥିବା ଔଷଧ ଦୋକାନୀମାନେ ବୀନା ଡାକ୍ତରୀ ଚିଠାରେ ବେଆଇନ ଗର୍ଭ ନିରୋଧକ କୀଟ ବିକ୍ରି କରି ଆସୁଛନ୍ତି। ଯାହାଫଳରେ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ଜିଲ୍ଲା ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ସେଭଳି ଆଖିଦୃଷ୍ଟିଆ ଚଢ଼ାଉ କରାଯାଉ ନାହିଁ। କିଛିଦିନ ତଳେ ନିଆଳି ଥାନା ଅଧିନସ୍ତ ଜଲାରପୁର ଗ୍ରାମରେ ଏକ ଔଷଧ ଦୋକାନୀ ବୀନା ଡାକ୍ତରୀ ଚିଠାରେ ବେଆଇନ ଗର୍ଭ ନିରୋଧକ କୀଟ୍ ବିକ୍ରି କରିଥିଲେ। ଏମିତିକି ଗ୍ରାହକଙ୍କୁ ନିଜ ଦୋକାନର ବିଲ ମଧ୍ୟ ଦେଇଥିଲେ। ଏହିପରି ନିଆଳି ଅଞ୍ଚଳରେ ଅନେକ ଔଷଧ ଦୋକାନୀ ଏଭଳି ବେଆଇନ ଗର୍ଭ ନିରୋଧକ କୀଟ୍ ସହିତ ବିଭିନ୍ନ ମାରାତ୍ମକ ଔଷଧ ବିକ୍ରି କରିଆସୁଥିବା ଅଭିଯୋଗ ହେଉଛି। ସେମାନଙ୍କ ବିରୁଧରେ କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା ସେମାନଙ୍କର ଡ୍ରଗ୍ସ ଲାଇସେନ୍ସ ନଥାଇ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଯେଉଁ କେତେକ ଦୋକାନୀଙ୍କର ଡ୍ରଗ୍ସ ଲାଇସେନ୍ସ ଅଛି ସେମାନେ ସରକାରୀ କାଗାରେ କେମିତି ଡ୍ରଗ୍ସ ଲାଇସେନ୍ସ ପାଇଲେ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ଓ ଔଷଧ ଦୋକାନୀଙ୍କ ମଧ୍ୟରେ ଚନ୍ଦ୍ରିକା ଥିବାରୁ ବେଆଇନ ଔଷଧ ବିକିଲେ ମଧ୍ୟ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏ ନେଇ ଜିଲ୍ଲା ଡ୍ରଗ୍ସ ଅଧିକାରୀ ହରପ୍ରିୟା ମଲିକଙ୍କୁ ଫୋନ କରିଥିଲେ ମଧ୍ୟ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନଥିଲା।

# ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଅନଗୁଳ, (ଭାସ୍କର ନ୍ୟୁଜ୍): ବୁଧବାର ଅପରାହ୍ନ ୫ ଟା ବେଳେ ଅନଗୁଳ ସହରର ରାଜଛକ ନିକଟରେ ଏକ ଦ୍ରୁତଗାମୀ ବସର ଧକ୍କାରେ ଶିବରାମ ସାହୁ ନାମକ ଜଣେ ଗାଡି ମିସ୍ତ୍ରୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହେଇଯାଇଛି। ଘଟଣାରୁ ପ୍ରକାଶ ଯେ ମୃତ ଶିବରାମ କୌଣସି କାମରେ ଶିମିଳିପଡ଼ା ଦିଗରୁ ହୋଟେଲ ରାଜଛକ ରାସ୍ତାରେ ନିଜ ମୋଟର ସାଇକେଲ ଯୋଗେ ଉମାଶଙ୍କର ବଜାର ସ୍ଥିତ ନିଜ ଗ୍ୟାରେଜକୁ ଫେରୁଥିବା ବେଳେ, ଦ୍ରୁତଗତିରେ ପଛରୁ ଆସୁଥିବା କାଞ୍ଚନ ନାମକ ବସ୍ ମୋଟର ସାଇକେଲକୁ ଧକ୍କା ଦେବାରୁ ଶିବରାମ ରାସ୍ତାରେ ଛିଟିକି ପଡ଼ିଥିଲେ। ଫଳରେ ବସଟି ତାଙ୍କ ଛାତି ଉପରେ ଚଢ଼ିଯାଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ତେବେ ଲୋକମାନେ ଦୁର୍ଘଟଣା ସମ୍ପର୍କରେ ଜାଣି ପହଁଚିଲା ବେଳକୁ ଶିବରାମ ଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତକଙ୍କ ଘର ହିନ୍ଦୋଳ ପାଟଲା ଗ୍ରାମରେ ହୋଇଥିବା ବେଳେ ଦୀର୍ଘଦିନ ଧରି ଅନଗୁଳରେ ଭଡ଼ାରେ ରହି ଗୁଜୁରାଣ ମେଣ୍ଟାଉଥିଲେ। ପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଶବକୁ ଜବତ କରିବା ସହିତ, ଏକ ମୋକଦ୍ଦମା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ପ୍ରକାଶ ଥାଉକି ଦୁର୍ଘଟଣା ଘଟଇଥିବା ବସର ଚାଳକ ପରେ ଅନଗୁଳ ଥାନାରେ ଆତ୍ମସମର୍ପଣ କରିଛି।

# ସାମାନ୍ୟ ବର୍ଷାରେ ବଜାରରେ ନଦୀର ଭ୍ରମ



ଆସିକା, (ଭାସ୍କର ନ୍ୟୁଜ୍): ସାମାନ୍ୟ ବର୍ଷାର ପ୍ରଭାବରେ ଆସିକା ସହର ତଥା ଏହାର ଆଖପାଖ କେତେକ ଅଞ୍ଚଳର ଚାଷୀକୂଳ ବିଭୋର ହୋଇ ଉଠୁଥିଲା ବେଳେ ଜଳ ନିଷ୍କାସନ ପଥ କେତେକ ସ୍ଥାନରେ ଅବରୋଧ ଯୋଗୁଁ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଜନଗହଳିପୂର୍ଣ୍ଣ ୧୩ନଂ ୱାର୍ଡର ବିନାୟକ ଓ ଲକ୍ଷ୍ମୀବଜାର ଓ ବାଣୀବିହାର ମୁଖ୍ୟରାସ୍ତାରେ ବର୍ଷାରେ କିଛି ସମୟ ପାଇଁ ନଦୀର ଭ୍ରମସୃଷ୍ଟି ହୋଇଥିବା ଦେଖୁବାକୁ ମିଳିଥିଲା। ଅସରାଏ ବର୍ଷାରେ ବର୍ଷାଜଳ ଦୀର୍ଘ ସମୟ ଧରି ନିଷ୍କାସନ ହୋଇନପାରି ବିନାୟକ ବଜାରଓ ବାଣୀବିହାର ମୁଖ୍ୟ ରାସ୍ତାରେ ବର୍ଷା ଜଳ ଲଉଡି ମାରୁଥିବା ଯୋଗୁଁ ସାଧାରଣ ଯାତାୟତ ସକାଶେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଆସିକା ଏନ୍ଏସି ପରିସରଭୁକ୍ତ ବିନାୟକ ଓ ଲକ୍ଷ୍ମୀବଜାର, ବାଣୀବିହାର ମୁଖ୍ୟରାସ୍ତା ସବୁବେଳେ ଯାତାୟାତର ପ୍ରମୁଖ ରାସ୍ତା ରୂପେ ପରିଚିତ। ଉକ୍ତ ରାସ୍ତା ଉପରେ ଦୈନିକ ଶହ ଶହ ଜନତା ଯାତାୟତ କରୁଥିବା ବେଳେ ଗାଡିମୋଟର ଚଳାଚଳ କରିଥାଏ। ତେବେ ଉକ୍ତ ବ୍ୟସ୍ତବହୁଳ ରାସ୍ତାରେ ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା ଯୋଗୁଁ ବୁଧବାର ସକାଳେ ହୋଇଥିବା ସାମାନ୍ୟ ବର୍ଷାରେ ବର୍ଷାଜଳ ନିଷ୍କାସିତ ହୋଇନପାରି ଘଣ୍ଟାଘଣ୍ଟା ଧରି ମୁଖ୍ୟରାସ୍ତାରେ ଲଉଡି ମାରିଥିବା ବେଳେ ସାଧାରଣ ଜନତାଙ୍କ ଯାତାୟତରେ ନାହିଁ ନଥିବା ଅସୁବିଧା ହୋଇଥିବା ଦେଖୁବାକୁ ମିଳିଥିଲା ଓ ମୌସୁମୀ ବର୍ଷା ଯୋଗୁଁ ଆସିକା ଅଞ୍ଚଳବାସୀଙ୍କୁ ଗରମ ଓ ଗୁଳୁଗୁଳିରୁ କିଛିଟା ନିସ୍ତାର ମିଳିଥିବା ଲକ୍ଷ୍ୟ କରାଯାଇଛି ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ସହରର ବ୍ୟସ୍ତବହୁଳ ବିନାୟକ ବଜାର, ବାଣୀବିହାର ଅଞ୍ଚଳରେ ଲାଗି ରହିଥିବା ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥାକୁ ସୁଧାରି ବା ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦୃଢଦାବୀ ହୋଇଅଛି।

# ମାଲବାହୀ ଟ୍ରେନ୍ ଧକ୍କାରେ ଜଣେ ମୃତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କାଦଗଡ ରେଳ ଫାଟକ ଠାରୁ ୮ମିଟର ଦୂରତା ରେଳଧାରଣା ନିକଟରେ ମାଲ୍‌ବାହୀ ଟ୍ରେନ ଧକ୍କାରେ ଜଣେ ଗାଡିମାଲିକଙ୍କ ମୃତ୍ୟୁ ଘଟିଛି। ମୃତକଜଣଙ୍କ ହେଲେ ଗୋବର୍ଦ୍ଧନ ପଞ୍ଚାୟତ ଗୋବର୍ଦ୍ଧନ ଗ୍ରାମର ରବିନାରାୟଣ ଦେଓଙ୍କ ପୁଅ ଲୋକନାଥ ଦେଓ(୩୫)। ସୂଚନା ଅନୁସାରେ, ଲୋକନାଥ ଜଣେ ଗାଡିମାଲିକ। ତାଙ୍କର ଦୁଇଟି ୧୪ ଚକିଆ ହାଇୱା ଟ୍ରକ୍ ଅଛି। ଗତକାଲି ସେ କାଦଗଡ ଗ୍ରାମର ଚାଷ ଜମି ଦେଖିବାକୁ ବାଇକ୍‌ରେ ସେଠାକୁ ଆସିଥିଲେ। ରେଳଧାରଣା ବାମପାର୍ଶ୍ୱରେ ବାଇକ୍ ରଖି ଯାଉଥିବା ବେଳେ ମାଲ୍‌ବାହୀ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିବା ଜଣାପଡିଛି। ଫଳରେ ତାଙ୍କର ଶରୀର ଖଣ୍ଡବିଖଣ୍ଡିତ ହୋଇଯାଇଥିବା ବେଳେ ଘଟଣା ସ୍ଥଳରେ ଲୋକନାଥଙ୍କ ମୃତ୍ୟୁ ଘଟିଛି। ବୁଧବାର ସକାଳେ ଏ ସଂକ୍ରାନ୍ତରେ ଖବର ପାଇ ରେଳବାଇ ପୋଲିସ ଶବ ଜବତ କରି ତଦନ୍ତ ଚଳାଇଛି। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଲୋକନାଥଙ୍କ ଶବ ଚିହ୍ନିଥିଲେ। ଏନେଇ ରେଳବାଇ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଛେଦ ପାଇଁ ପଠାଯାଇଛି।

# ଦେବସ୍ନାନ ପୂର୍ଣ୍ଣମୀରେ ଅଘଟଣ, ଜଳିଗଲା ଦୀପ ଷ୍ଟାଣ୍ଡ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଦ୍ମବନ ସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପବିତ୍ର ପୀଠରେ ଅଘଟଣ ଘଟିଛି। ମହାପୁରୁଷଙ୍କ ନିକଟରେ ସ୍ଥାପନ କରାଯାଇଥିବା ଦୀପ ଷ୍ଟାଣ୍ଡଟି ଆକସ୍ମିକ ଭାବେ ହୁତୁ ହୁତୁ ହୋଇ ଜଳି ଉଠିଥିଲା। ପବିତ୍ର ଦେବସ୍ନାନ ପୂର୍ଣ୍ଣମୀ ଅବସରରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଓଡ଼ିଶାର ବିଭିନ୍ନ ପୁରପଲ୍ଲୀରୁ ଆସିଥିବା ଭକ୍ତମାନେ ମହାପୁରୁଷଙ୍କ ସମାଧି ପୀଠରେ ପୂଜାର୍ଚ୍ଚନା କରିବାରେ ବ୍ୟସ୍ତ ରହିଥିଲେ। ଏହି ସମୟରେ ଆକସ୍ମିକ ଭାବେ ଦୀପ ଷ୍ଟାଣ୍ଡଟି ହୁତୁ ହୁତୁ ହୋଇ ଜଳିଯାଇଥିଲା। ତେବେ ଉପସ୍ଥିତ ଦମକଳ ବାହିନୀର କର୍ମଚାରୀ ଓ ସ୍ଥାନୀୟ ଲୋକେ ଏହି ନିଆଁକୁ ଆୟତ କରିବାରେ ସଫଳ ହୋଇଥିଲେ। ଏହି ନିଆଁରେ କାହାରି କିଛି କ୍ଷତି ହୋଇନାହିଁ। ତେବେ ପ୍ରଶାସନର ଦାୟିତ୍ୱହୀନତା ଯୋଗୁଁ ଏପରି ଅଘଟଣ ଘଟିଲା ବୋଲି ସାଧାରଣରେ କୁହାଯାଉଛି। ଅଗ୍ନିଶମ ବାହିନୀର ଉପସ୍ଥିତି ବୁଦ୍ଧି ଯୋଗୁଁ ଏଭଳି ଏକ ଅଭାବନୀୟ ଘଟଣାକୁ ଏଡ଼ାଇ ଦିଆଯାଇପାରିଥିଲା।

# ରାସ୍ତା ଉପରେ ହେଉଛି ଗାଡି ପାର୍କିଂ
# ଅଟକୁଛି ଜରୁରିକାଳୀନ ସେବା

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ପିପିଲି ମୁଖ୍ୟ ରାସ୍ତା ନିମାପଡା ଉପକଣ୍ଠରେ ମୁଖ୍ୟ ରାସ୍ତାକୁ ଲଗାଇ କେତେକ ବିବାହ ମଣ୍ଡପ ଥିବାବେଳେ ମଣ୍ଡପ ଆଗରେ ରାସ୍ତା ଉପରେ ଗାଡି ଥୁଆ ହେବା ଦ୍ୱାରା ଟ୍ରାଫିକ୍ ସମସ୍ୟା ଉତ୍କଟ ହେଉଛି। ଘଣ୍ଟାଘଣ୍ଟା ଧରି ଗାଡିମଟର ଅଟକି ରହୁଥିଲେ ମଧ୍ୟ ଏଥିପ୍ରତି ମଣ୍ଡପ ପରିଚାଳକ ଦୃଷ୍ଟି ନଦେବା କାରଣରୁ ଟ୍ରାଫିକ୍ ସମସ୍ୟା ହେଉଛି। ଅନେକ ସମୟରେ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡି ଅଟକି ଯାଉଛି। ଏହି କାରଣରୁ ଜରୁରୀକାଳୀନ ସେବା ମଧ୍ୟ ବାଧାପ୍ରାପ୍ତ ହେଉଛି। ଦୀର୍ଘଦିନ ହେବ ଏହାର ପ୍ରତିକାର ଦାବି ଉଠୁଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ଠାରୁ ତଳଅଣ୍ଡିଆ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ମଣ୍ଡପ ରହିଥିବା ବେଳେ ରାସ୍ତା ଉପରେ ଗାଡି ପାର୍କିଂ କରାଯାଉଛି। ଗତ ମଙ୍ଗଳବାର ରାତ୍ର ସମୟରେ ଶ୍ରୀରାମ କଲ୍ୟାଣ ମଣ୍ଡପ ଆଗରେ ଅହେତୁକ ଭିଡ ଲାଗିରହିଥିଲା। ଦୁଇଚକିଆ



ଠାରୁ ଆରମ୍ଭ କରି କାର ଓ ଅଟୋ ରାସ୍ତା ଉପରେ ପାର୍କିଂ କରିଥିବାରୁ ଘଣ୍ଟଘଣ୍ଟ ଧରି ରାସ୍ତା ଜାମ୍ ହୋଇଥିଲା। ଏପରି ହେବା ଦ୍ୱାରା ପ୍ରାୟତଃ ପ୍ରତ୍ୟେକ ଦିନ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି। ଅନେକ ସମୟରେ ଭାରିଯାନ ଯାତାୟତ କରି ନପାରି ଅଟକି ରହିବା ଦ୍ୱାରା ସମସ୍ୟା ସୃଷ୍ଟି ହେଉଛି। ଏହି ରାସ୍ତା ଦେଇ ପର୍ଯ୍ୟଟନସ୍ଥଳୀ କୋଣାର୍କ, କାକଟପୁର, ଅସ୍ତରଙ୍ଗକୁ ଯାଉଥିବା ପର୍ଯ୍ୟଟକ ମାନେ ଅସୁବିଧାର ସମ୍ମୁଖୀନ ହେବା ସହିତ ସରକାରଙ୍କ ଜରୁରୀକାଳୀନ ସେବା ବ୍ୟାହତ ହେଉଛି। ମହିଳା କଲେଜ ଛକରେ ଏକ ମଣ୍ଡପ ଓ ସେଠାରୁ ୫ଶହ ମିଟର ଦୂରରେ ଆଉ ଏକ ମଣ୍ଡପ ରହିଥିବା ବେଳେ ନିମାପଡା କାକଟପୁର ରାସ୍ତା ଗୋଲେଇ ଛକ ଆଗକୁ ମଣ୍ଡପର ରହି ରାସ୍ତା ଉପରେ ଗାଡି ପାର୍କିଂ କରାଯାଉଛି। ଜନସାଧାରଣ ଯାତାୟତ ପାଇଁ ଏପରି କାର୍ଯ୍ୟ ସମସ୍ୟା ସୃଷ୍ଟି କରୁଛି। କେତେକ ମଣ୍ଡପ ଆଗରେ ଅଇଁଠା ପତ୍ର ପଡିରହିବା ଦ୍ୱାରା ପରିବେଶ ଦୂଷିତ ହେଉଛି। ଏହି ଘଟଣାପ୍ରତି ଦୃଷ୍ଟି ଦିଆ ନଗଲେ ଆଗକୁ ସମସ୍ୟା ଜଟିଳହେବ ବୋଲି ଆଶଙ୍କା କରାଯାଉଛି।

# ମାତିଛନ୍ତି ଚୋର, ପେଟ୍ରୋଲିଂ ପାଇଁ ଲୋକଙ୍କ ଦାବି

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳରେ ଖାସି ଓ ଗାଈ ଚୋରୀ ଖୁବ ଦ୍ରୁତଗତିରେ ମାତି ଚାଲିଛି। ଇତି ମଧ୍ୟରେ କୋଟସାହି ଓ କେଶପୁରା ଗ୍ରାମ ପଞ୍ଚାୟତରୁ ଚୋରୀ ହୋଇଥିବା ଜଣାପଡ଼ିଛି। ଏପରିକି ଦିନ ଦ୍ୱିପ୍ରହରେ ଘର ଭିତରୁ ଚୋର ଖାସି ଚୋରୀ କରି ନେଇ ଚମ୍ପଟ ମାରୁଛନ୍ତି। ଘଟଣାରୁ ପ୍ରକାଶ ମାସକ ଭିତରେ ବଙ୍ଗା ଗ୍ରାମର ହରିହର ମୁର୍ମୁ, ପାଟଣାସାହି ଗ୍ରାମର ଅରୁଣ ବେହେରା, ଡିଙ୍ଗାଶୋଳ ଦିଲ୍ଲୀପ କୁମାର ଦାସ ମହାପାତ୍ର, ବିଜୟ ସିଟଙ୍କ ଘରୁ ଗୋଟିଏ କରି ବଡ଼ ଖାସି, କୋଟସାହି ହରିଶ୍ଚନ୍ଦ୍ର ବେହେରା ଘରୁ ୨ ଟି ଖାସି, ବାଗ କାଳି ଚରଣ ବେହେରା ଗୋଟିଏ ୨୦ହଜାର ଟଙ୍କାର ଛଡ଼ା ଓ ଦୁଇଦିନ ତଳେ ରାତି ଗୋଟାଏ ବେଳେ କୋଟସାହି ଗ୍ରାମର ଲକ୍ଷ୍ମୀଧର ବେହେରାଙ୍କ ଗୁହାଳ ଘରୁ ଗୋଟିଏ ବଡ଼ ଛଡ଼ା ଖୋଲି ନେଇ ନଦୀ ପାର ହେଉଥିବା ବେଳେ ଛଡ଼ାଟି ପାଣି ଦେଖି ନଯିବାରୁ ଛଡ଼ାଟିକୁ ପିଟାମାରା କରୁଥିଲେ। ଲୋକେ ଜାଣି ଦୌଡ଼ି ଯିବାରୁ ଦୁଇଜଣ ଦୁର୍ବୃତ୍ତ ଛଡ଼ାଟିକୁ ସେଠାରେ ଛାଡ଼ି ଦେଇ ନଦୀ ପାରି ହୋଇ ପଳେଇଗଲେ। ଏଭଳି ଚୋରୀ କେବଳ ନଦୀର ଅପର ପଟର କେତେକ ଲୋକ କରୁଛନ୍ତି ବୋଲି ସନ୍ଦେହ କରାଯାଉଛି। ରାତିରେ ପୋଲିସ ପେଟ୍ରୋଲିଂ ହେଲେ ଚୋରୀ ବନ୍ଦ ହୋଇଯିବ ବୋଲି ଗ୍ରାମାଞ୍ଚଳ ଲୋକେ ଦାବି କରିଛନ୍ତି।

# ସାଗରିକା କଳା ନିକେତନର ବାର୍ଷିକ ଉତ୍ସବ



ପାରାଦୀପ, (ଭାସ୍କର ନ୍ୟୁଜ୍): ବନ୍ଦର ନଗରୀ ପାରାଦୀପର ନୃତ୍ୟ, ସଙ୍ଗୀତ ଓ କଳାର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ସାଗରିକା କଳା ନିକେତନ ତା'ର ବାର୍ଷିକ ଉତ୍ସବ ଗତ ସୋମବାର ସନ୍ଧ୍ୟାରେ ପାଳନ କରିଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବନ୍ଦରର ଅଧ୍ୟକ୍ଷ ପିଏଲ୍ ହରନାଦ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ସେ କହିଥିଲେ କି ସାଗରିକା କଳା ନିକେତନର ନୃତ୍ୟଶିକ୍ଷୀମାନେ ବନ୍ଦରର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରି ସୁନ୍ଦର ନୃତ୍ୟ ଉପସ୍ଥାପନ କରି ପ୍ରଶଂସା ପାଇଛନ୍ତି ଓ ଅଖିଳ ଭାରତ ବନ୍ଦର ପ୍ରତିଯୋଗିତାରେ ବନ୍ଦରକୁ ଅନେକବାର ପ୍ରଥମସ୍ଥାନ ଆଣି ଦେଇଛନ୍ତି। ସେ ଅନୁଷ୍ଠାନରେ ଶିକ୍ଷାଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଗ୍ରହଣ କରି ନୃତ୍ୟ, ସଙ୍ଗୀତ ଓ କଳା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବନ୍ଦର ଉପାଧ୍ୟକ୍ଷ ନିଲାଭ୍ର ଦାସଗୁପ୍ତା ଅନୁଷ୍ଠାନର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ନିକେତନର ସଂଯୁକ୍ତ ସଚିବ ଆର.ଏନ୍ ମିଶ୍ର ଅନୁଷ୍ଠାନ ସମ୍ବନ୍ଧରେ ବିବରଣୀ ରଖିଥିଲେ। ଏହି ଅବସରରେ ସାଗରିକାର ନୂତନ ସଭାପତି ଡକ୍ଟର ଦୁର୍ଗାପ୍ରସାଦ ସେଠୀ ଓ ବନ୍ଦରର ଟ୍ରାଫିକ ପରାମର୍ଶଦାତା ଆଶିଷ ବୋଷ ମଞ୍ଚାସିନ ଥିଲେ। ଅତିଥିମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଗରିକାର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ସଙ୍ଗୀତ, ଯନ୍ତ୍ର ସଙ୍ଗୀତ ଓ ରଙ୍ଗାରଙ୍ଗ ନୃତ୍ୟ କାର୍ଯ୍ୟକ୍ରମର ଆନନ୍ଦ ନେଇଥିଲେ। ଅନୁଷ୍ଠାନର ବରିଷ୍ଠ ନୃତ୍ୟଗୁରୁ ବ୍ରଜକିଶୋର ମଲ୍ଲିକଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ଓଡ଼ିଶୀ ଶୈଳୀରେ ପରିବେଶଣ କରିଥିଲେ ନୃତ୍ୟାଭିନୟ 'ଜୟ ଜଗନ୍ନାଥ'। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସାଗରିକା କଳା ନିକେତନର ସମ୍ପାଦକ ନିରୋଜ ପଟ୍ଟନାୟକ ସଂଯୋଜନା କରିବା ସଙ୍ଗେସଙ୍ଗେ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ। କାର୍ଯ୍ୟକ୍ରମରେ ବନ୍ଦରର ବିଭାଗ ମୁଖ୍ୟ, ଅଧିକାରୀ ଓ କର୍ମଚାରୀ ତଥା ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କ ଅଭିଭାବକ ମାନେ ବହୁସଂଖ୍ୟାରେ ଉପସ୍ଥିତ ଥିଲେ।

# 'ଲୋକଙ୍କ ସେବାରେ ସମର୍ପିତ ସରକାର'

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଜୁନ୍ ୧୨ ତାରିଖରେ ଓଡିଶାରେ ପ୍ରଥମ ଥର ଭାବେ ବିଜେପି ସରକାର ଗଠନ ହୋଇଥିଲା ବୋଲି ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ସହରାଞ୍ଚଳ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ପ୍ରକାଶ କରିଛନ୍ତି। ଆମ ସମସ୍ତଙ୍କ ପାଇଁ ଏକ ଐତିହାସିକ କ୍ଷଣ ଥିଲା। ଗତବର୍ଷ ଯାତ୍ରା ଏକ ସ୍ୱଷ୍ଟ ଜନାଦେଶ ଏବଂ ଦୃଢ ପ୍ରତିବଦ୍ଧତା ସହିତ ଆରମ୍ଭ ହୋଇଥିଲା। ଯେଉଁଦିନ ସରକାର ଗଠନ ହେଲା କ୍ୟାବିନେଟ୍‌ରେ ୪ଟି ମୁଖ୍ୟ ନିଷ୍ପତ୍ତି ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା, ଶ୍ରୀମନ୍ଦିରର ଉନ୍ନତି ପାଇଁ ୫୦୦ କୋଟି କର୍ପସ୍ ପାଣ୍ଠି ଗଠନ, ସୁଭଦ୍ରା ଯୋଜନାରେ ମା'ମାନଙ୍କୁ ୫୦ହଜାର ଟଙ୍କା ପ୍ରଦାନ, ଚାଷୀ ଭାଇମାନଙ୍କୁ ଧାନ ବିକ୍ରୟରେ ୮୦୦ ଟଙ୍କା ଇନ୍‌ପୁଟ୍ ସହାୟତାରେ ପ୍ରଦାନ କରାଯାଇଥିଲା। ସେହିପରି ଶିଳ୍ପ ଅଭିବୃଦ୍ଧି ଓ ଆର୍ଥିକ ସମୃଦ୍ଧି ପାଇଁ ୫୯୩ଟି ପ୍ରକଳ୍ପ ପାଇଁ ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ସୁଯୋଗ, ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ ୧୮ଟି ପାରମ୍ପରିକ ବୃତି ପାଇଁ ୭୨,୨୮୮ ହିତାଧିକାରୀଙ୍କୁ ତାଲିମ୍ ପ୍ରଦାନ, ଏହାଛଡା ରାଜ୍ୟର ବିଭିନ୍ନ ଜିଲ୍ଲାରେ ମେଡିକାଲ୍ କଲେଜ୍ ସ୍ଥାପନ, ଜନଜାତି ଅଧିବାସୀଙ୍କ ନ୍ୟାୟ ପାଇଁ ଅଭିଯାନ ଯୋଜନାରେ ୧୫ଟି ଜିଲ୍ଲାରେ ୧୧,୪୬୨ଟି ଗୃହ ନିର୍ମାଣ ସମ୍ପୂର୍ଣ୍ଣ ଏବଂ ୨୮,୬୬୧ଟି ଗୃହ ନିର୍ମାଣଧିନ ରହିଛି। ସହୀଦ ମାଧୋସିଂ ହାତଖର୍ଚ୍ଚ ଯୋଜନାରେ ୧ଲକ୍ଷ ୭୨ହଜାର ୩୫୬ଜଣ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଉପକୃତ, ୨୦୩୬ ପାଇଁ ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହନ ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ସହିତ ୨୭,୩୮୨ ସରକାରୀ ପଦବୀ ପୂରଣ, ସରକାରୀ ଚାକିରି ବୟସ ସୀମା ୪୨କୁ ବୃଦ୍ଧି, ୩୧୪ଟି ବ୍ଲକ୍‌ରେ ଷ୍ଟାଡିୟମ୍ ନିର୍ମାଣ ପାଇଁ ସ୍ଥିରିକୃତ ରହିଛି। ପ୍ରତି ଗ୍ରାମପଂଚାୟତରେ ଗୋଦାବରିଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ଏକ ଆଦର୍ଶ ବିଦ୍ୟାଳୟ, ଓଡିଆ ଅସ୍ମିତା ପାଇଁ ୨୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି, ବିଶ୍ୱ ବିଦ୍ୟାଳୟମାନଙ୍କରେ ଓଡିଆ ଚେୟାର ପ୍ରତିଷ୍ଠା କରାଯିବା ପାଇଁ ନିଷ୍ପତି ନିଆଯାଇଛି। ସ୍ୱାଧୀନତା ସଂଗ୍ରାମୀ ମ୍ୟୁଜିୟମ୍, ଏକ୍ରାମ ହଟକୁ ପିପିପି ମୋଡ୍‌ରେ ଦିଲ୍ଲୀ ହାଟ ସ୍ତରୀୟ କରିବା ଓ ଜାତୀୟ ଆଧୁନିକ ଆର୍ଟ ଗ୍ୟାଲେରି ପ୍ରତିଷ୍ଠା କରିବା ପାଇଁ ସରକାର ସଂକଳ୍ପବଦ୍ଧ। ଏହି ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତର ଦେଇ ଢେଙ୍କାନାଳ ସହରରେ ରାସ୍ତାଘାଟର ଉନ୍ନତିକରଣ, ପୋଖରୀ ଗୁଡିକର ପୁନଃଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ, ମୁଖ୍ୟ ଚିକିତ୍ସାଳୟ ରାସ୍ତାର ପ୍ରଶସ୍ତିକରଣ କରିବା ଉପରେ ମନ୍ତ୍ରୀ ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ନଗରପାଳ ସୁନିଲ୍ ଶର୍ମା ସଂଯୋଜନା କରିଥିବାବେଳେ ଜିଲ୍ଲା ସଭାପତି ରାସ ବିହାରୀ ବେହେରା ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ନଗରପାଳ ଜୟନ୍ତୀ ପାତ୍ର, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ
# ସମ୍ପର୍କୀୟ ଦାଦାକୁ ଉଠାଇନେଲା ପୋଲିସ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଜମରା ଗ୍ରାମରେ ଜଣେ ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ କରାଯାଇଥିବାର ଅଭିଯୋଗ ହୋଇଛି। ଏହି ଅଭିଯୋଗ ଉପରେ ନେମାଳ ଥାନା ପୋଲିସ ସମ୍ପର୍କୀୟ ଦାଦାକୁ ଉଠାଇ ନେଇଥିବାର ଜଣାଯାଇଛି। ଜମରା ଗ୍ରାମର ଜଣେ ନା ବାଳିକା ଦିବ୍ୟାଙ୍ଗ ତାଙ୍କ ଘରେ ଏକୁଟିଆ ଥିଲେ। ଏକୁଟିଆ ଥିବାର ସୁଯୋଗ ନେଇ ତାଙ୍କର ଜଣେ ସମ୍ପର୍କୀୟ ଦାଦା ନିରଞ୍ଜନ ରାଉତ(୫୮) ତାଙ୍କ ଘରକୁ ଆସି ଦିବ୍ୟାଙ୍ଗଙ୍କୁ ଦୁଷ୍କର୍ମ କରିଥିବାର ଅଭିଯୋଗ ହୋଇଛି। ଏସମ୍ପର୍କରେ ଦିବ୍ୟାଙ୍ଗର ପିତା ନେମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତି କରି ନେମାଳ ଥାନା ପୋଲିସ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ସମ୍ପର୍କୀୟ ଦାଦାକୁ ଉଠାଇ ନେଇଥିବାର ଜଣାଯାଇଛି। ତେବେ ଅଭିଯୁକ୍ତ ଜଣକ ସ୍ଥାନୀୟ ଅଞ୍ଚଳର ଜଣେ ପ୍ରଭାବଶାଳୀ ରାଜନେତାଙ୍କ ଏକାନ୍ତ ଅନୁଗତ ହୋଇଥିବା କାରଣରୁ ତାଙ୍କୁ ଛାଡିଦେବା କିମ୍ବା ଘଟଣାର ରଫାଦଫା କରିଦେବା ନିମନ୍ତେ ପୋଲିସ ଉପରେ ରାଜନୈତିକ ଚାପ ପଡୁଥିବାର ସାଧାରଣରେ କୁହାଯାଉଛି। ତେବେ ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ଉତେଜନା ପ୍ରକାଶ ପାଇଛି।

# ଭୁବନରେ ଦେବସ୍ନାନ ପୂର୍ଣ୍ଣମା

ଭୁବନ, (ଭାସ୍କର ନ୍ୟୁଜ୍): ବିପୁଳ ଉତ୍ସାହ ଉଦ୍ଦୀପନା ଓ ଶ୍ରଦ୍ଧା ଭକ୍ତି ର ସହ ଭୁବନ ରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ ପୂର୍ଣ୍ଣମା ପାଳିତ ହୋଇଯାଇଛି। ପ୍ରତ୍ୟୁଷରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରି ରତ୍ନମଣ୍ଡପରୁ ସ୍ନାନମଣ୍ଡପକୁ ଅଣାଯାଇ ଥିଲା। ପରେ ସ୍ନାନମଣ୍ଡପରେ ସମସ୍ତ ନିତିକାନ୍ତି ଅନୁଷ୍ଠିତ ହୋଇ ୧୦୮ଗରା ସୁବାସିତ ଜଳରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ କରାଯାଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ସ୍ନାନ ମଣ୍ଡପରେ ମହାପ୍ରଭୁ ଦର୍ଶନ ଦେଇଥିଲେ। ସନ୍ଧ୍ୟାଧୂପ, ଆଳତୀ ଦେଖିବାକୁ ସହସ୍ରାଧିକ ଭକ୍ତଙ୍କ ଗହଳି ଲାଗିଥିଲା। ମୁଖ୍ୟ ପୂଜକ ତୁଷାରକାନ୍ତି ମିଶ୍ରଙ୍କ ସମେତ ଆକାଶ ରଞ୍ଜନ ମିଶ୍ର, ସାଇସୁନ୍ଦର ମିଶ୍ର ପ୍ରମୁଖଙ୍କ ସମେତ ଆଦ୍ୟ ସେବକ ରାମଚନ୍ଦ୍ର ରାଉତ, ମନ୍ଦିର ପରିଚାଳନା କମିଟି ସଭାପତି ତଥା ନଗରପାଳ ଶୁଭେନ୍ଦୁକୁମାର ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





କୋରାପୁଟ, (ଭାସ୍କର ନ୍ୟୁଜ୍) : ଦକ୍ଷତା ବିକାଶ ଯୋଜନାରେ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ୪୧ ଜଣ ଯୁବକ ଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। କୋରାପୁଟସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ୧୧ ଜଣ ଶିକ୍ଷିତ ଯୁବକ ଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରି ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିବା ସହ କୋରାପୁଟ ଜିଲ୍ଲାର ସୁନାମ ଆଣିବା ପାଇଁ ତାଙ୍କୁ ପରାମର୍ଶ ଦେଇଛନ୍ତି। କୋରାପୁଟ ଜିଲ୍ଲାରେ ସଫ୍ଟୱାର ଓ ସୋଲାର ମଡୁଲାର କାର୍ଯ୍ୟ ନିମନ୍ତେ ତାଲିମ ନେଇଥିବା ୪୧ ଜଣ ମଧ୍ୟରୁ ୧୫ ଜଣ କଲିକତାରେ ସଫ୍ଟୱେର କ୍ଷେତ୍ରରେ ନିଯୁକ୍ତି ପାଇଥିବା ବେଳେ ଓ ୨୬ ଜଣ ହାଇଦ୍ରାବାଦରେ ସୋଲାର ମଡୁଲାର କମ୍ପାନୀରେ ନିଯୁକ୍ତି ପାଇଛନ୍ତି। ସେଠାରେ ସେମାନେ ୩ ମାସ ଧରି ତାଲିମ ଗ୍ରହଣ କରିବା ପରେ ସେମାନେ ନିଜର କାର୍ଯ୍ୟ ଆରମ୍ଭ କରିବେ ବୋଲି ଜିଲା କର୍ମ ନିଯୋଜନ ଅଧିକାରୀ ଶୁଭେନ୍ଦୁ ମିଶ୍ର ପ୍ରକାଶ କରିଛନ୍ତି। ମାସକୁ ସେମାନେ ଦରମା ବାବଦରେ ପ୍ରାୟ ୨୦ ହଜାର ଟଙ୍କା ପାଇବେ ବୋଲି ମିଶ୍ର ସୂଚନା ଦେଇଛନ୍ତି। ବୁଧବାର ୨୬ ଜଣ ବସ୍ ଯୋଗେ ହାଇଦ୍ରାବାଦ ଯିବାକୁ ଥିବାବେଳେ ଗୁରୁବାର ସକାଳେ ୧୫ ଜଣ ଟ୍ରେନ ଯୋଗେ କଲିକତା ଯିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହି ଅବସରରେ ଜିଲ୍ଲାପାଳ, ଜିଲ୍ଲାକର୍ମ ନିଯୋଜନ ଅଧିକାରୀ, ସିଡିଓ ବେଣୁଧର ଶବର, ଅତିରିକ୍ତ ଜିଲାପାଳ ତପନ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନିଶା ନୁହେଁ ଜୀବନ କାର୍ଯ୍ୟକ୍ରମ

ଚିକିଟି, (ଭାସ୍କର ନ୍ୟୁଜ୍) : ଦିନକୁ ଦିନ ରାଜ୍ୟରେ ନିଶା ଦ୍ରବ୍ୟର ବହୁଳ ବ୍ୟବହାର ହୋଇ ଆସୁଅଛି। ଏହି ନିଶାସେବନ କିଛିକାଂସରେ ସମ୍ଭ୍ରାନ୍ତ ଶ୍ରେଣୀରେ ସୀମିତ ଥିବା ବେଳେ ଗରିବ, ଖଟିଖିଆ ମାନେ ଅଧିକରୁ ଅଧିକ କ୍ଷତିଗ୍ରସ୍ତ ହୋଇଆସୁଛନ୍ତି। ସାଧାରଣତଃ ଆଜିର ଯୁବସମାଜକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେଇଛି। ଉକ୍ତ ନିଶା ସେବନ ଦ୍ୱାରା ଅନେକ ପରିବାର ନିଜର ସର୍ବସ୍ୱ ହରାଇ ମୁଖ୍ୟରାସ୍ତାରେ ବିକୃତ ମସ୍ତିକ ହୋଇ ବିଚରଣ କରୁଥିବା ମଧ୍ୟଦେଖିବାକୁ ମିଳୁଛି। ଉକ୍ତ ବିଷୟକୁ ରାଜ୍ୟ ସରକାର ଗୁରୁତର ଭାବରେ ଚିନ୍ତାକରିଛନ୍ତି। ବଜାରରେ, ଜଙ୍ଗଲରେ, ଗାଁଗାଁରେ ବିକାହେଉଥିବା ଅପମିଶ୍ରିତ ମଦକୁ ବର୍ଜନ କରିବା ସକାଶେ ଏକ କାର୍ଯ୍ୟକ୍ରମ ମାନନୀୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଚାଲି ଆସୁଛି। ଏହି କାର୍ଯ୍ୟକ୍ରମ ମେ ୩୧-ଠାରୁ ଜୁନ ୨୬ ପର୍ଯ୍ୟନ୍ତ ଚାଲୁ ରହି ବିଭିନ୍ନ ଲୋକ ନାଟକ ମାଧ୍ୟମରେ ଲୋକଙ୍କ ଆଗରେ ସଚେତନା କରାଯିବା ସହ ମଦର ଡାକରାର ଅପକାର ବିଷୟରେ ମଧ୍ୟ ପ୍ରଚାର କରିବା ମୁଖ୍ୟ ଲକ୍ଷ। ଗତକାଲି ଚିକିଟି ଅବକାରୀ ଥାନା ଇଲାକାରେ ଅବକାରୀ ନିରୀକ୍ଷକ ସଞ୍ଜୟ ପଣ୍ଡା, ଉପନିରୀକ୍ଷକ ସଞ୍ଜୟ କୁମାର ଭୁକ୍ତା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପାଲା ମାଧ୍ୟମରେ ସଚେତନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବକାରୀ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ।

## ଆଦର୍ଶ ବିଦ୍ୟାଳୟ ଯୋଜନାରେ ଆଉ ୧୧ ବିଦ୍ୟାଳୟ ସାମିଲ



ଡେରାବିଶ, (ଭାସ୍କର ନ୍ୟୁଜ୍) : ସରକାର ଶିକ୍ଷା ବିଭାଗରେ ନବକଳେବର ଆରମ୍ଭ କରିଛନ୍ତି। ବିଦ୍ୟାଳୟରେ ଶିକ୍ଷକର ଅଭାବ ପୁରଣ ପାଇଁ ପଦକ୍ଷେପ ନେଉଛନ୍ତି। ଭିତିଭୂମିରେ ବ୍ୟାପକ ସୁଧାର ଆଣିବା ପାଇଁ ଏକ ନୂଆ ଯୋଜନା ମଧ୍ୟ ଆରମ୍ଭ ହୋଇଛି। ଏହି କ୍ରମରେ ଡେରାବିଶ ବ୍ଲକର ୨୬ ଗୋଟି ପଂଚାୟତ ମଧ୍ୟରୁ ୧୧ ଗୋଟି ବିଦ୍ୟାଳୟକୁ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ସାମିଲ କରାଯିବ ବୋଲି ପ୍ରସ୍ତାବ ଦିଆଯାଇଛି। ନହଙ୍ଗର ଯୁଗଜ୍ୟୋତି ୟୁପିଏସ୍, ଏଣ୍ଡରର ୱେଷ୍ଟ ଶ୍ୟାମସୁନ୍ଦରପୁର ୟୁପିଏସ୍, ନରସିଂହପୁର ପଂଚାୟତ ଅନ୍ତର୍ଗତ ନରସିଂହପୁର ୟୁଜିୟୁପି, ଲକ୍ଷ୍ମୀନାରାୟଣପୁର ପଂଚାୟତ ଅନ୍ତର୍ଗତ ବୁଢ଼ିଜାଗୁଳାଇ ୟୁପି, ଗୁଆଳସିଂ ସ୍ଥିତ ଠାକୁରପାଟଣା ୟୁଜିୟୁପି, ବେଣିପୁରର ବେଣିପୁର ୟୁପିଏସ୍, ଇନ୍ଦାଳୋର ପଂଚାୟତ ୟୁପିଏସ୍ ନାନକାର, ଖମୋଳ ସ୍ଥିତ ଫଗୋଳ ଜହ୍ନିମୂଳ ୟୁପିଏସ୍, ପଲେଇ ପଂଚାୟତର ପଲେଇ ପ୍ରୋଜେକ୍ଟ ୟୁପିଏସ୍, ଚାଟରାଚକଡ଼ା ପଂଚାୟତର ବାସନ୍ତି ନୋଡାଲ ୟୁପିଏସ୍ ଓ ମୁକୁନ୍ଦପୁର ପଂଚାୟତ ଅନ୍ତର୍ଗତ ମୁକୁନ୍ଦପୁର ୟୁଜିୟୁପି ସ୍କୁଲକୁ ଏହି ଯୋଜନାରେ ଅର୍ନ୍ତଭୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି।

## ମାଓ ସଂଗଠନର ଛତିଶଗଡ଼ ବସ୍ତର ଜିଲ୍ଲା ବନ୍ଦ ଡାକରା

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ବସ୍ତର ଜିଲ୍ଲାରେ ମାଓ ସଂଗଠନ ଦ୍ୱାରା ବନ୍ଦ ଡାକରା ଦିଆଯାଇଛି। ଗତ ୪୦ ବର୍ଷ ଧରି ବସ୍ତର ଜିଲ୍ଲାରେ ମାଓ ସଂଗଠନ ସକ୍ରୀୟ ହୋଇଥିବା ବେଳେ ଏବେ ବସ୍ତର ବନ୍ଦ ଡାକରାକୁ ଆହ୍ୱାନ ଦିଆଯାଇଛି। ମୁଖ୍ୟତଃ ମାଓ ସଂଗଠନର କେନ୍ଦ୍ରୀୟ ସଦସ୍ୟ ବସବରାଜୁ ଓ ଅନ୍ୟାନ୍ୟ ବରିଷ୍ଠ ମାଓ ନେତାଙ୍କ ଇତିମଧ୍ୟରେ ଗୁଳି ବିନିମୟରେ ମୃତ୍ୟୁ ହୋଇଥିବାରୁ ଏହି ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ଡାକରା ମାଧ୍ୟମରେ ମାଓବାଦୀ ମାନେ ପ୍ରତି ସ୍ଥାନରେ କ୍ୟାମ୍ପ କରି ରହିଥିବା ସୁରକ୍ଷାକର୍ମୀଙ୍କୁ ବିରୋଧ କରିଥିବା ଜଣାପଡ଼ିଛି। ଏହି କାରଣରୁ ବସ୍ତର ଅଞ୍ଚଳରେ ୭ଟି ଜିଲ୍ଲାରେ ପୋଲିସକୁ ମୁତୟନ କରାଯାଇଛି। ବସ୍ତର ଆଇଜି ସୁନ୍ଦରରାଜ, ପି ପ୍ରକାଶ କରିଛନ୍ତି ଯେ, ମେ ୨୧ ତାରିଖରେ ଅବୁଝମାଡ ଜଙ୍ଗଲରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଘଟିଥିବା ଗୁଳି ବିନିମୟରେ ମାଓ ସଂଗଠନର କେନ୍ଦ୍ରୀୟ ସଦସ୍ୟ ବସବରାଜୁ ନିହତ ହୋଇଥିଲେ। ଏଥିସହ ଇତି ମଧ୍ୟରେ କେନ୍ଦ୍ରୀୟ କମିଟି ସଦସ୍ୟ ଓ ରାଜ୍ୟସ୍ତରର ଅନ୍ୟ ନେତାମାନଙ୍କ ମଧ୍ୟ ମୃତ୍ୟୁ ଘଟିଛି। ତେଣୁ ଏହାକୁ ବିରୋଧ କରି ମାଓବାଦୀ ମାନେ ପୋଲିସକୁ କ୍ଷତି ପହଞ୍ଚାଇବା ପାଇଁ ଚେଷ୍ଟା କରୁଛନ୍ତି ଏଥିସହ ପୋଲିସ ଦଳକୁ କ୍ଷତି ପହଞ୍ଚାଇବା ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ମାଓ ସଂଗଠନର ବରିଷ୍ଠ ନେତାଙ୍କ ମୃତ୍ୟୁରେ ଅତିଷ୍ଠ ହୋଇ ମାଓବାଦୀ ମାନେ ୧୦ ତାରିଖ ବସ୍ତର ବନ୍ଦର ଆହ୍ୱାନ ଦେଇଛନ୍ତି ଓ ଏହି ଉପଲକ୍ଷେ ମାଓବାଦୀ ଜନତା, ସରକାର ଓ ପୁଲିସକୁ କ୍ଷତି ପହଞ୍ଚାଇବା ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ଏପରି ଅପ୍ରୀତିକର ଘଟଣାକୁ ରୋକିବା ପାଇଁ ବସ୍ତର ଅଞ୍ଚଳରେ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯିବା ସହ ସମସ୍ତ ସୁରକ୍ଷା କର୍ମୀ ସଜାଗ ରହିଛନ୍ତି। ଅନ୍ୟ ପକ୍ଷରେ ଗତକାଲି ଜୁନ୍ ୯ ତାରିଖରେ କୌଣ୍ଟା ଅଞ୍ଚଳର ଡୋଣ୍ଡ୍ରା ଠାରେ ମାଓବାଦୀ ମାନେ ଏକ ଆଇଇଡି ଫୋଡି ଦେଇଥିଲେ। ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନରେ ଯାଇଥିବା ବେଳେ ପ୍ରେସରେ ଆଇଇଡି ବିସ୍ଫୋରଣରେ ଆସି ଏଏସପି ପ୍ରକାଶ ରାଓ ସହିଦ ହୋଇଥିଲେ। ଆଇଜି ସୁନ୍ଦରରାଜ.ପି ଏହି ଘଟଣା ପରେ ପ୍ରକାଶ କରିଛନ୍ତି ଯେ, ପୋଲିସ ପଛକୁ ହଟିବ ନାହିଁ। ୧୦ ଜୁନ୍‌କୁ ବନ୍ଦ ଓ ଆଗାମୀ ଦିନରେ ମାଓବାଦୀଙ୍କ ସମସ୍ତ ଷଡ଼ଯନ୍ତ୍ରକୁ ନାକଚ କରିବା ପାଇଁ ସମସ୍ତ ପୋଲିସ ଅଧିକାରୀ ଓ ଯବାନ ମାନେ ପ୍ରସ୍ତୁତ ଅଛନ୍ତି।

## ଇଟାଲୀ ବଜାରରେ ତେଲକୋଇ ଆମ୍ରପଲ୍ଲୀ ଆମ୍ବ




କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା ଆମ୍ବ ଚାଷରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ଜିଲ୍ଲାର ତେଲକୋଇ ଅଞ୍ଚଳରେ ଉତ୍ପାଦନ ହେଉଥିବା ଆମ୍ବର ଚାହିଦା ସମଗ୍ର ଦେଶରେ ରହିଛି। ଏବେ ବିଦେଶରେ ମଧ୍ୟ ଏହି ଆମ୍ବର ଚାହିଦା ରହିଥିବା ବେଳେ ସୁଦୂର ଇଟାଲୀକୁ ତେଲକୋଇରୁ ଆମ୍ବ ପଠାଯାଉଛି। ପ୍ରଥମଥର ପାଇଁ ଇଟାଲୀକୁ ଆମ୍ବ ରପ୍ତାନି ହୋଇଥିବାରୁ କେନ୍ଦୁଝର ଜିଲ୍ଲାର ଆମ୍ବ ଚାଷୀ ଉତ୍ସାହିତ ହୋଇପଡିଛନ୍ତି। ଜିଲ୍ଲାର ତେଲକୋଇ ଅଞ୍ଚଳର ଆମ୍ବ ଚାଷୀ ଜାନକୀ ପ୍ରଧାନ, ମହେଶ୍ୱର ପ୍ରଧାନ, ଯଶୋଦା ପ୍ରଧାନ, ପ୍ରଧାନନ ସାହୁଙ୍କ ବଗିଚାରୁ ଉନ୍ନତ ମାନର ଆମ୍ରପାଲ୍ଲୀ ଆମ୍ବ ଚଳିତବର୍ଷ ଇଟାଲୀର ଖାଉଟି ବଜାର ଦଖଲ ଅଭିଯାନ ଆରମ୍ଭ କରିଛି। ସୋମବାର ପ୍ରଥମ ପର୍ଯ୍ୟାୟରେ ଦୁଇଟନ ଆମ୍ବକୁ କିଜିସେସ ମ୍ୟାନେଜର ଗାୟତ୍ରୀ ପରିଡା, ସ୍କିଲ ମ୍ୟାନେଜର ଲକ୍ଷ୍ମୀଧର ମିଶ୍ର ପ୍ରକଳ୍ପ ନିର୍ବାହୀ ଚନ୍ଦ୍ରଶେଖର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିଧାସଳଖ ଆମ୍ବ ବଗିଚାରୁ ଉନ୍ନତ ମାନର ପ୍ୟାକ କରାଯାଇ ଏଗ୍ରିକଲଚରାଲ ଆଣ୍ଡ ପ୍ରୋସେସଡ଼ ଫୁଡ ପ୍ରଡକ୍ଟସ ଏକ୍ସପର୍ଟ ଡେଭଲପମେଣ୍ଟ ଅଥରିଟି କଲକାତା ଦ୍ୱାରା ମେସର୍ସ ଜୟ ଜଗନ୍ନାଥ ଏଣ୍ଟର ପ୍ରାଇଜେସ, ଦୁତା ପୁକୁର, ପଶ୍ଚିମବଙ୍ଗ ସହଯୋଗରେ ବିମାନଯୋଗେ ଇଟାଲୀ ପଠାଯାଇଛି। ଚାଷୀଙ୍କୁ ଆମ୍ବ କେଜି ପିଛା ଚାଳିଶ ଟଙ୍କା ପ୍ରଦାନ କରାଯାଇଛି। ଜିଲ୍ଲାପାଳ ବିଶାଳ ସିଂହ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ କୁମାର ନାଗଭୂଷଣ, ଓରମାସ ଯୁଗ୍ମ କାର୍ଯ୍ୟନିର୍ବାହୀ ସପନ ଗୋସ୍ୱାମୀ, ପ୍ରମୁଖ ଚାଷୀଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ପ୍ରତିବର୍ଷ ପରି ଚଳିତ ଆମ୍ବ ବଜାରରେ ଆଠ ଟନରୁ ଉର୍ଦ୍ଧ୍ୱ ଆମ୍ବ ସୁଲଭ ମୂଲ୍ୟରେ ଜିଲ୍ଲାର ଗ୍ରାହକ ମାନଙ୍କୁ ଯୋଗାଇ ଦିଆଯାଇଛି। ଓରମାସ ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନ ସହଯୋଗରେ କାଞ୍ଜିପାଣି ଫାର୍ମସ ପ୍ରଡ୍ୟୁସର କମ୍ପାନୀ ତେଲକୋଇ ଦ୍ୱାରା ୧୦କେ ଏଫପିଓ ସ୍କିମ ସହିତ ଓରମାସର କ୍ଲଷ୍ଟର ବେସ୍ଡ଼ ବିଜିନେସ ଅର୍ଗାନାଇଜେସନ ଦ୍ୱାରା ଏହି ଇଟାଲୀର ଖାଉଟି ବଜାର ଦଖଲ ଉଦ୍ୟମ ଜିଲ୍ଲାର ଚାଷୀ ମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି।

## ସ୍ନାନ ମଣ୍ଡପରେ ଦର୍ଶନ ଦେଲେ ଶ୍ରୀଜିଉ



ବାଲିମେଳା, (ଭାସ୍କର ନ୍ୟୁଜ୍) : ବୁଧବାର ଥିଲା ଶ୍ରୀଜୀଉଙ୍କ ସ୍ନାନ ଉତ୍ସବ। ଏହାକୁ ନେଇ ଆଦିବାସୀ ଅଧୁଷିତ ମାଲକାନଗିରି ଜିଲ୍ଲାର ବାଲିମେଳା ସହର ଉତ୍ସବ ମୁଖର ହୋଇ ଉଠିଥିଲା। ମାଲକାନଗିରି ଜିଲ୍ଲା ବାଲିମେଳା ସହରସ୍ଥିତ ଜଗନ୍ନାଥ ମନ୍ଦିରରେ ବୁଧବାର ବିଧି ଅନୁଯାୟୀ ଶ୍ରୀଜିଉଙ୍କ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ପ୍ରାତଃରୁ ଠାକୁରଙ୍କ ମଙ୍ଗଳଆଳତି, ଅବକାଶ ସହ ଅନ୍ୟାନ୍ୟ ସମସ୍ତ ନୀତି ପୂଜକ ମୃତ୍ୟୁଞ୍ଜୟ ଦାସ, ଶୁଭାଶିଷ କର, ସନ୍ତୋଷ କୁମାର ଆଚାର୍ଯ୍ୟ, ବ୍ରଜ କିଶୋର ତ୍ରିପାଠୀ, ପ୍ରମୋଦ ଦାସ, ନିର୍ମଳ ନନ୍ଦ, ନିକୁଞ୍ଜ ପାଳଙ୍କ ସମେତ ଅନ୍ୟ ପୂଜକ ମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ଏହା ପରେ ଚଳିତ ବର୍ଷ ରଥଯାତ୍ରାର ରାଜା ତଥା ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ରର ବରିଷ୍ଠ ସାଧାରଣ ପରିଚାଳନା ଦିଲୀପ କୁମାର ସ୍ୱାଇଁଙ୍କୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବିଧି ଅନୁଯାୟୀ ନିମନ୍ତ୍ରଣ କରାଯାଇଥିଲା। ରାଜା ଶ୍ରୀ ସ୍ୱାଇଁ ମନ୍ଦିରରେ ପୂର୍ବାହ୍ନ ୯ ଟାରେ ପହଁଞ୍ଚିବା ପରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ସୁଦର୍ଶନଙ୍କ ପହଣ୍ଡି ନୀତି ଆରମ୍ଭ ହୋଇଥିଲା। ପୂଜା ପଣ୍ଡାମାନେ ଠାକୁରଙ୍କୁ ସଂକୀର୍ତ୍ତନ ଓ ଭକ୍ତ ମାନଙ୍କର ହୁଳହୁଳି ଏବଂ ହରିବୋଲର ତାଳେତାଳେ ପହଣ୍ଡି କରି ସ୍ନାନ ମଣ୍ଡପରେ ବିଜେ କରାଇଥିଲେ। ୧୦୮ ଗରା ସୁବାସିତ ଜଳରେ ତିନି ଠାକୁରଙ୍କୁ ସ୍ନାନ କରାଯାଇଥିଲା। ଏହି ଅବସରରେ ଶ୍ରୀଜୀଉ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସେଠାରେ ଭୋଗ ଓ ଅନ୍ୟ ସମସ୍ତ ନୀତି ସମ୍ପନ୍ନ ହେବା ପରେ ଅପାରହ୍ନ ପ୍ରାୟ ୫ ଟା ସମୟରେ ଅଣସର ପିଣ୍ଡିକୁ ତିନି ଠାକୁରଙ୍କୁ ପହଣ୍ଡି କରି ଅଣାଯାଇଛି। ଏସଜିଏମ ଦିଲ୍ଲୀପ କୁମାର ସ୍ୱାଇଁ ରାଜା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଉତ୍ସବରେ ମନ୍ଦିରର ଟ୍ରଷ୍ଟି ଦିଲୀପ କୁମାର ବେପାରୀ, ନଗରପାଳ ପ୍ରଦୀପ କୁମାର ନାୟକ, ରଥଯାତ୍ରା କମିଟିର ସମ୍ପାଦକ ବିଜୟ କୁମାର ରାଉତ, ଯୁଗ୍ମ କୋଷାଧକ୍ଷ ପୂର୍ଣଚନ୍ଦ୍ର ଗୌଡ଼, ଅକ୍ଷୟ ବିଶ୍ୱାଳ, ନିମାଇଁ ଚରଣ ସ୍ୱାଇଁ, ଶୀତଲ କୁମାର ଚର୍ଚ୍ଚି, ସତ୍ୟଜିତ ଜେନାଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସ୍ନାନ ପୂର୍ଣ୍ଣିମା ଉତ୍ସବକୁ ସୁଚାରୁରୂପେ ପରିଚାଳନା କରିଥିଲେ।



ଖଇରପୁଟ, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋବିନ୍ଦପାଲ୍ଲୀ ଗୋବିନ୍ଦ ଶ୍ରୀକ୍ଷେତ୍ରରେ ଦେବସ୍ନାନ ପୂର୍ଣ୍ଣିମା ରୀତିନୀତି ଅନୁସାରେ ପାଳିତ ହୋଇଯାଇଛି। ସକାଳୁ ମନ୍ଦିର ପୁରୋହିତଙ୍କ ଦ୍ୱାରା ହୋମ ଯଜ୍ଞ କରାଯାଇ ତିନି ଠାକୁରଙ୍କ ପାଖରେ ଭୋଗ କରାଯାଇଥିଲା ପରେ ମନ୍ଦିର ପୂଜକ ମାନେ ତିନି ଠାକୁରଙ୍କୁ ସ୍ନାନମଣ୍ଡପକୁ ଆଣିଥିଲେ। ଏବଂ ସ୍ନାନ ମଣ୍ଡପରେ ରୀତିନୀତି ଅନୁସାରେ ଠାକୁରଙ୍କୁ ସ୍ନାନ କରାଯାଇଥିଲା। ପରେ ତିନି ଠାକୁରଙ୍କୁ ଅଣସର ଘରେ ରଖାଯାଇଥିଲା। ଏହି ଉତ୍ସବରେ ପ୍ରାୟ ୫ଶହ ଲୋକ ଯୋଗ ଦେଇଥିବା ବେଳେ ସମସ୍ତ ଭକ୍ତଙ୍କ ପାଇଁ ମନ୍ଦିର ଟ୍ରଷ୍ଟ ତରଫରୁ ମାଗଣା ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟି ସଭାପତି କିଶୋର ଚନ୍ଦ୍ର ରଥ, ଗୁପ୍ତେଶ୍ୱର ବ୍ରହ୍ମଣ୍ଡା, ସମ୍ପାଦକ ମହେନ୍ଦ୍ର ପାଣିଗ୍ରାହୀ, ସହସମ୍ପାଦକ ମଣ୍ଟୁ ଜେନା, କୋଷାଧକ୍ଷ ଏ ଭାସ୍କର ରାଓଙ୍କ ସହ ଗ୍ରାମର ବିନୋଦ ହୋତା, ପୂଜକ ଗୌରୀ ତ୍ରିପାଠୀ ପୂଜକ ରୋହନ ପାଣିଗ୍ରାହୀ, ଲିଟିଲ ପାଢ଼ୀ, ପପୁ ସାହୁ, ଗୁଡୁ ମହାପାତ୍ର, ଶାନ୍ତନୁ ଭୁକ୍ତା, ରଞ୍ଜନ ଆଚାର୍ଯ୍ୟ, ବିନୁ ରଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସମ୍ପାଦନ କରିଥିଲେ।

## ରାଜ୍ୟସ୍ତରୀୟ ମହାବିନାୟକ ସାହିତ୍ୟ ଉତ୍ସବ

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍) : ଯାଜପୁର ଜିଲ୍ଲା ଧର୍ମଶାଳା ଅଞ୍ଚଳରୁ ପଚିଶ ବର୍ଷ ଧରି ପ୍ରକାଶ ପାଉଥିବା ରାଜ୍ୟର ଅଗ୍ରଣୀ ସାହିତ୍ୟ ପତ୍ରିକା ଆନୁକୂଲ୍ୟରେ ଆସନ୍ତା ଜୁନ ୨୨ ତାରିଖରେ ଚଣ୍ଡିଖୋଲ ବିଜୁ କଲ୍ୟାଣ ମଣ୍ଡପ ଠାରେ ସପ୍ତମ ବାର୍ଷିକ ରାଜ୍ୟସ୍ତରୀୟ ମହାବିନାୟକ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥି, ସାରଳା ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଔପନ୍ୟାସିକ ଭୀମ ପୃଷ୍ଟି ମୁଖ୍ୟବକ୍ତା, ବିଶିଷ୍ଟ ଗାଳ୍ପିକ ଗିରୀଶ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ପୂର୍ବାହ୍ନ ଦଶଟା ସମୟରେ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଗପ ଓ ଗୀତର ଯୁଗଳବନ୍ଦୀ କାର୍ଯକ୍ରମରେ ଯୁବ ଗାଳ୍ପିକ ତଥା ବାଲେଶ୍ୱର ସମ୍ବାଦ ସଂସ୍କରଣ ମୁଖ୍ୟ ଚିତ୍ତରଞ୍ଜନ ଚିରଞ୍ଜିତ୍ ଅତିଥି ଭାବେ ଯୋଗଦେବେ। ଏହି ଅବସରରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସର୍ବଶ୍ରୀ ଅମରେଶ ବିଶ୍ୱାଳ, ଭୀମ ପୃଷ୍ଟି, ଦେବବ୍ରତ ଦାସ, କ୍ଷିରୋଦ ବିହାରୀ ବିଶ୍ୱାଳ, ପ୍ରଜ୍ଞା ପ୍ରବର୍ତ୍ତିକା ଦାସ ଗିରୀଶ ଚନ୍ଦ୍ର ସାହୁ, ସସ୍ମିତା ମହାନ୍ତି, ଲୋପାମୁଦ୍ରା ମେକାପ, ସ୍ମୃତି ପଟ୍ଟନାୟକ, ନିରୁପମା ପତି, ମିରିନା ମହାନ୍ତି, ଅର୍ଜୁନ ପୃଷ୍ଟି, ଶରତ କୁମାର ସାହୁ, ଚିତ୍ତରଞ୍ଜନ ଚିରଞ୍ଜିତ୍, ରବି ପଣ୍ଡା, ଶଇଳେନ୍ଦ୍ର କୁମାର ଜେନା, ମାତୃଦତ୍ତ ମହାନ୍ତି, ପବିତ୍ର ପାଣିଗ୍ରାହୀଙ୍କ ସମେତ ଅଠର ଜଣ ନବୀନ ଓ ପ୍ରବୀଣ ଗାଳ୍ପିକ ଯୋଗ ଦେଇ ସ୍ୱରଚିତ ଗଳ୍ପ ପାଠ କରିବେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଶିକ୍ଷାବିତ୍ ଡକ୍ଟର କୃଷ୍ଣ ଚନ୍ଦ୍ର ପାତ୍ର, ଗାଳ୍ପିକ ଅର୍ଜୁନ ପୃଷ୍ଟି, କବି ଶରତ ଚନ୍ଦ୍ର ପାତ୍ର, ଇଁ ବିଘ୍ନରାଜ ପୁରୋହିତ ଙ୍କୁ ସମ୍ମାନିତ କରାଯିବ। ଏଥି ସହ ଶ୍ରୀନିବାସ ଜେନା, ସୁଶାନ୍ତ କୁମାର ଜେନା, ଚିତ୍ତରଞ୍ଜନ ବଳ, ସତ୍ୟନାରାୟଣ ପାଳ, ଏମ୍‌ଏସ୍ ପାତ୍ର ଜୁଏଲାରିଙ୍କୁ ରୁରାଲ ବିଜିନେସ ଲିଡର ଭାବରେ ପତ୍ରିକା ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ ବୋଲି ପତ୍ରିକାର ସମ୍ପାଦକ ବିମଳ ପତି, ଅଭ୍ୟର୍ଥନା ସମିତି ସଭାପତି ସଞ୍ଜୟ କୁମାର ସ୍ୱାଇଁ ଏକ ପତ୍ରକାର ସମ୍ମିଳନୀରେ ଜଣାଇଛନ୍ତି।

## ଚଣ୍ଡିଖୋଲ ପ୍ରେସ କ୍ଲବର ସାଂଗଠନିକ ବୈଠକ

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ ପ୍ରେସ କ୍ଲବର ସାଂଗଠନିକ ବୈଠକ ସଭାପତି ବେଣୁଧର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦ ଦିଲୀପ କୁମାର ମହାନ୍ତି ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ ଏବଂ ଆଗାମୀ ଦିନରେ ପ୍ରେସ କ୍ଲବ କିପରି ଭାବେ ଆଗକୁ ଯାଇପାରିବ ସେ ବିଷୟରେ ଉପସ୍ଥିତ ସାମ୍ବାଦିକ ବନ୍ଧୁମାନଙ୍କ ସହ ଆଲୋଚନା କରିଥିଲେ। ସଭ୍ୟ ପଦ ନବୀକରଣ ପାଇଁ ମୁଖ୍ୟତଃ ବୈଠକରେ ସମସ୍ତ ସଭ୍ୟଙ୍କ ମତାମତ ନିଆଯାଇଥିଲା। ଶେଷରେ ସମସ୍ତ ସଭ୍ୟଙ୍କ ମତାମତ ନେବାପରେ ସମସ୍ତ ସଭ୍ୟମାନଙ୍କୁ ସାତ ଦିନ ସମୟ ଦିଆଗଲା ଯେଉଁମାନେ ସାତ ଦିନ ମଧ୍ୟରେ ସେମାନଙ୍କର ନବୀକରଣ ଦରଖାସ୍ତ ନ ଦେବେ ପରବର୍ତ୍ତୀ ବୈଠକରେ ସେମାନଙ୍କ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସଭାପତି ଶ୍ରୀ ପଣ୍ଡା କହିଥିଲେ।

## ମାଦକ ଦ୍ରବ୍ୟ ବିରୋଧରେ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମଙ୍ଗଳବାର ଦିନ ପଡିଆ ବ୍ଲକ୍ ଅନ୍ତର୍ଗତ ନିଲିଗୁଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅବକାରୀ ବିଭାଗ ତରଫରୁ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଟଙ୍କଧର ଭୋଇ ଅବକାରୀ ଉପ ଅଧିକ୍ଷକ ମାଲକାନଗିରି ସଭାପତିତ୍ୱ କରି ଜିଲ୍ଲାରେ ଚାଲିଥିବା ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ମାଦକ ଦ୍ରବ୍ୟ ବିରୋଧରେ ସଚେତନତା ଅଭିଯାନ ବିଷୟରେ ଆଲୋକପାତ କରିଥିଲେ ଏବଂ ଅପମିଶ୍ରିତ ମାଦକ ଦ୍ରବ୍ୟ ସେବନର ପରିଣାମ ବିଷୟରେ ଲୋକମାନଙ୍କୁ ଅବଗତ କରାଇବା ସହ ସଚେତନ ହେବାକୁ ଅନୁରୋଧ କରିଥିଲେ। ଅନ୍ୟତମ ଅତିଥି ଭାବରେ ପଡ଼ିଆ ଥାନାର ସବ୍ ଇନ୍ସପେକ୍ଟର ନିରୋଜ କୁମାର ବାଗ, ନିଲିଗୁଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚ ଦେବେ ମାଢ଼ି ଯୋଗ ଦେଇ ଅପମିଶ୍ରିତ ନିଶା ଦ୍ରବ୍ୟ ସେବନର ଭୟାବହତା ବିଷୟରେ ଲୋକମାନଙ୍କୁ ଅବଗତ କରିଥିଲେ ଓ ଅପମିଶ୍ରିତ ମାଦକ ଦ୍ରବ୍ୟ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କାଲିମେଳା ଅବକାରୀ ଥାନାର ସବ୍ ଇନ୍ସପେକ୍ଟର ଦୀପକ କୁମାର ସାମଲ, ଅବକାରୀ କନଷ୍ଟେବଳ ପ୍ରବୀଣ କୁମାର ସାହୁ, ସୁଜାତା ହିଆଲ ଓ ଅନ୍ୟାନ୍ୟ ପୋଲିସ କର୍ମଚାରୀ ମାନେ ମଧ୍ୟ ଉପସ୍ଥିତ ଥିଲେ। ପରିଶେଷରେ ମା ପଦ୍ମିନୀ ଲୋକ ସଚେତନ ଅନୁଷ୍ଠାନ ପଦ୍ମଗିରି ତରଫରୁ ଲୋକମାନଙ୍କୁ ସଚେତନ ବାର୍ତ୍ତା ଦେବା ପାଇଁ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।

## କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ




ଖଡ଼ିଆଳ, (ଭାସ୍କର ନ୍ୟୁଜ୍) :ନୂଆପଡ଼ା ଜିଲ୍ଲା ଖଡିଆଳ ଅଗ୍ରସେନ ଭବନ ଠାରେ ଖଡ଼ିଆଳ ନିର୍ବାଚନ ମଣ୍ଡଳସ୍ତରୀୟ ସମ୍ବିଧାନ ବଞ୍ଚାଅ ସମାବେଶ ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ କଂଗ୍ରେସ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଠାକୁରାଣୀ ମନ୍ଦିର ପରିସରରୁ ଏକ ବିଶାଳ ଶୋଭାଯାତ୍ରାରେ ମହିଳା କଂଗ୍ରେସ, ଛାତ୍ର କଂଗ୍ରେସ ଓ କଂଗ୍ରେସର ବରିଷ୍ଠ ନେତା, କର୍ମକର୍ତ୍ତା ବାହାରି କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଖଡିଆଳ ସହର ପରିକ୍ରମା ପରେ ଅଗ୍ରସେନ୍ ଧର୍ମଶାଳା ଠାରେ ସମ୍ବିଧାନ ବଞ୍ଚାଅ ସଭା ଆୟୋଜନ ହୋଇଥିଲା। ଜିଲ୍ଲା ସଭାପତି ସୁରେଶ ଆଜାଦ୍, ଜିଲ୍ଲା ସଂଯୋଜକ ଘାସିରାମ ମାଝୀ, ପର୍ଯ୍ୟବେକ୍ଷକ ମୁରଲୀ ଧର ନାଏକ, ଜିଲ୍ଲା ପରିଷଦ ସଭ୍ୟ ଭରତ ରାଉତ, ବରିଷ୍ଠ କଂଗ୍ରେସ କମିଟି ସଦସ୍ୟ ଫାରୁକ୍ ମହମ୍ମଦ, ଆଲୋକ ଗୁରୁ, ଅଭୟ ଯୋଶୀ, ରାଜ୍ୟ ଯୁବ କଂଗ୍ରେସ୍ କାର୍ଯ୍ୟକାରୀ ସଭାପତି ଗଣେଶ ରାମ ସାହୁ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଅମିତ୍ ଅହିର, ବିରଞ୍ଚି ବାଗ ସହ ଜିଲ୍ଲା ଯୁବ କଂଗ୍ରେସ ବହୁ କର୍ମୀ, ନେତା, ମହିଳା ମାନେ ଯୋଗ ଦେଇଥିଲେ। ଏହି ସଭାରେ କେନ୍ଦ୍ର ସରକାରଙ୍କ ଏଗାର ବର୍ଷ ଓ ରାଜ୍ୟ ସରକାରଙ୍କ ଏକ ବର୍ଷ ବିଫଳତାର ଶାସନ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସମାବେଶରେ ଖଡ଼ିଆଳ ନିର୍ବାଚନ ମଣ୍ଡଳୀର ଶତାଧିକ ବିଜେଡି କର୍ମୀ କଂଗ୍ରେସରେ ମିଶିଥିଲେ। ଶେଷରେ କିରନ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ।

## ରଜ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଯଅଁରାବାରିମୂଳ ପଂଚାୟତ ଅନ୍ତର୍ଗତ ଅର୍ତାମୂଳ ସ୍ଥିତ ଜେନାମଣି ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ରଜ ମହୋତ୍ସବର ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅର୍ତାମୂଳ ରଜ ମହୋତ୍ସବ କମିଟି ଦ୍ୱାରା ଆୟୋଜିତ ଏହି ନବମ ବାର୍ଷିକ ମହୋତ୍ସବର ପ୍ରସ୍ତୁତି ବୈଠକରେ ସମସ୍ତ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ଏହି ବୈଠକରେ ମହୋତ୍ସବକୁ ପୂର୍ବବର୍ଷ ମାନଙ୍କ ଠାରୁ ଚଳିତବର୍ଷ ଅଧିକ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଯାଇଥିଲା। ଚଳିତବର୍ଷ ଦୋଳିର ସଂଖ୍ୟା ବଢ଼ାଇବା ସହ ଛୋଟପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଦୋଳି ଲଗାଇବା ପାଇଁ ନିଷ୍ପତି ନିଆଯାଇଥିଲା। ପ୍ରତିବର୍ଷ ଭଳି ରଜର ପାନ ଏବଂ ପିଠା ପ୍ରତିଯୋଗିତା କରାଯିବା ସହିତ କିଶୋରମାନଙ୍କ ଦ୍ୱାରା ପୁଚି, ମ୍ୟୁଜିକ୍ ଚେୟାର, ସଙ୍ଗୀତ ଅଦି ପ୍ରତିଯୋଗିତା କରାଯିବ ବୋଲି ସ୍ଥିର କରାଯାଇଥିଲା। ଏଥିସହ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯିବାକୁ ସ୍ଥିର କରାଯାଇଥିଲା।

## ୧୨ରୁ କୋରାପୁଟରେ ଜିଲ୍ଲାସ୍ତରୀୟ ବିକାଶ ମେଳା

## ୫୦୦ ଆଦିବାସୀ ଗ୍ରାମରେ ହେବ ବିଭିନ୍ନ ସଚେତନତା

କୋରାପୁଟ, (ଭାସ୍କର ନ୍ୟୁଜ୍) : ଆସନ୍ତା ୧୨ ତାରିଖ ଗୁରୁବାର ଠାରୁ କୋରାପୁଟ ପୋଲିସ ପଡିଆଠାରେ ଆରମ୍ଭ ହେବ ଜିଲାସ୍ତରୀୟ ବିକାଶ ମେଳା। ୧୨ ରୁ ୧୮ ତାରିଖ ୭ଦିନଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଜରିଆରେ ବିକଶିତ ଓଡିଶା ଓ ବିକଶିତ କୋରାପୁଟ ଜିଲ୍ଲା ଲକ୍ଷ ନେଇ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ସୂଚନା ଦେଇଛନ୍ତି। କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ମିଳନୀରେ ଜିଲ୍ଲାପାଳ ଜଣାଇଛନ୍ତି ଯେ ଚଳିତ ମାସ ୧୨ ତାରିଖ ଠାରୁ ୧୮ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ପୋଲିସ ପଡିଆ ଠାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନ ପହଞ୍ଚାଇବା ସହ ଯୋଜନାର ସଫଳତା ନେଇ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶନୀ କରାଯିବ। ଏହି ଦିନ ଗୁଡିକରେ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମକୁ ବିଭାଗୀୟ ଅଧିକାରୀ ମାନେ ଉପସ୍ଥାପନା କରିବେ। ବିଶେଷ କରି ସୁଭଦ୍ରା ଯୋଜନାରେ ସାମିଲ ହୋଇଥିବା ସୁଭଦ୍ରାମାନେ ସେମାନଙ୍କ ପାରମ୍ପରିକ ଖାଦ୍ୟ ମେଳା ସହ ପଲିଶ୍ରୀ ମେଳା, ଖେଳ ପ୍ରେମୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ପର୍ଯ୍ୟଟନର ବିକାଶ କାର୍ଯ୍ୟକ୍ରମ, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ବୃକ୍ଷରୋପଣ କାର୍ଯ୍ୟକ୍ରମ, ବିଦ୍ୟାଳୟ ଗୁଡିକର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏଥିରେ ସାମିଲ କରାଯିବା ସହ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ସେହିଭଳି ବିକଶିତ ଓଡିଶା ଓ ବିକଶିତ ଭାରତ ପାଇଁ ୨୦୩୬ ଓ ୨୦୪୭ ପାଇଁ ବିକାଶର ଲକ୍ଷ ଏବଂ ଏଥିନେଇ ସମସ୍ତଙ୍କ ମତାମତକୁ ଅଧାର କରି ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ, ଧରିତ୍ରୀ ଅବା ଜନଜାତି ବିକାଶରେ ଜିଲାର ୫ ସହ ଗ୍ରାମ ଚିହ୍ନଟ ହୋଇଥିବାରୁ ଏହି ଗ୍ରାମ ରେ କିପରି ବିକାଶର ଚିହ୍ନ ପହଞ୍ଚିବ, ପଞ୍ଚାୟତରୁ ପ୍ରତି ଗ୍ରାମ ରେ ବିକାଶ ପହଞ୍ଚାଇ ଆଦିବାସୀଙ୍କ ବିକାଶକୁ ତ୍ୱରାନ୍ୱିତ କରିବାରେ ସମସ୍ତଙ୍କ ଭୂମିକା ପାଇଁ ଜିଲାପାଳ ନିବେଦନ କରିଛନ୍ତି, ଏହା ମାଧ୍ୟମରେ ଜେ କୌଣସି ବ୍ୟକ୍ତିଙ୍କ ଅଟକି ଥିବା କାର୍ଯ୍ୟ ଯଥା ଅଧାର ସମ୍ପର୍କିତ ସମସ୍ୟା, ଜାତିଗତ ପ୍ରମାଣ ପତ୍ର, ରେସନ କାର୍ଡ, ବସୁନ୍ଧରା ଯୋଜନା ଆଦି ଯେକୌଣସି ଅଟକି ଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ବିଭାଗ ଅଧିକାରୀ ମାନେ ଗ୍ରାମାଞ୍ଚଳରେ ପହଞ୍ଚି ହିତାଧିକାରୀଙ୍କ ଦରଖାସ୍ତ ଗ୍ରହଣ କରିବା କାର୍ଯ୍ୟକ୍ରମ ରହିଥିବା ପ୍ରକାଶ କରିଛନ୍ତି। ସପ୍ତାହ ବ୍ୟାପି ଚାଲିବା ଏହି କାର୍ଯ୍ୟ କ୍ରମରେ ସମସ୍ତଙ୍କ ସହଯୋଗ ରହିବା ପାଇଁ ଜିଲାପାଳ ଶ୍ରୀ ଭାସନ ନିବେଦନ କରିଛନ୍ତି, ଏହି ସମ୍ମିଳନୀରେ ଆଇଏଏସ ପ୍ରୋବେଶନର ସନ୍ତୋଷ କୁମାର ପାତ୍ର, ଅତିରିକ୍ତ ଜିଲାପାଳ ତପନ କୁମାର ନାୟକ, ସିଡିଓ ବେଣୁଧର ଶବର ପ୍ରମୁଖ ଉପସ୍ଥିତ ଥିଲେ।

## ଆବାସ କିସ୍ତି ଉଠାଇ ଠିକାଦାର ଛୁ: ହିତାଧିକାରୀ ଗଣୁଛି ଦିନ

- ଜରିପାଲ ତଳେ ସୂର୍ଯ୍ୟଙ୍କ ପରିବାର
- ୨୦୨୧ର କାର୍ଯ୍ୟାଦେଶ, ୪ବର୍ଷ ହେଲାଣି ସରୁନି



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ ୨୦୨୧ ମସିହାରେ କାର୍ଯ୍ୟାଦେଶ ହୋଇଛି। ମାତ୍ର ଘର କାମ ସଂମ୍ପୂର୍ଣ୍ଣ ନକରି ଠିକାଦର ସମସ୍ତ କିସ୍ତି ଉଠାଣ କରିଛୁ ମାରିଛି। ଏପରି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝରଗଡ ପୌରପାଳିକା ୧ୱାର୍ଡ ସୁଲେଇଖମାର ଗାଁରେ। ସୂର୍ଯ୍ୟ ମୁଣ୍ଡା ଅତି ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ମିଳିଥିଲା। ତେବେ ସେ ଘର ନିର୍ମାଣ କରିବାକୁ ଅସମର୍ଥ ଥିବା ଯୋଗୁଁ ସ୍ଥାନୀୟ ଠିକାଦାରଙ୍କୁ ଦିଆଯାଇଛି। ପ୍ରଥମେ ମାଟିତଳୁ ପ୍ଲିଟମେଣ୍ଟ କାମ ଆରମ୍ଭ କରି ଛାତ ଲେବୁଲ ପର୍ଯ୍ୟନ୍ତ ଘର କାମ ସାରି ଦେଇଛି। ତାପରେ ଅସପୂର୍ଣ୍ଣ କରି ଠିକାଦାର ଚାଲିଯାଇଛି। ସୂର୍ଯ୍ୟ ମୁଣ୍ଡାଙ୍କ ବ୍ୟାଙ୍କ ପାସବହି ନିଜ ପାଖରେ ରଖି ଚଞ୍ଚକତା କରି ବ୍ୟାଙ୍କକୁ ତାଙ୍କୁ ସାଥିରେ ନେଇ ସମୁଦାୟ ତିନଟି କିସ୍ତିରେ ୨ଲକ୍ଷଟଙ୍କା ଠିକାଦାର ଉଠାଣ କରିନେଇଥିବା ଜଣାପଡିଛି। ଆଜକୁ ୪ ବର୍ଷହେଲାଣି ସୂର୍ଯ୍ୟଙ୍କ ସ୍ୱାମୀ ପେଟୁ ମୁଣ୍ଡା ଝିଅ ବାସନ୍ତି ମୁଣ୍ଡା(୧୩) ପୁଅ ଆକାଶ ମୁଣ୍ଡା(୧୦)ବିପଦ ସଂଙ୍କୁଳ ଭଙ୍ଗା କୁଡିଆରେ ଜରି ପାଲ ଟାଣି ରହୁଛନ୍ତି। ବର୍ଷାଦିନେ ଦୁର୍ଦ୍ଦଶା ବଢି ଯାଉଛି। ଘର ଉପରୁ ଦରଦର ପାଣି ଗଳୁଛି, ଫଳରେ ରୋଷେଇବାସ ଖାଇବା ପିଇବା ପାଇଁ ପରିବାର ଭାରି ହଇରାଣ ହେଉଛନ୍ତି। ଉପରୁ ଦିନରେ ଖରା ରାତିରେ ତାରା ଦିସୁଛି। ସରକାର ପ୍ରଧାନମନ୍ତ୍ରୀ ଅବାସ ହିତାଧିକାରୀଙ୍କୁ ଯୋଗାଇ ଦେଉଥିବାବେଳେ ଅସାଧୁ ଅଧିକାରୀ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଚଞ୍ଚକତା କରି ଟଙ୍କା ଉଠାଣ କରି ଦିଆଯାଉଛି। ଏହିପରି ଗାଁରେ ଏକାଧିକ ଲୋକଙ୍କ ଅବାସ ଟଙ୍କା ଉଠାଣ କରି ସାରିଥିବା ଜଣାପଡିଛି। ପରେ ମନଇଚ୍ଛା କିଛି ଲୋକଙ୍କ ଘର କାମ କରୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତଦନ୍ତ କରି ଠିକାଦାର ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।



ବ୍ୟାସନଗର,(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର ଆସୋସିଏସନ୍ ତରଫରୁ ନୂତନ ଭାବେ ନିଯୁକ୍ତ ହୋଇଥିବା ରାଜ୍ୟ ଜିଏସଟି ବିଭାଗ ର ଯାଜପୁର ରେଞ୍ଜ ର ଅତିରିକ୍ତ ଆୟୁକ୍ତ ସତ୍ୟନାରାୟଣ ପଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଟ୍ୟାକ୍ସ ବାରର ସଭାପତି ବିବେକାନନ୍ଦ ମହାନ୍ତି , ସମ୍ପାଦକ ଧନେଶ୍ୱର ବାରିକ୍ , ଯୁଗ୍ମ ସମ୍ପାଦକ ଅଶୋକ କୁମାର ଶର୍ମା, ମାନସ ରଞ୍ଜନ ସାମଲ,ଦିଲ୍ଲୀପ କୁମାର ମଲ୍ଲିକ, ହେମନ୍ତ ପୋଥାଳ, ବିଦ୍ୟାଧର ମହାନ୍ତି,ସତ୍ୟଜିତ ଶତପଥି, ରାଜେନ୍ଦ୍ର ଧୀରସାମନ୍ତ, ଅକ୍ଷୟ କୁମାର ବାରିକ୍ ,ରମାକାନ୍ତ ସେଠୀ, ରତିକାନ୍ତ ବେହେରା, ଦେବବ୍ରତ ବାରିକ, ପ୍ରବୀର ରାଉତଙ୍କ ସମେତ ଏଥିରେ ସାମିଲ ହୋଇ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ପରେ ଓକିଲ ମାନେ ଶ୍ରୀଯୁକ୍ତ ପଣ୍ଡା ଏବଂ ସର୍କଲ ହେଡ ଯୁଗ୍ମ ଅଯୁକ୍ତ ଲାଲ ବାହାଦୁର ବିଶ୍ୱାଳଙ୍କ ସହିତ ଜିଏସଟିର ବିଭିନ୍ନ ଅସୁବିଧା ଉପରେ ଦୃଷ୍ଟି ଆକର୍ଷଣ କରି ଆଲୋଚନା କରିଥିଲେ ଏବଂ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଭିତରେ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ଶ୍ରୀଯୁକ୍ତ ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ ।

# ସରକାରୀ ଯୋଜନାକୁ ଦିଗହରା କରୁଥିବା ଅଭିଯୋଗ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ) : ରାଜ୍ୟ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହ ସେମାନଙ୍କ ସାମାଜିକ ଆର୍ଥୀକ ବିକାଶ ପାଇଁ ସୁଭଦ୍ରା ଭଳି ଏକ ମହିଳା କଲ୍ୟାଣକାରୀ ଯୋଜନା ଉପରେ ଗୁରୁତ୍ୱ ଦେଉଥିବା ବେଳେ ବିଭାଗୀୟ ଅଧିକାରୀ ବେପରୁଆ ମନୋଭାବ ପାଇଁ ଯୋଜନା ସଫଳ ହେବା ପରିବର୍ତ୍ତେ ଦିଗହରା ହେଉଛି । ନିଶ୍ଚିନ୍ତକୋଇଲି ବ୍ଲକରେ ଏହାର ନଗ୍ନ ନମୁନା ଦେଖିବାକୁ ମିଳିଛି । ସୋମବାର ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ବ୍ଲକରେ ୩୦୬୩ ସ୍ୱୟଂ ସହାୟିକା ଗୋଷ୍ଠୀ ଥିବା ବେଳେ କାର୍ଯ୍ୟକ୍ରମରେ ମାତ୍ର ୧୫ଟି ଗୋଷ୍ଠୀ ସାମିଲ ହୋଇଥିଲେ । ଫଳରେ ଏହି ଯୋଜନା ପ୍ରହସନରେ ପରିଣତ ହୋଇଛି । ସୂଚନା ଅନୁଯାୟୀ ନିଶ୍ଚିନ୍ତକୋଇଲି ବ୍ଲକ ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖ୍ୟାଦ୍ୟ ପ୍ରତିଯୋଗିତା ସୋମବାର ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ୧୫ଟି ସ୍ୱୟଂ ସହାୟିକା ଗୋଷ୍ଠୀ ଭାଗ ନେଇଥିଲେ । ପାରମ୍ପରିକ ବିଭିନ୍ନ ପିଠା,ମିଠା, ମିଠାଜାତୀୟ ଖାଦ୍ୟ, ମାଣ୍ଡିଆ ଜାତୀୟ ଖାଦ୍ୟ, ବିଭିନ୍ନ ପ୍ରକାର ତେଲଭାଜି, ଇଟିଲି ଘୁଗୁନି ସମେତ ଗୁଡରେ ତିଆରି ରସଗୋଲା ପ୍ରଦର୍ଶିତ ହୋଇଥିଲା । ସରକାର ମହିଳା ମାନଙ୍କର ଦକ୍ଷତା ବିକାଶ ପାଇଁ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରି ଲକ୍ଷାଧିକ ଟଙ୍କା ବ୍ୟୟ କରୁଥିବା ବେଳେ ସଠିକ୍ ଢଙ୍ଗରେ ସୂଚନା ଦିଆଯାଇନଥିବାରୁ ଏହି ବ୍ଲକରେ ଥିବା ୩୦୬୩ ଗୋଷ୍ଠୀ ମଧ୍ୟରୁ ମାତ୍ର ୧୬ଟି ଗୋଷ୍ଠୀ ଭାଗ ନେବା ପାଇଁ ଆବେଦନ କରିଥିଲେ । କିନ୍ତୁ ୧୫ଟି ଗୋଷ୍ଠୀ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀରେ ସାମିଲ ହୋଇଥିଲେ । ବିଚାରକ ଭାବେ ବଲ୍ଲଭୀ ଦେବୀ ମହିଳା ମହାବିଦ୍ୟାଳୟର ଗୃହ ବିଜ୍ଞାନର ଅଧ୍ୟାପିକା ସୁପ୍ରଭା ଜେନା, ସିଡିପିଓ ସତ୍ୟଭାମା ବିଶୋଇ, ବିଡିଓ ଦ୍ୟୁବେନ୍ଦୁ ଦାସ ପାରମ୍ପତିକ ଖାଦ୍ୟର ମାନ ପରଖିଥିଲେ । ସାନ୍ତପୁର ମା' ରୁଦ୍ରାଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରଥମ ଓ ବରାଦ ପଂଚାୟତର ମା' ବୁଢ଼ୀ ଜାଗୁଳାଇ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ତେବେ ବିଚାରକମାନେ ଖାଦ୍ୟ ପରଖିବା ପରେ ବ୍ଲକ କର୍ମଚାରୀଙ୍କ ଏକ ପ୍ରକାର ଉଲ୍ଲସିତ ହୋଇଥିଲେ । ବ୍ଲକର ସମସ୍ତ କର୍ମଚାରୀ ମଧ୍ୟାହ୍ନ ଭୋଜନ ଯିବା ପରିବର୍ତ୍ତେ ପିଠାମିଠା ଖାଇ ଆସର ଜମାଇଥିଲେ । ସତେ ଯେପରି ବ୍ଲକ କର୍ମଚାରୀଙ୍କ ପାଇଁ ସରକାର ଏହି ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ କରିଛନ୍ତି । ତେବେ ମହିଳା ଗୋଷ୍ଠୀର କର୍ମକର୍ତ୍ତାମାନେ ବହୁ ଅର୍ଥ ବିନିଯୋଗ କରି ସୁସ୍ୱାଦୁ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିଥିବା ବେଳେ ବ୍ଲକ କର୍ମଚାରୀ ଏହାକୁ ଚଲୁକରି ଆତ୍ମସନ୍ତୋଷ ଲାଭ କରିଛନ୍ତି । ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ନୃସିଂହଚରଣ ମିଶ୍ର, ମୁଖ୍ୟବକ୍ତା ତହସିଲଦାର ଅନିତା ନାୟକ ଯୋଗଦେଇ କୃତି ଗୋଷ୍ଠୀକୁ ପୁରସ୍କାର ବିତରଣ କରିଥିଲେ । ତେବେ ବ୍ଲକ ସଂଯୋଜକ ଜ୍ୟୋତିରଞ୍ଜନ ସାହୁ ଓ ବିପିଏସି ଦିପାଳି ସାହୁ କାର୍ଯ୍ୟକ୍ରମକୁ ଉଦ୍ଦେଶ୍ୟମୂଳକ ଭାବେ ସଂକୁଚିତ କରି ଗୋଷ୍ଠୀ ପାଖରୁ ପିଠା ଉପହାର ନେଉଥିବା ଫଟୋ ସାମାଜିକ ଗଣ ମାଧ୍ୟମରେ ଭାଇରାଲ ହେଉଛି । ଏହି କାର୍ଯ୍ୟକ୍ରମରେ ବିବିଏମ ତନୁଜା ସାହୁ,ରିଙ୍କିନା ବିଶ୍ୱାଳ ଓ ମୋନାଲିସା ପଣ୍ଡା ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଚାରିକାନ୍ଥ ଭିତରେ ଆବଦ୍ଧ କରି ତରବରିଆ ଭାବେ ଶେଷ କରିବା ପଛରେ କାହାର ହାତ ଅଛି ତାହା ବିଭାଗୀୟ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଓ ବିଭାଗୀୟ ସଚିବ ନିରପକ୍ଷ ତଦନ୍ତ କଲେ ସତ୍ୟାସତ୍ୟ ଲୋକ ଲୋଚନକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି । ଏସମ୍ପର୍କରେ ସିଡିପିଓ ସତ୍ୟଭାମା ବିଶୋଇ କହିଛନ୍ତି ଯେ ଏକାର୍ଯ୍ୟକ୍ରମ ବ୍ଲକର ଆମେ କେବଳ ବିଚାରକ ଭାବେ ଥିଲୁ । ବ୍ଲକ ବିପିଏମଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ କୌଣସି ଉତର ରଖିନଥିଲେ ।

# ହାଇସ୍କୁଲ ରାସ୍ତାକାର୍ଯ୍ୟରେ ଅନିୟମିତତା ଅଭିଯୋଗ

କୋରେଇ(ଭାସ୍କର ନ୍ୟୁଜ): କୋରେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଚଳିତ ବର୍ଷ ପଣ୍ଡୁଳା ଛକ ଠାରୁ ଖଣ୍ଡୁଳାଇ ହାଇସ୍କୁଲ ୪ କିମି ୯୦୦ ମିଟର ରାସ୍ତାର ଉର୍ନ୍ନତି କରଣ ପାଇଁ ବିଭାଗ ତରଫରୁ ୩୭୭.୭୯ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଥିବା ବେଳେ ଟେଣ୍ଡର ମାଧ୍ୟମରେ ସୁରେଶ କୁମାର ରଥଙ୍କୁ ଠିକାଦାର ଚୟନ କରାଯାଇଥିଲା । ନିକଟରେ କୋରେଇ ବିଧାୟକଙ୍କ ଦ୍ୱାରା ଏହି ରାସ୍ତାର ଶିଳାନ୍ୟାସ କରାଯାଇ ଠିକାଦାର କାର୍ଯ୍ୟ ଆରମ୍ଭ କରିଥିଲେ । କିନ୍ତୁ ଦୁଃଖର କଥା ରାସ୍ତା ପ୍ରଶସ୍ତିକରଣ ପାଇଁ ମାଟି କିଣିବାକୁ ଥିବାବେଳେ ଠିକାଦାର ସେହି ରାସ୍ତା କଡ଼ରୁ ମାଟି ତାଡ଼ି ରାସ୍ତାରେ ପକାଉଥିବା ଦେଖିବାକୁ ମିଳୁଛି । ଯାହାଦ୍ୱାରା ରାସ୍ତା କଡରେ ବଡ଼ ବଡ଼ ଖାଲ ସବୁ ହୋଇଯାଉଛି । ଫଳରେ ବର୍ଷାଦିନେ ମାଟି ଧୋଇ ଯିବାର ସମ୍ଭାବନା ଅଛି । ଯାହାକୁ ବିଭାଗୀୟ ଯନ୍ତ୍ରୀ ଦେଖୁଥିଲେ ମଧ୍ୟ ତାକୁ ବନ୍ଦ ନକରିବା ଜନସାଧାରଣଙ୍କ ମନରେ ସଂଶୟ ସୃଷ୍ଟି କରୁଛି । ଶୁଣିବାକୁ ମିଳୁଛି କି ବିଭାଗ କେବଳ ଠିକାଦାରୀ ତୃଷ୍ଟିକରଣ କରି କୁଜି ନେତାଙ୍କୁ ମାସିକିଆ ଦେଇ ବିଭାଗର ବଡ଼ ବଡ଼ ଧଳାବାବୁ ମାନେ ନିଜର ସମ୍ପତ୍ତି ବୃଦ୍ଧି କରିବାରେ ଲାଗିଛନ୍ତି । ଅନ୍ୟ ପଟେ ଏହି ରାସ୍ତା ପାଇଁ କିଛି ଜମି ଅଧିଗ୍ରହଣ କରିବାକୁ ଥିବା ବେଳେ ବିନା ଜମି ଅଧି ଗ୍ରହଣରେ ଠିକାଦାର କାମ ଆରମ୍ଭ କରି ବିଭିନ୍ନ ଅନିୟମିତତାରେ କାର୍ଯ୍ୟ ହେଉଥିବା ଦେଖିବାକୁ ମିଳୁଛି । ସଂପୃକ୍ତ ଠିକାଦାର ଏ ସବୁ କାମ ନିଜେ ନକରି ଜାଲି ପେଟି ଠିକାଦାରମାନଙ୍କୁ କାମ କରିବାକୁ ଦେବା ଫଳରେ ପେଟି ଠିକାଦାର ମାନେ ରାଜନୈତିକ ପୃଷ୍ଟ ପୋଷାକତାରେ ରହି ତରବରିଆ ଭାବେ ଯେନେ ତେନ ରାସ୍ତାଟିର କାର୍ଯ୍ୟ ସରିଥିବା ବେଳେ ନିମ୍ନମାନର କାର୍ଯ୍ୟ ହେଉଥିବା ଲୋକ ଅଭିଯୋଗ କରୁଛନ୍ତି । ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକୁ ପରିଚାଳନା ଓ ତଦାରଖ ପାଇଁ କନିଷ୍ଠ ଯନ୍ତ୍ରୀମାନଙ୍କୁ ସରକାର ନିଯୁକ୍ତି ଦେଇଥିବା ବେଳେ ଏମାନେ ସରକାରଙ୍କ କଥାକୁ କମ୍ ଠିକାଦାରଙ୍କ କଥାକୁ ଅଧିକ ଗୁରୁତ୍ୱ ଦେଉଥିବା ଆଲୋଚନା ହେଉଛି । ଗ୍ରାମ ଉନ୍ନୟନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ, ଯାଜପୁର ଜିଲ୍ଲାପାଳ, କୋରେଇ ବିଧାୟକ ଏଥିପ୍ରତି ଦୃଷ୍ଟି ପ୍ରଦାନ କରି ରାସ୍ତା ଗୁଡ଼ିକୁ ଯାଞ୍ଚ କରିବା ସହିତ ଠିକାଦାରଙ୍କ ଲାଇସେନ୍ସ ରଦ୍ଦ କରି ତାଙ୍କୁ କଳା ତାଲିକାଭୁକ୍ତ କରିବା ପାଇଁ ସାଧାରଣରେ ଦୃଢ଼ ଦାବି ହେଉଛି ।



# ରାସ୍ତା ସୃଷ୍ଟି କରୁଛି ପୋଖରୀର ଭ୍ରମ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସଦର ବ୍ଲକ ପଦ୍ମପୁର ଦୈନିକ ବଜାର ରାସ୍ତାରେ ବର୍ଷା ପାଣି ଜମି ପୋଖରୀ ଭ୍ରମ ସୃଷ୍ଟି ହୋଇଛି । ବର୍ଷ ବର୍ଷ ଧରି ଆର୍‌ଏମ୍‌ସି ବଜାର ସଂସ୍ଥା ମାଟି ମୁଠାଏ ପକାଉନଥିବାରୁ ସାଧାରଣ ଲୋକେ ଯାତାୟତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପରିବା ବ୍ୟବସାୟୀମାନେ ଭାରି ହଇରାଣ ହେଉଛନ୍ତି । ଏହାଛଡ଼ା ପରିବା ବଜାରକୁ ଆସୁଥିବା ଲୋକେ ଚଳପ୍ରଚଳ ବେଳେ ପାଣି କାଦୁଅ ଗୋଡରେ ଲାଗିଯାଉଛି । ଖାଲ ଗୁଡିକରେ ପୋଖରୀ ସମାନ ପାଣି ଜମୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ତେବେ ରାସ୍ତା ମରାମତି ପାଇଁ ଅଭିଯୋଗ ହୋଇ ଆସୁଥିଲେ ହେଁ ଆର୍‌ଏମ୍‌ସି ବଜାର ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ବଜାର ରାସ୍ତା ମରାମତି କରାଯିବାକୁ ଦାବି ହୋଇଛି ।



# ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼ ଚେତାବନୀ



ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ମଙ୍ଗଳବାର ପରଜଙ୍ଗ ଥାନା ଏବଂ ତହସିଲଦାରଙ୍କୁ ୬ଦଫା ଦାବୀ ପୂରଣକୁ ନେଇ ଆଗାମୀ ଦିନରେ ଷ୍ଟିୟରିଂ ଛାଡ଼ କରି ସରକାରଙ୍କୁ ଅସହଯୋଗ କରିବାକୁ ଚେତାବନୀ ଦେଇଛନ୍ତି । ପୂର୍ବରୁ ବିଭିନ୍ନ ସମସ୍ୟାକୁ ନେଇ ଓଡିଶା ଡ୍ରାଇଭର ମହାସଂଘ ସରକାରଙ୍କୁ ଜଣାଇଥିଲେ ମଧ୍ୟ ମାତ୍ର ଗୋଟିଏ ଦାବୀ ପୂରଣ ହୋଇଥିବାବେଳେ ମୁଖ୍ୟ ସମସ୍ୟା ଗୁଡ଼ିକ ପୂରଣ ହୋଇ ନଥିବାରୁ ଏକ ମାସ ସମୟ ଦେଇ ଦାବୀ ପୂରଣ ପାଇଁ ନିବେଦନ ରଖିଛନ୍ତି ।ଯଦି ଦାବୀ ଗୁଡିକ ସରକାର ପୂରଣ ନକରନ୍ତି, ତେବେ ଆଗାମୀ ମାସ ୮ ତାରିଖରେ ସମସ୍ତ ଡ୍ରାଇଭର ମାନେ ଷ୍ଟିୟରିଂ ଛାଡ କରିବେ ବୋଲି ସଂଘ ସଭାପତି ଓ ସମ୍ପାଦକଙ୍କ ସହ ବ୍ଲକର ଡ୍ରାଇଭର ମାନେ ମିଶି ଦାବୀ ରଖିଛନ୍ତି ।

# ବୋଲଗଡ଼କୁ ଏନ୍‌ଏସି ଘୋଷଣା ଦାବି



ବୋଲଗଡ଼, (ଭାସ୍କର ନ୍ୟୁଜ୍) : ବୋଲଗଡ଼ ଉନ୍ନୟନ ପରିଷଦର ସଭାପତି ଗୋପୀନାଥ ଖାଡ଼ଙ୍ଗାଙ୍କ ସଭାପତିତ୍ୱରେ ଓ ଉପଦେଷ୍ଟା ତଥା ଐତିହାସିକ ରବୀନ୍ଦ୍ର କୁମାର ପରିଡାଙ୍କ ଆବାହକତ୍ୱରେ ବ୍ଲକସ୍ତରୀୟ ବୋଲଗଡ ଉନ୍ନୟନ ପରିଷଦ ବୈଠକ ବୋଲଗଡ ଗ୍ରାମପଞ୍ଚାୟତର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଗତ ସାଧାରଣ ବିଧାନସଭା ତଥା ଲୋକସଭା ନିର୍ବାଚନ ପୂର୍ବରୁ ପୂର୍ବ ବିଜେଡି ସରକାରଙ୍କ ତରଫରୁ ବୋଲଗଡକୁ ଏନ୍‌ଏସି (ବିଜ୍ଞାପିତ ଅଞ୍ଚଳ ପରିଷଦ ) ଘୋଷଣା କରାଯାଇଥିଲା । କିନ୍ତୁ ବିଧାନସଭା ନିର୍ବାଚନ ପରେ ପରେ ବିଜେପି ସରକାର ରାଜ୍ୟରେ ଏକ ବର୍ଷ ଶାସନ କରିସାରିଥିଲେ ମଧ୍ୟ ବୋଲଗଡ଼କୁ ସରକାରୀ କାଗଜ ପତ୍ର ଅନୁସାରେ ଆଜି ପର୍ଯ୍ୟନ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାନୁଷ୍ଠାନ କରାଯାଇନାହିଁ । ଏ ସମ୍ପର୍କରେ ବୋଲଗଡ଼ ଉନ୍ନୟନ ପରିଷଦର ସଭ୍ୟମାନେ ବାରମ୍ବାର ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କୁ ସାକ୍ଷାତକରି ଶୀଘ୍ର ବୋଲଗଡ଼କୁ ଏନ୍‌ଏସି ମାନ୍ୟତା ଦିଆଯିବା ପାଇଁ ଅନୁରୋଧ କରାଯାଇଛି । ଯଦି ବୋଲଗଡ଼କୁ ଏନ୍‌ଏସି ମାନ୍ୟତା ଦିଆନଯିବ ତେବେ ଦଳଗତ ନିର୍ବିଶେଷରେ ବୋଲଗଡ ଉନ୍ନୟନ ପରିଷଦ ମାଧ୍ୟମରେ ଜନଆନ୍ଦୋଳନ କରାଯିବ ବୋଲି ନିଷ୍ପତି ନିଆଗଲା । ବୋଲଗଡ଼ରେ ଜେଏମ୍‌ଏଫସି କୋର୍ଟ ସ୍ଥାପନ ପାଇଁ ବୋଲଗଡ ଉନ୍ନୟନ ପରିଷଦ ତରଫରୁ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା । ଏହି ଅଭିଯୋଗକୁ କାର୍ଯ୍ୟକାରୀ କରିବା ପାଇଁ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ନହେବାରୁ ବୋଲଗଡ଼ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ବୋଲଗଡ଼ ଠାରେ ଗାନ୍ଧୀ ସର୍କିଟ ନିର୍ମାଣ କରିବା ପାଇଁ ବୋଲଗଡ ଉନ୍ନୟନ ପରିଷଦ ତରଫରୁ ରାଜ୍ୟସରକାରଙ୍କୁ ଅନୁରୋଧ କରାଯାଇଛି । ବୋଲଗଡ଼ ଜନବସତି ସାହି ଅଞ୍ଚଳଗୁଡିକରେ ଦିନକୁ ଦିନ ଚୋରା ଦେଶୀ ଓ ବିଦେଶୀ ମଦ ଦୋକାନ ଖୋଲାଯାଇ ପୋଲିସର ଜ୍ଞାତ ସାର ଓ ଅବକାରୀ ବିଭାଗର ଜ୍ଞାତ ସାରରେ ବିକ୍ରୟ କରାଯାଉଥିବାରୁ ବୋଲଗଡ଼ ଉନ୍ନୟନ ପରିଷଦ ତରଫରୁ ତିବ୍ର ନିନ୍ଦା କରାଯାଇଛି । ଏହାକୁ ଶୀଘ୍ର ହଟାଯିବା ପାଇଁ ଖୋର୍ଦ୍ଧା ଜିଲ୍ଲାପାଳ ଓ ପୋଲିସ ଆରକ୍ଷୀ ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଛି । ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଠାରୁ ଭାୟା ମା' ଭୂଇଁୟାଣୀ ପୀଠ ଠାରୁ ବରହମପୁରା ଗ୍ରାମ ପର୍ଯ୍ୟନ୍ତ ପଞ୍ଚାୟତ ରାସ୍ତାକୁ ପରିବର୍ତ୍ତନ କରାଯାଇ ଶୀଘ୍ର ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ପରିଣତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୋଲଗଡ ଉନ୍ନୟନ ପରିଷଦ ତରଫରୁ ଅନୁରୋଧ କରାଯାଇଛି । ଏହି ବୈଠକରେ ଅନୁଷ୍ଠାନର ସମ୍ପାଦକ ରଘୁନାଥ ଦଳବେହେରା, ଉପସଭାପତି ଲଲାଟେନ୍ଦୁ କେଶରୀସିଂ, ସହସମ୍ପାଦକ ଫକୀର ମୋହନ ଫତେସିଂ, ରାମଚନ୍ଦ୍ର ମାର୍ଥା, ବିଜୟ କୁମାର ସାହୁ ସଭ୍ୟ ନକୁଳ ରାଉତରାୟ, ସାମ୍ବାଦିକ ପାଣ୍ଡବ ସାହୁଙ୍କ ସମେତ ବହୁ ଜନସାଧାରଣ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପରିଶେଷରେ ରାଧାଶ୍ୟାମ ରାୟଗୁରୁ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ୟକ୍ତିଗତ ସମ୍ପତ୍ତି ଉପରେ ଗାର୍ଡ଼ୱାଲ ନିର୍ମାଣକୁ ବିରୋଧ



ଜଳେଶ୍ୱର,(ଭାସ୍କର ନ୍ୟୁଜ): ଜଳେଶ୍ୱର ମ୍ୟୁନିସିପାଲିଟି ଅଞ୍ଚଳ ୪ ନମ୍ବର ୱାର୍ଡ଼ ପଥରପୁରା ଗ୍ରାମରେ ନିର୍ମାଣ ହେଉଥିବା ଗାର୍ଡ଼ୱାଲ ବ୍ୟକ୍ତିଗତ ସ୍ଥାନରେ ଦର୍ଶାଇ ବନ୍ଦ କରିବା ପାଇଁ ୱାର୍ଡବାସୀଙ୍କ ପକ୍ଷରୁ ପୌର ଅଧିକାରୀଙ୍କୁ କାର୍ଯ୍ୟ ବନ୍ଦ ପାଇଁ ଅନୁରୋଧ କରାଯାଇଛି ।ସୂଚନା ଅନୁସାରେ ଗତ ତା-୧୩/ ୨/ ୨୦୨୫ରିଖରେ ଉକ୍ତ ୱାର୍ଡ଼ ର ମଙ୍ଗଳା ମନ୍ଦିର ଠାରୁ ଗ୍ରାମ ଦେବତୀ ପର୍ଯ୍ୟନ୍ତ ୪ ଲକ୍ଷ ୪୫ ହଜାର ୫୦୦ ଟଙ୍କା ଅଟକଳ ମୂଲ୍ୟ ଥିଲା । ଉକ୍ତ ପୋଖରୀ ଟି ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଲୋକଙ୍କର ଅଟେ ଓ ତାଙ୍କର ବ୍ୟକ୍ତିଗତ କାର୍ଯ୍ୟରେ ଲାଗେ ଏବଂ ବ୍ୟକ୍ତି ଜଣଙ୍କ ହେଲେ ଜଳେଶ୍ୱର ମ୍ୟୁନିସିପାଲିଟିର ଉପାଧ୍ୟାକ୍ଷାଙ୍କ ସ୍ୱାମୀ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ ଅଛି ।ଏଭଳି ବ୍ୟକ୍ତିଗତ ସମ୍ପତ୍ତି ଉପରେ କାହା ନିର୍ଦ୍ଦେଶ କେଉଁ ଲୋକ ତତ୍ତ୍ୱାବଧାନରେ କାର୍ଯ୍ୟ ହେଉଛି ବୋଲି ମଧ୍ୟ ପ୍ରଶ୍ନ କରାଯାଇଛି । ତେଣୁ ଉକ୍ତ କାର୍ଯ୍ୟକୁ ତଦନ୍ତ କରି ଶୀଘ୍ର ବନ୍ଦ କରିବା ପାଇଁ ୱାର୍ଡ଼ବାସୀଙ୍କ ପକ୍ଷରୁ ମହେଶ୍ୱର ସେନାପତି, ଗୋପୀନାଥ ଧଳ, ମହମ୍ମଦ ୱାହିଦ ଖାନ, ସାନାତନ କର ଓ ରବିନ୍ଦ୍ର ନାଥ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି ।

# ନଡିଆ ସାହାସପୁର ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରକୁ ବିଧାୟକଙ୍କ ଗସ୍ତ

- ଅବ୍ୟବସ୍ଥା ନେଇ ବର୍ଷିଲେ ବିଧାୟକ
- ଫାର୍ମାସିଷ୍ଟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କଲେ




ମାହାଙ୍ଗା, (ଭାସ୍କର ନ୍ୟୁଜ୍) : ମାହାଙ୍ଗା ଅଂଚଳରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ କିଭଳି ସରକାରଙ୍କ ସ୍ୱାସ୍ଥ୍ୟ ସେବା ଗରିବ ଜନସାଧାରଣମାନଙ୍କୁ ଯୋଗାଇ ଦିଆଯାଉଛି ଏହାର ସ୍ଥିତି ପରଖିବା ପାଇଁ ଆଜି ଖୋଦ୍ ମାହାଙ୍ଗା ବିଧାୟକ ଶାରଦା ପ୍ରଶାଦ ପ୍ରଧାନ ନିଜ ଅଂଚଳରେ ଥିବା ମାହାଙ୍ଗା ବ୍ଲକ ପଣସପୁର ପଂଚାତସ୍ଥ ନଡିଆ ସାହାସପୁର ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରକୁ ଅଚାନକ ସକାଳ ୮ ଟା ୧୫ ସମୟରେ ଗସ୍ତ କରିଥିଲେ । ଏହି ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ବହୁ ରୋଗୀ ଦୀର୍ଘ ସମୟ ଧରି ଲମ୍ବା ଧାଡିରେ ଛିଡା ହୋଇ ରହିଥିବା ଦେଖିବାକୁ ପାଇଥିଲେ । ଏପରିକି ଡାକ୍ତରଙ୍କ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ ଦେବାର ନିର୍ଦ୍ଧାରିତ ସମୟ ଠାରୁ ବିଳମ୍ବରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଁଚି ଥିବାରୁ ଏନେଇ ବିଧାୟକ ଶ୍ରୀ ପ୍ରଧାନ ଡାକ୍ତର ତନ୍ମୟ କୁମାର ବେହେରାଙ୍କ ଉପରେ ବିରକ୍ତି ପ୍ରକାଶ କରିବା ସହ ତାଙ୍କ ଉପରେ ବର୍ଷିଥିଲେ । ଏପରିକି ସ୍ୱାସ୍ଥ୍ୟକେନ୍ଦ୍ରରେ ଆଡମିଶନ ହୋଇଥିବା କିଛି ରୋଗୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୁଝିବାକୁ ଯାଇଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟ ଚିଠାରେ ସରକାରଙ୍କ ନିରାମୟ ଔଷଧ ପରିବର୍ତ୍ତେ ବାହାର ଦାମି ଔଷଧ ଲେଖାଯାଇଥିବା ଦେଖିବାକୁ ପାଇଥିଲେ । ଯାହାକୁ ନେଇ ବିଧାୟକ ଡାକ୍ତରଙ୍କ ଉପରେ ଅଧିକ ବିରକ୍ତି ପ୍ରକାଶ କରିବା ସହ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଉଚ୍ଚ ଅଧିକାରୀଙ୍କୁ ଏଠାରେ ଚାଲିଥିବା ବିଭିନ୍ନ ଅବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ । ଏପରିକି ଏଠାରେ ଥିବା ଡାକ୍ତର ଜଣଙ୍କ ବିଳମ୍ବରେ ଆସୁଥିବା ବେଳେ ଶିଘ୍ର ସ୍ୱାସ୍ଥ୍ୟକେନ୍ଦ୍ର ଛାଡୁଥିବାରୁ ସ୍ୱାସ୍ଥ୍ୟ ସେବାରେ ସ୍ଥାନିୟ ଅଂଚଳର ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏନେଇ ବିଧାୟକ ମଧ୍ୟ ବିରକ୍ତି ପ୍ରକାଶ କରିଥିଲେ । ଏଠାରେ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଡାକ୍ତରଙ୍କ ରହିବା ନିମନ୍ତେ ବସାଗୃହ ନିର୍ମାଣ କରାଯାଇଥିଲେ ମଧ୍ୟ ଡାକ୍ତର ଏଠାରେ ରହୁନଥିବା ନେଇ ସ୍ଥାନୀୟ ଲୋକେ ବିଧାୟକଙ୍କୁ ଅଭିଯୋଗ କରିଥିଲେ । ସେହିପରି ଏଠାରେ ଥିବା ଫାର୍ମାସିଷ୍ଟ ହିମାଂଶୁ ଶେଖର ସାହୁ ମଧ୍ୟ ଅନୁପସ୍ଥିତ ଥିବାରୁ ବିଧାୟକ ଶ୍ରୀ ପ୍ରଧାନ ଅସନ୍ତୋଷ ପ୍ରକାଶ କରିଥିଲେ । ଏହି ଘଟଣା ନେଇ ମାହାଙ୍ଗା ଗୋଷ୍ଠିସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ତନୁସ୍ମିତା ବିନ୍ଧାଣୀଙ୍କୁ ଯୋଗାଯୋଗ କରିବାରୁ ଏନେଇ ଉଭୟ ଡାକ୍ତର ଶ୍ରୀ ବେହେରା ଓ ଫାର୍ମାସିଷ୍ଟ ଶ୍ରୀ ସାହୁଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ପ୍ରକାଶ କରିଛନ୍ତି ।

# ପାରମ୍ପରିକ ଧାନ ବିହନକୁ ଝୁରୁଛନ୍ତି ପୁରୁଣା ଚାଷୀ

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ) : ଗତ କିଛି ବର୍ଷ ହେବ ଗ୍ରାମାଞ୍ଚଳରେ ଆଉ ଦେଖିବାକୁ ମିଳୁନି ଅଧିକ ଅମଳକ୍ଷମ ପାରମ୍ପରିକ ଧାନ ବିହନ । ଯେଉଁ ବିହନରୁ ଚାଷୀ ଭାଇ ଅଧିକ ଧାନ ଅମଳ କରିବାରେ ସଫଳ ହୋଇ ନିଜ ପରିବାର ମୁହଁରେ ହସ ଫୁଟାଉଥିଲା । ଏବେ ସମୟ ପରିବର୍ତ୍ତନ ହୋଇ ଯାଇଥିବାରୁ ସେହି ପାରମ୍ପରିକ ଧାନ ବିହନ ଏବେ ସାତ ସପନ ପାଲଟିଛି । ତେବେ ସେହି ସବୁ ପୁରୁଣା ପାରମ୍ପରିକ ଧାନ ବିହନ ମଧ୍ୟରେ ରହିଛି ଅନ୍ଧାରଚକି, ହଳଦୀଗୁଣ୍ଡି, ସୀତାଭୋଗ, ରାବେଣା, ଠେଙ୍ଗାବଉଳା, କାକୁଡିମଞ୍ଜି, ରଙ୍ଗଶିଉଳି, ଭୋଗନଖଡା, ବୋଇତଳ ପଖିଆ, ସେବତୀଖୁଡା, ବାଙ୍ଗରମାଝୀ, ୧୨୪୨,୧ ୦୧୮, ୧୦୧୪, ୧୦୩୦, ୧୦୦୯, ଜଗନ୍ନାଥ, ମୋତି, କାଞ୍ଚନ, ରତନଚୁଡି, କଳାଜିରା, ସରୁଚୁନା, ନାଲି ସରୁଚୁନା,କଳାଶ୍ରୀ, କଳିଙ୍ଗ, ସୁଭଦ୍ରା, ସୁଜାତା, ବର୍ଷା ଓ ତେଣ୍ଡା ମାଗୁର ଭଳି ଶହ ଶହ ପ୍ରକାର ପାରମ୍ପରିକ ଧାନ ବିହନରେ ବିଗତ ୨୦/୩୦ ବର୍ଷ ପୂର୍ବରୁ ଚାଷୀ ମାନେ ନିଜ ନିଜର କ୍ଷେତରେ ଚାଷ କରୁଥିଲେ । ତେବେ ଏହି ସବୁ ଧାନ ମଧ୍ୟରୁ କେତେକ ଧାନ ୩ ଫୁଟ ପାଣିରେ ରହି ମଧ୍ୟ ଭଲ ଧାନ ଅମଳ ହେଉଥିଲା ବୋଲି ଆଦର୍ଶ ଚାଷୀ ଧ୍ରୁବ ଚରଣ ପ୍ରଧାନ କୁହନ୍ତି । ସେହିପରି ଖାଲୁଆ ଜମିରେ ତେଣ୍ଡାମାଗୁର ବିହନରେ ହେଉଥିବା ଚାଷରେ ଭଲ ଧାନ ଅମଳ ହେଉଥିଲା । ତେବେ ଏହି ସବୁ ବିହନରେ ଅମଳ ହେଉଥିବା ଧାନର ଭାତ ପ୍ରତ୍ୟେକ ମଣିଷକୁ ନିରୋଗୀ କରୁଥିବା ବେଳେ ମଧୁମେହ ରୋଗୀଙ୍କ ପାଇଁ ବେଶ ଫଳପ୍ରଦ ହେଉଥିଲା ବୋଲି କୁହାଯାଉଛି । ଅପରପକ୍ଷରେ ସ୍ୱାମୀନାଥନ କମିଟି ସେତେବେଳେ ଏହି ପାରମ୍ପରିକ ଧାନ ଚାଷ ଉପରେ ବେଶ ଗୁରୁତ୍ୱ ଦେଉଥିଲେ । ଏହି ସବୁ ପୁରୁଣା ତଥା ପାରମ୍ପରିକ ଧାନ ବିହନ ସବୁକୁ ସେତେବେଳେ ଚାଷୀ ମାନେ ସଫା ପରିଷ୍କାର ପୂର୍ବକ ଅଳିଆ ଭିତରେ ସାଇତି ରଖୁଥିଲେ । ତେବେ କେଉଁ ଧାନ ବିହନ କେଉଁ ଓଳିଆ ଭିତରେ ରଖାଯାଇଛି ତାହାକୁ ଜାଣିବା ପାଇଁ ଚାଷୀ ମାନେ ବରଡା ପତ୍ରରେ ତାହାର ନାମ ଲେଖି ଓଳିଆ ଉପରେ ରଖୁଥିଲେ । ଏହି ପାରମ୍ପରିକ ଧାନ ଚାଷ ପାଇଁ ସେହି ସମୟର ପାରମ୍ପରିକ ଖତ ବ୍ୟବହାର କରାଯାଉଥିଲା ବୋଲି ଚାଷୀ ଅର୍ଜନ ଚରଣ ସାମଲ ସୂଚନା ଦେଇଛନ୍ତି । ସେହିପରି ଜମିର ହିଡରେ ଧଣ୍ଡିଚା ମଞ୍ଜି ବୁଣା ଯାଉଥିଲା । ଏହି ଧଣ୍ଡିଚା ମଞ୍ଜିରୁ ଗଛ ହେଲା ପରେ ଚାଷ ସମୟରେ ଏହାର ପତ୍ର, ଛୋଟ ଛୋଟ ଡାଳ ବିଲରେ ପଡି ପଚୁଥିଲା । ଯାହା ଧାନ ଚାଷ ପାଇଁ ବେଶ ଲାଭ ଦାୟକ ହେଉଥିଲା । ଏବେ ସରକାର ଅଧିକ ଅମଳ ଧାନ ଚାଷ ପାଇଁ ଗୁରୁତ୍ୱ ଦେଉଥିବା ବେଳେ ଏଥିରେ ଆବଶ୍ୟକ ସାର, କୀଟନାଶକ ଔଷଧ ପକା ଯାଉଥିବାରୁ ଏହି ଶରୀର ପାଇଁ କ୍ଷତି କାରକ ହେଉଥିବା ବେଳେ ବିଭିନ୍ନ ରୋଗ ସୃଷ୍ଟି କରୁଅଛି । ଏବେର ଧାନ ବିହନ ମଧ୍ୟରେ ରହିଛି ପୂଜା, ଶାରଳା, ସି ଆର ୧୦୧୮, ଏମ ପି ୟୁ ୭୦୨୯, ସ୍ୱର୍ଣ୍ଣ ସବ-୧,ସି ଆର ଆଇ ୦୦୧, ଏମ ଟି ୟୁ ୧୩୧୮, କଳାଚମ୍ପା, ଏମ ଟି ୟୁ ୧୬୬୧ ଓ ଏମ ଟି ୟୁ ୧୦୭୫ ପ୍ରଭୃତି ଧାନ ଅଧିକ ଅମଳ ହେଉଥିବାରୁ ଚାଷୀ ମାନେ ଏବେ ଏହି ସବୁ ବିହନରେ ଧାନ ଚାଷ କରୁଛନ୍ତି । ଏହା ସତ୍ତ୍ୱେ ବି ବହୁ ଚାଷୀ ଏବେବି ଝୁରି ହେଉଛନ୍ତି ପାରମ୍ପରିକ ଧାନ ବିହନକୁ ।

# ରାଶିଫଳ

ଗୁରୁବାର, ୧୨ ଜୁନ୍ ୨୦୨୫



**ମେଷ:** ଏହି ରାଶିର ଲୋକମାନେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ବନ୍ଧୁ ଏବଂ ସମ୍ପର୍କୀୟଙ୍କ ସାହାଯ୍ୟ ନେବେ । ଆଜି ଅତିଥିମାନେ ଆପଣଙ୍କ ଘରେ ପହଞ୍ଚିବେ, ଯାହା ଘରକୁ ଚଳଚଞ୍ଚଳ କରିବ । ଆଜି କୈଣସି ପ୍ରକାରର ବିତର୍କକୁ ଉତ୍ସାହିତ କରନ୍ତୁ ନାହିଁ । ଚାକିରି କ୍ଷେତ୍ରରେ ଆପଣଙ୍କର ପ୍ରଭାବ ବୃଦ୍ଧି ପାଇବ ।




**ବୃଷ:** ଏହି ରାଶିର ଲୋକଙ୍କୁ ସେମାନଙ୍କର ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖିବାକୁ ପଡିବ । କୈଣସି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ନିଷ୍ପତ୍ତି ନେବା ପୂର୍ବରୁ, ଦୟାକରି ଧ୍ୟାନ ଦିଅନ୍ତୁ । ଘନିଷ୍ଠ ସମ୍ପର୍କୀୟଙ୍କ ସହିତ ସାକ୍ଷାତ ହୋଇପାରେ । ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।



**ମିଥୁନ:** ଏହି ରାଶିର ଲୋକଙ୍କ ପାଇଁ ସ୍ଥାୟୀ ଧନ ବୃଦ୍ଧି ହେବାର ସମ୍ଭାବନା ଅଛି । ବ୍ୟବସାୟୀମାନେ ଏକ ଲାଭ ଜନକ ଡିଲ୍ କରି ପାରିବେ । ଆପଣ ସାଙ୍ଗମାନଙ୍କ ସହିତ ଭ୍ରମଣ କରିବାକୁ ଯୋଜନା କରିପାରିବେ । ନିଯୁକ୍ତି ପ୍ରୟାସ ସଫଳ ହେବ । ଅର୍ଥ ଉପକୃତ ହେବାର ସମ୍ଭାବନା ଅଛି ।



**କର୍କଟ:** ଏହି ରାଶିର ବ୍ୟକ୍ତିମାନେ ଆଜି ମିଶ୍ରିତ ଫଳାଫଳ ପାଇବେ । ଆପଣ ଆପଣଙ୍କର ବ୍ୟବସାୟରେ କିଛି ପରିବର୍ତ୍ତନ କରିବାକୁ ଚେଷ୍ଟା କରି ପାରିବେ । ଅଧସ୍ତନ କର୍ମଚାରୀମାନେ ଆପଣଙ୍କୁ ଚାକିରି କ୍ଷେତ୍ରରେ ସମର୍ଥନ କରିବେ । ପାରିବାରିକ ପରିବେଶ ଖୁସି ହେବ । ପ୍ରେମ ସମ୍ପର୍କ ମଜବୁତ ହେବ ।



**ସିଂହ:** ଆପଣ ବ୍ୟବସାୟରେ ଲାଭ ପାଇପାରିବେ । ଚାକିରି କ୍ଷେତ୍ରରେ ପରିସ୍ଥିତି ଆପଣଙ୍କ ସପକ୍ଷରେ ରହିବ । ଆପଣ ଧାର୍ମିକ କାର୍ଯ୍ୟ କଳାପରେ ଅଧିକ ଆଗ୍ରହୀ ହେବେ । ଆପଣ ନିଜ ପରିବାର ସଦସ୍ୟଙ୍କ ସହିତ ଏକ ଧାର୍ମିକ ସ୍ଥାନକୁ ଯାତ୍ରାର ଯୋଜନା କରିପାରିବେ ।




**କନ୍ୟା:** ଏହି ରାଶିର ଲୋକମାନେ ସେମାନଙ୍କର ନୂତନ ଯୋଜନା ପୂରଣ କରିବାରେ ସଫଳ ହେବେ । ଆପଣ କଠିନ ପରିଶ୍ରମର ତୁରନ୍ତ ଲାଭ ପାଇବ ନାହିଁ । କର୍ମ କ୍ଷେତ୍ରରେ ଉନ୍ନତି ହେବାର ଆଶା କରା ଯାଉଛି । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । ସାମାଜିକ କ୍ଷେତ୍ରରେ ସମ୍ମାନ ହାସଲ କରାଯିବ ।



**ତୁଳା:** ଲୋକମାନେ ଆଜି ନିଜ ପରିବାର ସଦସ୍ୟଙ୍କ ସହ ପିକନିକ୍ କାର୍ଯ୍ୟକ୍ରମ କରିପାରିବେ । ପିଲାମାନଙ୍କ ତରଫରୁ ଅସୁବିଧା ସମାପ୍ତ ହେବ । ବିବାହିତ ଜୀବନ ଭଲ ହେବ । ଜୀବନସାଥୀ ଆପଣଙ୍କର ଭାବନା ବୁଝିବେ । କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସଫଳତାର ସମ୍ଭାବନା ଅଛି ।



**ବିଛା:** ଏହି ରାଶି ଲୋକମାନେ ଏଥିର କିଛି ଭାବିବେ ନାହିଁ । ଆପଣ ଆପଣଙ୍କର କ୍ରୋଧ ଏବଂ ଉତ୍ସାହକୁ ନିୟନ୍ତ୍ରଣ କରନ୍ତୁ । ମୂଲ୍ୟବାନ ଜିନିଷଗୁଡିକ ସଂରକ୍ଷିତ ହେବା ଆବଶ୍ୟକ ଅନ୍ୟଥା ନିଖୋଜ ହେବାର ସମ୍ଭାବନା ଅଛି । ଆପଣ ଉତ୍ସାହର ସହିତ କିଛି କରିବା ଉଚିତ୍ ନୁହେଁ । ଗାଡି ଚଳାଇବା ସମୟରେ ସତର୍କ ରହିବାକୁ ପଡିବ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ ।



**ଧନୁ:** ଏହି ରାଶିର ଲୋକମାନେ ଏକ ଲାଭଜନକ ଯାତ୍ରା କରିପାରିବେ । ଚାକିରି କ୍ଷେତ୍ରରେ ବଡ ଅଧିକାରୀମାନେ ଆପଣଙ୍କ ସହିତ ଖୁସି ହେବେ । ଋଣ ଦିଆଯାଇଥିବା ଟଙ୍କା ଫେରସ୍ତ କରାଯାଇ ପାରିବ । ଆୟ ବୃଦ୍ଧି ପାଇବ । ପିତାମାତାଙ୍କର ସମ୍ପୂର୍ଣ୍ଣ ସମର୍ଥନ ରହିବ । ପରିବାରକୁ ନେଇ ଚିନ୍ତିତ ହେବେ ।



**ମକର:** ଏହି ରାଶିର ଲୋକମାନେ ଆଜି ଭଲ ଦିନ ପାଇବେ । ବେକାରୀ ହଟାଇବାକୁ ଚେଷ୍ଟା ସଫଳ ହୋଇପାରେ । ଆପଣ କିଛି କାର୍ଯ୍ୟରେ ସଫଳତା ପାଇବେ, ଯାହା ଆପଣଙ୍କୁ ଖୁସି କରିବ । ଆପଣ ପୂର୍ଣ୍ଣ ଭାଗ୍ୟ ପାଇବେ । ଆପଣ ସାଙ୍ଗମାନଙ୍କଠାରୁ ଉପହାର ପାଇପାରିବେ । ଯେଉଁମାନେ ଷ୍ଟକ୍ ମାର୍କେଟ୍ ସହିତ ସଂଯୁକ୍ତ, ସେମାନେ ଆବଶ୍ୟକୀୟ ଲାଭ ପାଇବା ସମ୍ଭାବନା । ସ୍ୱାମୀ-ସ୍ତ୍ରୀ ସମ୍ପର୍କ ମଜବୁତ ହେବ ।



**କୁମ୍ଭ:** କୁମ୍ଭ ଲୋକମାନେ ନିଜ ଘରେ ସେମାନଙ୍କର ନିକଟ ସମ୍ପର୍କୀୟଙ୍କୁ ଭେଟିବାକୁ ଯାଇପାରନ୍ତି । ହଠାତ୍ ଟେଲି ଯୋଗାଯୋଗ ମାଧ୍ୟମରେ ଭଲ ଖବର ପାଇବାର ସମ୍ଭାବନା ଅଛି । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ନୂତନ ଲୋକମାନେ ପରିଚିତ ହୋଇପାରିବେ । ଆପଣ ଆପଣଙ୍କର ଶତ୍ରୁମାନଙ୍କୁ ପରାସ୍ତ କରିବେ । ଲାଭ ପାଇଁ ସୁଯୋଗ ହାତକୁ ଯାଇପାରେ ।



**ମୀନ:** କୈଣସି ବ୍ୟସ୍ତତା କାର୍ଯ୍ୟହେତୁ ବହୁତ ବିବ୍ରତ ହେବେ । ଗାଡି ଚଳାଇବା ସମୟରେ ବେପରୁଆ ହୁଅନ୍ତୁ ନାହିଁ । ଅନାବଶ୍ୟକ ନିୟନ୍ତ୍ରଣକୁ ରଖିବାକୁ ହେବ, ନଚେତ ଆର୍ଥିକ ସମସ୍ୟା ବୃଦ୍ଧି ପାଇପାରେ । ଚାକିରୀ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇପାରେ । କୌଣସି ବିପଦ ପୂର୍ଣ୍ଣ କାର୍ଯ୍ୟରେ ଯୋଗ ଦିଅନ୍ତୁ ନାହିଁ । ବ୍ୟବସାୟ ଭଲ ହେବ, ଆୟ ବୃଦ୍ଧି ପାଇବ ।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ବୌଦ୍ଧ (ଭାସ୍କର ନ୍ୟୁଜ୍): ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଦକ୍ଷତା ବିକାଶ ମିଶନ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଓ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସହିତ ଜିଲ୍ଲାର ବିଭାଗୀୟ ମୁଖ୍ୟ ସଦସ୍ୟ ଭାବେ ଉପସ୍ଥିତ ଥିଲେ। ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ବୈଠକର ଆଭିମୁଖ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ । ଜିଲ୍ଲା ରେ ଚାଲିଥିବା ଦକ୍ଷତା ପ୍ରଶିକ୍ଷଣର ବିଗତ ବର୍ଷର ଲକ୍ଷ୍ୟ ତୁଳନାରେ କେତେ ସଫଳତା ମିଳିଛି ଏଥିରେ ଆଲୋଚନା ହୋଇଥିଲା। ବିଫଳତାର କାରଣ ମଧ୍ୟ ଆଲୋଚନା ପରିସରଭୁକ୍ତ ଥିଲା। ଜିଲ୍ଲାର ମୁଖ୍ୟାଳୟରେ ପ୍ରଶିକ୍ଷଣ ନିମନ୍ତେ ଉପଯୁକ୍ତ ଭିତ୍ତିଭୂମିର ଅଭାବ ଏକ ମୁଖ୍ୟ ପ୍ରତିବନ୍ଧକ ସାଜିଛି । ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିଜ ପରିସର ରେ ଥିବା ଅବ୍ୟବହୃତ ଭିତ୍ତିଭୂମି ଯଦି ଥାଏ ତାହେଲେ ଜିଲ୍ଲା ନିୟୋଜନ ଅଧିକାରୀଙ୍କୁ ଅବଗତ କରେଇବାକୁ ପରାମର୍ଶ ଦେଇଥିଲେ । ସାମ୍ପ୍ରତିକ ପରିସ୍ଥିତି ରେ ଚାରିଛକ ନିକଟରେ ଥିବା ଅନୁସୂଚିତ ଜାତି ଏବଂ ଜନଜାତି ବିଭାଗର ଅବ୍ୟବହୃତ ଛାତ୍ରବାସ ରେ ପ୍ରଶିକ୍ଷଣ ଚାଲୁ ରଖିବା ପାଇଁ ଆଦେଶ ଦେଲେ। ଚଳିତ ଆର୍ଥିକ ବର୍ଷ ପାଇଁ ଦକ୍ଷତା କ୍ୟାଲେଣ୍ଡର ଉପସ୍ଥାପିତ ହୋଇ ଅନୁମୋଦନ କମିଟି ଦ୍ୱାରା ହୋଇଥିଲା। ଜିଲ୍ଲାରେ ଇନୋଭେଟିଭ୍ ଟ୍ରେଡ୍ ଯଥା , ସୋଲାର ପ୍ୟାନେଲ ଇନ୍ଷ୍ଟଲେସନ୍ ଟେକ୍ନିସିଆନ୍ ମୋବାଇଲ ହାର୍ଡୱେର ଟେକ୍ନିସିଆନ୍, ଫିଲଡ ଟେକ୍ନିସିଆନ୍ - ଘରୋଇ ଉପକରଣ, ୱେୟାରହାଉସ୍ ଏକ୍‌ଜିକ୍ୟୁଟିଭ୍ ଆସିଷ୍ଟାଣ୍ଟ ଇଲେକ୍ଟ୍ରିସିଆନ ସ୍ୱଳ୍ପ କାଳୀନ ନିଶୁଳ୍କ ତାଲିମ ପାଇଁ ଚୂଡାନ୍ତ ହେଲା । ତାଲିମ ଦେବା ନିମନ୍ତେ ତିନିଟି ସଂସ୍ଥା ଚୟନ କରାଗଲା। ଏତଦବ୍ୟତୀତ, ନାନୋ ୟୁନିକର୍ନ ଯୋଜନାରେ ଦଶଦିନ ଧରି ଦକ୍ଷତା ପ୍ରଶିକ୍ଷଣ ପାଇଥିବା ଉପସ୍ଥିତ ୧୦ ଜଣ ପ୍ରାର୍ଥୀମାନଙ୍କୁ ଇଡିପି ମାନପତ୍ର ପ୍ରଦାନ କରିବା ସହିତ କ୍ଷୁଦ୍ର ଉଦ୍ୟୋଗ ସ୍ଥାପନ ନିମନ୍ତେ ଏକ ଲକ୍ଷ ଟଙ୍କା ର ସହାୟତା ରାଶି ବହୁତ ଶୀଘ୍ର ପ୍ରଦାନ କରାଯିବ ବୋଲି ଘୋଷଣା କରାଗଲା ।



## ସୀମାନ୍ତ ଇଙ୍ଗ୍ରା ଗାଁ ରାସ୍ତା ଉପରେ ସରକାରଙ୍କ ଦୃଷ୍ଟି ପଡ଼ିବ କେବେ !



ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା ହେଇଥିବାରୁ ଏହି ଆଦିବାସୀ ଓ କେବିକେ ଜିଲ୍ଲାରେ ରାଜ୍ୟ ସରକାରଙ୍କ ଯେତେସବୁ ଉନ୍ନତିମୂଳକ କାମକାର୍ଯ୍ୟ, ଗାଁର ବିକାଶ ସକାଶେ ତାହା ସବୁ ସରପଞ୍ଚରୁ ଆରମ୍ଭ କରି ଉଚ୍ଚ ସ୍ତରୀୟ ସରକାରୀ ବାବୁମାନେ କାଗଜ କଲମରେ ଦେଖେଇ କାମ ନ କରି ରିପୋର୍ଟ ଦେଉଛନ୍ତି।ଏହାର ଦୃଷ୍ଟାନ୍ତ ଉମରକୋଟ ବ୍ଲକର କୋପେନା ପଞ୍ଚାୟତର ଇଙ୍ଗ୍ରାର ଶେଷ ରାସ୍ତା ଠାରୁ ଛତିଶଗଡ଼ର ଫରସାପଦର ଓ ହୀରାପୁର ସଂଯୋଗ କରୁଥିବା ଏକ କିଲୋମିଟର ରାସ୍ତା। ଏଥିପ୍ରତି ଓଡ଼ିଶା ସରକାରଙ୍କ ନଜର ପଡ଼ିବ କେବେ କହି ବାଟୋଇ ସହ ସୀମାନ୍ତରେ ବସବାସ କରୁଥିବା ଲୋକ ମାନେ ଅଭିଯୋଗ କରି ନିନ୍ଦନିୟ ବ୍ୟଙ୍ଗ କରିଛନ୍ତି।ଏହି ରାସ୍ତା ଉପରେ ଛତିଶଗଡ଼ ଓ ଓଡ଼ିଶାର ଅନେକ ଗ୍ରାମ ନିର୍ଭର କରିଥାଆନ୍ତୀ। ଅନେକଙ୍କ ରୋଜଗାର ତଥା ଦୈନନ୍ଦିନ ଜୀବନ ପାଇଁ ଏହା ଜୀବନଧାରା କହିଲେ ଭୁଲ ହେବ ନାହିଁ। ମାତ୍ର ଏବେ ଏହା ମରଣଯନ୍ତା ପାଲଟିଛି। ଏକ କିଲୋମିଟର ରାସ୍ତାଟିରେ ଦିନ ପ୍ରତିଦିନ ଦୁର୍ଘଟଣା ସଂଖ୍ୟା ବଢ଼ି ଚାଲିଥିବାବେଳେ ଏବଂ ଅତ୍ୟନ୍ତ ସଂକୀର୍ଣ୍ଣ ରାସ୍ତା ଯୋଗୁଁ ଲୋକଙ୍କ ଜୀବନ ଦୁର୍ବିସହ ହୋଇ ପଡ଼ିଛି। ଦୀର୍ଘ ଦିନ ଏହି ରାସ୍ତା ଉଜୁଡି ଯାଇଥିବାବେଳେ ଅନେକ ଦାବି ଓ ଅଭିଯୋଗ ପରେ ବି ରାସ୍ତାର ଅବସ୍ଥା ସୁଧୁରୁନାହିଁ। ଉପାନ୍ତ ଅଞ୍ଚଳ ବୋଲି ରାସ୍ତାର ଏହି ଦୁରାବସ୍ଥା ପ୍ରତି ଆଖି ବୁଜି ଦେଇଛି ନବରଙ୍ଗପୁର ଜିଲ୍ଲା ପ୍ରଶାସନ ସହ ପୂର୍ତ୍ତ ବିଭାଗ। ଅପରପକ୍ଷରେ ନିର୍ମାଣ ଓ ମରାମତି ଅଭାବରୁ ଉମରକୋଟ ବ୍ଲକ କୋପେନା ପଞ୍ଚାୟତର ଇଙ୍ଗ୍ରା ର ଶେଷ ପ୍ରାନ୍ତ ଠାରୁ ଛତିଶଗଡ଼ ଫରସାପଦର, ହୀରାପୁର ଏକ କିଲୋମିଟର ରାସ୍ତା ଏବେ ବିପଦକୁ ହାତଠାରି ଡାକୁଛି। ଏଣୁ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ସହ ପୂର୍ତ୍ତ ବିଭାଗ ଏହି ରାସ୍ତାର ନିର୍ମାଣ ଓ ମରାମତି ପାଇଁ ପଦକ୍ଷେପ ନ ନେଲେ ପରିସ୍ଥିତି ଭୟାବହ ହେବ ଏବଂ ଲୋକେ ଯେ କୌଣସି ମୁହୂର୍ତ୍ତରେ ଆନ୍ଦୋଳନ କରିବେ ବୋଲି କହିଛନ୍ତି।

## ଚାଷୀଙ୍କ ଖାତାରୁ କୃଷି ଋଣ ଟଙ୍କା ହଡ଼ପ୍ ଅଭିଯୋଗ
## ବ୍ୟାଙ୍କ ଘେରିଲେ ହିତାଧିକାରୀ




ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ସହର ବୁଟୁପାଲି ଠାରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କୃଷି ଉନ୍ନୟନ ଶାଖାରେ ଚାଷୀଙ୍କ ଅଜାଣତରେ କୃଷି ଋଣ ଟଙ୍କା ଜମା ଖାତାରୁ ହଡ଼ପ୍ ହେବା ଘଟଣା ପ୍ରତିବାଦରେ ବ୍ୟାଙ୍କ ଘେରାଓ କରିଥିଲେ ହିତାଧିକାରୀ। ମିଳିଥିବା ସୂଚନା ଅନୁଯାୟୀ ହରଭଙ୍ଗା ବ୍ଲକ ଲୁଣିବାହାଲ ଓ ସାମ୍ପୋଚ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୨୫ ଜଣ ଚାଷୀଙ୍କ ଜମା ଖାତାରୁ ହଜାର ହଜାର କୃଷି ଋଣ ଟଙ୍କା ବିଭିନ୍ନ ଜମା ଖତାକୁ ଟ୍ରାନ୍ସଫର କରାଯାଇଛି । ଚାଷୀମାନେ ଏ ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ପରେ ମଧ୍ୟ ଟଙ୍କା ଫେରସ୍ତ ନପାଇବାରୁ ଆଜି ବ୍ୟାଙ୍କ ଆଗରେ ଘେରାଓ କରି ପ୍ରତିବାଦ ପ୍ରଦର୍ଶନ କରିଥିଲେ । ପରେ ସମାଜସେବୀ ଇଂ ବିକାଶ ମହାକୁଳଙ୍କ ନେତୃତ୍ୱରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଚାଷୀଙ୍କ ଟଙ୍କା ଫେରସ୍ତ ପ୍ରସଙ୍ଗରେ ଆଲୋଚନା କରିଥିଲେ । ବ୍ୟାଙ୍କ କର୍ତ୍ତୃପକ୍ଷ ଗଣମାଧ୍ୟମକୁ କୌଣସି ସୂଚନା ଦେଇ ନଥିବା ବେଳେ ତଦନ୍ତ କରି ଚାଷୀଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ଦେଇଥିବା ସୂଚନା ମିଳିଛି ।

## ଜିଲ୍ଲାସ୍ତରୀୟ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା



ବୌଦ୍ଧ( ଭାସ୍କର ନ୍ୟୁଜ୍): ସ୍ଥାନୀୟ ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ସଭାଗୃହ ଠାରେ ଭିଜନ ଓଡିଶା @୨୦୩୬ ଓ ବିକଶିତ ଭାରତ @୨୦୪୭ବିଷୟରେ ଜିଲ୍ଲାସ୍ତରୀୟ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଜିଲ୍ଲାଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଯାଇଛି ଫ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ କାର୍ଯ୍ୟକ୍ରମକୁ ଉଦଘାଟନ କରି ଆମ ରାଜ୍ୟ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପାଇବାର ୧୦୦ବର୍ଷ ପୂର୍ତ୍ତି ଉପଲକ୍ଷେ ଆମେ କିପରି ସ୍ୱପ୍ନ ଦେଖୁଛେ ଏବଂ ୨୦୪୭ବେଳକୁ ବିକଶିତ ଭାରତର ସ୍ୱରୂପ କିପରି ଦେଖୁଛେ ସେ ସମ୍ପର୍କରେ ପ୍ରବନ୍ଧ ଓ ଚିତ୍ରାଙ୍କନ ମାଧ୍ୟମରେ ନିଜ ନିଜର ମତ ଉପସ୍ଥାପନ କରିବାକୁ ବକ୍ତବ୍ୟ ରଖିଥିଲେଫ ସମ୍ମାନୀତ ଅତିଥି ଭାବରେ ମା ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ମାନଭଞ୍ଜନ ତ୍ରିପାଠୀ, ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସଂଜିପ କୁମାର ପ୍ରଧାନ, ଜିଲ୍ଲା ଶିକ୍ଷା ସଂଯୋଜକ ଶିବଶଙ୍କର ଶତପଥୀ ମଞ୍ଚାସୀନ ଥିଲାବେଳେ ବୌଦ୍ଧ ସହଗୋଷ୍ଠୀ ଶିକ୍ଷା ଅଧିକାରୀ କମଳକାନ୍ତ ଦଳବେହେରା ସ୍ୱାଗତ ଭାଷଣ ରଖିଥିଲେ। ମନମୁଣ୍ଡା ହାଇସ୍କୁଲର ସହକାରୀ ଶିକ୍ଷକ ସମ୍ବିତ କୁମାର ମିଶ୍ର ଅତିଥି ପରିଚୟ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ । ବିଚାରକ ଭାବରେ ରଂଜିତ କୁମାର ନାୟକ ଉନ୍ନୀତ ଉଚ୍ଚ ବିଦ୍ୟାଳୟ କରଞ୍ଜକଟା, ସମ୍ବିତ କୁମାର ମିଶ୍ର ମନମୁଣ୍ଡା ହାଇସ୍କୁଲ, ରାଜକୁମାର ପ୍ରଧାନ ଚଣ୍ଡିଗଡ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ନିରଞ୍ଜନ ମେହେର ସି ଆର ସି ସି ଓଲଣ୍ଡା, ରାଜେଶ କୁମାର ବଗର୍ତ୍ତୀ ଖୁଣ୍ଟବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଅବସରପ୍ରାପ୍ତ ସିଆରସିସି ସୁବାସ ଚନ୍ଦ୍ର ବିଶି ସହଯୋଗ କରିଥିଲେ ଜିଲ୍ଲାର ନବମ,ଦଶମ,ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ୩୦ଜଣରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଓ ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ଆସନ୍ତା ୧୨ ରୁ ୧୮ତାରିଖ ମଧ୍ୟରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ବିକାଶ ମେଳାରେ କୃତି ଛାତ୍ର ଛାତ୍ରୀ ମାନେ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହେବାର ବ୍ୟବସ୍ଥା ରହିଛି । ପ୍ରତିଯୋଗିତାର ସମାପନ ସଭାରେ ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେ ଉପସ୍ଥିତ ରହି ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ଆସନ୍ତା ଜିଲ୍ଲାସ୍ତରୀୟ ବିକାଶ ମେଳାକୁ ଆସିବାକୁ ସମସ୍ତଙ୍କୁ ନିମନ୍ତ୍ରଣ ଜଣାଇଥିଲେ ।

## ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ଛବି



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ସଦର ପାତ୍ରଗୁଡ଼ା ଅଞ୍ଚଳ ନିବାସୀ ଛବି ଦାଶ ନିଆରା ଢଙ୍ଗରେ ତାଙ୍କର ୫୦ ବର୍ଷ ଜନ୍ମଦିନ ପାଳିଛନ୍ତି। ଏହି ଅବସରରେ ମାଲକାନଗିରି ସଦରର ବହୁ ଲୋକଙ୍କୁ ଅନୁରୋଧ କରି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ଏଥିରେ ୫୦ଜଣ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ୪୦ରୁ ଉର୍ଦ୍ଧ୍ୱ ଅନାଥ ପିଲାମାନଙ୍କୁ ଖାଦ୍ୟ ପୋଷାକ ବଣ୍ଟନ କରିଥିଲେ ମାଉଲି ମନ୍ଦିର ପ୍ରାଙ୍ଗଣରେ ଏକ ପାନୀୟ ଜଳ ମେଶିନ ପ୍ରତିଷ୍ଠା କରିଥିଲେ। ପରେ ଗରିବ ବୃଦ୍ଧାବୃଦ୍ଧଙ୍କୁ ଛତା ଏବଂ ବସ୍ତ୍ର ସହ ଖାଦ୍ୟ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଜୀବନର ପ୍ରଥମ ଚାରି ଗୁରୁଙ୍କୁ ନିମନ୍ତ୍ରଣ କରି ସମ୍ମାନୀତ କରିଥିଲେ। ଶ୍ରୀ ଦାଶ କହିଛନ୍ତି, ସମସ୍ତେ ଜନ୍ମଦିନ କେକ୍ କାଟି, ମିଠା ବାଣ୍ଟି ପାଳନ କରିଥାନ୍ତି। ମୁଁ ଏପରି ନିଆରା ଢଙ୍ଗରେ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବର୍ତ୍ତମାନ ବହୁ ଗରିବ ଲୋକମାନେ ରକ୍ତର ଅଭାବ ଯୋଗୁ ମୃତ୍ୟୁ ମୁଖରେ ପଡୁଛନ୍ତି। ସେମାନଙ୍କୁ ସାହାଯ୍ୟର ହାତ ବଢ଼ାଇବା ଲାଗି ଏହି ଶିବିର ଆୟୋଜନ କରିଥିଲି। ଏହି ଜନ୍ମ ଉତ୍ସବରେ ସାହାଯ୍ୟର ହାତ ବଢ଼େଇଥିଲେ ନିଜ ପରିବାରଙ୍କ ସମେତ ବହୁ ସମାଜସେବୀଙ୍କ ସହ ଜି.ଶ୍ରୀନିବାସ ରାଓ, ପି. କେଶୁରାଓ, ଅଶୋକ ପଟ୍ଟନାୟକ, ଦୁର୍ଗା ପ୍ରସାଦ ତ୍ରିପାଠୀ, ବସ ଓନର୍ସ ଆସୋସିସନର ସଭାନେତ୍ରୀ ରାଜେଶ୍ୱରୀ ପ୍ରଧାନ, ଅଶୋକ ରାଉତ ଏବଂ ଅନ୍ୟମାନେ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ଡ଼ାବରାଗୁଡା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ,ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା ପ୍ରଭୃତି ଯୋଗଦାନ କରି ଡ଼ାବରାଗୁଡା ଗ୍ରାମ ପଞ୍ଚାୟତ ସମେତ ଚେଳାଗଡ, ମହେନ୍ଦ୍ରଗଡ ଓ ଛେଲିଗଡ଼ ପଞ୍ଚାୟତର ସମୁଦାୟ ମୋଟ- ୫୪ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୦୮ ଗୋଟି ,ଗ୍ରାମ ଭିତ୍ତିକ ସମସ୍ୟା- ୪୬ ଗୋଟି ଅଭିଯୋଗ ଆସିଥିଲା ।ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣିରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଜଣକୁ ହ୍ୱିଲଚେୟାର ବଣ୍ଟନ କରାଯାଇଥିଲା। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା,ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଜନ ଅଭିଯୋଗ ଶୁଣାଣି ସମୟରେ ଆର.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାରୀମନ ଖର୍ସେଲ, ତହସିଲଦାର ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ ଅଲ୍ଲୀ,ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ସନ୍ତୋଷ କୁମାର ନାୟକ ଓ ସ୍ଥାନୀୟ ସରପଞ୍ଚ ଓ ଜନପ୍ରତିନିଧି ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ।

## ସୁଭଦ୍ରା ଶକ୍ତି ପାରମ୍ପରିକ ଓଡିଆ ଖାଦ୍ୟ ପ୍ରତିଯୋଗିତା

ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ବ୍ଲକ ସ୍ତରୀୟ ମିଶନଶକ୍ତି ଦ୍ୱାରା ଆୟୋଜିତ ଓଡିଆ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଇଘର ବ୍ଲକର ୨୬ ଗୋଟି ପଂଚାୟତ ର ୨୫ ଗୋଟି ଏସ୍ଏସଜି ଗ୍ରୁପକୁ ପ୍ରଥମେ ଭାଗ ନେବାକୁ ସୁଯୋଗ ଦିଆଯାଇଥିଲା। ଏହି ପ୍ରତିଯୋଗିତାରେ ଓଡ଼ିଆ ପାରମ୍ପରିକ ଖାଦ୍ୟ ଯଥା ଆରିସା ପିଠା, ପୋଡ ପିଠା, ଛେନା ଝିଲି, ଉପମା ବରା, ଦହି ବରା, ଠୁଙ୍କା ପୁରୀ, ଆଦି ଉପରେ ଗୁରୁତ୍ୱ ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ସାଂସଦ ପ୍ରତିନିଧି ପ୍ରୀତି ସ୍ନିଧା ମହାପାତ୍ର, ସ୍ଥାନୀୟ ତହସିଲଦାର ରିତୁ ସିଂ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀ , ରାଇଘର ପଂଚାୟତ ସମିତି ଅଧକ୍ଷ ପରିକ୍ଷିତ ସାହୁ ସି ଡି ପି ଓ ଗୀତାଞ୍ଜଳୀ ମିଶ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଥମ ପୁରସ୍କାର ଭାବେ କୁରବେଢ଼ା ଏସଏସଜି ଗ୍ରୁପ ଓ ଦ୍ୱିତୀୟ ପୁରସ୍କାର ଭାବେ ପାରୂଆ ଏସଏସଜି ପାଇଥିବା ବେଳେ ସାଂସଦ ପ୍ରତିନିଧି ପ୍ରୀତିସ୍ନିଧା ମହାପାତ୍ର ଖୁସିହୋଇ ପ୍ରଥମ ସ୍ଥାନ ଅଧିକାର କରିଥିବା ଏସଏସଜି ଗ୍ରୁପକୁ ୧୦୦୦ ଟଙ୍କା ଦେଉଥିବାବେଳେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଏସଏସଜି ଗ୍ରୁପକୁ ପାଞ୍ଚ ଶହ ଟଙ୍କା ଦେଇଥିବା ଜଣାଯାଇଛି।

## ଡବଲ ଇଞ୍ଜିନ ସରକାରର ସଫଳତାକୁ ନେଇ କର୍ମଶାଳା

ଗୁଣପୁର(ଭାସ୍କର ନ୍ୟୁଜ୍): ରାୟଗଡା ଜିଲା ଗୁଣପୁରର ପୂର୍ତ୍ତ ବିଭାଗ ବଙ୍ଗଳା ଠାରେ ଭାଜପାର ଏକ ବୈଠକ ମଙ୍ଗଳବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୁଣପୁର ନଗର ମଣ୍ଡଳର କାର୍ଯ୍ୟକର୍ତ୍ତା ଏବଂ କର୍ମୀମାନେ ଯୋଗ ଦେଇଥିଲେ। ବୈଠକ ତଥା କର୍ମଶାଳାରେ ବରିଷ୍ଠ ନେତା ତଥା ନାଗରିକ ନୀଳମାଧବ ପାଢ଼ୀ, ବିଧାୟକ ପ୍ରାର୍ଥୀ ତ୍ରିନାଥ ଗମାଙ୍ଗ, ନଗର ସଭାପତି ବଦ୍ରି ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। କେନ୍ଦ୍ର ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ସହ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉତ୍ସବ କିପରି ପାଳନ କରାଯିବ ସେନେଇ ଆଲୋଚନା ହୋଇଥିଲା । କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଗୁଡିକ ଲୋକଙ୍କ ନିକଟକୁ ପହଁଞ୍ଚାଇବା ପାଇଁ ଆହ୍ୱାନ ପ୍ରଦାନ କରାଯାଇଥିଲା । ଏଥି ସହ ତୃଣମୂଳସ୍ତରରେ ସଂଗଠନକୁ ସୁଦୃଢ କରି ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବା ପାଇଁ କୁହାଯାଇଥିଲା । ଗୁଣପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ବ୍ଲକ ସ୍ତରରେ ଏପରି କାର୍ଯ୍ୟକ୍ରମ ଧୁମଧାମରେ ପାଳନ କରାଯିବାକୁ ବୈଠକରେ ସ୍ଥିର ହୋଇଥିଲା । ରାଜ୍ୟର ନିଷ୍ପତ୍ତି କ୍ରମେ ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ଆଇନଜୀବୀ ପ୍ରଦୀପ କୁମାର ପାଢ଼ୀ, କିନ୍ନର ସଂଘର ପିଙ୍କି ମହାପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇ ନିଜ ନିଜର ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଉଦୟ ପାଢ଼ୀ, ହରେକୃଷ୍ଣ ପାଢ଼ୀ, ଅନିଲ ସାଉକାର, ପେଦିନା ନାଗରାଜୁ, ରାମ ପଟ୍ଟନାୟକ, ବାପି ପଣ୍ଡା, ଟିଙ୍କୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ବିଦେଶୀ ଆମ୍ବ ଫଳାଇ ଅନ୍ୟଙ୍କ ପାଇଁ ସୁଧାଂଶୁ ପାଲଟିଲେ ଉଦାହରଣ



ଉମରକୋଟ(ଭାସ୍କର ନ୍ୟୁଜ୍): ବର୍ତ୍ତମାନ ଚାଲିଛି ଆମ୍ବ ସିଜିନ।ଆମ୍ବ ହେଉଛି ଫଳର ରାଜା। ଆମ୍ବ କହିଲେ ଆଖି ଆଗରେ ନାଚିଯାଏ ହଳଦିଆ ପାଚିଲା ରସାଳ ଫଳର ରୂପ। କିନ୍ତୁ ଏବେ ଆମେ କହୁଛୁ ଏକ ଭିନ୍ନ ଧରଣର ଗୋଲାପୀ ବାଇଗଣୀ ରଙ୍ଗର ଆମ୍ବ ଯାହାର ନାମ ହେଉଛି ମିୱାଜାକି ଆମ୍ବ ।ଏହି ଆମ୍ବର ଅନ୍ତର୍ଜାତୀୟ ବଜାରରେ ବେଶ୍ ଚାହିଦା ରହିଛି। ଏହାର ମୂଲ୍ୟ କିଲୋପ୍ରତି ଦେଢ଼ରୁ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହି ମିୱାଜାକି ଆମ୍ବ ଏବେ ନବରଙ୍ଗପୁର ଜିଲ୍ଲାରେ ଉପଲବ୍ଧ ହୋଇଥିବା ଦେଖିବାକୁ ମିଳିଛି। ନବରଙ୍ଗପୁର ଜିଲ୍ଲାର ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଡେଙ୍ଗାତୋଟା ଗୁଡା ଗ୍ରାମରେ ଏହି ମିୱାଜାକି କିସମ ଆମ୍ବ ବଗିଚାରେ ଶୋଭା ବର୍ଦ୍ଧନ କରୁଛି । ଅଗ୍ରଣୀ ଚାଷୀ ସୁଧାଂଶୁ ପାଢ଼ୀ ପରୀକ୍ଷଣ ଭିତ୍ତିରେ ନିଜ ଫାର୍ମରେ ଏହା ଚାଷ କରିଛନ୍ତି । ଗତ ୨୦୨୩ ଜୁଲାଇ ମାସରେ ଏକ ନର୍ସରୀରୁ ପ୍ରତି ଚାରା ପିଛା ୨୧୦୦ ଟଙ୍କା ରେ ଏହି ଆମ୍ବ ପ୍ରଜାତିର ଚାରା କିଣି ଆଣି ନିଜ ଫାର୍ମରେ ଲଗାଇ ଥିଲେ। ଏଥିରେ ଜୈବସାର ଭାବେ ଗୋବର, ନିମ ଓ ଜିଆ ଖତ ବ୍ୟବହାର କରିଥିଲେ। ଫଳରେ ଦୁଇବର୍ଷ ମଧ୍ୟରେ ଗଛରେ ଫଳ ଧରି ପାରିଛି। ମାତ୍ର ୬ ରୁ ୭ ଫୁଟ ଉଚ୍ଚତା ବିଶିଷ୍ଟ ଗଛରେ ଆମ୍ବ ଫଳିଛି। ଗୋଟିଏ ଗୋଟିଏ ଆମ୍ବର ଓଜନ ଅଧା କେଜିରୁ ଗୋଟିଏ କେଜି ଓଜନର ହେଲାଣି। ଦେଖିବାକୁ ଖୁବ ସୁନ୍ଦର ଓ ଲୋଭନୀୟ ଏହି ଆମ୍ବ। ଏଭଳି ବିଦେଶୀ ପ୍ରଜାତିର ଆମ୍ବ ଚାଷ ପ୍ରଥମ ଥର ନବରଙ୍ଗପୁର ଜିଲ୍ଲାରେ ହୋଇଥିବା ବେଳେ ଜିଲ୍ଲା ଉଦ୍ୟାନ ବିଭାଗ ସହାୟତାରେ ସୁଧାଂଶୁ ଙ୍କ ଫାର୍ମରେ ବୁନ୍ଦା ଜଳସେଚନ ବ୍ୟବସ୍ଥା କରାଯାଇଛି। ବୁନ୍ଦା ଜଳସେଚନ ପାଇଁ ସେ ୬୦ ପ୍ରତିଶତ ରିହାତି ପାଇଛନ୍ତି। ବୁନ୍ଦା ଜଳ ସେଚନ ବ୍ୟବସ୍ଥା ଯୋଗୁଁ ଗଛକୁ ଉଭୟ ଖତ ସାର ସହ ପାଣି ନିୟମିତ ବ୍ୟବଧାନରେ ମିଳି ପାରୁଛି। ଯଦ୍ୱାରା ଗଛକୁ ଠିକ ପୋଷଣ ମିଳି ପାରୁଛି। ଫଳରେ ଦୁଇବର୍ଷ ମଧ୍ୟରେ ଗଛରେ ଫଳ ଧରିପାରିଛି। ଏହାର ରକ୍ଷଣାବେକ୍ଷଣ ଓ ଯତ୍ନ କିପରି କରାଯିବ ସେ ନେଇ ଡିଜିଟାଲ ମିଡ଼ିଆର ସହାୟତା ନେଇଥିଲେ। ଏଭଳି ବିରଳ କିସମ ଆମ୍ବ ଚାରା ରୋପଣ ସହ ଗଛର ଯତ୍ନ ନେଇଥିବା ଫାର୍ମ କର୍ମଚାରୀବି ଖୁସି ହେବା ସହ ତାର ସୁରକ୍ଷାରେ ଲାଗି ପଡିଛନ୍ତି। ପ୍ରଥମ ଥର ପାଇଁ ମିୱାଜାକି ଆମ୍ବ ଚାଷ କରି ସଫଳତା ପାଇ ପାରିଥିବାରୁ ସୁଧାଂଶୁ ପାଢ଼ୀ ବେଶ ଖୁସି ଅଛନ୍ତି । ସୁଧାଂଶୁ ନିଜ ଫାର୍ମରେ କେଶର, ଚଉସା, ଆଲଫାନ ଆମ୍ବ ସହ ପିଜୁଳି ଚାଷ ମଧ୍ୟ କରନ୍ତି। ତେବେ ମିୱାଜାକି ଆମ୍ବ ଚାଷ କରି ସେ ନୂତନ ପରୀକ୍ଷଣ କରିଛନ୍ତି। ମିୱାଜାକି ଆମ୍ବ ର ଦର ଆନ୍ତର୍ଜାତୀୟ ବଜାରରେ ଅଧିକ ହୋଇଥିବା ସତ୍ତ୍ୱେ ପ୍ରଥମ ଆମ୍ବ ଫସଲକୁ ସେ କମ ଦର ରେ ସ୍ଥାନୀୟ ବଜାର ରେ ହିଁ ବିକ୍ରି କରିବେ ବୋଲି କହିଛନ୍ତି। ସୁଧାଂଶୁଙ୍କ ମିୱାଜାକି ଆମ୍ବ ଚାଷ ର ସଫଳତା ଅନ୍ୟ ଚାଷୀଙ୍କୁ ପ୍ରେରଣା ଯୋଗାଇବ ବୋଲି ଜିଲ୍ଲା ଉଦ୍ୟାନ ବିଭାଗର ଉପ କୃଷି ନିର୍ଦ୍ଦେଶକ ଚନ୍ଦ୍ର ମୋହନ ସାହୁ କହିବା ସହ ବୁନ୍ଦା ଜଳସେଚନ ଜରିଆରେ ଫଳ ଚାଷ ପ୍ରତି ମଧ୍ୟ ଅନ୍ୟ ଚାଷୀ ଆଗ୍ରହୀ ହେବେ ବୋଲି କହିଛନ୍ତି। ତେବେ କେନ୍ଦ୍ର ସରକାର କୃଷିଜାତ ଦ୍ରବ୍ୟ ବିକ୍ରି ପାଇଁ କୃଷକ ଉତ୍ପାଦକ ସଂଘ ଜରିଆରେ ବିଶ୍ୱର ଅନ୍ୟ ଦେଶ ସହ ବୁଝାମଣା କରିଥିବାରୁ ନବରଙ୍ଗପୁର ଜିଲ୍ଲାର ମିୱାଜାକି ଆମ୍ବ ଭଳି ଫଳ ଓ ଅନେକ ପନିପରିବା ବିଦେଶ କୁ ରପ୍ତାନି ସମ୍ଭବ ହୋଇପାରିବ ବୋଲି କହିଛନ୍ତି।


## ନିଯୋଜନ ବିଭାଗ ଅଧିକାରୀଙ୍କ ମନମୁଖୀ ଶାସନ
### ନିଯୁକ୍ତି ମେଳାର ତଥ୍ୟ ଲୁଚାଉଛନ୍ତି

କନ୍ଧମାଳ(ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ମହକୁମା ଠାରେ ଜିଲ୍ଲା ନିୟୋଜନ ବିଭାଗଙ୍କ କାର୍ଯ୍ୟାଳୟ ରହିଛି ।ଏହି ବିଭାଗର କାର୍ଯ୍ୟରତ ଅଧିକାରୀଙ୍କ ମନମୁଖୀ ଶାସନରେ ଜିଲ୍ଲା ୨୦୨୫ - ୨୦୨୬ ଆର୍ଥିକ ବର୍ଷର ନିଯୁକ୍ତି ମେଳା ହୋଇଯାଇଛି ।ଉକ୍ତ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳାର ଷ୍ଟଲ, କେଉଁ କମ୍ପାନୀ, ସଂସ୍ଥାମାନେ ଭାଗ ନେଇଥିଲେ ଓ କନ୍ଧମାଳ ଜିଲ୍ଲାର କେଉଁ ବ୍ଲକରୁ କେତେ ଛାତ୍ରଛାତ୍ରୀମାନେ ଆସିଥିଲେ, କେତେଜଣ କେଉଁ ଠାରେ ନିଯୁକ୍ତି ପାଇଥିଲେ ଏହିଗୁଡିକର ତଥ୍ୟ ଆମ ଜିଲ୍ଲା ପ୍ରତିନିଧି ମାଗିଥିଲେ, କିନ୍ତୁ ଆଜକୁ ତିନିମାସ ହେବ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଦେଇପାରିଲେ ନାହିଁ ।ଏଥିରୁ ସ୍ପଷ୍ଟ ଜଣାପଡୁଛି କନ୍ଧମାଳ ଜିଲ୍ଲା ଦକ୍ଷତା ଓ ନିୟୋଜନ ଅଧିକାରୀ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ନାମରେ ଆସିଥିବା ଟଙ୍କାକୁ ହରିଲୁଟ୍ କଲା ପରି ଲାଗୁଛି ।ତେଣୁ କନ୍ଧମାଳ ଜିଲ୍ଲାରେ ଆଜି ପର୍ଯ୍ୟନ୍ତ ପରିବର୍ତ୍ତନ ହୋଇ ପାରିଲାଣି ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଓ ଚାକିରୀ। ଛାତ୍ରଛାତ୍ରୀମାନଙ୍କୁ ଠିକ ଭାବେ ନିଯୁକ୍ତି ନ ଦେବା ଫଳରେ ଅଧିକାଂଶ ଛାତ୍ରଛାତ୍ରୀ ହଇରାଣ ଓ ଠକାମୀର ଶିକାର ହୋଇଥିବାର ଦେଖାଯାଇଛି । ଅଧିକାରୀଙ୍କ ଜଣାତରେ କିଛି ଠକ ସଂସ୍ଥାଙ୍କୁ ଆଣି ଷ୍ଟଲ ଦେଇଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ସ୍ୱଚ୍ଛ ଶାସନକୁ ଏହିପରି କିଛି ଅଧିକାରୀ ବଦନାମ କରୁଛନ୍ତି ।ଏହି ଅଧିକାରୀ ଙ୍କ ପ୍ରତି ଦୃଢ଼ ପଦକ୍ଷେପ ନେଲେ ନିଯୁକ୍ତି ମେଳାର ରହସ୍ୟ ଖୋଲିବ।

## ବିଦ୍ୟାଳୟରେ ମିଷ୍ଟାନ୍ନ ବଣ୍ଟନ ଓ ସତ୍‌ସଙ୍ଗ

କୁଚିଣ୍ଡା(ଭାସ୍କର ନ୍ୟୁଜ୍): ଅରୁଣୋଦୟ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟରେ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବଙ୍କ ୫୮ ତମ ଜନ୍ମ ଜୟନ୍ତୀ ଦିବସ ଅବସରରେ ଅନ୍ତେବାସୀଙ୍କୁ ସତସଙ୍ଗୀ ଗୁରୁ ଭାଇ ମା' ମାନେ ମିଷ୍ଟାନ୍ନ ପ୍ରଦାନ କରିବା ସହ ସତସଙ୍ଗ ଅନୁଷ୍ଠିତ କରି ଜନ୍ମ ଜୟନ୍ତୀ ପାଳନ କରିଛନ୍ତି। ଏହି ଅବସରରେ କୁଚିଣ୍ଡା ସତସଙ୍ଗ କେନ୍ଦ୍ରର ଆଧ୍ୱର୍ଯ୍ୟ ଜଗବନ୍ଧୁ ସାହୁ ଶୃଙ୍ଖଳିତ ଜୀବନ ଯାପନ ପାଇଁ ଆଚାର, ବ୍ୟବହାର, ପରିବେଶ ସୁରକ୍ଷା, ଉତ୍ତମ ଆଚରଣ ମଣିଷ ଜୀବନକୁ ସୁଗମ ଓ ସତ୍ ଚରିତ୍ର ପ୍ରଦାନ କରିଥିବା ଅନେକ ଦୃଷ୍ଟାନ୍ତ ଦେଇ ବୁଝାଇଥିଲେ। ଅନୁଷ୍ଠାନର ପ୍ରଦୀପ ମହାକୁଲ, ମିଲି ବାଦି, ଜୁଲି ମହନ୍ତ, ଭୂମି ଧୁରୁଆଙ୍କ ସହ କୁଚିଣ୍ଡା ସତସଙ୍ଗ କେନ୍ଦ୍ର ପକ୍ଷରୁ ଗୁରୁଭାଇ, ମା'ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଖଡ଼ିଆଳ ପୋଲିସକୁ ଏକ ବଡ ସଫଳତା : ୪ ବାଇକ୍ ଚୋର କୋର୍ଟଚାଲାଣ




ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ପକ୍ଷରୁ ପନ୍ଦର ଗୋଟି ଚୋରି ବାଇକ ଉଦ୍ଧାର ଚାରି ଯୁବକ କୋର୍ଟ ଚାଲାଣ। ପୋଲିସ ସୂତ୍ରରୁ ପ୍ରକାଶ ଯେ ଜୟଦେବ ପଣ୍ଡା, ଗ୍ରାମ ଗୋଡଧୁଆ ପଦର, ଥାନା ଖଡ଼ିଆଳ, ଜିଲ୍ଲା ନୂଆପଡା ୮ ଜୁନ ୨୦୨୫ ରେ ଅଭିଯୋଗ କରିଥିଲେ ଯେ ଗତ ୨ ଜୁନ ୨୦୨୫ ରାତ୍ର ଆଠ ଘଣ୍ଟା ସମୟରେ ତାଙ୍କ ଘର ସଂମ୍ମୁଖୀରେ ରଖିଥିବା ବାଇକ ଏଚ ଏଫ ଡିଲକ୍ସ ଓଡ଼ି ୨୬ ୨୯୨୮ ଘରୁ ଚୋରି ହୋଇ ଯାଇଛି। ଶ୍ରୀ ପଣ୍ଡାଙ୍କ ଅଭିଯୋଗ ପରେ ଖଡ଼ିଆଳ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରି ପ୍ରଥମେ ପ୍ରଶାନ୍ତ କୁମାର ଖଡ଼ିଆଳ ୱାର୍ଡ ନଂ ୭ ଲାଲସାହେବ ପଡାକୁ ଅଟକ ରଖି ପଚରା ଉଚରା କରିଥିଲେ। ସେ ବାଇକ ଚୋରି ଚୋରି କରିଥିବା ବେଳେ ଅନ୍ୟ ତିନି ଜଣ ସାମିଲ ଥିବା ପ୍ରକାଶ କରିବା ପରେ ବିକାଶ ନାଗ, ଲୋହରାପାଲି, ଅଭିନାଶ ବାଗ, ସାଗୁନ ଡୁଙ୍ଗରି, ପିଣ୍ଟୁ ଝା, ଖଡ଼ିଆଳ ପୁଟୁପଡା ସମସ୍ତଙ୍କ ଥାନା ଖଡ଼ିଆଳ, ଜିଲ୍ଲା ନୂଆପଡାର ବୋଲି ଜଣା ପଡ଼ିଛି। ଏହି ଯୁବକ ମାନେ ବାଇକ ଘରେ ରଖିଥିବା ସମୟରେ କିମ୍ବା ବଜାରରେ ରଖିଥିବା ବାଇକକୁ ଚୋରି କରୁଥିଲେ। ଏହି ବାଇକ ଚୋର ମାନେ ଅନ୍ୟ ଚୋରି ଘଟଣାରେ ସାମିଲ ଥିବା ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଛି। ଏହି ଚାରି ବାଇକ ଚୋରଙ୍କୁ କୋର୍ଟରୁ ରିମାଣ୍ଡରେ ଆଣି ଆଗାମୀ ଦିନରେ ପଚରା ଉଚରା କଲେ ଚୋରି ବିଷୟରେ ଅଧିକ ତଥ୍ୟ ଜଣା ପଡିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ରଞ୍ଜିତ ନାୟକ ପ୍ରକାଶ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଖଡ଼ିଆଳ ଏସ୍ଡିପିଓ ରବୀନ୍ଦ୍ର କୁମାର ଜେନା, ଖଡ଼ିଆଳ ଥାନା ଅଧିକାରୀ ରଞ୍ଜନ କୁମାର ନାୟକ ସାମିଲ ହୋଇଥିବା ବେଳେ ଚୋରି ବାଇକ ଉଦ୍ଧାର କରିଥିବା ଏସ ଆଇ ରାଜେଶ ଅଗସ୍ତି ଓ ହରେକୃଷ୍ଣ ଜନୀ ଦକ୍ଷ ପୁଲିସ ଅଫିସର ଥିଲେ।

## ଦୁର୍ନୀତିର ଚରମ ସୀମାରେ ସୁନାରୀ ସିକୁଆ ଗ୍ରାମ ପଞ୍ଚାୟତ

ଖଡ଼ିଆଳ (ଭାସ୍କର ନ୍ୟୁଜ୍): ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଲୋକଙ୍କ ସୁବିଧା ପାଇଁ ମଧୁବାବୁ ପେନସନ, ହରିଶ୍ଚନ୍ଦ୍ର ଯୋଜନା, ବିକଳାଙ୍ଗ ଯୋଜନା ଭଳି ଜନ ହିତାକାଂକ୍ଷୀ ଯୋଜନା କରିଛନ୍ତି। ହେଲେ କିଛି କର୍ମଚାରୀ ଏହି ସରକାରୀ ଯୋଜନାକୁ ଭଣ୍ଡୁର କରିବାକୁ ନିଜର ସ୍ୱାର୍ଥ ପାଇଁ ଯୋଜନାକୁ ହାତେଇ ଯୋଜନାର ଅର୍ଥ ଆତ୍ମସାତ କରୁଛନ୍ତି। ଏଭଳି ଯୋଜନା ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ସୁନାରୀ ସିକୁଆ ଗ୍ରାମପଞ୍ଚାୟତ ହେଉଥିବା ସାଧାରଣ ରେ ଚର୍ଚ୍ଚା ହେବା ସଂଗେ ଅଭିଯୋଗ ହେଉଛି। ହେଲେ ଅଭିଯୋଗ କାରି ତାଙ୍କ ନାମ ଗୋପନ ରଖିବାକୁ କହିଛନ୍ତି ।କାଳେ ତାଙ୍କ ନାମ ଜାଣିଲେ ପଂଚାୟତ ଅଧିକାରୀ ତାଙ୍କୁ ହଇରାଣ କରିବା ଭୟ ରହିଛି ।ଗ୍ରାମପଞ୍ଚାୟତ ରେ କାର୍ଯାରତ କାର୍ଯ୍ୟ ନିର୍ବାହୀ ଅଧିକାରୀ କିଛି ତଳିଆ କର୍ମଚାରୀ ସହ ମିଶି ମରିଯାଇଥିବା ବ୍ୟକ୍ତିଙ୍କ ପଡ଼ିକାର୍ଡର ଚାଉଳ ଉଠାଣ କରିବା, ମୃତ ବ୍ୟକ୍ତିଙ୍କ ମଧୁବାବୁ ପେନ୍‌ସନ ଟଙ୍କା ଆତ୍ମସାତ କରିବା, ହରିଶ୍ଚନ୍ଦ୍ର ଯୋଜନାର ଅର୍ଥ ହଡପ କରିବା ଭଳି ସଂଗୀନ ଅଭିଯୋଗ ସାଧାରଣରେ ଚର୍ଚ୍ଚା ହେଉଛି। ଏଭଳି ଯୋଜନାର ଅର୍ଥକୁ ଆତ୍ମସାତ କରୁଥିବା ଅଫିସରଙ୍କ ପ୍ରତି ତୁରନ୍ତ ପଦକ୍ଷେପ ନେବା ପାଇଁ ବୁଦ୍ଧିଜୀବି ମହଲରେ ଦାବୀ ହେଉଛି। ଏନେଇ ଡିପିଓ ସତ୍ୟବ୍ରତ ଓରାମ ଙ୍କୁ ଯୋଗାଯୋଗ କରିବାରୁ ମୁଁ ଟି କେ ମିଟିଙ୍ଗ ରେ ଅଛି ପରେ କଥା ହେବା ବୋଲି ପ୍ରକାଶ କରିଥିଲେ। ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ବୋଲଗଡ(ଭାସ୍କର ନ୍ୟୁଜ): ବାର ମାସରେ ତେର ପର୍ବ ମଧ୍ୟରେ କୋଟି ଓଡ଼ିଆଙ୍କ ବିଶ୍ୱାସ,ନିଶ୍ୱାସ ଓ ମଉଡ଼ମଣୀ ଦାରୁଦେବତା ପ୍ରଭୁ ଶ୍ରୀଜଗନ୍ନାଥ ଙ୍କର ସ୍ନାନଯାତ୍ରା ତଥା ଗଜାନନ ଓ ହାତୀ ବେଶ ପୁରାତନ ତଥା ବହୁ ଅନନ୍ୟ। ଏହି ଅବସରରେ ବୋଲଗଡ଼ ମୁଖ୍ୟାଳୟସ୍ଥିତ ତୃତୀୟାଦେବ(ଜଗନ୍ନାଥ)ଙ୍କର ବୁଧବାର ସ୍ନାନ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଅଛି ।ବଡ଼ିଭୋର ସମୟରୁ ଶ୍ରୀଜଶଉ ମାନଙ୍କ ଶୁଦ୍ଧସ୍ନାନ ପରେ ମଙ୍ଗଳାର୍ପଣ, ମଇଲମ ତଡପଲାଗି, ଦ୍ୱାରପୂଜା ଓ ସୂର୍ଯ୍ୟପୂଜା ଇତ୍ୟାଦି ରୀତିନୀତି ପରେ ଠାକୁର ମାନେ ରତ୍ନବେଦୀରୁ ସ୍ନାନ ମଣ୍ଡପକୁ ଓଲ୍ହାଇ ଆସିଥିଲେ। ପ୍ରଥମେ ମହାରାଜ ସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ର,ଭଗ୍ନୀ ଦେବୀ ସୁଭଦ୍ରା ଓ ପରେ କାଳିଆ ତଥା କୋଟି ବ୍ରହ୍ମାଣ୍ଡ ନିୟନ୍ତକ ଶ୍ରୀଜଗନ୍ନାଥ ଧାଡି ପହଣ୍ଡିରେ ସ୍ନାନ ମଣ୍ଡପକୁ ବିଜେ କରିଥିଲେ। ସ୍ନାନ ମଣ୍ଡପରେ ମଙ୍ଗଳ ଆଳତି ନୀତି ଓ ଅନ୍ୟାନ୍ୟ ରୀତିନୀତି ସହ ୧୦୮ ସୁବାସିତ ଜଳରେ ମହାସ୍ନାନ,ପୂଜା ପାଠ ଆଦି ଆଡମ୍ବର ସହକାରେ ସମାପନ କରାଯାଇ ଥିଲା। ଦେବସ୍ନାନ ପୂର୍ଣ୍ଣିମାରେ ସ୍ଥାନୀୟ ତଥା ଆଖ ପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ସ୍ନାନ ମଣ୍ଡପରେ ଚତୃର୍ଦ୍ଧାମୂର୍ତିଙ୍କ ଅପୂର୍ବ ଦର୍ଶନ କରି କୃପା ଲାଭ କରିଥିଲେ ।ସନ୍ଧ୍ୟାରେ ଠାକୁର ମାନଙ୍କର ନୀତି କାର୍ଯ୍ୟ ସମାପନ ପରେ ଚତୃର୍ଦ୍ଧାମୁର୍ତ୍ତି ମାନଙ୍କୁ ଗୋଟି ପହଣ୍ଡିରେ ପଣ୍ଡା ସେବକ ମାନେ ଅଣସରକୁ ବିଜେ କରାଇଥିଲେ ।ଏଥିରେ ମୁଖ୍ୟ ପଣ୍ଡା ପୂଜକ ନିହାର ରଞ୍ଜନ ପରମଗୁରୁଙ୍କ ସମେତ ସଚ୍ଚିଦାନନ୍ଦ ରାୟଗୁରୁ,ବିଚିତ୍ରା ନନ୍ଦ ରାୟଗୁରୁ, ପ୍ରମୁଖ ସେବକ ମାନେ ଠାକୁରଙ୍କ ନୀତିସେବାରେ ସହଯୋଗ କରିଥିଲେ।

## ୩ ରାଜ୍ୟର ୭ ଜିଲ୍ଲାକୁ ମୋଦୀ ସରକାରଙ୍କ ବଡ଼ ଉପହାର

# ୬୪୦୦ କୋଟିର ରେଳ ପ୍ରକଳ୍ପକୁ ମଞ୍ଜୁରି

ନୂଆଦିଲ୍ଲୀ: ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ୍ ବୈଠକରେ ରେଳ ମନ୍ତ୍ରଣାଳୟର ଦୁଇଟି ପ୍ରକଳ୍ପକୁ ମଞ୍ଜୁରି ମିଳିଛି। ଏଥିରେ ୬୪୦୫ କୋଟି ବ୍ୟୟ କରାଯିବ। ଝାଡ଼ଖଣ୍ଡ, କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶର ୭ଟି ଜିଲ୍ଲାକୁ ସାମିଲ କରି ଭାରତୀୟ ରେଳବାଇର ଦୁଇଟି ମଲ୍ଟି ଟ୍ରାକିଂ ପ୍ରକଳ୍ପକୁ ମଞ୍ଜୁରି ଦିଆଯାଇଛି। ଏହାଫଳରେ ରେଳବାଇର ପରିଚାଳନା ଦକ୍ଷତାରେ ସୁଧାର ଆସିବା ସହ ବରଯାତ୍ରୀ ଏବଂ ମାଲ୍ ପରିବହନ କ୍ଷମତା ମଧ୍ୟ ବୃଦ୍ଧି ପାଇବ। ଏ ନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ କୋଦରମାରୁ ବରକାକାନା ମଧ୍ୟରେ ୧୩୩ କିଲୋମିଟର ଡବଲ ଲାଇନ୍‌କୁ ମଞ୍ଜୁରି ମିଳିଛି। ଏଥିପାଇଁ ୩୦୬୩ କୋଟି ଟଙ୍କା ବ୍ୟୟ କରାଯିବ। ଏହା ପାଟନା ଓ ରାଞ୍ଚି ମଧ୍ୟରେ ଦୂରତାକୁ ହ୍ରାସ କରିବ । କେନ୍ଦ୍ର ସରକାର କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶରେ ଭାରତୀୟ ରେଳବାଇର ବଲାରୀ-ଚିକଯାଜୁର ମଲ୍ଟି ଟ୍ରାକିଂ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ ଦେଇଛନ୍ତି । ଏହା ଦୁଇ ଲେନ୍ ବିଶିଷ୍ଟ ହେବ। ଯାହା ମାଙ୍ଗାଲୋର ବନ୍ଦର ସହିତ ଯୋଗାଯୋଗକୁ ଆହୁରି ସୁଦୃଢ଼ କରିବ। ଶ୍ରୀ ବୈଷ୍ଣବ କହିଥିଲେ ଯେ ଏହି ପ୍ରକଳ୍ପରେ ୧୮୫ କିମି ରେଳ ଲାଇନକୁ ଦୁଇଗୁଣ କରାଯିବ। ଯାହାର ବ୍ୟୟ ଅଟକଳ ୩୩୪୨ କୋଟି ହେବ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ତୃତୀୟ କାର୍ଯ୍ୟକାଳରେ ପରିବହନ ଓ ଲଜିଷ୍ଟିକ ଖର୍ଚ୍ଚ ହ୍ରାସ ପାଇଁ ଅନେକ ପ୍ରକଳ୍ପ ଆରମ୍ଭ କରାଯାଇଛି ବୋଲି ବୈଷ୍ଣବ କହିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଫୋକସରେ ଓଡ଼ିଶା: ମନମୋହନ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ରାଜ୍ୟର ବିଜେପି ସରକାରକୁ ଇତିମଧ୍ୟରେ ବର୍ଷେ ପୂରିଛି। ଏଥିପାଇଁ ଭବ୍ୟ ସମାରୋହର ମଧ୍ୟ ଆୟୋଜନ କରାଯାଇଛି। ଆସନ୍ତା ୨୦ ତାରିଖରେ ବିଜେପି ସରକାରର ବର୍ଷପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏ ନେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ଭୁବନେଶ୍ୱରର ଜନତା ମଇଦାନରେ ଏଥିପାଇଁ ଭବ୍ୟ ଆୟୋଜନ କରାଯାଉଛି। ୨୦ ତାରିଖ ଅପରାହ୍ନ ୩ଟାରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ପହଞ୍ଚିବା ନେଇ ସ୍ଥିର ହୋଇଛି। ସେ କାର୍ଯ୍ୟକ୍ରମ ସ୍ଥଳରେ ଦୁଇଘଣ୍ଟା ରହିବେ। ବିହାରରୁ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ଆସି ସେଠାରୁ ଭାଇଜାକ୍ ଯିବେ। ଶ୍ରୀ ସାମଲ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଫୋକସରେ ଓଡ଼ିଶା ରହିଛି। ପ୍ରଧାନମନ୍ତ୍ରୀ ୭ ମାସରେ ୫ଥର ଓଡ଼ିଶା ଆସି ସାରିଛନ୍ତି। ଏଥରକୁ ମିଶାଇ ଷଷ୍ଠଥର ଓଡ଼ିଶା ଆସୁଛନ୍ତି। ନିର୍ବାଚନ ପ୍ରଚାରବେଳେ ୩ଥର ରାତ୍ରି ରହଣୀ କରିଥବଲେ ମୋଦୀ। ନିର୍ବାଚନ ଘୋଷଣା ପୂର୍ବରୁ ଚଣ୍ଡିଖୋଲ, ସମ୍ବଲପୁର ଗସ୍ତରେ ମଧ୍ୟ ପ୍ରଧାନମନ୍ତ୍ରୀ ଆସିଥିଲେ। ସରକାର ଗଠନ ପୂର୍ବରୁ ଓଡ଼ିଶା ଏକନମ୍ବର ରାଜ୍ୟ ହେବ ବୋଲି ମୋଦୀ କହିଥିବା ଶ୍ରୀ ସାମଲ ସୂଚନା ଦେଇଥିଲେ।

## ପବିତ୍ର ଦେବସ୍ନାନ ପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପବିତ୍ର ଦେବସ୍ନାନ ପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା। ମହାପ୍ରଭୁଙ୍କ ନିକଟରେ ସମସ୍ତଙ୍କ ସୁଖ, ସମୃଦ୍ଧି ଓ ମଙ୍ଗଳମୟ ଜୀବନ ପାଇଁ ପ୍ରାର୍ଥନା କରୁଛି।

### AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated: 06.06.2025, I Karna Sahu, Address: village- Matia, Po- Matia, Sub-District- Kesinga, Dist- Kalahandi, Odisha, PIN-766036, declare that I have changed my son's name from Rahul Sahu to Ramakanta Sahu. Henceforth, He shall be known as Ramakanta Sahu for all purposes.

**Sd/- Karna Sahu**

### AFFIDAVIT

By virtue of an affidavit sworn before the Executive Magistrate, Berhampur, Ganjam, dated: 06.05.2025, I K. Arabind Rao, Address: At- Tulasi Nagar 2nd Lane, Po- Berhampur, Ps- B.Town, Dist- Ganjam, Odisha, PIN-760001, declare that I have changed my name from P. Trinath to K. Arabind Rao. Henceforth, I shall be known as K. Arabind Rao for all purposes.

**Sd/- K. Arabind Rao**

### AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated: 09.06.2025, I A.Santosh Patra, Address: At- Ghasibilli, Po- Damodarpalli, Ps- Aska, Dist- Ganjam, Odisha, PIN-761111, declare that I have changed my son's name from A Room Patra to A Omm Patra. Henceforth, He shall be known as A Omm Patra for all purposes.

**Sd/- A. Santosh Patra**

### ଦ.ପୂ. ରେଳପଥ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ, ସିନିୟର ଡିଇଇ/ଜି/ ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖିତ ତାରିଖରେ ୧୨:୦୦ ଘଣ୍ଟା ପୂର୍ବରୁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। କ୍ରମିକ.ନଂ.; ଟେଣ୍ଡର ନୋଟିସ ନମ୍ବର; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ବିଡ୍ ସୁରକ୍ଷା/ସର୍ବଶ୍ରେଷ୍ଠ ମୂଲ୍ୟ ଯଥାକ୍ରମେ ନିମ୍ନଲିଖିତ: (୧); ୧୧୪-ଇଏଲସି-ଜି-କେଜିପି-୨୫-୨୬-୦୯; ଖଡ଼ଗପୁର ଡିଭିଜନ: ଏବିଏସ୍ଏସ୍ ଯୋଜନା (ପିଏଚ୍-ଏଲ୍)ଅଧୀନରେ ୧୦ଟି ଲିଫ୍ଟ (ଉଲୁବେରିଆ, ବାଗନାନ, ମେଚେଡା, ପାଂସକୁରା, ଖଡ଼ଗପୁର, ମେଦିନୀପୁର ଏବଂ ଜଳେଶ୍ୱରରେ) ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ ସହିତ ୧୮ବର୍ଷର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିନାମା; ଟ.୫,୪୦,୮୯,୭୬୪.୭୦; ଟ.୪,୨୦,୫୦୦.୦୦, (୨); ୧୧୪-ଇଏଲ୍‌ସି-ଜି-କେଜିପି-୨୫-୨୬-୧୦; ଖଡ଼ଗପୁର ଡିଭିଜନ: ଏବିଏସ୍ଏସ୍ ଯୋଜନା (ଫେଜ୍-I) ଅଧୀନରେ ୨୨ଟି ଏସ୍କାଲେଟର (ବାଗନାନ, ମେଚେଡା, ପାଂସକୁରା, ଖଡ଼ଗପୁର, ମେଦିନୀପୁର ଏବଂ ଉଲୁବେରିଆରେ) ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ ସହିତ ୧୮ ବର୍ଷର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିନାମା; ଟ.୫୧,୫୦,୨୧,୯୩୯.୭୪; ଟ.୨୭,୨୫,୧୦୦.୦୦; ଖୋଲିବାର ତାରିଖ: ୨୭.୦୬.୨୦୨୫ (କ୍ରମିକ.ନଂ. ୧ ଏବଂ ୨ ପାଇଁ); ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: କୌଣସି ନାହିଁ (କ୍ରମିକ.ନଂ. ୧ ଏବଂ ୨ ପାଇଁ) ସମ୍ପୂର୍ଣ୍ଣ ଅବଧି: କ୍ରମିକ. ନଂ.(୧) ଏବଂ (୨) ପାଇଁ ସ୍ୱୀକୃତି ପତ୍ର ଜାରି ହେବା ତାରିଖରୁ ୦୯ ମାସ। ଦାଖଲ ତାରିଖ: ୨୭/୦୬/୨୦୨୫ ଦିନ ୧୨:୦୦ ଘଣ୍ଟା ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଏବଂ ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଟିପ୍ପଣୀ: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡ୍‌ଦାତାମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ।

(PR-251)

### AFFIDAVIT

By virtue of an affidavit sworn in the court of Executive Magistrate, Simulia, Balasore, I Kailash Chandra Pradhan, S/o- Late Bhagirathi Pradhan, resident of village/post- Ada, Ps- Simulia, Dist- Balasore, declares that above address is correct & date of birth is 24.04.1984 which is mentioned in passport & Bank Pass Book. But wrongly mentioned as Kailash Pradhan and date of birth is 12.03.1980. Both Kailash chandra Pradhan. DOB 24.4.1984 & Kailash Pradhan, BOB 12.3.1980 is same and one person myself. This affidavit is to be produced before concerned authority confirm as when required.

**Sd/- Kailash chandra Pradhan**

## ବ୍ରାଉନସୁଗର ସହ ଗାଡି ଜବତ

କଟକ(ଭାସ୍କର ନ୍ୟୁଜ୍): କଟକର ମହାନଦୀ ପଠା ବାଲିଯାତ୍ରା ପଡିଆରେ ହୋଇଥିବା କଟକ ଇନ କଟକ ପାଖରୁ କ୍ୟାଣ୍ଟନମେଣ୍ଟ୍ ପୋଲିସ୍ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ସମୟରେ ପୋଲିସ ସେମାନଙ୍କ ନିକଟରୁ ୮ ଗ୍ରାମ ବ୍ରାଉନସୁଗର, ଗୋଟିଏ ବାଇକ, ୨ଟି ମୋବାଇଲ ଫୋନ ଏବଂ ନଗଦ ୨ ହଜାର ୯୫୦ ଟଙ୍କା ଜବତ କରିଛି।

### PARADIP PORT AUTHORITY
**MARINE DEPARTMENT**

No.MD/ACCTS/WK/R-08/2025/737 Date:06/06/2025

**Name of the Work: Hiring of 01 no. 50 Ton Bollard Pull Tug along with Manning Crew** for Marine Operations at SPMs and inside Harbour at Paradip Port for a period of **02 (Two) years & extendable for 01 (One) more year.**

**Estimated cost put to tender:** Total estimated cost including Hire Charges & Fuel Cost: **Rs.33,90,94,490/-** excluding GST. Estimated cost put to Tender towards Hire Charges only **Rs.17,46,16,000/-** excluding GST.

Last date & time of submission of tender through on-line bidding is **15:00 Hours on 30/06/2025.**

Date & time for opening of Technical Bid is **15:30 hours on dt.01/07/2025.**

For further details, please log on to the Website : **https://eprocure.gov.in/eprocure/app.**

PPA/PR/16/2025-2026, 10/06/2025 — Deputy Conservator, Paradip Port Authority

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ହାତୀ ବେଶ...

ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହ ଦେବ ସ୍ନାନ ମଣ୍ଡପରେ ୪ ଟା ରୁ ୪. ୪୦ ମଧ୍ୟରେ ଛେରାପହଁରା କରିବା ପରେ ଶ୍ରୀଜୀଉଙ୍କର ଧୂପ ଭୋଗ ଅନୁଷ୍ଠିତ ହୋଇଥିଲା। ଏହା ପରେ ପୁଷ୍ପାଳକ, ସିଂହାରୀ, ମେକାପ ସେବାୟତ ମାନଙ୍କ ଦ୍ୱାରା ଶ୍ରୀଜିଉଙ୍କୁ ହାତୀ ବେଶରେ ସୁସଜ୍ଜିତ କରାଯାଇଥିଲା। ଶୁଭ୍ର ରଙ୍ଗର ଗଜବେଶରେ ମହାପ୍ରଭୁ ଓ ହଳଦିଆ ରଙ୍ଗର ଗଜବେଶରେ ବଡ଼ଠାକୁର ଦର୍ଶନ ଦେଇଛନ୍ତି। ମହାପ୍ରଭୁଙ୍କ ଏହି ଅପୂର୍ବ ବେଶ ?ଦର୍ଶନ କରି ଭକ୍ତମାନେ ନିଜକୁ ଧନ୍ୟ ମନେ କରିଛନ୍ତି। ପ୍ରବଳ ଖରା ଓ ଗୁଳୁଗୁଳି ସତ୍ତ୍ୱେ ଭକ୍ତମାନେ ଏହି ବେଶ ଦର୍ଶନ କରି ବହୁତ ଖୁସି ଅନୁଭବ କରିଛନ୍ତି। ସକାଳେ ସ୍ନାନମଣ୍ଡପ ତଳେ ଓ ହାତୀବେଶ ଓ ଭୋଗ ସରିବା ପରେ ଭକ୍ତ ଶ୍ରଦ୍ଧାଳୁ ସ୍ନାନମଣ୍ଡପ ଉପରେ ଶ୍ରୀବିଗ୍ରହଙ୍କୁ ଅତି ନିକଟରୁ ଦର୍ଶନ କରିଥିଲେ। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ମାର୍କେଟ ଛକରୁ ବ୍ୟାରିକେଡ଼ ଏବଂ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ନିକଟରୁ ଜିକଜ୍ୟାକ୍ ବ୍ୟାରିକେଡର ବ୍ୟବସ୍ଥା କରାଯାଇଥିଲା। ପ୍ରବଳ ଖରା ଓ ଗୁଳୁଗୁଳି ଯୋଗୁଁ ଅଗ୍ନିଶମ ବିଭାଗ ପକ୍ଷରୁ ଜଳ ସିଞ୍ଚନର ବ୍ୟବସ୍ଥା ହୋଇଥିଲା। କିଏ ହନୁମାନ ତ ଆଉ କିଏ ଓଡ଼ିଶୀ ନୃତ୍ୟ କରି ନିଜକୁ ସମର୍ପଣ କରୁଥିଲା। ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ୭୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଦ୍ୱାଦଶ ଯାତ୍ରା ମଧ୍ୟରୁ ଏହା ଆଦ୍ୟ ଯାତ୍ରା ହୋଇଥିବା ବେଳେ, ଏହାକୁ ଦେଖିବା ପାଇଁ ସମ୍ପୂର୍ଣ୍ଣ ଶ୍ରୀକ୍ଷେତ୍ର ହୋଇଉଠିଥିଲା ଲୋକାରଣ୍ୟ। ମହାପ୍ରଭୁଙ୍କର ସ୍ନାନଯାତ୍ରାକୁ ଦେଖି କୃତାର୍ଥ ଲାଭ କରିବା ପରେ ୫. ୪୫ ସମୟରେ ହାତୀ ବେଶ ଦେଖିବାର ସୌଭାଗ୍ୟ ଅର୍ଜନ କରିଥିଲେ ଅଗଣିତ ଭକ୍ତ। ଏହି ସ୍ନାନ ଉତ୍ସବ ଏକ ଶାସ୍ତ୍ରୀୟ ଭିତ୍ତି ଭୂମିର ଲୀଳା। ମହାପ୍ରଭୁଙ୍କ ଆବିର୍ଭାବ ବେଳେ ପ୍ରଥମେ ଏହି ସ୍ନାନ ହୋଇଥିବାରୁ ଏହାକୁ ଶ୍ରୀ ଦାରୁବ୍ରହ୍ମଙ୍କ ଆଦ୍ୟଲୀଳା ବୋଲି କୁହାଯାଏ। ମହାପ୍ରଭୁ ଦାରୁ ବ୍ରହ୍ମ ରୂପ ଧାରଣ କରିବା ପରେ ପ୍ରଥମେ ମଙ୍ଗଳମୟ ମୁହୂର୍ତ୍ତରେ ଏହି ସ୍ନାନଲୀଳା ଅନୁଷ୍ଠିତ କରିଥିଲେ ମହାରାଜା ଇନ୍ଦ୍ରଦ୍ୟୁମ୍ନ। ସେତେବେଳେ ସ୍ନାନ ମଣ୍ତପ ନଥିବାରୁ ଏକ କାଠର ମଞ୍ଚ ନିର୍ମାଣ କରାଯାଇ ତାହା ଉପରେ ସ୍ନାନବିଧି ସମାପନ ହେଉଥିଲା। ସେଥି ପାଇଁ ଶାସ୍ତ୍ରରେ ଏହାକୁ ମଞ୍ଚାସ୍ନାନ ବୋଲି ଉଲେଖ କରାଯାଇଛି। ଶାସ୍ତ୍ର ମତରେ ୧୦୮ ସ୍ନାନ କଳସରେ ଅଭିମନ୍ତ୍ରିତ ପବିତ୍ର ଜଳରେ ଦାରୁ ବ୍ରହ୍ମଙ୍କ ଆଦ୍ୟ ସ୍ନାନ ଲୀଳା ସମାପନ ହୋଇଥିଲା। ସେଇ ଶାସ୍ତ୍ରୀୟ ମତକୁ ଅନୁସରଣ କରି ଆଜି ମଧ୍ୟ ସେହି ପରି ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣିମା ପୂର୍ବ ଦିନ କୋଠ ସିଆଁସିଆ ମନ୍ଦିରରେ ପ୍ରବେଶ କରି ପହଣ୍ଡି ପାଇଁ ଚାରମାଳ ବାନ୍ଧିଥିଲେ। ପ୍ରଭୁଙ୍କର ସେନାପଟା ଓ ବାହୁଟି ନାଗି ହୋଇଥିଲା। ଯେତେ ବେଳେ ଶ୍ରୀଜିଉ ମାନେ ରତ୍ନସିଂହାସନରୁ ଓଲେହି ଆସନ୍ତି ତା ନାମ ହେଲା ଧାଡ଼ି ପହଣ୍ଡି। ଧାଡି ଧାଡି କରିକି ଆସିଥିଲେ ଚତୁର୍ଦ୍ଧାମୂର୍ତ୍ତି। ଆଉ ଯେତେ ବେଳେ ଅଣସର ପିଣ୍ଡି କୁ ଯିବେ ତା ନାମ ହେଲା ଗୋଟି ପହଣ୍ଡି। ସ୍ନାନ ପୂର୍ଣ୍ଣିମା ପୂର୍ବଦିନ ଶ୍ରୀଜିଉ ମାନଙ୍କ ପାଇଁ ଶ୍ରୀମନ୍ଦିରର ଦେବଯାନ ମାର୍ଗରେ ଥିବା ସୁନା କୂଅରୁ ୧୦୮ କଳସ ଜଳ ସଂଗ୍ରହ କରାଯାଇଥିଲା। ଏହି ସୁନା କୂଅଟି ଶୀତଳା ଠାକୁରାଣୀ ଓ ତାଙ୍କ ବାହାନ ସିଂହଙ୍କ ମଧ୍ୟରେ ଅବସ୍ଥିତ। ବର୍ଷ ସାରା ସିଂହ ହିଁ ଏହି କୂଅକୁ ସୁରକ୍ଷିତ ରଖିଥାନ୍ତି। କୂଅର ବ୍ୟବହର ବର୍ଷ ସାରା ନଥିବାରୁ ଜନପଦୀୟ ତାନ୍ତ୍ରିକ ପରମ୍ପରାରେ ଏହି ଜଳକୁ ଅଣ ତୁଠ ପାଣି ବୋଲି ଗ୍ରହଣ କରାଯାଏ। ପ୍ରତ୍ୟକ ଦିନ ସ୍ନାନ ଲୀଳାରେ ବୈଦିକ ବିଧିରେ ସ୍ନାନ ଜଳ ଅଭିମନ୍ତ୍ରିତ ହେଉଥିବା ବେଳେ ସ୍ଥାନ କାଳରେ ତାନ୍ତ୍ରିକ ବିଧିରେ ତେରଟି ପଦାର୍ଥ ମିଶ୍ରଣ କରାଯାଏ। ଯଥା ଅଷ୍ଟବନ୍ଧ, କୃଷ୍ଣ - ଅଗରୁ, ଉଶୀର, ଗୋରଚନା, ଦେବଦାରୁ, ମୁଥା, ହରିତାଳ, ବାହାଡା, ଆମଳକି, ସଞ୍ଜିଷ୍ଠା, ତାମ୍ରପର୍ଣ୍ଣୀ, ସୋମପର୍ଣ୍ଣୀ ଓ ଲୋଧା ମିଶ୍ରିତ କରାଯାଏ। ଏହି ମହୌଷଧୀ ମିଶ୍ରଣ କରାଯିବା ପରେ ଜଳକୁ ଅଭିମନ୍ତ୍ରିତ କରାଯାଏ। ପରେ ବେଶ ଓଲାଗି ପରେ ଠାକୁର ମାନେ ଶ୍ରୀମନ୍ଦିରକୁ ଗୋଟି ପହଣ୍ଡିରେ ଭିତର କାଠ ପାଖେ ଅଣସର ପିଣ୍ଡିରେ ଠାକୁର ମାନେ ବିଜେ କରିବା ପରେ ତାଟି ବନ୍ଧା ଯାଇଥିଲା ଓ ପଟିମୂର୍ତ୍ତି ସ୍ଥାପନା କରାଯାଇଥିଲା। ତାପରେ ଏହି ଚତୁର୍ଦ୍ଧାମୂର୍ତ୍ତି ସ୍ନାନ ପୂର୍ଣ୍ଣିମା ଠୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ଦୀର୍ଘ ୧୫ ଦିନ ଧରି ଜ୍ୱରରେ ପଡନ୍ତି। ଏହି ୧୫ ଦିନ କାଳ ଭକ୍ତ ମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ରୁ ବଞ୍ଚିତ ହୁଅନ୍ତି। ଏହି ସମୟରେ ଭକ୍ତ ମାନେ ବ୍ରହ୍ମଗିରିରେ ପୂଜିତ ହେଉଥିବା ଅଲାରନାଥ ଙ୍କୁ ଦର୍ଶନ କରନ୍ତି।

---

C-510

**OFFICE OF THE BARIPADA MUNICIPAL COUNCIL, BARIPADA**
Phone:-06792-252703, Fax:-06792-252703, Email:-baripadam.hud@nic.in
Website- www.baripadamunicipality.in

No: 851 Date: 10.06.2025

**Tender Reference No. BPDM 3 of 2025-26**
**CORRIGENDUM DETAILS**

In partial to this Office "e" procurement Tender Reference No. BPDM 3 of 2025/26 the following are incorporated in addition to the said Tender Call Notice.

1. The Last date of received of "e" procurement vide Tender Reference No. BPDM 3 of 2025/26 will be up to 5.00 P.M. on Dt.16.06.2025.
2. The Opening of the above Bids will be at 11.30 A.M. onwards on Dt.17.06.2025.

All others Terms and Conditions of the "e" procurement Tender Reference No. BPDM 3 of 2025/26 will remain unchanged.

Further details may also be seen from the procurement portal i.e. . www.tendersorissa.gov.in

Sd/- Executive Officer, Baripada Municipality

OIPR 13078/11/0046/2526

---

Phone No.06821-241026 (O)/241079(R) Fax No-06821-241026/240056 e-mail: eerwss_bnj@nic.in<eerwssbnj2009@gmail.com

**OFFICE OF THE SUPERINTENDING ENGINEER, RWS&S DIVISION, BHANJANAGAR-761126**
**Govt of Odisha "e" Procurement Notice**
**Bid Identification No. E.E._RWS&S_ 08 /2025-26**

O-268

1. The Executive Engineer, RWS&S Division, Bhanjanagar, Ganjam on behalf of Governor of Odisha invites percentage rate bid in Single Cover system according to the norm of "e" Procurement system in online mode in Ganjam District from the eligible contractors as per DTCN.
2. Nature of Work: **Internal furnishing of Divisional Water Testing Laboratory at RWS&S Division Bhanjanagar.**
3. Nos. of Tender : 01
4. Tender Cost : Rs 19.09 Lakh
5. Tender Paper Cost : 6000.00
6. Class of Contractor : D & C
7. Date and Time of Availability of bid document in the portal : Dt. From 11.00AM on **12.06.2025** to 5.00 PM on **21.06.2025**
8. Date of Opening of Bid : Dt. **23.06.2025** at 11.00 AM
9. Period of completion : 60 ( Sixty ) days
10. The bidders have to participate in online bidding only. Further details can be seen from the website https://tendersorissa.gov.in

Sd/-Executive Engineer, RWS&S Division Bhanjanagar.

OIPR 25021/11/0012/2526

---

E-mail: eerwssnpd@rediffmail.com

**OFFICE OF THE SUPERINTENDING ENGINEER, R.W.S.&S. DIVISION, NUAPADA**
**Govt. of Odisha "e" Procurement Notice**
**Bid Identification No. RWS&S_06/2025-26**

O-272

The Superintending Engineer, R.W.S & S Division, Nuapada on behalf of Governor of Odisha invites bids through e-procurement in single cover system in conformity with the terms & conditions of the detailed tender call notice (DTCN) from the Contractor registered with the Odisha State Govt. & Contractors of equivalent grade/class registered with Central Govt. / any other State Govt. / MES / Railway & Reputed Engineering firms having valid & up to date Contractors registration certificate, GST clearance Certificate & PAN Card and possessing compatible Digital Signature Certificate as given in the DTCN to be eventually drawn up in the standard Percentage Rates (**P1** ) contract form.

Nature of Work: - Construction of additional Over Head Tank, Percolation well & Pipe laying for different PWS under Nuapada Dist.
No. of Tender: - 06 (Six) nos.
Approx. Estimated Cost: - Rs.31.28 and 43.81 Lakhs
Period of completion: - 05 (Five) months
Tender Paper Cost: - Rs.6000/-
Class of Contractor: - Class 'C' & 'B'
Date and Time of availability of bid document in the portal: -19.06.2025 at 10.00 A.M.
Last date /Time for receipt of bids in the portal: - 30.06.2025 up to 5.00 P.M.
Date of Opening of bid: - 01.07.2025 at 11.00 A.M.

The bidders have to participate in online bidding only. Further details can be seen from the website http://tendersorissa.gov.in

**Sd/-**(Er. P. Sahu) Superintending Engineer, RWSS Division, Nuapada

OIPR 25043/11/0005/2526

---

**GOVERNMENT OF ODISHA, DEPARTMENTOF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**

Email Address: semechcircle104@gmail.com

A-275

**e-Procurement Notice- Bid Identification No.- ACEM/MDL-14/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM/MDL-14/2025-26
5. Estimated Cost : Rs. 14,57,385/-
6. Period of Completion : 01 (One) calendar months.
7. Date & time of availability of bid documents in the Portal : From dt.12.06.2025(10.00 AM) to dt.20.06.2025(5.30 PM)
8. Last date/ time for receipt of bid In the Portal : dt.20.06.2025 (up to 5.30 PM)
9. Date and Place of opening of Bid : dt.21.06.2025(12.00 Noon onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal **https://tendersodisha.gov.in.** Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/-Addl. Chief Engineer, Mechanical Circle Bhubaneswar

OIPR 32405/11/0067/2526

---

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)

CAD-744

**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

**No.-CHEP/TW-41 (Vol.-VI) Part File-III/2074 Date: 05.06.2025**

**TENDER CALL NOTICE NO.-CHEP-18/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Reputed General Order Suppliers for supply of the materials as mentioned below.

| Description | Cost of Tender Paper (Non-Refundable) | EMD in Rs. (Refundable) |
|---|---|---|
| Supply of Non-Ferric Alum for Water Supply System of CHEP, Chiplima | Rs.708.00 (Rs.600.00 + GST @18%) | Rs.1,900.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.13.06.2025 up to 12:30 PM of dtd.25.06.2025.

OIPR 04006/11/0089/2526 Sd/- C & P Head, CHEP, Chiplima

---

**ESAF SMALL FINANCE BANK**
REGD. OFFICE: ESAF Bhavan, Mannuthy, Thrissur- 680 651, Kerala.

**GOLD AUCTION NOTICE**

Notice is hereby given for the information of all concerned that Gold ornaments pledged with ESAF Small Finance Bank and not redeemed by borrowers, despite repeated reminders and notices, of our branches, are listed below. This will be auctioned as per the details given below:

**DATE OF AUCTION:** 20-06-2025 **TIME:** 2pm to 5 pm
**AUCTION VENUE:** Through e-Auction
**AUCTION ADDRESS:** https://gold.matexnet.org/
**Contact Number: 9944171360 / 9843312694**

To register as bidder for the e-Auction with terms and conditions, and full details of e-Auction please visit the above site.

**BRANCHES & LOAN ACCOUNT NUMBERS**

**BALANGIR:** 63240000248841, 63250000101169, 75240001260043, 1363469, 1454328, 1460666, 1486407, 3909079, 4157695, 4221085, 4221145, 4231036, **BHUBANESHWAR:** 63240000181165, 845497, 63250000041391, 66514, 75240001486557, 1585341, 1586979, 3648599, 4314591, **CHANDANPUR:** 75240004172406, **CUTTACK:** 75240004121584, **JAJPUR:** 63250000014123, 75240003534674, **JEYPORE:** 63230000516496, 75230001614187, 75240003740785, **NAYAGARH:** 63250000023225, 30222, 40173, 41481, 41611, 77093, 102797, 264561, 75240002594436, 3720414, 3805934, 3867186, 3999187, 4018428, 4032391, 4034407, 403813, 4042162, 4042692, 404339, 4056085, 4065268, 4215057, 422485, 4231606, **0TALCHER:** 63240000821333, 75240003705293, 3714355, 4035075.

Customers who are interested to release the ornaments by paying the total due amount may do so, at the respective branches, on or two days before the date of the auction.

Bidders who wish to participate in the auction shall produce their KYC documents. GST No. is mandatory for registered firms/companies. Bidders shall deposit a sum of Rs.50,000 as EMD before participating in the auction.

Thrissur
Date: **12-06-2025**
Sd/- Authorized Signatory

---

CAD-663

# ମାର୍କଫେଡ୍-ଓଡ଼ିଶା

## ବଳକା ଅଣଧାନ ଶସ୍ୟର ବିକ୍ରୟ ନିମନ୍ତେ ସୂଚନା
## ମୁଗ, ବିରି, ଚୀନାବାଦାମ, ସୂର୍ଯ୍ୟମୁଖୀ ଓ ସୋରିଷ

➤ ଏତଦ୍ୱାରା ଓଡ଼ିଶାର ସମସ୍ତ ଚାଷିଭାଇମାନଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଉଅଛି ଯେ ୨୦୨୪-୨୫ ରବି ଋତୁରେ ଅମଳ କରାଯାଇଥିବା ଅଣଧାନ ଶସ୍ୟ ଯଥା ମୁଗ,ବିରି, ଚିନାବାଦାମର, ସୂର୍ଯ୍ୟମୁଖୀ ଓ ସୋରିଷ ଅଭାବି ବିକ୍ରିକୁ ରୋକିବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ମାର୍କଫେଡ୍ ମାଧମରେ ନିକଟସ୍ଥ ସ୍ଥିରୀକୃତ ସମବାୟ ସମିତି (PACS/LAMPCS/FPOs/WSHG) ଦ୍ୱାରା ସରକାର ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀଙ୍କ ନିକଟରୁ ଉପଯୁକ୍ତ ମାନ ବହନ କରୁଥିବା ଶସ୍ୟ କ୍ରୟ କରାଯିବା ନିମନ୍ତେ ବ୍ୟବସ୍ଥା କରାଯାଇଛି।

| ଉପଯୁକ୍ତ ମାନ ବହନ କରୁଥିବା ଶସ୍ୟର କ୍ୱିଣ୍ଟାଲ ପ୍ରତି ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ MSP (ଟଙ୍କାରେ) | ଶସ୍ୟ | ମୂଲ୍ୟ |
|---|---|---|
| | ମୁଗ | ୮୬୮୨/- |
| | ବିରି | ୭୪୦୦/- |
| | ଚୀନାବାଦାମ | ୬୭୮୩/- |
| | ସୂର୍ଯ୍ୟମୁଖୀ | ୭୨୮୦/- |
| | ସୋରିଷ | ୫୯୫୦/- |

➤ ଯେଉଁ ଚାଷିଭାଇମାନଙ୍କ ନିକଟରେ ଉପରୋକ୍ତ ଶସ୍ୟ ବଳକା ରହିଅଛି ସେମାନେ ନିକଟସ୍ଥ କୃଷି କର୍ମଚାରୀଙ୍କ ସହ ଯୋଗାଯୋଗ କରି ସେମାନଙ୍କ ଜମିର ଦସ୍ତାବିଜ, ଫଟୋ ପରିଚୟ ପତ୍ର ଓ ବ୍ୟାଙ୍କ ଖାତାର ନକଲ ଦାଖଲ କରି ନିଜ ଗ୍ରାମ ନିକଟସ୍ଥ ସେବା ସମବାୟ ସମିତି ଓ କୃଷକ ଉତ୍ପାଦକ ସଂସ୍ଥା ରେ ପଞ୍ଜୀକୃତ କରି ପାରିବେ ଏବଂ ସ୍ୱୟଂ ପଞ୍ଜୀକରଣ ଇ-ସମୃଦ୍ଧି ମୋବାଇଲ ଆପ୍ ମାଧ୍ୟମ ରେ ଏହି ସୁବିଧାର ଲାଭ ନିଅନ୍ତୁ।

➤ ଆବଶ୍ୟକ ସ୍ଥଳେ ସବିଶେଷ ବିବରଣୀ ଯଥା ବିକ୍ରୟ ହେବାକୁ ଥିବା ଅଣଧାନ ଶସ୍ୟର କ୍ରୟ ତାରିଖ, ବିକ୍ରୟ ସ୍ଥାନ ସମ୍ବନ୍ଧରେ ସମ୍ପୃକ୍ତ ସମବାୟ ସମିତି ସମୂହର ଉପ ନିବନ୍ଧକ / ସହ ନିବନ୍ଧକ/ ମାର୍କଫେଡ୍ କ୍ଷେତ୍ର ପରିଚାଳକ ଓ କୃଷି ବିଭାଗ କର୍ମଚାରୀଙ୍କ ସହ ଯୋଗାଯୋଗ ପାଇଁ ଅନୁରୋଧ।

OIPR 39017/11/0010/2526

ଓଡ଼ିଶା ଭାସ୍କର
ODISHA BHASKAR

# ଜାତୀୟ ଓ ଅନ୍ତର୍ଜାତୀୟ





ଶ୍ରୀନଗର: ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଓ ଏହାକୁ ନେଇ 'ଅପରେସନ ସିନ୍ଦୂର' ପରେ ଏବେ ଜମ୍ମୁ-କାଶ୍ମୀରରେ ଅମରନାଥ ଯାତ୍ରା ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ୨୦୨୫ଅମରନାଥ ଯାତ୍ରା ଜୁଲାଇ ୩ ତାରିଖରୁ ଆରମ୍ଭ ହେବ। ଏଥି ମଧ୍ୟରେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ମୁଖ୍ୟ ମେହବୁବା ମୁଫ୍ତିଙ୍କ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ମେହବୁବା ମୁଫ୍ତି ତୀର୍ଥ ଯାତ୍ରୀଙ୍କ ସୁରକ୍ଷା ସ୍ଥାନୀୟ ଲୋକଙ୍କ ଉପରେ ନ୍ୟସ୍ତ କରୁଥିବାର ଦେଖା ଯାଉଛି। ଭିଡିଓରେ ମେହବୁବା ମୁଫ୍ତିଙ୍କୁ ଏହା କହୁଥିବାର ଦେଖାଯାଉଛି ଅମରନାଥ ଯାତ୍ରା ନିମନ୍ତେ ଜମ୍ମୁ-କାଶ୍ମୀର ଆସୁଥିବା ପ୍ରତ୍ୟେକ ତୀର୍ଥ ଯାତ୍ରୀର ଦାୟିତ୍ୱ ଏଠାକାର ଘୋଡ଼ା ଚାଳକ ଓ ଦୋକାନୀଙ୍କ କର୍ତ୍ତବ୍ୟ ହେବା ଉଚିତ। ଏହି ଅବସରରେ ମେହବୁବା ମୁଫ୍ତି ଲୋକଙ୍କୁ ଏଥି ପାଇଁ ଶପଥ ପାଠ କରାଉଥିବାର ମଧ୍ୟ ଦେଖାଯାଉଛି। ଏହା ପରେ ମେହବୁବା ମୁଫ୍ତି ପହଲଗାଁର ସବୁ ଉଦ୍ୟାନ ଓ ପାର୍କ ପୁଣି ଖୋଲିଦେବା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି। ମୁଫ୍ତିଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ମେହବୁବା ମୁଫ୍ତି ଏହି ଭିଡିଓରେ ରାଜ୍ୟର ଅତିଥିଙ୍କ ଦାୟିତ୍ୱ ରାଜ୍ୟବାସୀଙ୍କର ବୋଲି କହିଛନ୍ତି।

## ବିହାରର ସବୁ ସିଟ୍‌ରେ ଦଳ ଲଢ଼ିବ: ଆପ୍



ନୂଆଦିଲ୍ଲୀ: ବିହାରର ବିଧାନସଭା ନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ସରଗରମ ରହିଛି। ଚଳିତ ବର୍ଷ ହେବାକୁ ଥିବା ବିହାର ନିର୍ବାଚନ ପାଇଁ ମଇଦାନକୁ ଓହ୍ଲାଇବାକୁ ଅଣ୍ଟା ଭିଡ଼ିଛି ଆମ୍ ଆଦମୀ ପାର୍ଟି। ତେବେ ପାର୍ଟି ସଭିଙ୍କୁ ଚକିତ କରି ସମସ୍ତ ସିଟ୍‌ରେ ଲଢିବାକୁ ଘୋଷଣା କରିଛି। ଏଏନଆଇ ସହ ଆଲୋଚନା ବେଳେ ସୌରଭ ଭରଦ୍ୱାଜ କହିଛନ୍ତି, ଗୁଜରାଟରେ ପାଞ୍ଚଟି ଆସନରେ ଉପ ନିର୍ବାଚନ ହେବାର ଥିଲା। ଚାରୋଟି ଆସନରେ ପ୍ରାର୍ଥୀ ଦେଇଥିଲା କଂଗ୍ରେସ। ଆଉ ଗୋଟିଏ ସିଟ୍‌ରେ ଆପ୍ ପ୍ରାର୍ଥୀ ଦେଇଥିଲା। ପୂର୍ବରୁ ସ୍ଥିର ହୋଇଥିଲା ଯେ, ଯେଉଁ ସିଟ୍‌ରେ ଯେଉଁ ଦଳର ପ୍ରାର୍ଥୀ ନିର୍ବାଚନ ଜିତିଥିଲେ, ସେଠି ସେହି ଦଳ ନିଜର ପ୍ରାର୍ଥୀ ଦେବ। ସେହି ଅନୁସାରେ କଂଗ୍ରେସ ୪ଟି ଆସନରେ ପ୍ରାର୍ଥୀ ଦେଇଥିଲା। କିନ୍ତୁ ଆମ ଭାଗରେ ଥିବା ଗୋଟିଏ ଆସନରେ ଆମେ ପ୍ରାର୍ଥୀ ଦେଇଥିବା ବେଳେ କଂଗ୍ରେସ ବି ସେଠାରେ ନିର୍ବାଚନ ଲଢ଼ିଲା। ଏମିତି କରି କଂଗ୍ରେସ ମେଣ୍ଟ ଧର୍ମ ଭଙ୍ଗ କରିଛି। ତେଣୁ ଏଥିରୁ ପାର୍ଟି ଉଚିତ୍ ଶିକ୍ଷା ନେଇ ବିହାରରେ କାହାରି ସହ ମେଣ୍ଟ ନ କରି ସବୁ ଆସନରେ ଏକା ଲଢ଼ିବାକୁ ନିଷ୍ପତ୍ତି ନେଇଛି। ବଡ଼ ନେତାମାନେ ଯାହା ନିଷ୍ପତ୍ତି ନେବେ, ଆମେ ତାହା ମଧ୍ୟ ଗ୍ରହଣ କରିବୁ। ଆମେ ବିହାରରେ ଏକାକୀ ନିର୍ବାଚନ ଲଢ଼ିବୁ। ପୂର୍ବତନ ମନ୍ତ୍ରୀ ଏହା ମଧ୍ୟ କହିଛନ୍ତି, ଯେଉଁ ଭଳି ଦିଲ୍ଲୀରେ ବିହାରୀମାନଙ୍କୁ ରୋଜଗାରରୁ କାଢ଼ି ଦିଆଯାଉଛି, ସେମାନଙ୍କ ଛୋଟ ଛୋଟ ଘରକୁ ବୁଲଡୋଜର ଲଗାଇ ଭାଙ୍ଗି ଦିଆଯାଉଛି। ଠିକ୍ ସେହିପରି ବିହାରରେ ମଧ୍ୟ ବିହାରବାସୀ ବିଜେପିକୁ ରାଜ୍ୟରୁ ବାହାରର ରାସ୍ତା ଦେଖାଇବେ। ସେ କହିଛନ୍ତି, ବିଜେପିର ନୀତି ହେଉଛି ମିଛ କହିବା। ବାରମ୍ବାର ଏମିତି ମିଛ କୁହ ଯେମିତି ଲୋକେ ତାକୁ ସତ ବୋଲି ଭାବିବେ।

## ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତର ଗରିବ କେନ୍ଦ୍ରିତ କଲ୍ୟାଣ ନୀତିକୁ ଆଇଏଲ୍‌ଓ ମହାନିର୍ଦ୍ଦେଶକଙ୍କ ପ୍ରଶଂସା

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବକା ସାଥ, ସବକା ବିକାଶ' ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ ହୋଇ, ଭାରତ ସାମାଜିକ ସୁରକ୍ଷା କଭରେଜ କ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି, ଯାହା ବିଶ୍ୱ ସ୍ତରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସାର ମଧ୍ୟରୁ ଗୋଟିଏ। ଆନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଓ)ର ଆଇଏଲଓଷ୍ଟାଟ୍ ଡାଟାବେସର ସଦ୍ୟତମ ତଥ୍ୟ ଅନୁଯାୟୀ, ଭାରତର ସାମାଜିକ ସୁରକ୍ଷା କଭରେଜ ୨୦୧୫ ରେ ୧୯ ପ୍ରତିଶତରୁ ୨୦୨୫ ରେ ୬୪.୩ ପ୍ରତିଶତକୁ ବୃଦ୍ଧି ପାଇବାର ଆକଳନ କରାଯାଇଛି, ଯାହାକି ଗତ ଦଶନ୍ଧିରେ ୪୫ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ଅନ୍ତର୍ଜାତୀୟ ଶ୍ରମ ସମ୍ମିଳନୀ (ଆଇଏଲସି) ସମୟରେ ଆଇଏଲଓ ମହାନିର୍ଦ୍ଦେଶକ ଗିଲବର୍ଟ ଏଫ୍. ହଙ୍ଗବୋଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା ସମୟରେ କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ଏବଂ ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭୀୟ ଗତ ୧୧ ବର୍ଷ ମଧ୍ୟରେ ମୋଦୀ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଦାରିଦ୍ର୍ୟ-କୈନ୍ଦ୍ରିକ ଏବଂ ଶ୍ରମିକ କଲ୍ୟାଣ ଯୋଜନାଗୁଡ଼ିକ ଉପରେ ଆଲୋକପାତ କରିଥିଲେ। କେନ୍ଦ୍ର ମନ୍ତ୍ରୀ ଆଇଏଲଓ ମହାନିର୍ଦ୍ଦେଶକଙ୍କୁ ଅନ୍ତର୍ଜାତୀୟ ଶ୍ରମ ସଂଗଠନ ସହଯୋଗିତାରେ ଭାରତ ସରକାରଙ୍କ ଦ୍ୱାରା ଜାତୀୟ ସ୍ତରରେ କରାଯାଉଥିବା ସାମାଜିକ ସୁରକ୍ଷା ତଥ୍ୟ ସଂଗ୍ରହ ଅଭିଯାନ ବିଷୟରେ ମଧ୍ୟ ସୂଚନା ଦେଇଥିଲେ। ଏହି ପ୍ରୟାସଗୁଡ଼ିକୁ ପ୍ରଶଂସା କରି, ଆଇଏଲଓ ଭାରତର ସଫଳତାକୁ ସ୍ୱୀକାର କରିଛି ଏବଂ ଆନୁଷ୍ଠାନିକ ଭାବରେ ଏହାର ଡ୍ୟାସବୋର୍ଡରେ ପ୍ରକାଶ କରିଛି ଯେ ଭାରତର ଜନସଂଖ୍ୟାର ୬୪.୩ ପ୍ରତିଶତ, ଅର୍ଥାତ୍ ୯୪ କୋଟିରୁ ଅଧିକ ଲୋକ, ବର୍ତ୍ତମାନ ଅତି କମରେ ଗୋଟିଏ ସାମାଜିକ ସୁରକ୍ଷା ଲାଭରେ ଅନ୍ତର୍ଭୁକ୍ତ। ୨୦୧୫ରେ, ଏହି ସଂଖ୍ୟା ମାତ୍ର ୧୯ ପ୍ରତିଶତ ଥିଲା। ଭାରତ ବର୍ତ୍ତମାନ ପ୍ରାୟ ୯୪ କୋଟି ନାଗରିକଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରୁଛି ଓ ହିତାଧିକାରୀଙ୍କ ସଂଖ୍ୟା ଦୃଷ୍ଟିରୁ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ଅଛି। ଆଇଏଲଓ ମହାନିର୍ଦ୍ଦେଶକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗରିବ ଏବଂ ଶ୍ରମିକ ବର୍ଗ ପାଇଁ ଭାରତର କେନ୍ଦ୍ରିତ କଲ୍ୟାଣ ନୀତିକୁ ପ୍ରଶଂସା କରିଥିଲେ। ପ୍ରତ୍ୟେକ ଦେଶର ଏକ ଯୋଜନାକୁ ବିଚାରକୁ ନେବା ପାଇଁ ଆଇଏଲଓର ମାନଦଣ୍ଡ ହେଉଛି ଯୋଜନାଟି ଆଇନଗତ ଭାବରେ ସମର୍ଥିତ, ନଗଦ-ଆଧାରିତ ଏବଂ ଗତ ତିନି ବର୍ଷର ସକ୍ରିୟ ଏବଂ ଯାଞ୍ଚ କରାଯାଇଥିବା ସମୟ ଶୃଙ୍ଖଳା ତଥ୍ୟ ଉପଲବ୍ଧ ହେଉଥିବ। ଜେନେଭାରୁ ସମ୍ବୋଧିତ କରି ଡକ୍ଟର ମାଣ୍ଡଭୀୟ କହିଛନ୍ତି, 'ଏହି ଉଲ୍ଲେଖନୀୟ ସଫଳତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଏବଂ ଏକ ଅନ୍ତର୍ଭୁକ୍ତିମୂଳକ ଏବଂ ଅଧିକାର-ଭିତ୍ତିକ ସାମାଜିକ ସୁରକ୍ଷା ଇକୋସିଷ୍ଟମ ଗଠନରେ ସରକାରଙ୍କ ନିରନ୍ତର ପ୍ରୟାସର ପ୍ରମାଣ। ଏହି ଅଭିବୃଦ୍ଧି ବିଶ୍ୱ ସ୍ତରରେ ସାମାଜିକ ସୁରକ୍ଷା କଭରେଜର ଦ୍ରୁତତମ ସଂପ୍ରସାରଣକୁ ପ୍ରତିନିଧିତ୍ୱ କରେ, ଯାହା 'ଅନ୍ତ୍ୟୋଦୟ' ଅର୍ଥାତ୍ ସମାଜର ଶେଷ ବ୍ୟକ୍ତିକୁ ସଶକ୍ତ କରିବା ଏବଂ କାହାକୁ ପଛରେ ନ ପକାଇବା ପ୍ରତିଶ୍ରୁତି ପୂରଣ କରିବା ପ୍ରତି ସରକାରଙ୍କ ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।' ଡକ୍ଟର ମାଣ୍ଡଭୀୟ ୧୦ରୁ ୧୨ ଜୁନ୍ ୨୦୨୫ ପର୍ଯ୍ୟନ୍ତ ସ୍ୱିଜରଲ୍ୟାଣ୍ଡର ଜେନେଭାରେ ଆୟୋଜିତ ଆଇଏଲଓର ଅନ୍ତର୍ଜାତୀୟ ଶ୍ରମ ସମ୍ମିଳନୀ (ଆଇଏଲସି)ର ୧୧୩ତମ ଅଧିବେଶନରେ ଯୋଗଦେବା ପାଇଁ ଏକ ଭାରତୀୟ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେଉଛନ୍ତି।

## ଟ୍ରମ୍ପଙ୍କୁ ଅଲକାଏଦାର ଧମକ



ନୂଆଦିଲ୍ଲୀ: ପୁଣି ଆତଙ୍କବାଦୀଙ୍କ ଟାର୍ଗେଟରେ ଆମେରିକା । ଯେଉଁଠି ଦେଖୁଛ, ସେଠି ହତ୍ୟା କର। କିଛି ଏପରି ଧମକ ଦେଇଛନ୍ତି ଅଲକାଏଦା ନେତା ସାଦ୍ ବିନ୍ ଆତିଫ୍ । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ବିଶିଷ୍ଟ ବ୍ୟବସାୟୀ ଏଲନ ମସ୍କ ମଧ୍ୟ ତାଙ୍କ ଟାର୍ଗେଟରେ ରହିଛନ୍ତି । ଏକ ଭିଡ଼ିଓ ଜରିଆରେ ହତ୍ୟା କରିବାକୁ ଧମକ ଦେଇଛନ୍ତି ଆତିଫ୍ । ସାଦ୍ ବିନ୍ ଆତିଫ୍ ଅଲକାଏଦାର ଜଣେ ବରିଷ୍ଠ କମାଣ୍ଡର । ସେ ତାଙ୍କର ସଦସ୍ୟ ଏବଂ ଆମେରିକୀୟ ମୁସଲମାନ ମାନଙ୍କୁ ଏହି ତିନି ଜଣ ହାଇପ୍ରୋଫାଇଲ୍ ବ୍ୟକ୍ତିତ୍ୱଙ୍କୁ ହତ୍ୟା କରିବାକୁ ଟାର୍ଗେଟ କରିଛନ୍ତି । ଆମେରିକାରେ ଦୀର୍ଘ ସମୟ ଧରି ନିରବ ରହିଥିବା ଭୟଙ୍କର ଆତଙ୍କବାଦୀ ସଂଗଠନ ଅଲକାଏଦା ଏବେ ଏକ ଧମକ ପୂର୍ଣ୍ଣ ଭିଡ଼ିଓ ଜାରି କରିଛି। ଭିଡ଼ିଓରେ ସାଦ୍ ବିନ୍ ଆତିଫ୍ ଖୋଲାଖୋଲି ଭାବରେ ଡୋନାଲ୍ଡ ଟ୍ରମ୍ପଙ୍କୁ ଧମକ ଦେଉଥିବା ଦେଖିବାକୁ ମିଳିଛି । ଅଲକାଏଦାର ଏହି କମାଣ୍ଡର ଭିଡ଼ିଓରେ ଆମେରିକୀୟ ମୁସଲମାନ ଏବଂ ତାଙ୍କ ସହଯୋଗୀମାନଙ୍କୁ କହୁଛନ୍ତି ଯେ ଯେଉଁଠାରେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ଏଲନ ମସ୍କ ଦେଖାଯାଉଛନ୍ତି, ସେମାନଙ୍କୁ ହତ୍ୟା କରିବା ଉଚିତ । ଅଲକାଏଦାର ଏହି ଆତଙ୍କବାଦୀ କମାଣ୍ଡରଙ୍କ ପୁରା ନାମ ହେଲା ସାଦ୍ ମହମ୍ମଦ ଆତିଫ୍ ଓରଫ ସାଦ୍ ବିନ୍ ଆତିଫ୍ ଅଲ-ଅୱଲାକି । ୨୦୨୪ରୁ ସେ ଅଲକାଏଦାର କମାଣ୍ଡର ଭାବେ ଦାୟିତ୍ୱରେ ରହିଛି । ଆମେରିକା ତାଙ୍କୁ ମୁଣ୍ଡ ଉପରେ ୬୦ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ମଧ୍ୟ କରିଛି ।

## ବିଏସ୍‌ଏଫ୍ କର୍ମଚାରୀଙ୍କୁ ଟ୍ରେନ ଯୋଗାଇବା ଘଟଣାରେ ୪ ଅଧିକାରୀ ନିଲମ୍ବିତ

ନୂଆଦିଲ୍ଲୀ: ତ୍ରିପୁରାରୁ କାଶ୍ମୀରକୁ ଡ୍ୟୁଟି ପାଇଁ ଯାଉଥିବା ବିଏସ୍‌ଏଫ୍ କର୍ମଚାରୀଙ୍କୁ ଅନୁପଯୁକ୍ତ ଏବଂ ପୁରୁଣା ଟ୍ରେନ୍ ଯୋଗାଇ ଦେଇଥିବାରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଆଲିପୁରଦୁଆର ଡିଭିଜନର ଚାରି ଜଣ ଅଧିକାରୀଙ୍କୁ ତୁରନ୍ତ ନିଲମ୍ବନ କରାଯାଇଛି। ନିଲମ୍ବିତ ଅଧିକାରୀଙ୍କ ମଧ୍ୟରେ ତିନି ଜଣ ବରିଷ୍ଠ ସେକ୍ସନ ଇଞ୍ଜିନିୟର ଏବଂ ଉତ୍ତର-ପୂର୍ବ ସୀମାନ୍ତ ରେଳ ଜୋନର ଆଲିପୁରଦୁଆର ଡିଭିଜନର କୋଚିଂ ଡିପୋ ଅଧିକାରୀ ଅଛନ୍ତି। ଶ୍ରୀ ବୈଷ୍ଣବ କହିଛନ୍ତି ଯେ ସୁରକ୍ଷା ବାହିନୀର ମର୍ଯ୍ୟାଦା ଏବଂ ଆରାମ ହେଉଛି ସର୍ବାଧିକ ପ୍ରାଥମିକତା ଏବଂ ଏପରି ଅବହେଳା କୌଣସି ସ୍ତରରେ ବରଦାସ୍ତ କରାଯିବ ନାହିଁ। ଅଗରତାଲାରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ବର୍ତ୍ତମାନ ବିଏସଏଫ କର୍ମଚାରୀଙ୍କ ସୁବିଧା ଏବଂ ସମ୍ମାନ ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦେଇ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା କରାଯାଉଛି। ରେଳ ମନ୍ତ୍ରଣାଳୟ ମଧ୍ୟ ସମଗ୍ର ଘଟଣାର ବିସ୍ତୃତ ତଦନ୍ତ ନିର୍ଦ୍ଦେଶ ଦେଇଛି।

## ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିକାଶର ଧାରା ଘରେ ଘରେ ପହଞ୍ଚିବ : ବିଷ୍ଣୁଦେବ

ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରାଜଧାନୀ ରାୟପୁରର ବଲବୀର ସିଂ ଜୁନେଜା ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ରାଜ୍ୟ ସହକାରୀ ବ୍ୟାଙ୍କର ନବ ନିଯୁକ୍ତ ପ୍ରାଧିକୃତ ଅଧିକାରୀ କେଦାରନାଥ ଗୁପ୍ତାଙ୍କ ପଦଭାର ସମାରୋହରେ ସାମିଲ ହୋଇ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଯଶପୁର ଜିଲ୍ଲାର ଫରଶାବୋହାର ଠାରେ ଆପେକ୍ସ ବ୍ୟାଙ୍କର ଏକ ନୂତନ ଶାଖାକୁ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶ୍ରୀ ସାଏ କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହଯୋଗୀ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହାଙ୍କ ନେତୃତ୍ୱରେ ଦେଶର ବିକାଶ ପାଇଁ ପ୍ରୟାସ ଜାରି ରହିଛି। ତାଙ୍କ ବିକାଶ କାର୍ଯ୍ୟକୁ ଘରେଘରେ ଯୋଡ଼ିବା ପାଇଁ ଛତିଶଗଡ ସରକାର କାର୍ଯ୍ୟ ଆରମ୍ଭ କରିଛନ୍ତି। ସେ କହିଥିଲେ ରାଜ୍ୟ ପରିଚାଳିତ



ବ୍ୟାଙ୍କଗୁଡିକ ମାଧ୍ୟମରେ ଲୋକମାନଙ୍କୁ ଅଧିକ ସଶକ୍ତ କରାଯାଇପାରିବ। ସେହିପରି ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ନେସ୍‌ନାଲ ଡାଏରୀ ଡେପଲ୍ପମେଣ୍ଟ ବୋର୍ଡ ସହ ରାଜ୍ୟ ସରକାର ମିଳିମିଶି କାର୍ଯ୍ୟ କରିବେ। ଏହି ପରିପ୍ରେକ୍ଷିରେ ଦୁଗ୍ଧ ଉତ୍ପାଦନ ପାଇଁ ସେ କେତେକ ହିତାଧିକାରୀଙ୍କୁ ଗାଈ ବିତରଣ କରିଥିଲେ। ଏହି ପ୍ରକଳ୍ପ ୬ଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯିବ ବୋଲି ମଧ୍ୟ ଶ୍ରୀ ସାଏ କହିଥିଲେ। ଛତିଶଗଡର କୃଷକ ଏବଂ ଲୋକମାନେ ବ୍ୟାଙ୍କ ସୁବିଧା ଉପଲବ୍ଧ ଯେପରି କରିପାରିବେ ସେ ନେଇ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରାଯାଇଛି। ୧୪୬୦ଟି ଗ୍ରାମପଞ୍ଚାୟତରେ ଅଟଳ ଡିଜିଟାଲ ସୁବିଧା କେନ୍ଦ୍ର ଖୋଲାଯାଇଛି। ଯାହା ମାଧ୍ୟମରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ବ୍ୟାକିଂ ସୁବିଧା ଉପଲବ୍ଧ କରାଯାଉଛି। ଆଗାମୀ ପଞ୍ଚାୟତିରାଜ ଦିବସରେ ସମସ୍ତ ଗ୍ରାମକୁ ବ୍ୟାକିଂ ସୁବିଧା ଯୋଗାଇ ଦିଆଯିବ ବୋଲି ଶ୍ରୀ ସାଏ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ସାଏ ଆହୁରି କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁ କ୍ଷେତ୍ରରେ ବିକାଶର ଧାରା ବଜାୟ ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ଛତିଶଗଡ ବିଧାନସଭା ବାଚସ୍ପି ଡ. ରମଣ ସିଂ ବିଷ୍ଣୁଦେବଙ୍କ କାର୍ଯ୍ୟକାଳ ମଧ୍ୟରେ ହୋଇଥିବା ରାଜ୍ୟର ବିବରଣୀ ରଖିଥିଲେ। ସେ କହିଥିଲେ ପୂର୍ବ ମୁଖ୍ୟମନ୍ତ୍ରୀ କୃଷକମାନଙ୍କୁ ଋଣ ଦେବାରେ ହରକତ କରୁଥିବା ବେଳେ ସାଏ ସରକାର କୃଷକମାନଙ୍କ ବିକାଶ ପାଇଁ ଋଣର ଦ୍ୱାର ଖୋଲିଛନ୍ତି। ଏବେ ଚାଷୀମାନଙ୍କୁ ଠିକ୍ ସମୟରେ ଋଣ ମିଳି ପାରୁଛି।

## ଲସ୍ ଆଞ୍ଜେଲସ୍ ସ୍ଥିତି ଅଣାୟତ୍ତ: ଲୁଟି ନେଲେ ଆଇଫୋନ୍

ୱାଶିଂଟନ : ଆମେରିକାର ଲସ୍ ଆଞ୍ଜେଲସ୍‌ରେ ପରିସ୍ଥିତି ଅଣାୟତ୍ତ । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରବାସନ ନିର୍ଦ୍ଦେଶ ବିରୋଧରେ ପ୍ରତିବାଦ ଜାରି ରହିଛି । ସ୍ଥିତି ନିୟନ୍ତ୍ରଣ ପାଇଁ ଡ୍ୟୁଟିରେ ନୌସେନା ସୈନିକ ନିୟୋଜିତ ହୋଇଛନ୍ତି। କଡ଼ା ସୁରକ୍ଷା ବଳୟରେ ରହିଛି ସାରା ସହର । ଏହାରି ଭିତରେ ସୋସିଆଲ ମିଡିଆରେ ଘୁରି ବୁଲୁଛି ଲସ୍ ଆଞ୍ଜେଲସ୍‌ର ଏକ ଭିଡିଓ । ଯାହାକୁ ଦେଖି ଲୋକେ ବି ତାଜବୁ । କାରଣ ଭିଡିଓରେ ଲୋକ୍ ଆପଲ୍ ଷ୍ଟୋରକୁ ଲୁଟୁଥିବାର ଦେଖିବାକୁ ମିଳୁଛି । ସୂଚନା ଥାଉକି, ସୋମବାର ରାତିରେ ଅନେକ ଲୋକ ମୁଖାପିନ୍ଧି ଆପଲ୍ ଷ୍ଟୋରକୁ ଲୁଟିଥିଲେ। ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଭିଡିଓରେ ହୁଡି ଏବଂ ମାସ୍କ ପିନ୍ଧିଥିବା ଲୋକମାନେ ଷ୍ଟୋରରେ ଭଙ୍ଗାରୁଜା କରୁଥିବାର ଦେଖାଯାଉଛି। ଏହା ପରେ ଆପଲ୍ ଷ୍ଟୋରରେ ପ୍ରବେଶ କରି ଅନେକ ଗ୍ୟାଜେଟ୍ ଲୁଟିଥିଲେ । ପୋଲିସ ପହଞ୍ଚିବା ମାତ୍ରେ ଅନେକ ଲୋକ ଷ୍ଟୋରରୁ ଦୌଡ଼ି ପଳାଇ ଯାଉଥିବାର ନଜର ଆସିଛି। ପୂର୍ବରୁ ସହରରେ ୨୦୦୦ ନ୍ୟାଶନାଲ ଗାର୍ଡ ସୈନ୍ୟଙ୍କୁ ମୁତୟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଟ୍ରମ୍ପ। ଏହି ନିର୍ଦ୍ଦେଶରେ, ୭୦୦ ମରିନ ସହିତ ୨୦୦୦ ଅନ୍ୟ ସୈନିକ ଲସ ଆଞ୍ଜେଲସରେ ମୁତୟନ ହୋଇଛନ୍ତି । ଯାହା ସାମରିକ ଉପସ୍ଥିତି ବୃଦ୍ଧି କରୁଛି। ସ୍ଥାନୀୟ ଅଧିକାରୀ ଓ ରାଜ୍ୟପାଳ ଗାଭିନ ନ୍ୟୁସମ ଏହାକୁ ବିରୋଧ କରିଥିଲେ। ପ୍ରତିବାଦ ମଧ୍ୟରେ, ଟ୍ରମ୍ପ ଲସ ଆଞ୍ଜେଲସ ହିଂସା ପାଇଁ ମେୟର କରେନ ବାସ ଏବଂ ନ୍ୟୁସମଙ୍କୁ ସାଧାରଣ ସୁରକ୍ଷାକୁ ବିପଦରେ ପକାଇବାର ଅଭିଯୋଗ କରିଥିଲେ।

# ବାଣିଜ୍ୟ




ନୂଆଦିଲ୍ଲୀ: ୨୦୨୪ରେ ଭାରତର ଦାରିଦ୍ର୍ୟ ହାର ୪.୬ ପ୍ରତିଶତକୁ କମିଯିବ। ୨୦୨୩ରେ ଭାରତର ଦାରିଦ୍ର୍ୟ ହାର ୫.୩ ପ୍ରତିଶତକୁ ହ୍ରାସ ପାଇଥିବା ନେଇ ବିଶ୍ୱବ୍ୟାଙ୍କ ପକ୍ଷରୁ ନିକଟରେ ରିପୋର୍ଟ ପ୍ରକାଶ ପାଇବା ପରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଏହି ନୂଆ ଆକଳନ କରାଯାଇଛି। ଷ୍ଟେଟ ବ୍ୟାଙ୍କ ରିପୋର୍ଟରେ ଭାରତ ଦାରିଦ୍ର୍ୟ ହ୍ରାସ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଥିବା ଦର୍ଶାଯାଇଛି। ତଥ୍ୟ ସଂଗ୍ରହରେ ନୂଆ ପଦ୍ଧତି ଆପଣାଇବା ଏବଂ ସଂଜ୍ଞାରେ ଅଣାଯାଇଥିବା ପରିବର୍ତ୍ତନର ପ୍ରଭାବ ଦାରିଦ୍ର୍ୟ ହ୍ରାସ ତଥ୍ୟରେ ବହୁମାତ୍ରାରେ ପ୍ରତିଫଳିତ ହୋଇଛି। ନିକଟରେ ଭାରତ ଏହାର ପାରିବାରିକ ଖର୍ଚ୍ଚ ସର୍ଭେ ବା ହାଉସହୋଲ୍ଡ କଞ୍ଜପସନ୍ ଏକ୍ସପେଣ୍ଡିଚର ସର୍ଭେରେ ପରିବର୍ତ୍ତିତ ମିକ୍ସଡ ରିକଲ୍ ପିରିୟଡ୍ (ଏମ୍‌ଏମ୍‌ଆରପି)କୁ ଗ୍ରହଣ କରିଛି। ପୂର୍ବରୁ ଏଥିପାଇଁ ୟୁନିଫର୍ମ ରେଫରେନ୍ସ ପିରିୟଡ୍ (ୟୁଆରପି) ବ୍ୟବହାର କରାଯାଉଥିଲା। ଏହାକୁ ବଦଳାଯାଇଛି। ଏହାଦ୍ୱାରା ପାରିବାରିକ ବ୍ୟୟର ଅଧିକ ସଠିକ ତଥ୍ୟକୁ ସାମିଲ କରାଯାଇ ପାରିଛି। ଏଥିଯୋଗୁ ସର୍ଭେରେ ବ୍ୟୟ ବୃଦ୍ଧି ପାଇଛି ଏବଂ ଦାରିଦ୍ର୍ୟ ହ୍ରାସ ଘଟିଛି। ବିଶ୍ୱବ୍ୟାଙ୍କ ଏବଂ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଦାରିଦ୍ର୍ୟ ଆକଳନ ପ୍ରାୟତଃ ସମାନ ସ୍ତରରେ ରହିଛି ବୋଲି ରିପୋର୍ଟରେ କୁହାଯାଇଛି।

## ୯୦୦ କୋଟି ଟଙ୍କାର ଋଣ ପ୍ରଦାନ କରିଛି ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍

ନୂଆଦିଲ୍ଲୀ: ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ ୨୦୨୪-୨୫ ଆର୍ଥିକ ବର୍ଷରେ ଏହାର ଗ୍ରାହକଙ୍କୁ ପାରମ୍ପରିକ ବୀମା ଉପରେ ୯୦୦ କୋଟି ଟଙ୍କାର ଋଣ ବିତରଣ କରିଛି। ଲୋନ ଏଗେନ୍ଷ୍ଟ ପଲିସି ବା ବୀମା ଉପରେ ଋଣ ଫିଚର ଖୁବ୍ ଉପଯୋଗୀ ଅଟେ କାରଣ ଏହା ଗ୍ରାହକଙ୍କୁ ସେମାନଙ୍କର ଦୀର୍ଘାବଧି ସଂଚୟ ଯୋଜନାକୁ ପ୍ରଭାବିତ ନକରି ତରଳତା ପ୍ରଦାନ କରିଥାଏ। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ ୪୨,୭୦୦ରୁ ଅଧିକ ଗ୍ରାହକଙ୍କୁ ଏଭଳି ଋଣ ବିତରଣ କରିଛି। ବୀମା ଉପରେ ଋଣ ପାଇବା ପାଇଁ ପ୍ରକ୍ରିୟା ଶୀଘ୍ର ଓ ପେପରଲେସ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୯୮%ରୁ ଅଧିକ ଋଣ କେବଳ ୨୪ ଘଂଟା ମଧ୍ୟରେ ବିତରଣ କରାଯାଇଥିଲା। ଗ୍ରାହକମାନେ ଋଣ ପାଇଁ ଆବେଦନ କରିବା ଲାଗି କମ୍ପାନୀ ୱେବସାଇଟ କିମ୍ବା ଆମର ମୋବାଇଲ ଆପର ବ୍ୟବହାର କରିପାରିବେ । ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସର ମୁଖ୍ୟ ପରିଚାଳନା ଅଧିକାରୀ ଅମିଶ ବଙ୍କର କହିଛନ୍ତି, 'ଜୀବନ ବୀମା ହେଉଛି ଏକ ଦୀର୍ଘାବଧି ଉତ୍ପାଦ ଏବଂ ଗ୍ରାହକମାନେ ବୀମା ଅବଧି ସମୟରେ ତରଳତା ଆହ୍ୱାନଗୁଡ଼ିକର ସମ୍ମୁଖୀନ ହୋଇପାରନ୍ତି। ବୀମା ଉପରେ ଋଣ ସୁବିଧା ବିନା ବାଧାରେ ଆର୍ଥିକ ସଂଚୟ ଯୋଜନାକୁ ଟ୍ରାକ୍‌ରେ ରଖିବା ସୁନିଶ୍ଚିତ କରିପାରେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗ୍ରାହକମାନେ ବୀମା ସରେଣ୍ଡର ଭାଲ୍ୟୁର ୮୦% ପର୍ଯ୍ୟନ୍ତ ରାଶି ଋଣ ଭାବେ ପାଇପାରିବେ। ୨୦୨୪-୨୫ରେ ଋଣ ବିତରଣ କ୍ଷେତ୍ରରେ ବାର୍ଷିକ ଆଧାରରେ ୬୦% ବୃଦ୍ଧି ହେବା ସହିତ ଆମେ ଆମର ଗ୍ରାହକଙ୍କ ମଧ୍ୟରେ ବୀମା ଉପରେ ଋଣ ସୁବିଧାକୁ ଆପଣାଇବାରେ ଏକ ବୃଦ୍ଧିର ସାକ୍ଷୀ ହୋଇଛୁ। ଏହି ପାଣ୍ଠିକୁ ପ୍ରିମିୟମ ପଇଠ କରିବା ପାଇଁ ମଧ୍ୟ ଉପଯୋଗ କରାଯାଇପାରିବ, ଯାହା ବୀମାର ନିରନ୍ତରତା ଓ ଏହାର ଲାଭଗୁଡିକୁ ସୁନିଶ୍ଚିତ କରିଥାଏ।'

## ଟାରିଫକୁ ନେଇ ଆମେରିକା-ଚୀନ୍ ମଧ୍ୟରେ ବୁଝାମଣା

ୱାଶିଂଟନ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଏକ ବଡ଼ ଘୋଷଣା କରି କହିଛନ୍ତି ଯେ ଚୀନ୍ ସହିତ ବ୍ୟବସାୟ ନେଇ 'ଡିଲ' ହୋଇଯାଇଛି। ଏହି ଡିଲ ମୁତାବକ ଚୀନ୍ ମ୍ୟାଗନେଟ୍ ସମେତ ଦୁର୍ଲଭ ଖଣିଜ ସମ୍ପଦ ଆମେରିକାକୁ ଯୋଗାଣ କରିବ। ଏହା ବଦଳେ ଆମେରିକା ଚୀନ୍ ନାଗରିକଙ୍କୁ ନିଜର କଲେଜ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଆଡମିସନ ଦେବ। ଟାରିଫକୁ ନେଇ ପାଖାପାଖି ୨ ମାସ ଧରି ଗତିରୋଧ ଜାରି ରହିବା ପରେ ଟ୍ରମ୍ପ ଦୁଇ ଦେଶଙ୍କ ସମ୍ପର୍କକୁ ଉଲ୍ଲେଖନୀୟ ବୋଲି କହିଛନ୍ତି। ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ ସୋସାଲ'ରେ ଟ୍ରମ୍ପ କହିଛନ୍ତି ଯେ ଆମକୁ ମୋଟ ୫୫% ଟାରିଫ ମିଳୁଛି, ଅନ୍ୟପଟେ ଚୀନକୁ ୧୦% ଟାରିଫ ମିଳିବ। ଏହି ସମ୍ପର୍କ ବେଶ୍ ଉଲ୍ଲେଖନୀୟ। ତେବେ ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ ଏହି ଡିଲକୁ ତାଙ୍କର ଓ ଚୀନ୍ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପରେ ଯାଇ ପକ୍କା ମନେ କରାଯିବ। ତେବେ ଏକ ଅନ୍ତର୍ଜାତୀୟ ମାନବାଧିକାର ସମୂହ ବୁଧବାର କହିଛି ଯେ ଅନେକ ବୈଶ୍ୱିକ ବ୍ରାଣ୍ଡ ସେହି କମ୍ପାନୀଙ୍କ ମଧ୍ୟରେ ସାମିଲ ଯେଉଁମାନେ ଚୀନ୍ ଯୋଗାଣ ଶୃଙ୍ଖଳା ମାଧ୍ୟମରେ ଜୋରଜବରଦସ୍ତ ଶ୍ରମର ଉପଯୋଗ ପାଇଁ ବାଧ୍ୟ। କାରଣ ଚୀନର ସୁଦୂର ପଶ୍ଚିମ ଶିନଜିୟାଙ୍ଗ କ୍ଷେତ୍ରରୁ ସେମାନେ ଗୁରୁତ୍ୱପୂର୍ଣ୍ଣ ଖଣିଜ ଉପଯୋଗ କରନ୍ତି ନଚେତ ଖଣିଜ ଆଧାରିତ ଉତ୍ପାଦ କ୍ରୟ କରନ୍ତି। ତେବେ ଏହା ପୂର୍ବରୁ ଆମେରିକା ଓ ଚୀନର ବାର୍ତ୍ତାକାରଙ୍କ ଏକ ସମୂହ ସେମାନଙ୍କ ବାଣିଜ୍ୟିକ ବାର୍ତ୍ତାକୁ ରାସ୍ତାକୁ ଆଣିବା ପାଇଁ ରୂପରେଖ ଉପରେ ସିଦ୍ଧାନ୍ତ କରିବାକୁ ସହମତି ଘୋଷଣା କରିଛନ୍ତି। ଏହି ଘୋଷଣା ବ୍ରିଟେନ ରାଜଧାନୀ ଲଣ୍ଡନରେ ଦୁଇ ଦିନିଆ ବାର୍ତ୍ତା ଶେଷରେ କରାଯାଇଛି।

## ନାଲ୍‌କୋର ନୂତନ ନିର୍ଦ୍ଦେଶକ(ଅର୍ଥ) ଭାବେ ଅଭୟଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରନ୍ତ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲକୋ)ର ନୂତନ ନିର୍ଦ୍ଦେଶକ(ଅର୍ଥ) ଭାବେ ଆଜିଅଭୟ କୁମାର ବେହୁରିଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ନାଲକୋରେ ଯୋଗଦେବା ପୂର୍ବରୁ, ବେହୁରିଆ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ(ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ)ରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଅର୍ଥ ଏବଂ ଆକାଉଣ୍ଟସ୍) ଭାବରେ କାର୍ଯ୍ୟରତ ଥିଲେ । ତାଙ୍କ ଦକ୍ଷତା ଏବଂ ନେତୃତ୍ୱ ବଳରେ କମ୍ପାନୀ ଏକ ଚ୍ୟାଲେଞ୍ଜିଙ୍ଗ ବଜାର ପରିସ୍ଥିତି ମଧ୍ୟରେ ରେକର୍ଡ ଆର୍ଥିକ ଫଳାଫଳହାସଲ କରିଥିଲା। ଆର୍ଥିକ ପରିଚାଳନା,ରଣନୈତିକ ଯୋଜନା ଏବଂ ଡିଜିଟାଲ୍ ରୂପାନ୍ତରଣ କ୍ଷେତ୍ରରେ ଶ୍ରୀ ବେହୁରିଆଙ୍କର ୩ ଦଶନ୍ଧିରୁ ଉର୍ଦ୍ଧ୍ୱ ଅଭିଜ୍ଞତା ରହିଛି ।ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟ ସ୍ନାତକରେ ଡିଗ୍ରୀ ହାସଲ କରିଛନ୍ତି ଏବଂ ଭାରତୀୟ କଷ୍ଟ ଆକାଉଣ୍ଟାଣ୍ଟସ୍



ପ୍ରତିଷ୍ଠାନ(ଆଇସିଏଆଇ)ର ଜଣେ ଫେଲୋ ସଦସ୍ୟ ସହ ସଂସ୍ଥାର ର ଆଡଭାନ୍ସଡ୍ ଷ୍ଟଡିଜ୍ ଆଣ୍ଡ୍ ରିସର୍ଚ୍ଚ ବୋର୍ଡରୁ ବ୍ୟବସାୟ ମୂଲ୍ୟାଙ୍କନରେ ମଧ୍ୟ ଏକଜିକ୍ୟୁଟିଭ୍ ଡିପ୍ଲୋମା ହାସଲ କରିଛନ୍ତି । ସୂଚନାଯୋଗ୍ୟ ଯେ, ଶ୍ରୀ ବେହୁରିଆ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ଅନେକ ଡିଜିଟାଲ୍ ପରିବର୍ତ୍ତନ ପଦକ୍ଷେପର ନେତୃତ୍ୱ ନେଇଥିଲେ, ଯେପରିକି ଖଣିରେ ଏସ.ଏ.ପି.କାର୍ଯ୍ୟକାରୀ କରିବା, ସ୍ୱୟଂଚାଳିତ ଇନଭଏସ୍ ସିଷ୍ଟମ୍ ଏବଂ ବିକ୍ରେତା ସୂଚନା ପରିଚାଳନା ଇତ୍ୟାଦି। କାର୍ଯ୍ୟବ୍ୟବସ୍ଥାକୁ ଉନ୍ନତ ଓସୁବ୍ୟବସ୍ଥିତ କରିବା ପାଇଁ ଦୁଇଟି ପ୍ରୋଭିଡେଣ୍ଟ ଫଣ୍ଡ ଟ୍ରଷ୍ଟକୁ ମିଶ୍ରଣ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ସକ୍ରିୟ ଆଭିମୁଖ୍ୟ କମ୍ପାନୀର ଦୀର୍ଘକାଳୀନ ଆଇନଗତ ଏବଂ ଆର୍ଥିକ ସମସ୍ୟାର ସମାଧାନ କରିବାରେ ମଧ୍ୟ ସାହାଯ୍ୟ କରିଥିଲା। ନିର୍ଦ୍ଦେଶକ (ଅର୍ଥ) ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ବେହୁରିଆଙ୍କୁ ଅଭିନନ୍ଦନ ଜଣାଇ, ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଥିଲେ ଯେ,'ଆର୍ଥିକ ପରିଚାଳନା, ରଣନୈତିକ ଯୋଜନା ଏବଂ ଡିଜିଟାଲ ରୂପାନ୍ତରଣରେ ଶ୍ରୀ ବେହୁରିଆଙ୍କର ବ୍ୟାପକ ଅଭିଜ୍ଞତା ନାଲକୋର ବିଭିନ୍ନ ପ୍ରକଳ୍ପ ଏବଂ ପରିଚାଳନା ପଦକ୍ଷେପଗୁଡ଼ିକ ନିମନ୍ତେ ସହାୟତା ପ୍ରଦାନ କରିବା ସହ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଏବଂ ନବସୃଜନ ଆଣିବ । ନିର୍ଦ୍ଦେଶକ (ଅର୍ଥ) ଭାବରେ ତାଙ୍କର ଯୋଗଦାନ ନାଲକୋ ବୋର୍ଡ଼କୁ ଆହୁରି ଦୃଢ଼ୀଭୂତକରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।

## ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ ୧୧ତମ ବର୍ଷ ପୂର୍ତ୍ତି ପାଳିତ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମଏସଆଇ) ଭୁବନେଶ୍ୱର, ଓଡ଼ିଶାରେ ଥିବା ତାହାର ଟ୍ରାଫିକ ଟ୍ରେନିଂ ପାର୍କର ୧୧ତମ ବର୍ଷ ପୂର୍ତ୍ତି ସନତ କୁମାର ଜେନା (ଆରଟିଓ-୨, ଭୁବନେଶ୍ୱର) ଏବଂ ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆର ପ୍ରତିନିଧିଙ୍କ ଉପସ୍ଥିତିରେ ପାଳନ କରିଛି। ଏହାର ଆରମ୍ଭ ଦିନଠାରୁ ପାର୍କ ସଡ଼କ ନିରାପତ୍ତାକୁ ପ୍ରୋତ୍ସାହିତ କରିବା ଏବଂ ନାଗରିକଙ୍କ ମଧ୍ୟରେ ଟ୍ରାଫିକ ସଚେତନତାରେ ବୃଦ୍ଧି ଘଟାଇବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଜୁନ ୨୦୧୪ରେ ଏଚଏମଏସଆଇ, ଓଡ଼ିଶା ମୋଟର ଯାନ ବିଭାଗ ସହଭାଗୀତାରେ ଓଡ଼ିଶାରେ ତାହାର ପ୍ରଥମ ଟ୍ରାଫିକ ଟ୍ରେନିଂ ପାର୍କକୁ ଆପଣେଇଥିଲା। ଏହା ଆରମ୍ଭ ଦିନଠାରୁ ପାର୍କ ସଡ଼କ ନିରାପତ୍ତା ଶିକ୍ଷାର ଏକ କେନ୍ଦ୍ରସ୍ଥଳ ପାଲଟିଛି- ସମସ୍ତ ବୟସ ବର୍ଗର ୩.୬ ଲକ୍ଷରୁ ଅଧିକ ଲୋକଙ୍କୁ ତାଲିମ ପ୍ରଦାନ କରିସାରିଛି। ୧୧ତମ ବର୍ଷ ପୂର୍ତ୍ତି ପାଳନ ନିମନ୍ତେ ଏଚଏମଏସଆଇ ସେଣ୍ଟ୍ରାଲ ଟୁଲ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର ଛାତ୍ର ଛାତ୍ରୀଙ୍କ ନିମନ୍ତେ ଏକ ଅଧିବେଶନ ଆୟୋଜନ କରିଥିଲା। ଭୁବନେଶ୍ୱରସ୍ଥିତ ଟ୍ରାଫିକ ଟ୍ରେନିଂ ପାର୍କ ଏହାର ଦ୍ୱାଦଶ ବର୍ଷରେ ପ୍ରବେଶ କରିଥିବାବେଳେ ଏକ ନିରାପତ୍ତା ସଂସ୍କୃତି ନିର୍ମାଣ ଉପରେ ଦୃଷ୍ଟିନିବଦ୍ଧ ରହିଛି ଯାହା ପ୍ରତିବର୍ଷ ଅଧିକ ମଜଭୁତ ହେବାରେ ଲାଗିଛି। କେବଳ ସଂଖ୍ୟା ବୃଦ୍ଧି କରିବା ନୁହେଁ ତାହା ସହିତ ବିଶେଷକରି ପରବର୍ତ୍ତୀ ପିଢ଼ିର ସଡ଼କ ବ୍ୟବହାରକାରୀଙ୍କ ମଧ୍ୟରେ ଗୁଣାତ୍ମକ ନିୟୋଜନତାକୁ ଅଧିକ ନିବିଡ କରିବାକୁ ଲକ୍ଷ୍ୟ ରଖାଯାଇଛି। ହୋଣ୍ଡା ନିମନ୍ତେ ବିଶ୍ୱସ୍ତରରେ ସଡ଼କ ନିରାପତ୍ତା ପ୍ରଥମ ସ୍ଥାନ ଅଧିକାର କରୁଛି। 'ହୋଣ୍ଡା ୨୦୫୦ ସୁଦ୍ଧା ହୋଣ୍ଡା ମୋଟରସାଇକଲ ଏବଂ ଯାନବାହନ ସଂପୃକ୍ତ ଥାଇ ବିଶ୍ୱସ୍ତରରେ ଶୂନ୍ୟ ଟ୍ରାଫିକ ଦୁର୍ଘଟଣା ଜନିତ ମୃତ୍ୟୁ ଲକ୍ଷ୍ୟ ହାସଲ ନିମନ୍ତେ ପ୍ରୟାସ ଜାରି ରଖିବ।

## ଅଲ୍-ଇନ୍-ୱାନ ନିବେଶ ଆପ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ: ଟାଟା ଆସେଟ୍ ମ୍ୟାନେଜମେଣ୍ଟ ପକ୍ଷରୁ ଏକ ଅଭିନବ ମୋବାଇଲ୍ ଆପ୍ ଶୁଭାରମ୍ଭ କରାଯାଇଛି ଯାହା ବ୍ୟବହାରକାରୀ ମାନଙ୍କୁ ସେମାନଙ୍କର ଆର୍ଥିକ ଜଗତର ଏକ ସମ୍ପୂର୍ଣ୍ଣ ଚିତ୍ର ଦେବା ପାଇଁ ଉଦ୍ଦିଷ୍ଟ। ବ୍ରାଣ୍ଡ ପ୍ଲାଟଫର୍ମ ଅଧୀନରେ ଏହି ଆପ୍ ସରଳତା, ବୁଦ୍ଧିମତା ଏବଂ ପର୍ସନାଲାଇଜେସନକୁ ଏକତ୍ରିତ କରିଛି। ଏହି ମୋବାଇଲ୍ ଆପ୍ ଶୁଭାରମ୍ଭ ହେଉଛି ନିବେଶକୁ ସରଳ, ସ୍ମାର୍ଟ ଏବଂ ଅଧିକ ପ୍ରବେଶଯୋଗ୍ୟ କରିବାର ଏକ ବଡ଼ ପଦକ୍ଷେପ। 'ଏକ ଆପ୍-ଏକ ଦୃଶ୍ୟ- ଅନନ୍ତ ସୁଯୋଗ' ବ୍ରାଣ୍ଡ ପ୍ରତିଶ୍ରୁତି ସହିତ ଏହି ଆପ୍ ନିବେଶକମାନଙ୍କୁ ଶିଖିବାରୁ ଆରମ୍ଭ କରି ନିବେଶ ଏବଂ ଆର୍ଥିକ ଲକ୍ଷ୍ୟ ଉପରେ ନଜର ରଖିବା ପର୍ଯ୍ୟନ୍ତ ସବୁ କିଛି ଦେଇଥାଏ। ଏହି ଆପରେ ଅନେକ ବିଶେଷତା ରହିଛି, ଯଥା, ଆର୍ଥିକ ରୋଡମ୍ୟାପ୍ ଯାହା ଲକ୍ଷ୍ୟ ସ୍ଥିର କରିବା ଏବଂ ଟ୍ରାକ୍ କରିବା ପାଇଁ ଉଦ୍ଦିଷ୍ଟ। ପୋର୍ଟଫୋଲିଓ ୩୬୦ ଯାହାକୁ ମ୍ୟୁଚୁଆଲ୍ ଫଣ୍ଡ, ଇକ୍ୱିଟି ଏବଂ ବ୍ୟାଙ୍କ ଆକାଉଣ୍ଟକୁ ଏକାଠି ଦେଖିବା ପାଇଁ



ବ୍ୟବହାର କରାଯାଇଥାଏ। ଫାୟାର କ୍ୟାଲକୁଲେଟର ଯାହା ଅବସର ଯୋଜନା ପାଇଁ ଉଦ୍ଦିଷ୍ଟ। ଏଥିରେ ବିନିଯୋଗ ପସନ୍ଦକୁ ସେଭ୍ କରିବା ପାଇଁ ସ୍ମାର୍ଟ କାର୍ଟ ରହିଛି। ଏଥିରେ ବିନିଯୋଗକାରୀଙ୍କୁ ପ୍ରତ୍ୟେକ ପଦକ୍ଷେପରେ ମାର୍ଗଦର୍ଶନ ଦେବା ପାଇଁ ଶିକ୍ଷଣିୟ ମଡ୍ୟୁଲ୍ ଏବଂ ଚାଟବଟ୍ ସମର୍ଥନ ମଧ୍ୟ ରହିଛି। ଟାଟା ଆସେଟ୍ ମ୍ୟାନେଜମେଣ୍ଟର ମୁଖ୍ୟ ବିତରଣ ଏବଂ ଡିଜିଟାଲ୍ ଅଧିକାରୀ ହେମନ୍ତ କୁମାର କହିଛନ୍ତି, ଏକ ଆପ୍, ଏକ ଦୃଶ୍ୟ। ଅନନ୍ତ ସୁଯୋଗ କେବଳ ଏକ ଟ୍ୟାଗଲାଇନ୍ ନୁହେଁ; ଏହା ଆମେ ଯାହା ପ୍ରଦାନ କରୁଛୁ ତାହାର ମୂଳ କେନ୍ଦ୍ର ଅଟେ। ଆଜିର ନିବେଶକରିମାନେ ଏକ ବୁଦ୍ଧିମାନ ପ୍ଲାଟଫର୍ମ ଚାହାଁନ୍ତି ଯାହା ସେମାନଙ୍କୁ ସେମାନଙ୍କର ସମସ୍ତ ଆର୍ଥିକ ସମ୍ପତି ଉପରେ ସ୍ୱଷ୍ଟତା ଏବଂ ନିୟବଣ ଦେଇଥାଏ। ଏହି ଆପ୍ ସବୁକିଛି ଏକାଠି କରିଛି। ତାହା ହେଉଛି ସିମଲେସ୍ ଟ୍ରାକିଂ, ଏକ ଦୃଶ୍ୟ ପୋର୍ଟଫୋଲିଓ ଏବଂ ଏକ ବ୍ୟକ୍ତିଗତ ଅନୁଭୂତି ଯାହା ବ୍ୟବହାରକାରୀଙ୍କୁ ଆତ୍ମବିଶ୍ୱାସ ସହିତ ନିବେଶ କରିବାରେ ସଶକ୍ତ କରିବ। ଏହା ଆମର ନବୀନିକରଣ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ଯେତେବେଳେ ଧନ ସୃଷ୍ଟିକୁ ସରଳ, ସ୍ମାର୍ଟ ଏବଂ ଅଧିକ ପ୍ରବେଶଯୋଗ୍ୟ କରିଥାଏ। ଏହି ଡିଜିଟାଲ୍ ରୂପାନ୍ତରଣ ଏବଂ ନୂତନ ରୂପ ସହିତ, ଟାଟା ଆସେଟ୍ ମ୍ୟାନେଜମେଣ୍ଟ ନୂତନ ଯୁଗର ନିବେଶକଙ୍କ ଆବଶ୍ୟକତାକୁ ଅନୁକୂଳ କରିବା ସହିତ ବିଶ୍ୱାସର ନୀତିକୁ ଅଗ୍ରସର କରୁଛି। ନୂତନ ଆପଟି ଆପ୍ ଷ୍ଟୋର୍ ଏବଂ ଗୁଗୁଲ୍ ପ୍ଲେ ଷ୍ଟୋରରେ ଡାଉନଲୋଡ୍ ପାଇଁ ଉପଲବ୍ଧ।

## ଜିଓବ୍ଲାକରକ ନିବେଶ ପରାମର୍ଶଦାତାଙ୍କୁ ନିବେଶ ପରାମର୍ଶ ବ୍ୟବସାୟ ପାଇଁ ସେବିର ଅନୁମୋଦନ

ନୂଆ ଦିଲ୍ଲୀ: ଜିଓବ୍ଲାକରକ ନିବେଶ ପରାମର୍ଶଦାତା ପ୍ରାଇଭେଟ୍ ଲିମିଟେଡ୍ ଭାରତରେ ଏକ ନିବେଶ ପରାମର୍ଶଦାତା ସଂସ୍ଥା ଭାବରେ ବ୍ୟବସାୟ ଆରମ୍ଭ କରିବା ପାଇଁ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ଏବଂ ବିଏସଇ ଲିମିଟେଡ୍ ଠାରୁ ଅନୁମୋଦନ ଲାଭ କରିଛି। ବିଶ୍ୱ ସ୍ତରରେ ଆର୍ଥିକ ସେବା କ୍ଷେତ୍ରରେ ୨୫ ବର୍ଷରୁ ଅଧିକ ଅଭିଜ୍ଞତା ଥିବା ମାର୍କ ପିଲଗ୍ରେମ୍‌ଙ୍କୁ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଭାବରେ ନିଯୁକ୍ତ କରାଯାଇଛି। ପୂର୍ବରୁ ମେ ୨୭ ତାରିଖରେ ଜିଓବ୍ଲାକରକ ଆସେଟ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଦେଶରେ ମ୍ୟୁଚୁଆଲ୍ ଫଣ୍ଡ ବ୍ୟବସାୟ ପାଇଁ ସେବି ଅନୁମୋଦନ ଲାଭ କରିଥିଲା। ଜିଓ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ହିତେଶ ସେଠିଆ କହିଛନ୍ତି 'ଆମେ ଘୋଷଣା କରି ଖୁସି ଯେ ଜିଓବ୍ଲାକରକ ନିବେଶ ପରାମର୍ଶଦାତାଙ୍କୁ ନିୟାମକ ଅନୁମୋଦନ ମିଳିଛି, ଯାହା ବ୍ଲାକରକ୍ ସହିତ ଆମର ସହଭାଗୀତାରେ ଏକ ମାଇଲଖୁଣ୍ଟ। ଭାରତୀୟ ନିବେଶକମାନେ ବ୍ୟକ୍ତିଗତ ଆର୍ଥିକ ସମାଧାନ ଖୋଜୁଥିବାରୁ, ଏହି ମିଳିତ ଉଦ୍ୟମ ବିଶ୍ୱସ୍ତରୀୟ ପରାମର୍ଶଦାତା ସେବାଗୁଡ଼ିକ ଉପଲବ୍ଧ କରାଇବା ସୁନିଶ୍ଚିତ କରିବା। ଆମେ ବିଶ୍ୱାସ କରୁଛୁ ଯେ ଜିଓବ୍ଲାକରକ ବିଶ୍ୱସ୍ତରୀୟ ବିଶେଷଜ୍ଞତା ଏବଂ ସ୍ଥାନୀୟ ପ୍ରାସଙ୍ଗିକତା ସହିତ ନିବେଶକମାନଙ୍କୁ ସଶକ୍ତ କରି ଭାରତରେ ସମ୍ପତ୍ତି ସୃଷ୍ଟିର ଭବିଷ୍ୟତକୁ ନୂତନ ଭାବରେ ପରିଭାଷିତ କରିବ। ବ୍ଲାକରକ୍‌ର ମୁଖ୍ୟ ପରିଚାଳନା ଅଧିକାରୀ ରବ୍ ଗୋଲ୍ଡଷ୍ଟାଇନ୍ କହିଛନ୍ତି 'ଭାରତ ବିଶ୍ୱର ଦ୍ରୁତତମ ବୃଦ୍ଧି ପାଉଥିବା ନିବେଶ ବଜାର ମଧ୍ୟରୁ ଅନ୍ୟତମ।



ରାଉରକେଲା (ଭାସ୍କର ନ୍ୟୁଜ୍): ସେଲ୍, ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ)ର ଡାକ୍ତରମାନେ ଜଣେ ଯୁବ ବ୍ୟାଡମିଣ୍ଟନ୍ ଖେଳାଳିଙ୍କ ଦୃଷ୍ଟିଶକ୍ତିକୁ ସଫଳତାର ସହିତ ପୁନରୁଦ୍ଧାର କରି ସେମାନଙ୍କର ଦକ୍ଷତା ଏବଂ ଉତ୍କୃଷ୍ଟ ଚିକିତ୍ସାର ଆଉ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସେକ୍ଟର-୬ ରେ ବାସ କରୁଥିବା ଭରତ ତନ୍ତୀ (୨୪ ବର୍ଷ) ଯିଏକି ବ୍ୟାଡମିଣ୍ଟନ ମ୍ୟାଚ୍ ସମୟରେ ଗୁରୁତର ଚକ୍ଷୁ ଆଘାତ ପାଇ ଆଇଜିଏଚରେ ଭର୍ତ୍ତି ହୋଇଥିଲେ। ସେ ଖେଳୁଥିବା ସମୟରେ ଏକ ସଟଲକକ୍ ତାଙ୍କ ଆଖିକୁ ଜୋରରେ ଆଘାତ ଦେଇଥିଲା, ଯାହା ଫଳରେ ଏକ ପୂର୍ଣ୍ଣ-ମୋଟେଇ କେନ୍ଦ୍ରୀୟ କର୍ଣ୍ଣିଆଲ୍ ଛିଦ୍ର ସୃଷ୍ଟି ହୋଇଥିଲା, ଯାହାର ତୁରନ୍ତ ଚିକିତ୍ସା କରାଯାଇନଥିଲେ ସବୁଦିନ ପାଇଁ ଦୃଷ୍ଟିଶକ୍ତି ହରାଇବା ସହିତ ଆଖି ନଷ୍ଟ ହୋଇ ଯିବାର ସମ୍ଭାବନା ଥିଲା । ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ମୁଖ୍ୟ ପରାମର୍ଶଦାତା ତଥା କର୍ଣ୍ଣିଆଲ୍ ବିଶେଷଜ୍ଞ ଡାକ୍ତର ଅନିମା ଟିଗାଙ୍କ ଚକ୍ଷୁ ମୂଲ୍ୟାଙ୍କନ ଯୋଗୁଁ, ଶ୍ରୀ ଭରତଙ୍କର ଅବସ୍ଥାର ତୁରନ୍ତ ଚିକିତ୍ସା କରାଯିବା ସହିତ ଆବଶ୍ୟକୀୟ ତଦନ୍ତ ମଧ୍ୟ କରାଯାଇଥିଲା। ପରେ ଡକ୍ଟର ଟିଗାଙ୍କ ଦ୍ୱାରା ଅସ୍ତ୍ରୋପଚାର କରାଯାଇଥିଲା, ତାଙ୍କୁ ଡିଏନବି ଛାତ୍ର ଡକ୍ଟର ସତ୍ୟ ଭାରତୀ ସହାୟତା କରିଥିଲେ। ଏଥିରେ ସିଷ୍ଟର କ୍ଲାରା ଏବଂ ନର୍ସିଂଦଳ ଆରୋଗ୍ୟ ପ୍ରକ୍ରିୟାରେ ଧ୍ୟାନପୂର୍ଣ୍ଣ ଯତ୍ନକୁ ସୁନିଶ୍ଚିତ କରିଥିଲେ। ଆଇଜିଏଚରେ ଦକ୍ଷ ଡାକ୍ତରୀ ଚିକିତ୍ସା ଦ୍ୱାରା ଶ୍ରୀ ଭରତଙ୍କ ଦୃଷ୍ଟିଶକ୍ତିକୁ ସଫଳତାର ସହିତ ପୁନରୁଦ୍ଧାର କରାଯାଇଥିଲା । ଅସ୍ତ୍ରୋପଚାର ପରବର୍ତ୍ତୀ ଅବସ୍ଥାର ସୁଗମ ଏବଂ ସନ୍ତୋଷଜନକ ଆରୋଗ୍ୟ ପରେ, ଆଇଜିଏଚ ଡାକ୍ତରୀ ଦଳ ଦ୍ୱାରା ଦେଖାଯାଇଥିବା ଯତ୍ନ ଏବଂ ସମର୍ପଣ ପାଇଁ ଶ୍ରୀ ଭରତ ଡାକ୍ତରୀ ଦଳଙ୍କୁ ହୃଦୟର ସହ କୃତଜ୍ଞତା ପ୍ରକାଶ କରିଥିଲେ। ପରେ ଶ୍ରୀ ଭରତଙ୍କୁ ହସପିଟାଲରୁ ଡିସଚାର୍ଜ କରାଯାଇଥିଲା।

# ବିଶ୍ୱ ଟେଷ୍ଟ୍ ଫାଇନାଲ୍: ଅଷ୍ଟ୍ରେଲିଆ ୨୧୨ରନ୍‌ରେ ଅଲ୍‌ଆଉଟ

ଲର୍ଡ୍ସ: ବୁଧବାରଠୁ ଐତିହାସିକ ଲର୍ଡ୍ସ ଷ୍ଟାଡିୟମରେ ଆରମ୍ଭ ହୋଇଛି ବିଶ୍ୱ ଟେଷ୍ଟ ଚାମ୍ପିଅନଶିପର ଫାଇନାଲ୍ ମୁକାବିଲା। ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳା ଯାଉଥିବା ଟାଇଟଲ୍ ମୁକାବିଲାର ପ୍ରଥମ ଦିନରେ ବୋଲରଙ୍କ ଦବଦବା ଦେଖିବାକୁ ମିଳିଛି। ପ୍ରଥମେ ବ୍ୟାଟିଂ କରିଥିବା ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ୨୧୨ ରନରେ ଅଲଆଉଟ୍ ହୋଇଛି। କାଗିସୋ ରାବଡ଼ା ଓ ମାର୍କୋ ଜନସେନଙ୍କ ଘାତକ ବୋଲିଂ କରି କଙ୍ଗାରୁ ଦଳକୁ ବଡ଼ ସ୍କୋର କରିବାକୁ ଦେଇ ନାହାନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ୱେବଷ୍ଟର ସର୍ବାଧିକ ୭୨ ରନ ରନ କରିଥିବା ବେଳେ ଷ୍ଟିଭ ସ୍ମିଥ ୬୬ ରନ କରିଛନ୍ତି। ବୋଲିଂରେ କାଗିସୋ ରାବଡା ୫୧ ରନ ଦେଇ ୫ ୱିକେଟ୍ ଓ ମାର୍କୋ ଜନସେନ ୪୯ ରନ ଦେଇ ୩ ୱିକେଟ୍ ଅକ୍ତିକାର କରିଛନ୍ତି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆକୁ ଆରମ୍ଭରୁ ଡବଲ ଝଟକା





ଲାଗିଥିଲା। ୧୨ ରନ ସ୍କୋରରେ ଉସ୍ମାନ ଖ୍ୱାଜା ଖାତା ଖୋଲି ପାରି ନ ଥିଲେ। ଏହାପରେ କ୍ୟାମେରୁନ ଗ୍ରୀନ ମାତ୍ର ୪ ରନ କରି ଆଉଟ୍ ହୋଇଥିଲେ। ଉଭୟ କାଗିସୋ ରାବଡ଼ାଙ୍କ ଶିକାର ହୋଇଥିଲେ। ମାର୍ନସ ଲାବୁସେନ କ୍ରିଜରେ ଜମିଥିଲେ ହେଁ ୧୭ ରନ କରି ପାଭିଲିୟନ ଫେରିଥିଲେ। ଟ୍ରେଭିସ ହେଡ(୧୧) ନିରାଶ କରିଥିଲେ। ୬୭ ରନରେ ୪ ୱିକେଟ୍ ହରାଇ ଚାପଗ୍ରସ୍ତ ହୋଇଥିଲା ଅଷ୍ଟ୍ରେଲିଆ। ଏହା ପରେ ଷ୍ଟିଭ ସ୍ମିଥ ଓ ୱେବଷ୍ଟର ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳିଥିଲେ। ଉଭୟ ପଞ୍ଚମ ୱିକେଟ୍ ପାଇଁ ୭୯ ରନ ଯୋଡ଼ି ଦଳର ସ୍କୋରକୁ ୧୪୬ ରନରେ ପହଞ୍ଚାଇଥିଲେ। ଚମତ୍କାର ବ୍ୟାଟିଂ କରି ସ୍ମିଥ ୬୬ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଏହି ଯୋଡ଼ି ଭାଙ୍ଗିବା ପରେ ପୁଣି ନିମ୍ନକ୍ରମରେ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା ଅଷ୍ଟ୍ରେଲିଆ। ଆଲେକ୍ସ କେରି ୨୩ ରନ କରି ଆଉଟ୍ ହୋଇଥିଲେ। ଅଧିନାୟକ ପାଟ୍ କମିନ୍ସ(୧) ଓ ମିଚେଲ୍ ଷ୍ଟାର୍କ(୧) ରାବଡ଼ାଙ୍କ ବଲରେ ଆଉଟ୍ ହୋଇଥିଲେ। ଅନ୍ୟପଟେ ଦ୍ରୁତ ବ୍ୟାଟିଂ କରି ୱେବଷ୍ଟର ୯୧ ବଲରୁ ୧୧ ଚୌକା ସହ ୭୨ ରନର ଇନିଂସ ଖେଳିଥିଲେ। ୱେବଷ୍ଟରଙ୍କୁ ଆଉଟ୍ କରି ରାବଡ଼ା ନିଜର ପଞ୍ଚମ ସଫଳତା ହାସଲ କରିଥିଲେ। ନାଥନ ଲିୟନ ଖାତା ଖୋଲି ପାରି ନ ଥିଲେ। ଶେଷରେ ଅଷ୍ଟ୍ରେଲିଆ ୫୬.୪ ଓଭରରେ ୨୧୨ ରନରେ ଅଲଆଉଟ୍ ହୋଇଛି। ସେହିପରି ସାଉଥ୍ ଆଫ୍ରିକା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ସାଉଥ ଆଫ୍ରିକା ୪ୱିକେଟ ହରାଇ ୪୩ରନ୍ କରିଛି। ଖେଳ ଚାଲୁ ରହିଛି।

# ଏମ୍ଆଇ ନ୍ୟୁୟର୍କର ଅଧିନାୟକ ହେଲେ ପୁରନ

ମୁମ୍ବାଇ: ୱେଷ୍ଟଇଣ୍ଡିଜ ବିସ୍ଫୋରକ ବ୍ୟାଟ୍ସମ୍ୟାନ ନିକୋଲାସ ପୁରନ ମାତ୍ର ୨୯ବର୍ଷରେ ହଠାତ୍ ତାଙ୍କ ଅବସର ଘୋଷଣା କରି ସମସ୍ତଙ୍କୁ ଚକିତ କରିଦେଇଥିଲେ। ଏତେ କମ ବୟସରେ ସେ ଲିଗ କ୍ରିକେଟକୁ ପ୍ରାଥମିକତା ଦେଇ ଅନ୍ତର୍ଜାତୀୟ କ୍ରିକେଟ ଛାଡି ଦେଇଥିବାରୁ ପ୍ରଶଂସକମାନେ ତାଙ୍କୁ ଟ୍ରୋଲ ମଧ୍ୟ କରୁଥିଲେ। ଏବେ ତାଙ୍କ ଅବସରର ପରଦିନ, ଏମ୍ଆଇ ନ୍ୟୁୟର୍କ ଦଳ ତାଙ୍କୁ ଏକ ବଡ଼ ଦାୟିତ୍ୱ ଦେଇଛି, ତାଙ୍କୁ ସେମାନଙ୍କର ନୂତନ ଅଧିନାୟକ ଭାବରେ ନିଯୁକ୍ତ କରିଛି। ନିକୋଲାସ ପୁରନ ୨୦୨୩ ଏବଂ ୨୦୨୪ରେ ସମାନ ଫ୍ରାଞ୍ଚାଇଜ (ଏମ୍ଆଇ ନ୍ୟୁୟର୍କ ଦଳ) ପାଇଁ ଖେଳିଥିଲେ। ୨୦୨୩ରେ, ସେ ୮ ମ୍ୟାଚରେ ୩୮୮ ରନ କରିଥିଲେ, ଯେତେବେଳେ ପରବର୍ତ୍ତୀ ସିଜନରେ ସେ ୭ ମ୍ୟାଚରେ ୧୮୦ ରନ କରିଥିଲେ। ଉଭୟ ସିଜନରେ ସେ ଗୋଟିଏ ଶତକ ଏବଂ ୩ ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି। ନିକୋଲାସ ପୁରନ ମେଜର ଲିଗ କ୍ରିକେଟରେ ଏମ୍ଆଇ ନ୍ୟୁୟର୍କ ଦଳର ନୂତନ ଅଧିନାୟକ ହୋଇଛନ୍ତି, ଯାହା ପୂର୍ବରୁ ତାଙ୍କ ଦେଶର କିରନ ପୋଲାର୍ଡ ଏହି ଫ୍ରାଞ୍ଚାଇଜର ଅଧିନାୟକ ଥିଲେ। ପୋଲାର୍ଡ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ମଧ୍ୟ ଖେଳିଛନ୍ତି। ଏମ୍ଆଇ ନ୍ୟୁୟର୍କ ମଧ୍ୟ ମୁମ୍ବାଇର ଏକ ମାଲିକାନାରେ ଥିବା ଦଳ, ଯାହାର ମାଲିକାନା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଦ୍ୱାରା କରାଯାଇଛି। ନିକୋଲାସ ପୁରନ ବିଶ୍ୱର ଅନେକ ବଡ଼ ଟି-୨୦ ଲିଗ ରେ ଖେଳନ୍ତି। ସେ ଗତ ୩ ସିଜିନ ଧରି ଇଣ୍ଡିଆନ ପ୍ରିମିୟର ଲିଗ ପାଇଁ ଖେଳୁଛନ୍ତି। ଏହି ସିଜିନ (୨୦୨୫) ତାଙ୍କ ବ୍ୟାଟ ବହୁତ ଭଲ ଥିଲା,





ଯଦିଓ ତାଙ୍କ ଦଳ ପ୍ଲେଅଫରେ ପହଞ୍ଚି ପାରି ନ ଥିଲା। ପୁରନ ଆଇପିଏଲ୍ ୨୦୨୫ ରେ ଖେଳାଯାଇଥିବା ୧୪ ଇନିଂସରେ ୫୨୪ ରନ କରିଥିଲେ, ଯେଉଁଥିରେ ସେ ୫ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ପୁରନ ସୋସିଆଲ ମିଡିଆରେ ଏକ ପୋଷ୍ଟ ମାଧ୍ୟମରେ ସୂଚନା ଦେଇଥିଲେ ଯେ, ସେ ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଉଛନ୍ତି, ଏହା ଆଶ୍ଚର୍ଯ୍ୟଜନକ ଖବର ଥିଲା କାରଣ ତାଙ୍କର ବୟସ ମାତ୍ର ୨୯ବର୍ଷ। ଯେଉଁଠାରେ ଏହି ବୟସରେ ଅନେକ କ୍ରିକେଟର ଡେବ୍ୟୁ କରନ୍ତି। ଏହା ପରେ, ସୋସିଆଲ ମିଡିଆରେ ଏହାକୁ ନେଇ ଏକ ବିତର୍କ ମଧ୍ୟ ଆରମ୍ଭ ହୋଇଥିଲା। ଅନେକ ଲୋକ କହିଥିଲେ ଯେ, ଟଙ୍କାକୁ ଗୁରୁତ୍ୱ ଦେଇ ସେ ୱେଷ୍ଟଇଣ୍ଡିଜ ଦଳ ଛାଡିଥିଲେ, ଯେଉଁଠାରୁ ସେ ଲିଗ ଅପେକ୍ଷା ବହୁତ କମ ଟଙ୍କା ପାଆନ୍ତି। ଆଇପିଏଲ୍ ୨୦୨୫ରେ ତାଙ୍କୁ ଫ୍ରାଞ୍ଚାଇଜ ୨୧ କୋଟି ଟଙ୍କାରେ ରିଟେନ କରିଥିଲା।

e-Procurement Cell
OFFICE OF THE EXECUTIVE ENGINEER
BUILDING CONSTRUCTION DEPARTMENT,
BUILDING DIVISION, DHANBAD.

VERY SHORT TERM E-QUOTATION INVITATION NOTICE
Quotation Reference No : BCD/Bld. Div. No. - 02/2025-26

Sealed Quotations are invited for the work of **PROPOSED CONSTRUCTION OF PAVILION (G+1) FOOTBALL STADIUM OF KFS GROUND AT KUMARDUBI, DHANBAD.** for all Materials from Reputed Shop Keepers, Manufacturers. Suppliers, Retailers, Distributors, Timber Merchants, Registered BCD Constructions and others for following items. They should quote their rates for unit mentioned in the table. if they do not deals all of the below mentioned items then they are allowed to quote their rate for part of the items which ever they deals. The rates should be exclusive of all types of Taxes, GST, Contractor's Profit and overhead charges etc. but inclusive of royalty. All Rates should be exclusive of Labour Cess.

**Terms and Condition:-**
1. **The quotationer shall furnish Pan, GST registration no.**
2. **The rate quoted by quotationer shall be firm and final.**
3. **The undersigned reserves the right to accept or reject/cancel any or all quotations without assigning any reason thereof.**

नोट :–
1. वेबसाईट में ई–कोटेशन प्रकाशन की तिथि 12.06.2025 के अपराह्न 12:00 बजे।
2. वेबसाईट में ई–कोटेशन में अपलोड की अन्तिम तिथि 23.06.2025 के अपराह्न 12:00 बजे तक।
3. ई–कोटेशन अपलोड का हार्ड कॉपी जमा करने की तिथि 23.06.2025 को अपराह्न 1:00 बजे तक।
4. ई–कोटेशन खोलने की तिथि एवं समय 24.06.2025 के अपराह्न 12:30 बजे।
5. ई–कोटेशन आमंत्रित करने वाले पदाधिकारी का नाम एवं पता : कार्यपालक अभियंता, भवन निर्माण विभाग, भवन प्रमण्डल, धनबाद।
6. ई–कोटेशन प्रकोष्ठ का दूरभाष सं0 9973309316

नोट : जो कोटेशनदाता कार्यपालक अभियंता, भवन निर्माण विभाग, भवन प्रमण्डल, धनबाद के कार्यालय में हार्ड कॉपी जमा करेंगे उन्हीं का रेट खोला जायेगा।
विस्तृत जानकारी के लिए वेबसाईट **jharkhandtenders.gov.in** में देखा जा सकता है।

कार्यपालक अभियंता
भवन प्रमण्डल धनबाद
PR 354764 Building(25-26)#D

# ମହେନ୍ଦ୍ର କରୁଆଁ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଲାଞ୍ଜିଗଡ଼ (ଭାସ୍କର ନ୍ୟୁଜ): ଲାଞ୍ଜିଗଡ ବ୍ଲକର ଜଣେ ଦକ୍ଷ ସଂଗଠକ ଓ ସମାଜସେବୀ ମହେନ୍ଦ୍ର କରୁଆଁଙ୍କ ସ୍ମୃତିରେ ବୁଧବାର ଛତ୍ରପୁର ପଞ୍ଚାୟତ ପତ୍ରାପଡ଼ାସ୍ଥିତ ଖେଳପଡିଆରେ ମହେନ୍ଦ୍ର କରୁଆଁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଆଜି ଉଦଘାଟନୀ ସମାରୋହରେ ସ୍ୱର୍ଗତ କରୁଆଁଙ୍କ ପତ୍ନୀ ଦୈମତୀ କରୁଆଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର



ବାଗ, ସମାଜସେବୀ ସତ୍ୟ ନାଏକ, ଭୈରବ ବହିଦାର, ଗଙ୍ଗାଧର ସାହୁ, କ୍ଷମାନିଧି ସାହୁ, ୱାର୍ଡ ସଭ୍ୟା ସୈରେନ୍ଦ୍ରି ଦୁର୍ଗା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ହରେକୃଷ୍ଣପୁର ଓ ଟାଙ୍ଗନକନା ଦଳ ମଧ୍ୟରେ ଉଦଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପତ୍ରାପଡାସ୍ଥିତ ବାବାସାହେବ ଯୁବକେନ୍ଦ୍ର ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଜିତୁ ବିଭାର, ଦେବେନ୍ଦ୍ର ମାଝୀ ଖେଳ ପରିଚାଳନା କରିଥିବାବେଳେ ହିରଣ୍ୟ ହରପାଲ ସ୍କୋରବୋର୍ଡ ଓ ରାକେଶ ବିଭାର ଧାରା ବିବରଣୀ ପ୍ରଦାନ କରିଥିଲେ। ଯୁବକ ସଂଘର ସୁବାସ ହିଆଁଲ, ମହାନ୍ତି କରୁଆଁ, ସନ୍ତୋଷ ନିଆଲ, ପୁରେନ୍ଦ୍ର ହରପାଲ, ସୁରଥ ହିଆଁଲ, ଉମେଶ ହିଆଁଲ, ହୁତାଶନ ଦୁର୍ଗା, ଯାଦବ ସୁନା, ଖୋକନ ହରପାଲ, ରମେଶ କରୁଆଁ, ଜିତେନ୍ଦ୍ର ଦୁର୍ଗା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

कार्यालय - अधीक्षक, एम० जी० एम० मेडिकल कॉलेज अस्पताल, जमशेदपुर
Email ID : superintendentmgmmch@gmail.com

Bidding Document No :- 2243 / 2025 Dated :- 10/06/2025
VERY SHORT NOTICE INVITING TENDER (NIT)

साकची स्थित पुराने एम0 जी0 एम0 मेडिकल कॉलेज अस्पताल, जमशेदपुर से डिमना स्थित नव निर्मित 500 बेडेड एम0 जी0 एम0 मेडिकल कॉलज अस्पताल, जमशेदपुर में X-Ray Machine के Shifting हेतु निर्माता कम्पनी / अनुभवी एजेन्सी से अति अल्पकालीन मुबहरबन्द निविदा दिनांक 18 / 06 / 2025 के संध्या 05:00 बजे तक आमंत्रित किया जाता है।

| A. | Important dates for Tenders | Timelines/other particulars |
|---|---|---|
| 01. | Last date of submission of Sealed Tender Document | 18.06.2025 till 05:00 p.m. (by hand/registered post/speed post only) |
| 02. | Opening of technical bid | On 19.06.2025 at 11:00 A.M. The tenders of only those bidders will be opened, who have submitted the sealed Tender Documents. |
| 03. | Name of equipment's | X-Ray Machine (QTY-02 Nos.)<br>01. DR System 600 mA (VAREX IMAGING) MAKE-ALLENGER'S<br>02. DR System 600 mA (VARIAN MEDICAL SYSTEM) MAKE-ALLENGER'S |
| 04. | Office address | Office of the Superintendent, MGM Medical College Hospital, Jamshedpur at Dimna – 801020 |

Note :-
01.For details of tender terms, conditions & specification please visit website NIC portal – www.Jamshedpur.nic.in अथवा अथवा एम0 जी0 एम0 मेडिकल कॉलेज अस्पताल, जमशेदपुर में किसी भी कार्यदिवस पर जानकारी प्राप्त किया जा सकता है।

PR 354715 Health Med Edu and Family Welfare (25-26)_D
Superintendent
M.G.M. Medical College Hospital
Jamshedpur

# ଅଡ଼ାବାଡ଼ି ଚାମ୍ପିଅନ୍‌ସିପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

କଲ୍ୟାଣସିଂହପୁର/ରାୟଗଡ଼ା (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଧାମୁଣିପଙ୍ଗା ପଞ୍ଚାୟତର ଅଡ଼ାବାଡ଼ି ଗ୍ରାମ ପଡ଼ିଆ ଠାରେ ବ୍ଲକସ୍ତରୀୟ ଚମ୍ପିୟାନସିପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଜିଲ୍ଲା କଳା ସଂସ୍କୃତି ସଙ୍ଘ ଉପ ସଭାପତି ତଥା



ସମାଜସେବୀ ସନ୍ତୋଷ କୁମାର ବଛା ଉପସ୍ଥିତ ରହିଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଜେପି ଯୁବ ସଂଘଠକ ଗଙ୍ଗାରାଓ ପ୍ରାସ୍କା, ମନ୍ କି ବାତ୍ କାର୍ଯ୍ୟକ୍ରମର କଲ୍ୟାଣସିଂହପୁର ମଣ୍ଡଳ ସଂଯୋଜକ ନକୁଳ ବେନିଆ, ଯୁବ ସାମ୍ବାଦିକ କାମେଶ୍ୱର କରକରିଆ, ଅଡ଼ାବାଡ଼ି ଗ୍ରାମର ଯୁବ ନେତା ସୁରେନ୍ଦ୍ର କୌଶଲ୍ୟା, ଗ୍ରାମର ଭଦ୍ର ବ୍ୟକ୍ତି କାଲିଆ ବେନିଆ ଓ ମିନା ମହାନନ୍ଦିଆ ଉପସ୍ଥିତ ରହି ଖେଳାଳୀଙ୍କୁ ଉତ୍ସାହିତ କରିବା ସହ ବିଜେତା ଓ ରନର ଟିମ୍‌ଙ୍କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ଅନ୍ତିମ ଦିନର ଖେଳ ଅଡ଼ାବାଡ଼ି ଓ କଦମ୍ ଦ୍ୱାର ସାହି ଟିମ୍ ମଧ୍ୟରେ ଖେଳ ହୋଇଥିଲା ଏଥିରେ କଦମ୍ ଦ୍ୱାର ସାହି ଟିମ୍ ବିଜୟୀ ହୋଇଛନ୍ତି। ଅମ୍ପାୟର ଭାବେ ପବନ କୌଶଲ୍ୟା ଓ ନବୀନ କୌଶଲ୍ୟା ରହିଥିବା ବେଳେ ଗ୍ରାମର ସମସ୍ତ ଯୁବ ଗୋଷ୍ଠି ଆୟୋଜକ ମାନେ ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ଖେଳ ଦେଖିବାକୁ ଆଖପାଖ ଅଞ୍ଚଳର ଅନେକ ଖେଳ ପ୍ରେମୀଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା।

Office : Civil surgeon Cum CMO dhanbad
Contac 9431711098 email-cs.dhanbad@gmail.com

Corrigendum 1

NOTICE INVITING E-TENDER ( PR – 354621 Health Med Edu and Family welfare(25-26)#D ) - FOR OUTSOURCING OF AGENCY FOR COMPLETE SANITATION AND HOUSEKEEPING WITH COLLECTION, SEGREGATION, STORAGE AND SAFE TRANSPORTATION OF MUNICIPAL WASTE ( Non-BioMedical Waste ) & SEGREGATION OF BIOMEDICAL WASTE AT SADAR HOSPITAL, CHC & PHC UNDER CIVIL SURGEON'S OFFICE, DHANBAD is Scheduled as Follow :-

| A. | Important dates for Tenders | |
|---|---|---|
| 1 | Date of uploading of sample tender document on website. | 11th June 2025 website: www.jharkhandtenders.gov.in |
| 2. | Pre-bid meeting for discussion on various technical issues regarding terms & conditions for providing manpower. | On 16th June 2025 at 03:00 P.M at **Civil Surgeon Cum C.M.O., Office, Dhanbad**. All the intending bidders must attend the pre-bid discussion meeting for clarification of their queries & requirements of the Authority. No claims will be considered after the pre-bid meeting and finalization of tender documents. |
| 3. | Date of uploading of final tender documents with amendments in sample tender paper, after pre-bid discussion meeting. | 18th June 2025 (The intended bidder may download the final amended tender document & they have to submit a demand draft for Rs. 5000/- in favour of "**Civil Surgeon Cum C.M.O., Dhanbad**" in original at **Civil Surgeon Cum C.M.O., Office, Dhanbad** office as Cost of tender document. |
| 4. | Date of start for submission of online e-tenders | On 19th June,2025 from 10:00 A.M |
| 5. | Closing date of online submission of e-tenders | On 3rd July, 2025 till 05:00 P.M |
| 6. | Opening of technical bid | On 4th July, 2025 at 11:00 A.M., All the bidders must confirm the submission of the original demand draft for tender processing cost Rs. 5,000/- & EMD Rs. 5,00,000/- DD. In favour of **Civil Surgeon Cum C.M.O., Dhanbad Payable at Dhanbad**. Latest tender due date Or MSME, NSIC exemptions related documents copy. The tenders of only those bidders will be opened, who have submitted the demand drafts Or Exemption-related documents. |

For further details kindly refer to www. jharkhandtenders. gov. in
PR 354757 (Health Med Edu and Family Welfare) 25-26 (D)
Civil Surgeon
Cum CMO, Dhanbad

# ସନ୍ତରଣ ପ୍ରତିଯୋଗିତାରେ ପ୍ରାଚୀଙ୍କ କୃତିତ୍ୱ

ବାରିପଦା (ଭାସ୍କର ନ୍ୟୁଜ୍) : ପରିଶ୍ରମ ଓ ଦୃଢ଼ ସଙ୍କଳ୍ପର ଫଳ ନିଶ୍ଚିତ ଭାବେ ମିଳେ। ଏଭଳି ସଫଳତା ସନ୍ତରଣ ପ୍ରତିଯୋଗିତାରେ ପ୍ରାଚୀଙ୍କୁ ମିଳିଛି। ସନ୍ତରଣରେ ପ୍ରାଚୀଙ୍କ ନୂଆ ଅଧ୍ୟାୟ ରଚିଛନ୍ତି। ବାରିପଦାର ବିଜୁପଟ୍ଟନାୟକ ସନ୍ତରଣାଗାରରେ ଆୟୋଜିତ ଜିଲ୍ଲାସ୍ତରୀୟ ଦ୍ୱିତୀୟ ସନ୍ତରଣିଗାର ପ୍ରତିଯୋଗିତା-୨୦୨୫ରେ ଅଭିନନ୍ଦନ ଯୋଗ୍ୟ କୃତିତ୍ୱ ଦେଖାଇ ବାରିପଦାର ପ୍ରାଚୀ ପାତ୍ର ନାମକ ଛାତ୍ରୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରାଚୀଙ୍କ ବାପା ଦେବାଶିଷ ପାତ୍ର ଜଣେ ଯୁବ ସମାଜସେବୀ ହୋଇଥିବା ବେଳେ ତାଙ୍କର ମାଆ ଜଣେ ସୁ ଗୃହିଣୀ ଅଟନ୍ତି ।ଏହି ଉଲ୍ଲେଖନୀୟ ଅବଧିରେ ପ୍ରାଚୀଙ୍କ ଉପଲବ୍ଧି ସ୍ଥାନୀୟ ସ୍କୁଲ, ଶିକ୍ଷକମାନେ ଓ ପରିବାର ପାଇଁ ଗର୍ବର ବିଷୟ ହୋଇପାରିଛି। ପ୍ରାଚୀ ବଡ଼ ହୋଇ ଭବିଷ୍ୟତରେ ଭଲ ମଣିଷ ହେବାର ଲକ୍ଷ୍ୟ ରଖିଥିବା କହିଛନ୍ତି। ପ୍ରତିଯୋଗିତାରେ ଜିଲ୍ଲାରୁ ଅନେକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ, କିନ୍ତୁ ପ୍ରାଚୀ ନିଜ ଦକ୍ଷତା, ମାନସିକ ଦୃଢତା ଓ ଅନୁଷ୍ଠାନିକ ପରିଶ୍ରମ ଦ୍ୱାରା ତୃତୀୟ ସ୍ଥାନ ଅର୍ଜନ କରି ନିଜ ପରିବାରକୁ ଗର୍ବିତ କରାଇଛନ୍ତି।

कार्यपालक अभियंता का कार्यालय
राष्ट्रीय उच्च पथ प्रमंडल, पथ निर्माण विभाग, देवघर, झारखण्ड
सर्कुलर रोड, नियर उपायुक्त आवास, देवघर, झारखण्ड (814112)

शुद्धि पत्र

इस कार्यालय द्वारा आमंत्रित ई–निविदा प्रसंग संख्या :– NH/Deoghar/JHR/F2/03/ 2025-26 [PR No. 354027 Deoghar(25-26)#D दिनांक 03.06.2025 को प्रकाशित] को निम्नलिखित संशोधन किया गया है :–

| | | |
|---|---|---|
| 1 | कार्य का नाम | Construction of RCC drain at Km 161.00 to Km 162.00 both side (1600m) of NH-333 for the Sharawani Mela for the year 2025-26. |
| 2 | प्राक्कलित राशि (लाख में) | 139.98 |
| 3 | कार्य समाप्ति की अवधि | 02 माह |
| 4 | बेबसाईट पर निविदा प्रकाशित होने की तिथि एवं समय | 12.06.2025 (10.30 बजे अपराह्न ) |
| 5 | निविदा प्राप्ति की अंतिम तिथि एवं समय | 19.06.2025 (12.00 बजे दिन तक) |
| 6 | निविदा खोलने की तिथि एवं समय | 20.06.2025 (12.30 बजे अपराह्न) |

शेष शर्तें यथावत रहेंगी।

ह0/–
कार्यपालक अभियंता
रा0 उ0 पथ प्रमंडल, देवघर
PR 354689 Deoghar(25-26)#D

JHARKHAND BIJLI VITRAN NIGAM LIMITED
CIN No. U40108JH2013SGC001702
Regd. Office:- Engineering Building, HEC, Dhurwa, Ranchi–834004.
fax # 0651-2400483 e-mail : cesp.jseb@rediffmail.com/ gmsp.jbvnl@rediffmail.com

1st Time Extension Notice

Last date of uploading of bid documents, last date of online submission of tender fee and bid opening date of following tender notice no. is hereby extended as below :-

| Sl. No. | NiTs No. | Extended online bid uploading/ submission end date | Last date of online submission of tender fee and EMD | Technical bid opening date and time |
|---|---|---|---|---|
| 1 | 36/PR/JBVNL/2025-26<br>1000 KVA, 11/0.433 KV Cu. Wd. CRGO M4 Core ONAN BIS Level-I Distribution Transformer | 18.06.2025 upto 18:00 Hrs | 18.06.2025 upto 18:00 Hrs. | 19.06.2025 upto 18:00 Hrs. |

Further details against the above NIT can be seen on website http:jharkhandtenders.gov.in and may be contacted on Mobile No. 09431135523 / 9430348596/ NIC helpline No. 0651-2400178. Only online payment mode of submission of Tender Fee & EMD will be accepted.

स्वहित एवं राष्ट्रहित में ऊर्जा बचावें। कृपया अपनी शिकयतों को 18003456570(कॉल सेन्टर) पर दर्ज करायें।

PR No. 353676
PR 354765 (Jharkhand Bijlee Vitran Nigam Ltd)25-26*D
Sd/-
DGM (Purchase)
JBVNL

कार्यपालक अभियंता का कार्यालय, लघु सिंचाई रूपांकण प्रमण्डल, दुमका शिविर–देवघर

ई–निविदा आमंत्रण सूचना

e-Tender Reference No. : W.R.D./M.I.D.D.D.C.DEOGHAR/F2-02/2025-26 Dated :- 11/06/2025

| क्रम सं० | योजना का नाम | प्रखण्ड | प्राक्कलित राशि (रूपये में) | अग्रधन की राशि (रूपये में) | परिमाण विपत्र का मूल्य (रूपये में) | वेबसाईट में ई–निविदा प्रकाशन की तिथि एवं समय | वेबसाईट में ई–निविदा प्राप्ति की अंतिम तिथि एवं समय | ई–निविदा खोलने की तिथि एवं समय | ई–निविदा आमंत्रित करने वाले पदाधिकारी के कार्यालय का नाम एवं पता | ई–निविदा आमंत्रित करने वाले पदाधिकारी का मोबाईल नम्बर | कार्य समाप्ति की अवधि |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1. | गडरो जोरिया पर चेकडैम निर्माण | देवघर | 52,76,806.79 | 1,06,000.00 | 10,000.00 | 16/06/2025 (पूर्वाह्न 10.30 बजे से) | 28/06/2025 (अपराह्न 05.00 बजे तक) | 01/07/2025 (अपराह्न 05.00 बजे) | कार्यपालक अभियंता, लघु सिंचाई रूपांकण प्रमण्डल दुमका शिविर देवघर | 7257990512 10 A.M से 5 P.M | 10 माह |
| 2. | तुलसीटॉड (सोयेटॉड़) जोरिया पर चेकडैम निर्माण | करौं | 51,62,938.89 | 1,04,000.00 | 10,000.00 | | | | | | 10 माह |
| 3. | सिमलगढ़ा जोरिया पर चेकडैम निर्माण | पालोजोरी | 57,91,682.87 | 1,16,000.00 | 10,000.00 | | | | | | 10 माह |
| 4. | कैराबांक पंडित टोला जोरिया पर श्रृंखलाबद्ध चेकडैम निर्माण | सारठ | 85,20,721.55 | 1,71,000.00 | 10,000.00 | | | | | | 11 माह |
| 5. | पहाड़पुर टोला पिछड़ी जोरिया पर चेकडैम निर्माण | देवीपुर | 62,84,085.62 | 1,26,000.00 | 10,000.00 | | | | | | 10 माह |
| 6. | जीतपुर जोरिया पर चेकडैम निर्माण | मधुपुर | 52,42,755.47 | 1,05,000.00 | 10,000.00 | | | | | | 10 माह |
| 7. | चुंजो जोरिया पर श्रृंखलाबद्ध चेकडैम निर्माण | मारगोमुण्डा | 1,11,70,113.10 | 2,24,000.00 | 10,000.00 | | | | | | 11 माह |
| 8. | दरसनिया जोरिया पर चेकडैम निर्माण | देवघर | 56,98,308.56 | 1,14,000.00 | 10,000.00 | | | | | | 10 माह |
| 9. | पहाड़पुर गिधा जोरिया पर श्रृंखलाबद्ध चेकडैम निर्माण | देवीपुर | 1,00,67,617.87 | 2,02,000.00 | 10,000.00 | | | | | | 11 माह |
| 10. | बनसिमी–बगैया जोरिया पर चेकडैम निर्माण | मारगोमुण्डा | 59,18,293.67 | 1,19,000.00 | 10,000.00 | | | | | | 10 माह |
| 11. | करहैया जोरिया पर श्रृंखलाबद्ध चेकडैम निर्माण | करौं | 1,23,59,114.76 | 2,47,000.00 | 10,000.00 | | | | | | 11 माह |

(1) केवल ई–निविदा ही स्वीकार किया जायेगा।
(2) निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी।
(3) निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा उसी खाते में अग्रधन की राशि वापस होगी। अगर खाता को बन्द कर दिया जाता है तो सारी जवाबदेही सम्बन्धित निविदादाता की होगी।
(4) प्राक्कलित राशि घट बढ़ सकती है। अग्रधन की राशि परिमाण विपत्र की राशि के अनुसार होगी।
(5) राज्य सरकार के द्वारा निर्गत सभी अद्यतन आदेश/परिपत्र लागु होंगे।
(6) विस्तृत जानकारी के लिए वेबसाईट http://jharkhandtenders.gov.in में लॉग ऑन करें।

ह0/–
कार्यपालक अभियन्ता
लघु सिंचाई रूपांकण प्रमण्डल, दुमका शिविर–देवघर
PR 354759 Water Resource(25-26)#D

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik

## ନେମାଳ ପଦ୍ମବନରେ ଅଗ୍ନିକାଣ୍ଡ

ସାଲେପୁର (ଭାସ୍କର ନ୍ୟୁଜ): ବୁଧବାର ନେମାଳସ୍ଥିତ ପଦ୍ମବନ ଅଚ୍ୟୁତାନନ୍ଦ ପୀଠରେ ଏକ ବଡ଼ ଧରଣର ଅଘଟଣ ଘଟିଛି। ସ୍ନାନ ପୂର୍ଣ୍ଣିମା ପାଇଁ ଭକ୍ତମାନଙ୍କର ପ୍ରବଳ ଗହଳି ହୋଇଥିବାବେଳେ କୌଣସି କାରଣରୁ ହଠାତ ଦୀପ ଷ୍ଟାଣ୍ଡରୁ ନିଆଁଲାଗି ବିଭିନ୍ନ ଆଡକୁ ବ୍ୟାପିଥିଲା। ଏପରିକି ନିଆଁର ପ୍ରଭାବରେ ଉପରେ ବନ୍ଧା ହୋଇଥିବା ଟେଣ୍ଟ ମଧ୍ୟ ସଂପୂର୍ଣ୍ଣରୂପେ ପୋଡ଼ି ପାଉଁଶ ହୋଇଯାଇଥିଲା। ତେବେ ଏଥିରେ କୌଣସି ଭକ୍ତ ଆହତ ହୋଇନାହାନ୍ତି। ଭକ୍ତମାନେ ନିଆଁକୁ ଆୟତ୍ତ କରିଥିବା ସୂଚନା ଦିଆଯାଇଛି।

# ସ୍ନାନ ପୂର୍ଣ୍ଣିମାରେ ବରିଷ୍ଠ ସେବାୟତଙ୍କୁ ହତ୍ୟା

ପୁରୀ (ଭାସ୍କର ନ୍ୟୁଜ): ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ପାଇଁ ପୁରୀରେ ପ୍ରବଳ ଗହଳି। ସୁରକ୍ଷା ମଧ୍ୟ କଡ଼ାକଡ଼ି। ଗୋଟିଏ ପଟେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଚାଲିଥିବାବେଳେ ଅନ୍ୟପଟେ ପୁରୀରେ ଜଣେ ବରିଷ୍ଠ ସେବାୟତଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ପୁରୀ ଗୁଡ଼ିଆସାହିରେ ଏହି ହତ୍ୟାକାଣ୍ଡ ଘଟିଥିବା ସୂଚନା ଦିଆଯାଇଛି। ରାବେଣୀ ଚଉରା ନିକଟରେ ଅଭିଯୁକ୍ତ ତାଙ୍କ ମୃତଦେହ ଫିଙ୍ଗିଦେଇ ଫେରାର ହୋଇଯାଇଥିବା କୁହାଯାଉଛି। ହତ୍ୟାର ଶିକାର ହୋଇଥିବା ବରିଷ୍ଠ ସେବାୟତ ହେଲେ ୮୩ ବର୍ଷୀୟ ଜଗନ୍ନାଥ ଦୀକ୍ଷିତ। ମିଳିଥିବା ସୂଚନା ଅନୁଯାୟୀ ମହାପ୍ରଭୁଙ୍କ ସ୍ନାନଯାତ୍ରା ଚାଲିଥିବାରୁ ଜଗନ୍ନାଥଙ୍କ ଘରେ ପରିବାର ଲୋକେ ଶ୍ରୀମନ୍ଦିର ଯାଇଥିଲେ। ଘରେ ଏକାକୀ ଜଗନ୍ନାଥ ରହିଥିଲେ। ଏହି ସମୟରେ

### ଅଭିଯୁକ୍ତ ଗିରଫ

ପଡ଼ୋଶୀ ନାରାୟଣ ପାଟ୍ଟଯୋଶୀ ତାଙ୍କ ଘରକୁ ଆସିଥିବାବେଳେ ଉଭୟଙ୍କ ମଧ୍ୟରେ ଟଙ୍କା ନେଣଦେଣକୁ ନେଇ ଯୁକ୍ତିତର୍କ ହୋଇଥିଲା। ଆକ୍ରମଣ କରି ହତ୍ୟା କରିବା ପରେ ଅଭିଯୁକ୍ତ ମୃତଦେହ ଫିଙ୍ଗିଦେଇ ପଳାଇ ଯାଇଥିବାବେଳେ ପୋଲିସ ସଦର ଶାସନ ଦାମୋଦରପୁର ଶ୍ୱଶୁର ଘରୁ ତାଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ମହାପ୍ରଭୁଙ୍କ ସ୍ନାନଯାତ୍ରାବେଳେ ଏଭଳି ଅଘଟଣ ପୁରୀରେ ପ୍ରଥମ ଥର ବୋଲି କୁହାଯାଉଛି। ସହରବାସୀ ଆଜିଭଳି ଦିନରେ ଭକ୍ତିଭାବରେ ଭିଜୁଥିବାବେଳେ ପୁରୀରେ ଏହି ରକ୍ତପାତକୁ ସହଜରେ ଗ୍ରହଣ କରାଯାଇପାରୁ ନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ମାମଲା ରୁଜୁକରି ଅଭିଯୁକ୍ତର ଭାଇକୁ ଅଟକ ରଖି ପଚରାଉଚୁରା କରୁଛି। ପୁରୀରେ ସୁରକ୍ଷାପାଇଁ ୭୦ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିବାବେଳେ ଅଭିଯୁକ୍ତ କିପରି ହତ୍ୟାକାଣ୍ଡ ଘଟାଇ ଫେରାର ହୋଇଗଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫଳରେ ପୁରୀରେ ଭକ୍ତ ଏବଂ ଲୋକଙ୍କ ସୁରକ୍ଷା ନେଇ ଚର୍ଚ୍ଚା ମଧ୍ୟ ଜୋର ଧରିଛି।

## ଯାଜପୁର ଜିଲ୍ଲାରେ ଝାଡ଼ାବାନ୍ତି ଅଣାୟତ୍ତ
# ୫୦୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ଯାଜପୁର (ଭାସ୍କର ନ୍ୟୁଜ): ସଂପ୍ରତି ଯାଜପୁର ଜିଲ୍ଲାରେ ଭୟଙ୍କର ଭାବେ ଝାଡାବାନ୍ତି ରୋଗ ବ୍ୟାପିଛି। ପ୍ରାୟ ୫୦୦ ଲୋକ ବିଭିନ୍ନ ଅଂଚଳରୁ ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ଦାନଗଦୀ ବ୍ଲକର ସୁଦର୍ଶନ ପାତ୍ର ଓ ବ୍ୟାସନଗର ପୌରାଂଚଳର ତୋଳାରାମ ଶର୍ମା ନାମକ ଦୁଇ ବରିଷ୍ଠ ନାଗରିକଙ୍କର ଏହି ରୋଗରେ ଜୀବନ ଯାଇଛି। ୨୦ ଜଣ ଭଳି ସଂକଟାପନ୍ନ ଅବସ୍ଥାରେ ଥିବା ରୋଗୀଙ୍କୁ କଟକ ବଡ ମେଡିକାଲକୁ ରେଫର କରାଯାଇଛି। ଜିଲ୍ଲାର ବ୍ୟାସନଗର, ଯାଜପୁର ପୌରାଂଚଳ ସମେତ ସଦର ବ୍ଲକ, ଧର୍ମଶାଳା, ରସୁଲପୁର, କୋରେଇ, ଦଶରଥପୁର ଏବଂ ବିଂଝାରପୁର ଅଂଚଳକୁ ଏହି ରୋଗ ବ୍ୟାପିଛି। ସରକାରୀ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ହିସାବକୁ ଜିଲ୍ଲା ପ୍ରଶାସନ ଆକ୍ରାନ୍ତଙ୍କ ସଂଖ୍ୟା ସେତିକି ବୋଲି ଧରି ନେଇଥିବା ବେଳେ ଘରୋଇ ଡାକ୍ତରଖାନା ଓ ଘରେ ରହି ଚିକିତ୍ସିତ ହେଉଥିବା ରୋଗୀଙ୍କ ସଂଖ୍ୟା ୫୦୦ ରୁ କମ୍ ନୁହେଁ ବୋଲି କୁହାଯାଉଛି। ଜିଲ୍ଲାରେ ଏଭଳି ଭୟଙ୍କର ଭାବେ ଝାଡାବାନ୍ତି ରୋଗ ବ୍ୟାପିବାର ମୁଖ୍ୟ କାରଣ ଗୁଡିକୁ ଜିଲ୍ଲା ପ୍ରଶାସନ ନିଜ ମୁଣ୍ଡରୁ ଦୋଷ ଛଡାଇବାକୁ ଯାଇ ଏଡାଇଯାଉଥିବା ଅଭିଯୋଗ ହେଉଛି। ଜିଲ୍ଲାରେ ମୁଖ୍ୟତଃ ଖାଦ୍ୟ ସୁରକ୍ଷା ବିଭାଗର ଦାୟିତ୍ୱହୀନତା ଯୋଗୁ ଲୋକେ ଅଖାଦ୍ୟଜନିତ ରୋଗରେ ବିଶେଷ ଭାବେ ପୀଡିତ ହେଉଛନ୍ତି। ଅନ୍ୟ କେଉଁଠି କଣ ଭିନ୍ନ କଥା ଯାଜପୁର ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଥିବା ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନର ଅନତୀଦୂରରେ ଅବସ୍ଥିତ ଆରଆମସି ମାର୍କେଟ ସମେତ ବିଭିନ୍ନ ମାଛ, ମାଂସ ଓ ଚିକେନ ଦୋକାନ ଗୁଡିକରେ ୫/୭ ଦିନର ବାସି ଓ ପଚାଷଢା ସାମଗ୍ରୀ ବିକ୍ରୀ କରାଯାଉଛି। ସାଧାରଣତଃ ଦେଶୀ ମାଛ ହେଉ କି ରାଜ୍ୟ ବାହାରୁ ଆମଦାନୀ ହେଉଥିବା ମାଛ ସବୁ ପ୍ରତି ସପ୍ତାହର ମଙ୍ଗଳବାର ରାତିରେ ଗୋଦାମରେ ପଂହଚିଥାଏ। ଏହାପରେ ଏହି ମାଛ ବୁଧବାର, ଶୁକ୍ରବାର ଓ ରବିବାର ଦିନ ବିକ୍ରୀ କରାଯାଏ। କେବଳ ବୁଧବାରକୁ ଛାଡିଦେଲେ ପରବର୍ତ୍ତୀ ବାର ଗୁଡିକରେ ପଚିଷଢି ଯାଇଥିବା ମାଛକୁ ବରଫ ମଧ୍ୟରେ ରଖାଯାଇ ବିକ୍ରୀ କରାଯାଇଥାଏ। ସେହିଭଳି ଜିଲ୍ଲାର ଅଧିକାଂଶ ଅଂଚଳରେ ବିଶେଷ କରି ଯାଜପୁରଟାଉନ ଏବଂ ବ୍ୟାସନଗର ପୌରାଂଚଳରେ ରହିଥିବା ଛେଳି ମାଂସ ଦୋକାନ ଗୁଡିକରେ ବଳକା ମାଂସକୁ ଲୁଣ ଗୋଳାଇ ଏବଂ ଫ୍ରିଜରେ ରଖାଯାଇ ସପ୍ତାହେ ଯାଏ ବିକ୍ରୀ କରାଯାଉଛି। ରାସ୍ତାକଡ ହେଉ କି ସ୍ଥାୟୀ ଜଳଖିଆ ଦୋକାନ ଏବଂ ହୋଟେଲ ଗୁଡିକରେ ବାସି ଓ ଅପମିଶ୍ରିତ ଖାଦ୍ୟ ଖୋଲାମେଲା ଭାବେ ବିକ୍ରୀ କରାଯାଉଛି। ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ଏହି ଖାଦ୍ୟ ସାମଗ୍ରୀ ସମେତ ମାଛ, ମାଂସ, ଚିକେନ ପ୍ରଭୃତି ବିକ୍ରୀ କରାଯାଉଛି। ସମାନ ଭାବେ ପନିପରିବା ଦୋକାନ ଗୁଡିକରେ ପଚାଷଢା ପରିବା ଏବଂ ତାପରେ ରାସାୟନିକ ଦ୍ରବ୍ୟ ଲେମନ କରାଯାଇ ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ଆଇସ୍କ୍ରିମ ଫ୍ୟାକ୍ଟ୍ରୀ ହେଉ କି ପାଉଁରୁଟି କାରଖାନା ସେ ସବୁ ସ୍ଥାନରେ ଖାଦ୍ୟ ସାମଗ୍ରୀ କିପରି ଭାବେ ପ୍ରସ୍ତୁତ କରାଯାଉଛି ତାହା ପ୍ରତି କାହାର ଦୃଷ୍ଟି ନାହିଁ। ଯେତେବେଳେ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି ବା ସମୀକ୍ଷା ବୈଠକରେ ପ୍ରଶ୍ନ ଉଠୁଛି ଅବା ଆଜିଭଳି ଝାଡାବାନ୍ତି ରୋଗ ବ୍ୟାପିଛି ଠିକ୍ ଏହି ସମୟରେ ନିୟମ ମନେ ପଡିଗଲା ଭଳି ନ୍ୟାୟରେ ସ୍ୱାସ୍ଥ୍ୟ ବିଭାଗ ଚେଇଁ ଉଠି ବିଭିନ୍ନ ସ୍ଥାନରେ ଚଢାଉ କରି ଏହାର ଫଟୋ ଓ ଖବରକୁ ଗଣମାଧ୍ୟମରେ ଛାଡି ନିଜ ଦାୟିତ୍ୱ ସଂପାଦନ ସଠିକ ଢଙ୍ଗରେ ଚାଲିଛି ବୋଲି ସାଧାରଣ ଜନତା ଏବଂ ସରକାରଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରାଯାଉଛି। ଜନସାଧାରଣଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ପଂଚାୟତ ସ୍ତରରୁ ପୌରସଂସ୍ଥା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜିଲ୍ଲା ସ୍ତରରେ ଖାଦ୍ୟ ନିରାପତା ବିଭାଗ କାମ କରିଥାଏ। ଅଙ୍ଗନୱାଡୀ କର୍ମୀଙ୍କ ଠାରୁ ଆରମ୍ଭ କରି ୱାର୍ଡସଭ୍ୟ, ସରପଂଚ, ପଂଚାୟତ ସ୍ୱାସ୍ଥ୍ୟକର୍ମୀ ଠାରୁ ଜିଲ୍ଲା ପର୍ଯ୍ୟନ୍ତ ସମସ୍ତେ ଜନସାଧାରଣଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ଦାୟିତ୍ୱ ନେଇଛନ୍ତି।






ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ବୁଧବାର ସକାଳ ୧୦ ଘଟିକା ସମୟରେ ଝାଡେଶ୍ୱରପୁର ସ୍ଥିତ ଟାଟା ପାୱାର କାର୍ଯ୍ୟାଳୟରେ ବିଦ୍ୟୁତ ଉପଭୋକ୍ତା ମଞ୍ଚ ଜଳେଶ୍ୱରର କର୍ମକର୍ତ୍ତାମାନଙ୍କର ଜଳେଶ୍ୱର ବିଦ୍ୟୁତ ବିଭାଗର ବିଭିନ୍ନ ସମସ୍ୟା ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ଇଞ୍ଜିନିଅର ରତିରଞ୍ଜନ ରାଉତଙ୍କ ସହିତ ଆଲୋଚନା କରା ଯାଇଥିଲା। ଅଘୋଷିତ ବିଜୁଳି କାଟ ଏବଂ ମରାମତି ନାଁରେ ବିଭିନ୍ନ ସମୟରେ ବିଜୁଳି କାଟ ସମ୍ପର୍କରେ ଯନ୍ତ୍ରୀ ମହୋଦୟଙ୍କୁ ଅବଗତ କରା ଯାଇଥିଲା। ତତ୍‌ସହିତ ବର୍ଷା ଦିନ ପୂର୍ବରୁ ସହର ଏବଂ ଗ୍ରାମାଞ୍ଚଳରେ ବିଦ୍ୟୁତ ତାରକୁ ଛୁଇଁଥିବା ଗଛ ଡ଼ାଳ ପତ୍ରକୁ ସଫା କରାଇ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ପାଇଁ ବ୍ୟବସ୍ଥା କରିବା ପାଇଁ ନିବେଦନ କରା ଯାଇଥିଲା। ଏହି ଆଲୋଚନାରେ ଉପଭୋକ୍ତା ମଞ୍ଚର ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ସମ୍ପାଦକ ଶ୍ରୀମନ୍ତ କୁମାର ଘୋଷ, ବରିଷ୍ଠ ସଦସ୍ୟ କମଳ ଚକ୍ରବର୍ତ୍ତୀ, ଦିଲ୍ଲୀପ କୁମାର ଗିରି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଉପଭୋକ୍ତା ମଞ୍ଚର କର୍ମକର୍ତ୍ତାମାନଙ୍କ ସହିତ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ହାତୀଗଡ, ଜଳେଶ୍ୱର ୧ ଓ ୨ ସେକ୍ସନ, ନାମ୍ପୋ ସେକ୍ସନ ଅଫିସରମାନଙ୍କର ଏକ ବୈଠକ କରାଯାଇ ଜଳେଶ୍ୱର ଅଞ୍ଚଳର ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ କରାଇବା ପାଇଁ ନିର୍ବାହୀ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

## ଅନ୍‌ଲାଇନ୍ ଗେମ୍ ନେଲା ଜବାନଙ୍କ ଜୀବନ



ଗରଦପୁର, (ଭାସ୍କର ନ୍ୟୁଜ୍): ଅନଲାଇନ ଗେମ୍ ସାଜିଛି ଯୁବପିଢ଼ିଙ୍କ ପାଇଁ କାଳ। ବିଗତ ୬ମାସ ଭିତରେ ଅନ୍‌ଲାଇନ୍ ଗେମ୍ ଗରଦପୁର ଅଞ୍ଚଳରୁ ନେଲାଣି ୩ଟି ଜୀବନ। ଏବେ ଏହି ଅନ୍‌ଲାଇନ୍ ଗେମ୍‌ରେ ଲକ୍ଷଲକ୍ଷ ଟଙ୍କା ହରାଇ ଆତ୍ମହତ୍ୟା କରିଛନ୍ତି ଜଣେ ବିଏସଏଫ ଯବାନ। ଯବାନ ଜଣଙ୍କ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ପହଣା ଗ୍ରାମର ଅଭିରାମ ଦାଶଙ୍କ ପୁଅ ସୂର୍ଯ୍ୟକାନ୍ତ ଦାଶ(୩୬)। ସେ ବିଏସଏଫର କୋଲକତା ହେଡକ୍ୱାଟରରେ କାର୍ଯ୍ୟରତ ଥିଲେ। ଗତ କିଛିଦିନ ହେଲା ସେ ଅନଲାଇନ ଗେମ ମାୟାଜାଲରେ ପଡ଼ିଯାଇଥିଲେ ବୋଲି ଅଞ୍ଚଳବାସୀ କହିଛନ୍ତି। ଲକ୍ଷଲକ୍ଷ ଟଙ୍କା ହରାଇବା ପରେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ନିଜକୁ ଏକୁଟିଆ ପାଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିବା କୁହାଯାଉଛି। ଆତ୍ମହତ୍ୟା ଖବର ପ୍ରଚାରିତ ହେବା ପରେ ସମଗ୍ର ଗରଦପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମଙ୍ଗଳବାର କଲିକତାରୁ ତାଙ୍କ ମରଶରୀର ଆସିବା ପରେ ଗାଁ ଶ୍ମଶାନରେ ଶେଷକୃତ ସମ୍ପନ୍ନ ହୋଇଥିଲା।

## ୯୩ ଲିଟର ମଦ ଓ ବାଇକ ଜବତ, ୫ ଗିରଫ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ଅବକାରୀ ବିଭାଗପକ୍ଷରୁ କରଞ୍ଜିଆ ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୯୩ ଲିଟର ମଦ ଓ ବାଇକ ଜବତ କରାଯିବା ସହିତ ୫ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ଥାନା ଅଧିକାରୀ ସଞ୍ଜୟ କାଣ୍ଡି ଓ କରଞ୍ଜିଆ ଅବକାରୀ ଥାନା ଓଆଇସି ରଶ୍ମିରଂଜନ ନାୟକଙ୍କ ନେତୃତ୍ୱରେ କରଞ୍ଜିଆ ବ୍ଲକର ଗିଧିବାସ ଗ୍ରାମର ଯୋଗମୋହନ ମୁଣ୍ଡାଙ୍କ ନିକଟରୁ ୨୦ ଲିଟର ମହୁଲି ମଦ ଜବତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ସେହିପରି କୁଞ୍ଜିଆ ଗ୍ରାମର ସତୀଶଚନ୍ଦ୍ର ନାଏକଙ୍କ ନିକଟରୁ ୧୮ ଲିଟର ମହୁଲି ମଦ ଜବତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। କେନ୍ଦୁଝର ଜିଲ୍ଲାର ଖଣ୍ଡେଇପଡା ଗ୍ରାମର ମୋହକାମ ସୋରେନ କରଞ୍ଜିଆକୁ ବାଇକ ଯୋଗେ ମଦ ନେଇ ଆସୁଥିବା ବେଳେ ତାନିକଟରୁ ୧୮ ଲିଟର ମଦ ଜବତ କରାଯିବା ସହିତ ବାଇକକୁ ଜବତ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହିପରି ବାଟପାଳସା ଗ୍ରାମର ବୁଧୁ ଦେହୁରୀଙ୍କ ନିକଟରୁ ୨୦ ଲିଟର ମହୁଲି ମଦ ଜବତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। କରଞ୍ଜିଆ ସହରର ନିୟୁନ୍ତି ସାହିର ପ୍ରତିମା ବେହେରାଙ୍କ ନିକଟରୁ ୧୫ ଲିଟର ୨୦ ଲିଟର ମହୁଲି ମଦ ଜବତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। କରଞ୍ଜିଆ ଅବକାରୀ ଥାନାରେ ଅଭିଯୁକ୍ତଙ୍କ ବିରୋଧରେ କେଶ ନମ୍ବର ୫୫, ୫୬, ୫୭, ୫୮, ୫୯/୨୫ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା କରଞ୍ଜିଆ ଅବକାରୀ ଓଆଇସି ରଶ୍ମିରଂଜନ ନାୟକ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ଏଏସଆଇ ଫୁଲମଣୀ ନାଏକ, ପୀଥନାଥ ମୁର୍ମୁ, ଅଂଶୁମାନ ପରିଡା, ଆଲୋକ ସୁତାର ପ୍ରମୁଖ ଉପସ୍ଥିତ ଥିଲେ।

## ଷ୍ଟେଟ ବ୍ୟାଙ୍କ ତରଫରୁ ଜଳଛତ୍ର

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ପବିତ୍ର ଦେବସ୍ନାନ ପୂର୍ଣ୍ଣମୀ ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଠାରେ ଭାରତୀୟ ଷ୍ଟେଟବ୍ୟାଙ୍କ ତରଫରୁ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇ ତୃଷାର୍ତ୍ତ ଜନତାଙ୍କୁ ମାଗଣାରେ ଜଳଛତ୍ର ବଂଟନ କରାଯାଇଥିଲା। ଭାରତୀୟ ଷ୍ଟେଟବ୍ୟାଙ୍କ ନେମାଳ ଓ କେନ୍ଦୁପାଟଣା ଶାଖାର ମିଳିତ ଆନୁକୂଲ୍ୟରେ ଏହି ଜଳଛତ୍ର କେନ୍ଦ୍ର ଖୋଲା ଯାଇଥିଲା। ଏହି ଜଳଛତ୍ର କେନ୍ଦ୍ରକୁ ଭାରତୀୟ ଷ୍ଟେଟ ବ୍ୟାଙ୍କ କଟକର ରିଜୋନାଲ ମ୍ୟାନେଜର ଅସମିନ ଅନୁପମ ପ୍ରହରାଜ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦୁପାଟଣା ଶାଖା ପରିଚାଳକ ପ୍ରୀତିଶ ରଞ୍ଜନ ପଟ୍ଟନାୟକ, ନେମାଳ ଶାଖା ପରିଚାଳକ ପ୍ରଭାତ ରଞ୍ଜନ ନାୟକ, ଭାସ୍କର ଭୂୟାଁ, ସୁରେଶ ମାୟାଧର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ଓଡିଶାର ବିଭିନ୍ନ ପୁରପଲ୍ଲୀରୁ ଆସିଥିବା ଶହଶହ ଶ୍ରଦ୍ଧାଳୁ ତୃଷାର୍ତ୍ତ ଭକ୍ତଙ୍କୁ ମାଗଣାରେ ଜଳଛତ୍ର ବର୍ଣ୍ଟନ କରାଯାଇଥିଲା। ତେବେ ବ୍ୟାଙ୍କର ଏଭଳି ମହତ କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଥିଲା।




## ବିଭିନ୍ନ ଜଗନ୍ନାଥ ମନ୍ଦିରରେ ସାନ୍ନଯାତ୍ରା



ଆସିକା, (ଭାସ୍କର ନ୍ୟୁଜ୍): ଆସିକାର ସମସ୍ତ ବିଜେ ଜଗନ୍ନାଥ ମନ୍ଦିର ମାନଙ୍କରେ ସାନ୍ନଯାତ୍ରା କାର୍ଯ୍ୟକ୍ରମ ଶେଷ ହୋଇଯାଇଛି। ପ୍ରାତଃ ସମୟରୁ ମନ୍ଦିର ମାନଙ୍କରେ ସାନ୍ନଯାତ୍ରା ବା ଦେବସାନ୍ନ ପୂର୍ଣ୍ଣିମା ବହୁ ଆଡମ୍ବରରେ ପାଳନ ହୋଇଯାଇଛି। ସକାଳୁ ସକାଳୁ ଦ୍ୱାର ଫିଟା ନୀତି ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପୂଜାପଣ୍ଡାମାନେ ସ୍ନାନ ବେଦୀକୁ ଆଣିଥିଲେ। ଏହି ସ୍ନାନ ବେଦିରେ ଜଗନ୍ନାଥଙ୍କ ଅବକାଶ, ମାଇଲମ, ତଡପ ଲାଗି ପରେ ବାଲଭୋଗ ଲାଗି କରିଥିଲେ। ମନ୍ଦିରର ପୂଜକମାନେ ସୁନ୍ଦର ଭାବେ ବିଭିନ୍ନ ପୁଷ୍ପ ଏବଂ ତୁଳସୀମାଳରେ ସୁସଜ୍ଜିତ କରି ବେଶ କରିଥିଲେ। ଏହାପରେ ଅଭିମନ୍ତ୍ରିତ ୧୦୮ ଗଡା ଜଳରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ କରାଇଥିଲେ। ସମସ୍ତ ମନ୍ଦିରରେ ପଣ୍ଡା, ପୂଜକ ଏବଂ ପରିଚାଳନା କମିଟି ପକ୍ଷରୁ ସ୍ନାନଯାତ୍ରା ନିମନ୍ତେ ସ୍ୱତନ୍ତ୍ର ପୂଜା ନୀତି ବ୍ୟବସ୍ଥା କରିଥିଲେ। ଭକ୍ତମାନଙ୍କ ଦର୍ଶନ ଓ ଭୋଗ ନିମନ୍ତେ ଶାନ୍ତିଶୃଙ୍ଖଳାର ସହ ବ୍ୟବସ୍ଥା କରାଯାଇଥିଲା। ଅପରାହ୍ନ ସମୟରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଗଜାନନ ବେଶରେ ବେଶ କରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସନ୍ଧ୍ୟା ସମୟରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଭଗବାନଙ୍କୁ ଏକ ସ୍ୱତନ୍ତ୍ର କୋଠରୀରେ ବିଶ୍ରାମ କରାଯାଇଥିଲା।

## ବଡ଼ ମା'ଙ୍କୁ ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

ନିଆଳି, (ଭାସ୍କର ନ୍ୟୁଜ୍): ଟଙ୍କା ପାଇଁ ୮୫ବର୍ଷର ବଡ଼ ମା'ଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିଲା ସ୍ତ୍ରୀ ହତ୍ୟାକାରୀ ପୁତୁରା। ବୃଦ୍ଧାଙ୍କୁ ଆକ୍ରମଣ, ଅସଦାଚରଣ ଓ ମାରିଦେବା ପାଇଁ ଶେଷରେ ଉଦ୍ୟମ କରିଥିଲା। ଗ୍ରାମବାସୀଙ୍କ ଯୋଗୁଁ ରାକ୍ଷସ ପୁତୁରା ଠାରୁ ଅଳ୍ପକେ ବର୍ତ୍ତୀ ଯାଇଥିଲେ ବୃଦ୍ଧା ମା'। ଏହି ଘଟଣା ସାରା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ମିଳିଥିବା ସୂଚନା ଅନୁଯାଇ କସର୍ଦା ଫାଣ୍ଡି ଅଧୀନ ସିଠାଳ ପଞ୍ଚାୟତର ବାଲିକୁଦା ଗ୍ରାମର ପ୍ରଭୁ ଚରଣ ସ୍ୱାଇଁ (୫୬)। ନିଜ ବଡ଼ ମା' ୮୫ବର୍ଷର ବୃଦ୍ଧାଙ୍କୁ ଘରେ କେହି ନ ଥିବାବେଳେ ଟଙ୍କା ମାଗିଥିଲା। ଟଙ୍କା ନ ଦେବାରୁ ମରଣାନ୍ତକ ଆକ୍ରମଣ କରିବାକୁ ପଛାଇ ନଥିଲା। ଗ୍ରାମବାସୀ ମାନଙ୍କ ସହଯୋଗରେ ୮୫ବର୍ଷର ବୃଦ୍ଧାଙ୍କୁ ସଂକଟପର୍ଣ୍ଣ ଅବସ୍ଥାରେ ଜଗତସିଂହପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବା ବେଳେ ପ୍ରଭୁ ଚରଣଙ୍କୁ ନିର୍ଦ୍ଧୁମ ଛେଚିଥିଲେ ଗ୍ରାମବାସୀ। ଏ ସମ୍ବନ୍ଧରେ ଖବରପାଇ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲିକ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ପ୍ରଭୁଚରଣ ସ୍ୱାଇଁଙ୍କୁ ଉଠାଇ ଆଣିଥିଲେ। ବୁଧବାର ନିଆଳି ଥାନାରେ ବୃଦ୍ଧାଙ୍କ ନାତି ମାନସ ରଂଜନ ସ୍ୱାଇଁ ଲିଖିତ ଅଭିଯୋଗ କରିବା ପରେ ନିଆଳି ଥାନା ପୋଲିସ ଥାନାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ପୂର୍ବରୁ ଏକବର୍ଷ ତଳେ ନିଜ ସ୍ତ୍ରୀ'ଙ୍କୁ ହତ୍ୟା କରି ଜେଲ ଯାଇଥିଲା। ଏବେ ବୃଦ୍ଧା ମା'ଙ୍କୁ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗୁରୁବାର ଦିନ କୋର୍ଟ ଚାଲାଣ କରିବେ ବୋଲି ଆଇଆଇସି ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି।

## ତୀର ମାରିବା ଅଭିଯୋଗରେ ଜଣେ ଗିରଫ



ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ଅଧିନସ୍ତ ରାସବେଡା ପଞ୍ଚାୟତର ପାଲକାଗୁଡା ଗ୍ରାମରେ ଗତ ୮ ତାରିଖ ଦିନ କୌଣସି କାରଣରୁ ଉକ୍ତ ଗ୍ରାମରେ ରହୁଥିବା ଶ୍ରୀପତି ମୁଦୁଲୀ ଏବଂ ହାଡ଼ି ମୁଦୁଲୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ଘଟଣାକୁ ନେଇ ସେହିଦିନ ସନ୍ଧ୍ୟା ପ୍ରାୟ ୭ଟା ବେଳେ ହାଡ଼ି ମୁଦୁଲୀ ଉତକ୍ଷିପ୍ତ ହୋଇ ଧନୁ ସର ଆଣି ହଠାତ ଶ୍ରୀପତିଙ୍କ ବାମ ଛାତିକୁ ତୀର ମାରିଦେଇ ଥିଲେ। ଯାହାଫଳରେ ଶ୍ରୀପତିଙ୍କ ଛାତିରେ ତୀର ପଶିରହିବା ଯୋଗୁଁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତାପରେ କୋରାପୁଟ ମେଡିକାଲ ପଠା ଯାଇଥିଲା। ସେଠାରୁ ତାଙ୍କୁ ବ୍ରହ୍ମପୁର ମେଡିଲାଲ ପଠାଯାଇ ଥିଲା। ସେଠାରେ ବିଶେଷଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ଅସ୍ତ୍ରୋପଚାର କରି ଛାତିରୁ ତୀର ବାହାର କରାଯାଇଛି। ବର୍ତ୍ତମାନ ସେ ସେଠାରେ ସୁସ୍ଥ ଥିବା ଜଣା ପଡିଛି। ଏ ନେଇ ଶ୍ରୀପତିଙ୍କ ଝିଅ ପୂର୍ଣ୍ଣିମା ଗତ ୯ ତାରିଖରେ ଥାନାରେ ଏକ ଲିଖିତ ଏତଲା ପ୍ରଦାନ କରିଥିଲେ। ଯାହା ଆଧାରରେ ପୋଲିସ ଏକ ମାମଲା ରୁଜୁ କରିବା ସହିତ ଘଟଣାରେ ସମ୍ପୃକ୍ତ ଥିବା ହାଡ଼ି ମୁଦୁଲୀଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଗତକାଲି ମଙ୍ଗଳବାର ନବରଙ୍ଗପୁରରୁ ଏକ ସ୍ୱତନ୍ତ ୫ ଜଣିଆ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଁଞ୍ଚି ଘଟଣାର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରିବା ସହିତ ଶ୍ରୀପତିଙ୍କ ସାର୍ଟ ଏବଂ ଘଟଣା ସ୍ଥଳରେ ପଡିଥବା ରକ୍ତ ଛିଟାର ନମୁନା ସଂଗ୍ରହ କରିଛନ୍ତି। ହାଡ଼ିଙ୍କ ନିକଟରୁ ଘଟଣାରେ ବ୍ୟବହୃତ ହୋଇଥିବା ଧନୁକୁ ପୋଲିସ ଜବତ କରିବା ସହିତ ବୁଧବାର ହାଡିକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ରାସ୍ତା ନିର୍ମାଣ ନହେବା ପ୍ରସଙ୍ଗ

## ଅର୍ଜୁନବିନ୍ଧା ଗ୍ରାମର ୨୭ ଘର ଓ ଦୋକାନ ଉଚ୍ଛେଦ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ପୂର୍ତ୍ତ ବିଭାଗ ଅଧୀନରେ ଥିବା ତିହିଡ଼ି ବ୍ଲକ ଅଧୀନ ଅର୍ଜୁନବିନ୍ଧା-ମଧୁପୁର ରାସ୍ତା ନିର୍ମାଣ ପାଇଁ ଜବର ଦଖଲରେ ଥିବା କେତେକ ଘର ପ୍ରତିବନ୍ଧକ ସାଜିଥିଲା। ଯାହାଫଳରେ ଅର୍ଜୁନବିନ୍ଧା ଗ୍ରାମରେ ପାଣି ଜମି ରହି ଯାତାୟତରେ ବାଧା ସୃଷ୍ଟି କରୁଥିଲା। ଏ ନେଇ ଦୀର୍ଘଦିନ ହେବ ଗ୍ରାମବାସୀଙ୍କ ପକ୍ଷରୁ ବିଭିନ୍ନ ସମୟରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଗତ କିଛିଦିନ ତଳେ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ନିରଂଜନ ବାରିକ, ଜିଲା ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦେବୀପ୍ରସନ୍ନ ଘୋଷ କ୍ଷେତ୍ରୀୟ ତଦନ୍ତ କରି ପଦକ୍ଷେପ ନେବାକୁ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କୁ ଜଣାଇଥିଲେ। ଉପଜିଲ୍ଲାପାଳ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଆଚାର୍ଯ୍ୟ ରାସ୍ତାକୁ ଜବରଦଖଲ ମୁକ୍ତ କରିବା ପାଇଁ ୨୭ଜଣଙ୍କୁ ନୋଟିସ୍ କରିଥିଲେ। ଏହି ନୋଟିସ ପରେ ବୁଧବାର ପ୍ରଶାସନ ପକ୍ଷରୁ ଅର୍ଜୁନବିନ୍ଧା ଗ୍ରାମର ଜବରଦଖଲ ଉଚ୍ଛେଦ କରାଯାଇଛି। ଜବର ଦଖଲରେ ଥିବା ୨୭ଟି ଗୃହ ଓ ଦୋକାନକୁ ଉଚ୍ଛେଦ କରାଯାଇ ଜବରଦଖଲ ମୁକ୍ତ କରାଯାଇଛି। ଜବରଦଖଲ ଉଚ୍ଛେଦ ସମୟରେ ତହସିଲଦାର ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ନମିତା ଧଳ, ପୀରହାଟ ଥାନା ଅଧିକାରିଣୀ ରୋଜାଲିନ ବେହେରା, ଏସ.ଆଇ ଶ୍ୟାମସୁନ୍ଦର ନାୟକ, ସୁପର ଭାଇଜର ଧନେଶ୍ୱର ମାରାଣ୍ଡି, ପୀରହାଟ ଆର.ଆଇ. ସ୍ମିତାରାଣୀ ସାହୁ, ଅମିନ ଶଙ୍କର୍ଷଣ ହେମ୍ବ୍ରମ, ଡିଇଓ ଦେବାଶିଷ ମହାପାତ୍ର, ତହସିଲ କର୍ମଚାରୀ ସିଦ୍ଧାର୍ଥ ମଲିକ, ଭାଗିରଥି ଦାସ, ପଞ୍ଚାନନ ସାହୁ, ବିଶ୍ୱନାଥ ପୁରୀ, ପୂର୍ତ୍ତ ବିଭାଗ ଅଧିକାରୀ ପ୍ରମୁଖଙ୍କ ସମେତ ୧ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ଥିଲେ। କୌଣସି ଦୁର୍ଘଟଣା ପାଇଁ ଦମକଳ ବାହିନୀ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଅର୍ଜୁନବିନ୍ଧା-ମଧୁପୁର ରାସ୍ତା ଉପରେ ଦୌଲତପୁର, ବାରସର, ଗୋବିନ୍ଦପୁର ପଞ୍ଚାୟତର ହଜାର ହଜାର ଲୋକ ନିର୍ଭର କରନ୍ତି। ଏହି ରାସ୍ତା ନିର୍ମାଣ ପାଇଁ ୯କୋଟି ୯ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଗତ ୨୦୨୩ ମସିହା ଫେବୃୟାରୀ ୧୪ ତାରିଖରେ ରାସ୍ତାର ଶିଳାନ୍ୟାସ କରାଯାଇଥିଲା। ଚୁକ୍ତି ଅନୁଯାୟୀ ରାସ୍ତା ନିର୍ମାଣ କାର୍ଯ୍ୟ ୨୦୨୪ ଡିସେମ୍ବର ୩୦ରେ ଶେଷ ହେବାର ଥିଲା। ମାତ୍ର ଜବରଦଖଲ ପାଇଁ ରାସ୍ତା ନିର୍ମାଣ କାର୍ଯ୍ୟ ଅଦ୍ୟାବଧି ଶେଷ ହୋଇପାରିନାହିଁ। ଫଳରେ ରାସ୍ତାରେ ଯାତାୟତ କରୁଥିବା ଲୋକମାନେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏପରିକି ଅର୍ଜୁନବିନ୍ଧା ଗ୍ରାମର ପ୍ରାୟ ୧କି.ମି. ରାସ୍ତା ଜବରଦଖଲ ପାଇଁ ନିର୍ମାଣ ହୋଇ ପାରୁ ନଥିଲା।

## ଅଗରବତୀ ସାଜିଛି ମହିଳାଙ୍କ ଆର୍ଥିକ ସ୍ୱାବଲମ୍ବନର ମାଧ୍ୟମ



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲାନୁଆଗାଁ ପଞ୍ଚାୟତର ସରପା ଗାଁରେ ଭକ୍ତିର ବାତାବରଣ ଓ ଧୂପର ସୁଗନ୍ଧ ପ୍ରତ୍ୟେକ ପ୍ରାର୍ଥନା ସହିତ ଆକାଶ ଛୁଆଁ ହେଉଥିବା ବେଳେ କିଛି ମହିଳା ଏହି ପୁରାତନ ପରମ୍ପରାକୁ ମହିଳା ସଶକ୍ତିକରଣର ଏକ ପ୍ରମୁଖ ମାଧ୍ୟମ ଭାବେ ପରିଣତ କରିପାରିଛନ୍ତି। ଏହି କାହାଣୀ କିଛି ସାଧାରଣ ମହିଳାଙ୍କର, ଯେଉଁମାନେ ଦିନେ ରୋଷେଇ, ଘର ଚାରିକାନ୍ଥ ଭିତରେ ହିଁ ସୀମିତ ରହିଥିଲେ। କିନ୍ତୁ ସେମାନେ ପରବର୍ତ୍ତୀ ସମୟରେ ଏହାକୁ ରୋଜଗାର ଓ ଆତ୍ମନିର୍ଭର ହେବାର ଏକ ମାଧ୍ୟମ ଭାବେ ଆପଣେଇ ଥିଲେ। ପୂଜାରେ ବ୍ୟବହୃତ ଧୂପକାଠିକୁ ସେମାନେ ନିଜ ହାତରେ ପ୍ରସ୍ତୁତ କରି ଘରୋଇ ପୂଜାପାଠରେ ସୀମିତ ନରଖି ଏହାକୁ ଏକ ବ୍ରାଣ୍ଡରେ ପରିଣତ କରିଥିଲେ- ଯାହାର ନାଁ ରଖିଥିଲେ 'ମଣି କାଞ୍ଚନ ଅଗରବତୀ'। ଟାଟା ଷ୍ଟିଲ 'ଉଣ୍ଡେସନର ମହିଳା ସଶକ୍ତିକରଣ ଓ ଉଦ୍ୟମିତା ପ୍ରକଳ୍ପ ଅଧୀନରେ ଗଠିତ ଗୃହଲକ୍ଷ୍ମୀ ସମବାୟ ସମିତିର ସହଯୋଗରେ ୨୦୨୩ ମସିହାରେ ଏକ ଛୋଟ ଉଦ୍ୟମ ଭାବରେ ଏହି ଛୋଟ ପ୍ରୟାସ ଭାବରେ ଆରମ୍ଭ ହୋଇଥିଲା। ମା ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ଏହି ଉଦ୍ୟମ ଆଜି ସେମାନଙ୍କୁ ମଣିକାଞ୍ଚନ ଜରିଆରେ ଘରେ ଘରେ ପରିଚିତ ଅଗରବତୀରେ ପରିଣତ ହୋଇପାରିଛି। ଏହାର ସୁଗନ୍ଧରେ ଚତୁପାର୍ଶ୍ୱ ମହକୁଛି ତାହା ନୁହେଁ, ବରଂ ଏହା ଉକ୍ତ ମହିଳାମାନଙ୍କ ଆକାଂକ୍ଷାକୁ ପୂରଣ କରିପାରିଛି। ସେମାନେ ନିଜ ସଞ୍ଚୟ ରାଶିରୁ ମିଳିତ ଭାବେ ୨୪,୦୦୦ ଟଙ୍କା ସଂଗ୍ରହ କରି ଏହି ଯାତ୍ରା ଆରମ୍ଭ କରିଥିଲେ। ଏକ ମ୍ୟାନୁଆଲ୍ ଅଗରବତୀ ତିଆରି ଯନ୍ତ୍ର ସହ କଞ୍ଚାମାଲ କିଣିଥିଲେ ଏବଂ ନିଜକୁ ନିଜେ ପ୍ରଶିକ୍ଷିତ କରିଥିଲେ। କିନ୍ତୁ ସେମାନଙ୍କ ଯାତ୍ରା ଆଶାଠାରୁ ଅଧିକ କଷ୍ଟକର ଥିଲା। ବହୁବାର ଯାନ୍ତ୍ରିକ ତ୍ରୁଟି ଏବଂ ଉତ୍ପାଦନ ବାଧାପ୍ରାପ୍ତ ହେବା ପରେ ସେମାନଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା। ବହୁ ବାଧାବିଘ୍ନ ସତ୍ତ୍ୱେ ଯେତେବେଳେ ୩୭,୦୦୦ ଧୂପକାଠି ତିଆରି ହୋଇ ପାରିଲା, ସେତେବେଳେ ସେମାନଙ୍କ ଆତ୍ମବିଶ୍ୱାସ ବଢିଥିଲା। ଏହି ମା ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତିଙ୍କ ଘରେ ହିଁ ପ୍ରଥମେ ଧୂପକାଠି ଦୋକାନ ଆରମ୍ଭ ହୋଇଥିଲା। ଆଉ ଧୀରେ ଧୀରେ ସେମାନଙ୍କର ଏହି ପରିଶ୍ରମର ମହକ ଆଖପାଖ ଗାଁରେ ପହଞ୍ଚିଲା। ପ୍ରଥମ ବର୍ଷରେ ସେମାନେ ୩୫ ପ୍ୟାକେଟ୍ ଧୂପକାଠି ବିକ୍ରି କରିପାରିଥିଲେ। ଯଦିଓ ପ୍ରାରମ୍ଭିକ ପର୍ଯ୍ୟାୟରେ ଆଂଶିକ ସଫଳତା ମିଳିଥିଲା ତାହା ଆଶାନୁପାତିକ ଖୁସି ଦେଇପାରି ନଥିଲା କି ସ୍ୱାବଲମ୍ବନ ଦିଗରେ ସହାୟକ ହୋଇପାରି ନଥିଲା।

## ସ୍ନାନ ପୂର୍ଣ୍ଣିମା ପାଳିତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକର ବିଭିନ୍ନ ସ୍ଥାନରେ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ତିହିଡ଼ି ଗ୍ରାମର ଦଧିବାମନ ଜୀଉ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଛି। ଦିନ ୧୧ଟା ସମୟରେ ପାରମ୍ପରିକ ବାଦ୍ୟ ସହ ଶଂଖ, ଘଣ୍ଟ ଓ ହୁଳହୁଳି ଦେଇ ଦଧିବାମନ ଜୀଉ ରତ୍ନ ସିଂହାସନରୁ ସ୍ନାନ ମଣ୍ଡପକୁ ବିଜେ କରାଯାଇ ଥିଲା। ୧୦୮ କଳସ ଅଭିମନ୍ତ୍ରୀତ ଜଳେ ଶ୍ରୀ ଜୀଉଙ୍କୁ ସ୍ନାନ କରାଯାଇଥିଲା। ସ୍ନାନ ପରେ ଶ୍ରୀ ଜୀଉ ଯଥା ରୀତିନୀତି ଅନୁସାରେ ଅଣସର ଘରେ ନେତ୍ରଉତ୍ସବ ପର୍ଯ୍ୟନ୍ତ ରହିବେ ବୋଲି ଜଣାପଡ଼ିଛି। ପୂଜକ ଲକ୍ଷ୍ମୀଧର କର,



ନିରଞ୍ଜନ କର, ସେବକ ଶରତ କର, ସରୋଜ କର, ଉଜ୍ଜ୍ୱଳ କର, ସୁଭାଶିଷ କର, ସଂଗ୍ରାମ କର ପ୍ରମୁଖ ଶ୍ରୀଜୀଉଙ୍କ ସ୍ନାନ କରାଇଥିଲେ। ସେହିପରି ତିହିଡ଼ି ଓଝାସାହୁ, କାଳିମେଘା, ମୂଷାଙ୍ଗ, ପୀରହାଟ, କୋହ୍ଲ, ଗୁଆମାଳ, ବିଲଣା, ତାଳପଦା, ବୋଡ଼କ ଇତ୍ୟାଦି ସ୍ଥାନରେ ଯଥା ରୀତିନିତି ଅନୁସାରେ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି।

## କୂଅରେ ପଡ଼ି ଶିଶୁର ମୃତ୍ୟୁ

ମାହାଙ୍ଗା, (ଭାସ୍କର ନ୍ୟୁଜ୍): ମାହାଙ୍ଗା ଥାନା ଅଧିନ ପଣସପୁର ପଞ୍ଚାୟତ ସ୍ଥିତ ସାହାସପୁର ଗ୍ରାମର ଜଣେ ଶିଶୁ ଆଜି କୁଅରେ ପଡି ମୃତ୍ୟୁ ହୋଇଥିବା ଜଣାଯାଇଛି। ପ୍ରକାଶ ଥାଉ କି ଜ୍ୟେଷ୍ଠ ପୂର୍ଣିମାରେ ସୁରମୋହନ ସାହୁଙ୍କ ବଡ଼ ପୁଅ ଏବଂ ସାନ ପୁଅ ପ୍ରତୀକ ସାହୁ ସ୍ଥାନୀୟ ଇଶାଣେଶ୍ୱର ମନ୍ଦିରକୁ ପୂଜା କାର୍ଯ୍ୟ କରିବା ପାଇଁ ଯାଇଥିଲେ। ପରେ ଦୁଇ ପୁଅଙ୍କୁ ଧରି ସୁରମୋହନ ଘରକୁ ଫେରି ଯାଇଥିଲେ। ଏହା ପରେ ସୁର ମୋହନଙ୍କ ସାନପୁଅ ପ୍ରତୀକ ଘରର ଏକ ଚାବି ଧରି ବାହାରକୁ ଖେଳିବାକୁ ଚାଲି ଆସିଥିଲେ। ଘରର ଅନତି ଦୂରରେ ଥିବା ଏକ କୂଅ ଭିତରେ ଅସାବଧାନତା ବସତଃ ଖସି ପଡ଼ିଥିଲେ। ଏହାର କିଛି ସମୟ ପରେ ପୁଅକୁ ଦେଖିବାକୁ ନପାଇବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ପୁଅର କୌଣସି ସନ୍ଧାନ ପାଇ ନଥିବାରୁ ସନ୍ଦେହରେ ନିକଟସ୍ଥ କୁଅରେ ପଶି ଖୋଜି ଥିଲେ। ସେଠାରୁ ପ୍ରତୀକକୁ ଉଦ୍ଧାର କରି ମାହାଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ବନ୍ଧରେ ଖବର ପାଇ ସରପଞ୍ଚଙ୍କ ସମେତ ସ୍ଥାନିୟ ଅଞ୍ଚଳର ବହୁ ବ୍ୟକ୍ତି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

## ବିଜେଡ଼ି ପକ୍ଷରୁ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



ବଡଚଣା, (ଭାସ୍କର ନ୍ୟୁଜ): ବଡଚଣାରେ ବିଜୁ ଜନତା ଦଳ ତାର ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ଼ ଓ ଶୃଙ୍ଖଳିତ କରିବା ପାଇଁ ଆଜି ଚଣ୍ଡିଖୋଲ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ବଡଚଣା ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ବଡଚଣା ବ୍ଲକ୍ ବିଜେଡ଼ି ସଭାପତି ତାପସ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯାଜପୁର ର ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ଜିଲ୍ଲା ସଭାପତି ସରୋଜ କୁମାର ମହାପାତ୍ର ଯୋଗଦେଇ ମିଛ ପ୍ରତିଶ୍ରୁତି ଓ ବଡଚଣା ମାଟିର ପୁଅ ନାରା ଦେଇ ବିଧାୟକ ହୋଇଥିବା ଅମର ନାୟକ ଏକ ବର୍ଷ ମଧ୍ୟରେ ମାଟି, ବାଲି ମାଙ୍କଡ଼ା ପଥର ଲୁଟ କରି ଖାଇବା ସହିତ ପୂର୍ବ ସରକାର ସମୟରେ ହୋଇଥିବା ଯୋଜନା ଗୁଡ଼ିକୁ ନିଜର କହି ବାହାବା ନେଉଥିବା କହିଥିଲେ। ବଡଚଣା ବିଜେଡ଼ି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ନିଜର ଅଭିଭାଷଣ ରେ କହିଲେ ବଡ଼ଚଣା ପ୍ରତ୍ୟେକ ପରିବାର ପାଖକୁ ପହଞ୍ଚି ଏକଜୁଟ କରିବା ସହିତ ୨୪ ଘଣ୍ଟା ଆପଣଙ୍କ ପାଇଁ ସେବା କରିବା ପାଇଁ ପାଇଲଟ୍ ଚାକିରି ଛାଡ଼ି ଆସିଛି ତେଣୁ ମିଛ ଦୁର୍ନୀତି ଅନ୍ୟାୟ ବିରୁଦ୍ଧରେ ମୋର ସଂଗ୍ରାମ ଜାରି ରଖିବା ପାଇଁ ପ୍ରତିବଦ୍ଧ ବୋଲି ସଭାରେ ଦୃଢ଼ତାର ସହ କହିଥିଲେ। ବିଧାୟକ ଲଘୁ ଖଣିଜ ପଦାର୍ଥକୁ ହରିଲୁଟ କରିବା ପୁରୁଣା କାମରେ ରଙ୍ଗ ବୋଲି ବିଜେପି ସରକାରଙ୍କ କାର୍ଯ୍ୟ କହି ଲୋକ ମାନଙ୍କୁ ଭୁଆଁ ବୁଲାଉ ଛନ୍ତି। ବିଜେଡି କର୍ମୀମାନଙ୍କୁ ମିଥ୍ୟା ଅଭିଯୋଗରେ କେଶ୍ କରି ଥାନାରେ ପୁରାଉଛନ୍ତି। ଆଗାମୀ ଦିନରେ ବିଜେଡ଼ି ପକ୍ଷରୁ ବ୍ଲକ, ଥାନା ଘେରାଉ କରିବା ସହିତ ବିଜେପି ସରକାର ଏକ ବର୍ଷ ସମୟରେ ହୋଇଥିବା ଦୁର୍ନୀତିକୁ ଜନସଧାରଣଙ୍କ ନିକଟରେ ପହଞ୍ଚାଇବାକୁ ଦଳୀୟ କର୍ମୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପ୍ରହଲ୍ଲାଦ ନନ୍ଦ, କୈଳାସ ରାଉତ, ଭକ୍ତଗ୍ୟଧର ମଲ୍ଲିକ, ପୂର୍ବତନ ଅଧକ୍ଷା ଇତିଶ୍ରୀ ସାମଲ, ଶୁକ୍ରମଣି ପୂର୍ତ୍ତି, ଜିଲ୍ଲା ବିଜେଡ଼ି, ନିରଞ୍ଜନ ବିଶ୍ୱାଳ, ସରସ୍ୱତୀ ବେହେରା ଦମୟନ୍ତୀ ସାମଲ, ସିମନ୍ତିନି ଜେନା, ଯାଜପୁର ଜିଲ୍ଲା ପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ, ଜ୍ଞାନ ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ବଡଚଣା ରେ ଚାଲୁଥିବା ଅନ୍ୟାୟ , ଅନିତି, ଦୁର୍ନିତି ବିରୁଦ୍ଧରେ ବିଜେଡ଼ି ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲେ। ଏହି ଅବସରରେ ବଡଚଣା ବ୍ଲକ୍ ବିଜେଡ଼ି ର ନୂତନ ଭାବରେ କର୍ମକର୍ତ୍ତା ମନୋନୀତ ହୋଇଥିବା ଉପ ସଭାପତି ସଧାରଣ ସମ୍ପାଦକ, ସମ୍ପାଦକ, ଗ୍ରାମପଞ୍ଚାୟତ ସଭାପତି, ଉପଦେଷ୍ଟା ମଣ୍ଡଳୀ ସଭ୍ୟ ମାନଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା।

## ରଜ ଉତ୍ସବ ଓ ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ




କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): ସାଇଲୋ ବଡ଼ବିଲ ସ୍ଥିତ ଗୋପବନ୍ଧୁ ବିଦ୍ୟା ମନ୍ଦିର ର ପୁରାତନ ଛାତ୍ର ସଂସଦ ତରଫରୁ ଆଞ୍ଚଳିକ ରଜ ଉତ୍ସବ ଓ ରକ୍ତଦାନ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ଗୋପବନ୍ଧୁ ନୋଡାଲ ହାଇସ୍କୁଲ ପଡିଆ ନିକଟରେ ଥିବା ସଭାମଞ୍ଚ ରେ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ହେବାକୁ ଥିବା ଏହି ଉତ୍ସବର ପହଲି ରଜରେ ସକାଳ ୯. ୩୦ ରୁ ଝୋଟି, ହୁଳହୁଳି, ପୋଡିପିଠା, ପୁଞ୍ଚି ପ୍ରତିଯୋଗିତା ହେବ। ସନ୍ଧ୍ୟାରେ ସେଭେନ ଷ୍ଟାର ଚାରିଟେବଲ ତରଫରୁ ରକ୍ତଦାନ ଶିବିର ଓ ବରିଷ୍ଠ ବିଭାଗର ଝିଅମାନଙ୍କ ମଧ୍ୟରେ ପାରମ୍ପରିକ ଓ ଆଧୁନିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରଜ ସଂକ୍ରାନ୍ତି ସନ୍ଧ୍ୟାରେ ଝିଅ ଓ ବୋହୂମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ସହ କନିଷ୍ଠ ବିଭାଗର ଝିଅ ମାନଙ୍କ ମଧ୍ୟରେ ଉଭୟ ପାରମ୍ପରିକ ଓ ଆଧୁନିକ ବିଭାଗର ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ଶେଷ ସନ୍ଧ୍ୟାରେ ସଂଗୀତ ପ୍ରତିଯୋଗିତା ସହ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ପୋଡପିଠା ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଏୟାର କୁଲର, ଦ୍ୱିତୀୟ ପ୍ରତିଯୋଗୀଙ୍କୁ ଷ୍ଟାଣ୍ଡ୍ ଫ୍ୟାନ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମିକ୍ସର ଗ୍ରାଇଣ୍ଡର ପୁରସ୍କାର ସହ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ଦିଆଯିବ। ପ୍ରିୟନାଥ ଆଚାର୍ଯ୍ୟଙ୍କ ନେତୃତ୍ୱରେ ପୁନାନନ୍ଦ ପାତ୍ର, ସୁବ୍ରତ ଆଚାର୍ଯ୍ୟ, ଉପେନ୍ଦ୍ର ଆଚାର୍ଯ୍ୟ, ପରମେଶ୍ୱର ଦାଶ, ଅନିଲ କୁମାର ଜେନା, ବବୁଲ ରାଉତରାୟ, ସମ୍ଭିତ ରାଉତରାୟ, ଲୋକନାଥ ବେହେରା, ବିଭୂପ୍ରଦ ଆଚାର୍ଯ୍ୟ, ବିଶ୍ୱରଂଜନ ରାଉତ, ବିଜୟ ରାଉତରାୟ, ବିଶ୍ୱମ୍ବର ରାଉତରାୟ, ଅଭିଜିତ ଆଚାର୍ଯ୍ୟ ଓ ବ୍ରାହ୍ମଣବାଟି ସରପଞ୍ଚ ସଞ୍ଜୟ କୁମାର ରାଉତରାୟ ପ୍ରମୁଖ ଯୋଗଦେଇ ଉତ୍ସବଟି କିପରି ସଫଳତାର ସହ ସମ୍ପନ୍ନ କରାଯିବ ସେ ବାବଦରେ ବିଷଦ ଆଲୋଚନା କରିଥିଲେ।



ମାଲକାନଗିରି (ଭାସ୍କର ନ୍ୟୁଜ୍): ଜିଲ୍ଲା ନିଶାମୁକ୍ତି କେନ୍ଦ୍ର କୁମୁଟିଗୁଡ଼ା, ମାଲକାନଗିରି ଠାରେ ଅବକାରୀ ବିଭାଗ,ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଓ ଜିଲ୍ଲା ନିଶାମୁକ୍ତି କେନ୍ଦ୍ର, କୁମୁଟିଗୁଡ଼ାର ମିଳିତ ଆନୁକୂଲ୍ୟରେ ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ନିର୍ମଳ ଚନ୍ଦ୍ର ଧରୁଆ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମାଲକାନଗିରି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ଓ ସମାଜରେ ମାଦକ ଦ୍ରବ୍ୟ ସେବନର କୁପରିଣାମ ବିଷୟରେ ଲୋକମାନଙ୍କୁ ଅବଗତ କରାଇବା ସହିତ ସଚେତନ ହୋଇ ନିଶା ସେବନ ନକରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଡକ୍ଟର ହୁସେନ ଡିପିଏଚ୍ଓ ଡିଡିଏଚ୍ ମାଲକାନଗିରି ଯୋଗ ଦେଇ ବିଭିନ୍ନ ନିଶା ଦ୍ରବ୍ୟ ସେବନ କରିବା ଦ୍ୱାରା ହେଉଥିବା ରୋଗ ବିଷୟରେ ଲୋକମାନଙ୍କୁ ଜଣାଇଥିଲେ ଓ ନିଶା ଦ୍ରବ୍ୟକୁ ସମାଜରୁ ଦୂର କରିବା ପାଇଁ ସମସ୍ତେ ମିଳିମିଶି କାମ କରିବା ପାଇଁ ଉପସ୍ଥିତ ମହିଳାମାନଙ୍କୁ ଅନୁରୋଧ କରିଥିଲେ। ଅବକାରୀ ବିଭାଗ ତରଫରୁ ଟଙ୍କଧର ଭୋଇ ଅବକାରୀ ଉପଅଧିକ୍ଷକ ମାଲକାନଗିରି ରାଜ୍ୟ ସରକାରଙ୍କ ଦ୍ୱାରା ଶୁଭାରମ୍ଭ କରିଥିବା ସଂକଳ୍ପ ରଥ ନିଶା ନୁହେଁ ଜୀବନ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ ଓ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ମଦ୍ୟପାନ ତଥା ମାଦକ ଦ୍ରବ୍ୟ ସେବନ ନକରିବା ପାଇଁ ଲୋକମାନଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ବଳ ଅବକାରୀ ନିରୀକ୍ଷକ, ଅମିୟ କୁମାର ଖଞ୍ଜା,ଅବକାରୀ ଉପ ନିରୀକ୍ଷକ ,ଜେମ୍ସ ମାଲଖୋମ ସାହୁ ଅବକାରୀ ସହାୟକ ଉପ ନିରୀକ୍ଷକ ମାଲକାନଗିରି ଓ ଅନ୍ୟାନ୍ୟ ଅବକାରୀ କର୍ମଚାରୀ ଓ ଜିଲ୍ଲା ନିଶା ନିବାରଣ କେନ୍ଦ୍ର ର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ନିଶାମୁକ୍ତି କେନ୍ଦ୍ର କୁମୁଟିଗୁଡ଼ାର ସହ ସଂଯୋଜକ ଉମାକାନ୍ତ ବଳିଆରସିଂହ ପରିଚାଳନା କରିଥିଲେ ଏବଂ ଶେଷରେ ଧନ୍ୟବାଦ ମଧ୍ୟ ଅର୍ପଣ କରିଥିଲେ।

## ବ୍ରହ୍ମଗିରି ବିଧାୟିକାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କୃଷ୍ଣପ୍ରଶାଦ (ଭାସ୍କର ନ୍ୟୁଜ )ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ବଜ୍ରକୋଟ ଗ୍ରାମ ପଂଚାୟତ ଅନ୍ତର୍ଗତ ନୂଆଗାଁ ଗ୍ରାମ ବାସୀଙ୍କ ମିଳିତ ସହଯୋଗରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଗ୍ରାମବାସୀଙ୍କ ଉପସ୍ଥିତରେ ବିଧାୟିକାଙ୍କୁ ସ୍ୱାଗତ କରି ମହା ଆଡମ୍ବର ସହକାରେ ବାଜା ବଜାଯାଇ ବାଣ ଫୁଟାଇ ଗ୍ରାମ୍ୟ ପରିକ୍ରମା କରାଇଥିଲେ। ପରେ ଏକ ସାଧାରଣ ସଭା ବଜ୍ରକୋଟ ପଂଚାୟତ ଭାରତୀୟ ଜନତା ପାର୍ଟି ର ସଭାପତି ଶ୍ରୀଯୁକ୍ତ ଅଳେଶ୍ୱର ପଲାଇଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟିକା ପ୍ରତିନିଧି ଉତ୍ତମ ତରେଇ ସାଂସଦ ପ୍ରତିନିଧି ହରିହର ଦାସ ମଣ୍ଡଳ ସଭାପତି ସଂଗ୍ରାମ କେଶରୀ ଜେନା ବଜ୍ରକୋଟ ସରପଞ୍ଚ ପ୍ରଦୀପ କୁମାର ସେଠି ସମେତ କୃଷ୍ଣପ୍ରଶାଦ ବ୍ଲକର ସମସ୍ତ ସକ୍ରିୟ କର୍ମକର୍ତ୍ତା ଓ ନୂଆଗାଁ ର ସମସ୍ତ ମହିଳା ପୁରୁଷ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଉପସ୍ଥିତ ସମସ୍ତ ମଞ୍ଚାସୀନ ଅତିଥି ମାନଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମ୍ୟ ପରିଚାଳନା କମିଟିର ସଭାପତି ପ୍ରସନ୍ନ କୁମାର ସାହୁ ଗାଁ ର ଆବଶ୍ୟକ ଥିବା ୯ଗୋଟି ଦଫା ସମ୍ବଳିତ ଦାବୀ ଉପସ୍ଥାପନ କରିବା ସହ ଦାବିପତ୍ର ଟିକୁ ସୁଦର୍ଶନ ଜେନା ଓ ପ୍ରସନ୍ନ ସାହୁ ବିଧାୟିକାଙ୍କୁ ପ୍ରଦାନ କରିଥିଲେ।ସଭାମଞ୍ଚକୁ ବିଜୟ ଜେନା ପରିଚାଳନା କରିଥିଲେ।

## ଝାଡାବାନ୍ତି ବ୍ୟାପିବାର ପ୍ରମୁଖ କାରଣ ପ୍ରଶାସନିକ ଦାୟିତ୍ୱହୀନତା

ଯାଜପୁର(ଭାସ୍କର ନ୍ୟୁଜ୍): ସଂପ୍ରତି ଯାଜପୁର ଜିଲ୍ଲାରେ ଭୟଙ୍କର ଭାବେ ଝାଡାବାନ୍ତି ରୋଗ ବ୍ୟାପିଛି। ପ୍ରାୟ ୩୦୦ ଲୋକ ବିଭିନ୍ନ ଅଂଚଳରୁ ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ଦାନଗଦୀ ବ୍ଲକର ସୁଦର୍ଶନ ପାତ୍ର ଓ ବ୍ୟାସନଗର ପୌରାଂଚଳର ତୋଲାରାମ ଶର୍ମା ନାମକ ଦୁଇ ବରିଷ୍ଠ ନାଗରିକଙ୍କର ଏହି ରୋଗରେ ଜୀବନ ଯାଇଛି। ୨୦ ଜଣ ଭଳି ସଂକଟାପନ୍ନ ଅବସ୍ଥାରେ ଥିବା ରୋଗୀଙ୍କୁ କଟକ ବଡ ମେଡିକାଲକୁ ରେଫର କରାଯାଇଛି। ଜିଲ୍ଲାର ବ୍ୟାସନଗର, ଯାଜପୁର ପୌରାଂଚଳ ସମେତ ସଦର ବ୍ଲକ, ଧର୍ମଶାଳା, ରସୁଲପୁର, କୋରେଇ, ଦଶରଥପୁର ଏବଂ ବିଂଝାରପୁର ଅଂଚଳକୁ ଏହି ରୋଗ ବ୍ୟାପିଛି। ସରକାରୀ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ହିସାବକୁ ଜିଲ୍ଲା ପ୍ରଶାସନ ଆକ୍ରାନ୍ତଙ୍କ ସଂଖ୍ୟା ସେତିକି ବୋଲି ଧରି ନେଇଥିବା ବେଳେ ଘରୋଇ ଡାକ୍ତରଖାନା ଓ ଘରେ ରହି ଚିକିତ୍ସିତ ହେଉଥିବା ରୋଗୀଙ୍କ ସଂଖ୍ୟା ୩୦୦ ରୁ କମ୍ ନୁହେଁ ବୋଲି କୁହାଯାଉଛି। ଜିଲ୍ଲାରେ ଏଭଳି ଭୟଙ୍କର ଭାବେ ଝାଡାବାନ୍ତି ରୋଗ ବ୍ୟାପିବାର ମୁଖ୍ୟ କାରଣ ଗୁଡିକୁ ଜିଲ୍ଲା ପ୍ରଶାସନ ନିଜ ମୁଣ୍ଡରୁ ଦୋଷ ଛଡାଇବାକୁ ଯାଇ ଏଡାଇଯାଉଥିବା ଅଭିଯୋଗ ହେଉଛି। ଜିଲ୍ଲାରେ ମୁଖ୍ୟତଃ ଖାଦ୍ୟ ସୁରକ୍ଷା ବିଭାଗର ଦାୟିତ୍ୱହୀନତା ଯୋଗୁ ଲୋକେ ଅଖାଦ୍ୟଜନିତ ରୋଗରେ ବିଶେଷ ଭାବେ ପୀଡିତ ହେଉଛନ୍ତି। ଅନ୍ୟ କେଉଁଠି କଣ ଭିନ୍ନ କଥା ଯାଜପୁର ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଥିବା ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନର ଅନତୀଦୂରରେ ଅବସ୍ଥିତ ଆରଆମସି ମାର୍କେଟ ସମେତ ବିଭିନ୍ନ ମାଛ, ମାଂସ ଓ ଚିକେନ ଦୋକାନ ଗୁଡିକରେ ୫/୭ ଦିନର ବାସି ଓ ପଚାଷଡା ସାମଗ୍ରୀ ବିକ୍ରୀ କରାଯାଉଛି। ସାଧାରଣତଃ ଦେଶୀ ମାଛ ହେଉ କି ରାଜ୍ୟ ବାହାରୁ ଆମଦାନୀ ହେଉଥିବା ମାଛ ସବୁ ପ୍ରତି ସପ୍ତାହର ମଙ୍ଗଳବାର ରାତିରେ ଗୋଦାମରେ ପଂହଚିଥାଏ। ଏହାପରେ ଏହି ମାଛ ବୁଧବାର, ଶୁକ୍ରବାର ଓ ରବିବାର ଦିନ ବିକ୍ରୀ କରାଯାଏ। କେବଳ ବୁଧବାରକୁ ଛାଡିଦେଲେ ପରବର୍ତ୍ତୀ ବାର ଗୁଡିକରେ ପଚିଷଡି ଯାଇଥିବା ମାଛକୁ ବରଫ ମଧ୍ୟରେ ରଖାଯାଇ ବିକ୍ରୀ କରାଯାଇଥାଏ। ସେହିଭଳି ଜିଲ୍ଲାର ଅଧିକାଂଶ ଅଂଚଳରେ ବିଶେଷ କରି ଯାଜପୁରଟାଉନ ଏବଂ ବ୍ୟାସନଗର ପୌରାଂଚଳରେ ରହିଥିବା ଛେଳି ମାଂସ ଦୋକାନ ଗୁଡିକରେ ବଳକା ମାଂସକୁ ଲୁଣ ଗୋଳାଇ ଏବଂ ଫ୍ରିଜରେ ରଖାଯାଇ ସପ୍ତାହେ ଯାଏ ବିକ୍ରୀ କରାଯାଉଛି। ରାସ୍ତାକଡ ହେଉ କି ସ୍ଥାୟୀ ଜଳଖିଆ ଦୋକାନ ଏବଂ ହୋଟେଲ ଗୁଡିକରେ ବାସି ଓ ଅପମିଶ୍ରିତ ଖାଦ୍ୟ ଖୋଲାମେଲା ଭାବେ ବିକ୍ରୀ କରାଯାଉଛି। ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ଏହି ଖାଦ୍ୟ ସାମଗ୍ରୀ ସମେତ ମାଛ, ମାଂସ, ଚିକେନ ପ୍ରଭୃତି ବିକ୍ରୀ କରାଯାଉଛି। ସମାନ ଭାବେ ପନିପରିବା ଦୋକାନ ଗୁଡିକରେ ପଚାଷଡା ପରିବା ଏବଂ ତାପରେ ରାସାୟନିକ ଦ୍ରବ୍ୟ ଲେମନ କରାଯାଇ ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ଆଇସ୍କ୍ରିମ ଫ୍ୟାକ୍ଟ୍ରୀ ହେଉ କି ପାଉଁରୁଟି କାରଖାନା ସେ ସବୁ ସ୍ଥାନରେ ଖାଦ୍ୟ ସାମଗ୍ରୀ କିପରି ଭାବେ ପ୍ରସ୍ତୁତ କରାଯାଉଛି ତାହା ପ୍ରତି କାହାର ଦୃଷ୍ଟି ନାହିଁ ଯେତେବେଳେ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି ବା ସମୀକ୍ଷା ବୈଠକରେ ପ୍ରଶ୍ନ ଉଠୁଛି ଅବା ଆଜିଭଳି ଝାଡାବାନ୍ତି ରୋଗ ବ୍ୟାପିଛି ଠିକ୍ ଏହି ସମୟରେ ନିୟମ ମନେ ପଡିଗଲା ଭଳି ନ୍ୟାୟରେ ସ୍ୱାସ୍ଥ୍ୟ ବିଭାଗ ଚେଇଁ ଉଠି ବିଭିନ୍ନ ସ୍ଥାନରେ ଚଢାଉ କରି ଏହାର ଫଟୋ ଓ ଖବରକୁ ଗଣମାଧ୍ୟମରେ ଛାଡି ନିଜ ଦାୟିତ୍ୱ ସଂପାଦନ ସଠିକ ଢଙ୍ଗରେ ଚାଲିଛି ବୋଲି ସାଧାରଣ ଜନତା ଏବଂ ସରକାରଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରାଯାଉଛି। ଜନସାଧାରଣଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ପଂଚାୟତ ସ୍ତରରୁ ପୌରସଂସ୍ଥା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜିଲ୍ଲା ସ୍ତରରେ ଖାଦ୍ୟ ନିରାପତା ବିଭାଗ କାମ କରିଥାଏ। ଅଙ୍ଗନବାଡି କର୍ମୀଙ୍କ ଠାରୁ ଆରମ୍ଭ କରି ୱାର୍ଡସଭ୍ୟ, ସରପଂଚ, ପଂଚାୟତ ସ୍ୱାସ୍ଥ୍ୟକର୍ମୀ ଠାରୁ ଜିଲ୍ଲା ପର୍ଯ୍ୟନ୍ତ ସମସ୍ତେ ଜନସାଧାରଣଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ଦାୟିତ୍ୱ ନେଇଛନ୍ତି। କିନ୍ତୁ ସମସ୍ତ କାର୍ଯ୍ୟ କାଗଜକଲମରେ ହିଁ ସଂଗଠିତ ହୋଇଥାଏ। କଠୋର ଦଣ୍ଡ ବ୍ୟବସ୍ଥା ନଥିବାରୁ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ମାନେ ଢିଲା ମାରି ଜନସାଧାରଣଙ୍କ ଜୀବନକୁ ବିପଦମୁହଁକୁ ଠେଲି ଦେଉଛନ୍ତି। ଟିକସଦାତାଙ୍କ ଅର୍ଥରେ ଦରମା ପାଇ ଅୟସ ଜୀବନ ବିତାଉଥିବା ସରକାରୀ ବାବୁ ମାନଙ୍କର ଉତରଦାୟିତ୍ୱ ରହୁନଥିବା ଯୋଗୁ ସେମାନେ ଏଭଳି ଦାୟିତ୍ୱହୀନ କାର୍ଯ୍ୟ କରିଆସୁଥିବା ଦେଖାଯାଉଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରିବା ସହିତ ଜିଲ୍ଲାର ସମସ୍ତ ନିର୍ବାଚିତ ବିଧାୟକ, ମନ୍ତ୍ରୀ ଓ ସାଂସଦ ଜିଲ୍ଲାବାସୀଙ୍କ ସ୍ୱାସ୍ଥ୍ୟରକ୍ଷା ନେଇ ବେଶ୍ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବୀ ହେଉଛି।

**ହାତବାନ୍ଧି ବସିଛି ଖାଦ୍ୟ ସୁରକ୍ଷା ବିଭାଗ**

## ବରିଷ୍ଠ ଶିକ୍ଷାବିତ୍‌ଙ୍କ ସ୍ମୃତିସଭା

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ଅନ୍ତର୍ଗତ ଘୋରଡିଆ ଗ୍ରାମର ବିଶିଷ୍ଟ ଶିକ୍ଷାବିତ ସ୍ୱର୍ଗତ ବ୍ରଜବନ୍ଧୁ ସାମନ୍ତରାୟଙ୍କୁ ନିଜ ବାସଭବନ ଠାରେ ଏକା ଦଶାହ କାର୍ଯ୍ୟକ୍ରମରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ଖୋର୍ଦ୍ଧା ସମବାୟ ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ସମେତ ବହୁ ମାନ୍ୟଗନ୍ୟ ଅତିଥି ଯୋଗଦେଇ ସ୍ମୃତିଚାରଣ ସଭାରେ ସ୍ୱର୍ଗତ ସାମନ୍ତରାୟଙ୍କ ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ। ଏହି ସ୍ମୃତି ଚାରଣ ସଭାରେ ସ୍ୱର୍ଗତ ସାମନ୍ତରାୟଙ୍କ ବଡ଼ ପୁତ୍ର ଗୁରୁଦୁଖାନନ୍ଦ ସାମନ୍ତ ରାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ କନିଷ୍ଠ ପୁତ୍ର ଗୋପାଳ କୃଷ୍ଣ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ବୃଦ୍ଧ ମୃତ
### ବାଇକ ଜବତ, ଚାଳକ ଗିରଫ

କଣିହାଁ,(ଭାସ୍କର ନ୍ୟୁଜ୍): କଣିହାଁ ବ୍ଲକ ସମଲ ଥାନା ଅନ୍ତର୍ଗତ ଶିପୁର ସାମଲ ସାହି ଛକରେ ବାଇକ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧ ଜଣକ ହେଲେ ଶିପୁର ଗ୍ରାମର ମଙ୍ଗୁଳୁ ସାମଲ(୭୪)। ସୋମବାର ଦିନ ଅପରାହ୍ନ ପ୍ରାୟ ୪ଘଟିକା ସମୟରେ ବୃଦ୍ଧ ଜଣକ ଗ୍ରାମ ର ସାମଲ ସାହି ଛକରୁ ନିଜ ଘରକୁ ଫେରୁଥିବା ବେଳେ ପଛ ପାଖରୁ ବାଇକ ଯୋଗେ ଆସୁଥିବା ସେହି ଗ୍ରାମର ନୃସିଂହ ସାହୁ(୨୬) ଧକ୍କା ଦେଇଥିଲା। ଫଳରେ ବୃଦ୍ଧ ଜଣକ ରାସ୍ତାରେ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଖମାର ଡାକ୍ତରଖାନା ରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସେହି ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଅଭିଯୋଗ ପାଇବା ପରେ ସମଲ ପୁଲିସ ଏଥିନେଇ ଏକ ମୋକଦ୍ଦମା ରୁଜୁ କରି ମଙ୍ଗଳବାର ଦିନ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ବାଇକ ଜବତ କରି ଚାଳକ ନୃସିଂହ କୁ ଗିରଫ କରି ଅଦାଲତ ଚାଲାଣ କରିଛି।

## ସରପଞ୍ଚଙ୍କ ପତ୍ନୀ ବିୟୋଗ

ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ପୂରଣ ଓଡ଼ପଡ଼ା ପଞ୍ଚାୟତର ସରପଞ୍ଚ ଶିବରାମ ସାହୁଙ୍କ ପତ୍ନୀ ତଥା ପୂର୍ବତନ ସରପଞ୍ଚ ବାସନ୍ତୀ ସାହୁ (୬୪)ଙ୍କ ସୋମବାର ମୃତ୍ୟୁ ଘଟିଛି। ସେ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସିତ ଅବସ୍ଥାରେ ଥିଲେ। ମୃତ୍ୟୁ ଖବର ପାଇ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ସରପଞ୍ଚ ସୁଷମା ମଲ୍ଲିକ ଓ ବଟକୃଷ୍ଣ ନାୟକଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ଶେଷଦର୍ଶନ କରିଥିଲେ। ପୁଅ ସୁରେଶ ମୁଖାଗ୍ନି ଦେଇଥିଲେ।

## 'ସରକାରଙ୍କ ବର୍ଷ ପୂର୍ତ୍ତିର ପ୍ରଚାର ପ୍ରସାର କରାଯିବ'

- ୧୨ରୁ ଗଡିବ 'ବିକାଶର ବାହନ'
- ବର୍ଷ ଏକ, ଉପଲବ୍ଧି ଅନେକ
- ସେବା ଓ ବିକାଶର ଜୟଯାତ୍ରା




ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ରାଜ୍ୟରେ ବିଜେପି ସରକାର ଗଠନର ଏକ ବର୍ଷରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରାଯାଇ ବିକଶିତ ଓଡିଶା ପାଇଁ ପ୍ରଚେଷ୍ଟା ଅବ୍ୟାହିତ ରହିଛି। ଗତ ଏକ ବର୍ଷ ମଧ୍ୟରେ କେଉଁ ସବୁ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଛି ତାହାକୁ ଲୋକଲୋଚନରେ ପ୍ରକାଶ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ବୁଧବାର ଦିନ ପୁରୀ ଜିଲ୍ଲା ଅସ୍ତରଙ୍ଗ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଶ୍ରୀଯୁକ୍ତ ଦିବାକର ଛାଟୋଇ, ବ୍ଲକ ଉପାଧ୍ୟକ୍ଷ ଦୃଜୟ ମିଶ୍ର, ବ୍ଲକର ବଡ଼ବାବୁ ଭୁବନେଶ୍ୱର ରଥ ସମେତ ଅନ୍ୟ ଅତିଥିଙ୍କ ଉପସ୍ଥିତ ରେ 'ବିକାଶ ବାହନ' ରଥ ସମ୍ପର୍କିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ଗଡିବ ବିକାଶ ବାହନ ରଥ। ପ୍ରତ୍ୟେକ ବିଭାଗ ପକ୍ଷରୁ କେଉଁ ସମସ୍ତ ସେବା ପ୍ରଦାନ କରାଯାଇଛି ତାହା ଷ୍ଟଲ ଗୁଡିକରେ ଦର୍ଶାଯିବ। ମିଶନ ଶକ୍ତି ମାଆ ମାନଙ୍କ ଦ୍ୱାରା ପିଠା ପ୍ରତିଯୋଗିତା ଓ ପ୍ରଦର୍ଶନୀ ହେବ। ଏହି ବାହନଟି ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଚଳିତ ମାସ ୧୨ତାରିଖରୁ ୨୧ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ପଂଚାୟତ ଭ୍ରମଣ କରି ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କରିବ। ଏ ନେଇ ସାଂସଦଙ୍କ ପ୍ରତିନିଧି ଦିବାକର ଛାଟୋଇ କୁହନ୍ତି, ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ହେଲା, ସମସ୍ତ ଲୋକଙ୍କୁ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଇବା ଏବଂ ସମସ୍ତଙ୍କ ପାଖରେ ଯୋଜନା କୁ ପହଂଚାଇବା ବୋଲି ନିଜ ବକ୍ତବ୍ୟ ରେ କହିଛନ୍ତି। ଏଥିସହ ବିଭିନ୍ନ ବିଭାଗର ଜନହିତକର ସେବା ମଧ୍ୟ ପ୍ରଦାନ କରାଯିବା କାର୍ଯ୍ୟକ୍ରମ ରହିଛି। ଚିକିତ୍ସା ବିଭାଗ ଦ୍ୱାରା ମାତୃ ଯୋଜନା କାର୍ଡର ଆବଣ୍ଟନ ହେବ। ଆଧାର କାର୍ଡ ପଞ୍ଜିକରଣ, ରାଜସ୍ୱ ପଟ୍ଟା ପ୍ରଦାନ, କିଷାନ କ୍ରେଡିଟ କାର୍ଡ ବଣ୍ଟନ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଜ୍ୟୋତି ଯୋଜନାର ଆବେଦନ ପ୍ରକ୍ରିୟା ସଚେତନତା ସହ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଅନ୍ତ୍ୟୋଦୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ଜବ କାର୍ଡ ବଣ୍ଟନ, ଖାଦ୍ୟ ଓ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ରାସନ କାର୍ଡ ଯୋଗାଣ, ଉଜ୍ଜ୍ୱଳା, କୃଷି ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀ କିଷାନ ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ଯୋଜନା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ବାସିନ୍ଦା, ଉତ୍ତରାଧିକାରୀ ପ୍ରମାଣ ପତ୍ର, ଆୟ ଓ ଜାତିଗତ ପ୍ରମାଣପତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ବୟୋବନ୍ଦନା ଯୋଜନା, ସିକିଲସେଲ, ଯକ୍ଷ୍ମା, ଆନିମିଆ ରୋଗର ଚିହ୍ନଟ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ନେଇ ଲୋକଙ୍କୁ ଅବଗତ କରାଯିବ।ସେହିପରି ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ମେଧାବୀ ଛାତ୍ର, ଛାତ୍ରୀ ଙ୍କୁ ବୃତ୍ତି, ଅନୁସୂଚିତ ଜାତି ଓ ଜନଜାତିଙ୍କୁ ପଟ୍ଟା, ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ସୁଭଦ୍ରା ଯୋଜନା, ମମତା ଯୋଜନା, ମିଶନ ଶକ୍ତି ଦ୍ୱାରା ଲକ୍ଷପତି ଦିଦି, ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ପ୍ରେରଣାତ୍ମକ ପଦକ୍ଷେପ 'ମା' ପାଇଁ ଗଛଟିଏ 'ଭାରତର ନାଗରିକଙ୍କୁ ନିଜ ମା'ଙ୍କ ପାଇଁ ଶ୍ରଦ୍ଧା ସୁରୂପ ବୃକ୍ଷ ରୋପଣ କରିବାକୁ ଆହ୍ୱାନ କରାଯିବ।ଯୁବକ ଯୁବତୀ ମାନଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ପ୍ରଦାନ କରାଯାଇ କିଭଳି ଆତ୍ମନିର୍ଭରଶୀଳ ହେବେ ସେ ଦିଗରେ ସଚେତନ କରାଯିବ। ଅର୍ଥ ବିଭାଗ ଦ୍ୱାରା ଜନଧନ ଆକାଉଣ୍ଟ ଖୋଲିବା, ଶ୍ରମ ଓ କର୍ମଚାରୀ ବୀମା ଯୋଜନା ଦ୍ୱାରା ଶ୍ରମ କାର୍ଡ, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା, ଏମ୍ଏସଏମ୍ଇ ଦ୍ୱାରା ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା, ସମବାୟ ବିଭାଗ ଦ୍ୱାରା କିଷାନ କ୍ରେଡିଟ କାର୍ଡ ପ୍ରଦାନ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯିବ। ପ୍ରତି ପଞ୍ଚାୟତରେ ବ୍ଲକ କଳାସାଂସ୍କୃତିକ ସଙ୍ଘ ଦ୍ୱାରା ସରକାର ଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତତା ସୃଷ୍ଟି କରାଯିବ। ଏହି ବୈଠକ ରେ ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଙ୍କ ସହ ଲାଇନି ବିଭାଗର ସମସ୍ତ ଅଧିକାରୀଙ୍କ ସମେତ ବ୍ଲକର ସମସ୍ତ ବିଭାଗ କର୍ମଚାରୀ ଗଣ ଉପସ୍ଥିତ ଥିଲେ।

## ସୂର୍ଯ୍ୟ ଗୁରୁକୁଳର ପ୍ରଥମ ବାର୍ଷିକ ମହୋତ୍ସବ ଉଦ୍‌ଘାଟିତ

ଫୁଲନଖରା (ଭାସ୍କର ନ୍ୟୁଜ୍): କଟକ ସଦର ଥାନା ଅନ୍ତର୍ଗତ ଗୁଆଳି ମୌଜାରେ ସୂର୍ଯ୍ୟ ଗୁରୁକୁଳ ମହୋତ୍ସବ ଡକ୍ଟର ଶାନ୍ତନୁ କୁମାର ରଥଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି।ଦୁଇଦିନ ଚାଲିବାକୁ ଥିବା ଏହି ମହୋତ୍ସବର ଉଦ୍ଘାଟନ ସନ୍ଧ୍ୟାରେ ମୁଖ୍ୟ ଅତିଥି ହିସାବରେ ଗୁରୁ ଡକ୍ଟର ପୀତାମ୍ବର ବିଶ୍ୱାଳ,ମୁଖ୍ୟବକ୍ତା ଗୁରୁ ରବି ନାରାୟଣ ପଣ୍ଡା,ବରେଣ୍ୟ ଅତିଥି ଭାବରେ କଟକ ଏ.ସି.ପି.ଅମିତାଭ ମହାପାତ୍ର,କଟକ ସଦର ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତି, ବିଶିଷ୍ଟ ଅତିଥି ଗ୍ରାମ ସ୍ୱରାଜ ଅନୁଷ୍ଠାନର କଳିଙ୍ଗ ରତ୍ନ ବ୍ରହ୍ମାନନ୍ଦ ମହାନ୍ତି,ଶିକ୍ଷାବିତ୍ ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ ଯୋଗ ଦେଇଥିଲେ।ଏହି ଅବସରରେ ୧୪ ଜଣ ସାମ୍ବାଦିକଙ୍କୁ ସମ୍ମାନିତ କରାଯାଇଥିଲା। ଗୁରୁକୁଳ ଅଧ୍ୟକ୍ଷ ହୃଷୀକେଶ ଛୋଟରାୟଙ୍କ ସଭାପତିତ୍ୱରେ ସଂଯୋଜନାରେ ଡକ୍ଟର ମୃତ୍ୟୁଞ୍ଜୟ ରଥ ଥିବାବେଳେ ଗୁରୁ ଶିବାନନ୍ଦ ବାରିକ,ନିର୍ଦ୍ଦେଶକ ସୌଭାଗ୍ୟ ନାରାୟଣ ଛୋଟରାୟ, ଗୁରୁକୁଳ ପରିଚାଳକ ମନୋରଞ୍ଜନ ଖୁଣ୍ଟିଆଙ୍କ ସମେତ ଗ୍ରାମର ଯୁବକମାନେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁକୁଳ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଯାଜପୁର ପାଇଁ ଗୌରବ ଆଣିଲେ ସୌମ୍ୟରଞ୍ଜନ



ବ୍ୟାସନଗର(ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ବ୍ୟାସନଗର ପୌରାଞ୍ଚଳ ଗାୟତ୍ରୀ ବିହାରରେ ବାସ କରୁଥିବା ଇଞ୍ଜିନିୟର ତଥା ଅବସରପ୍ରାପ୍ତ ଏୟାର ଫୋର୍ସ ଅଧିକାରୀ ନିର୍ମଳ କୁମାର ରଣାଙ୍କ ପୁତ୍ର ଡ଼ ସୌମ୍ୟ ରଞ୍ଜନ ରଣା ବିରଳ ଅସ୍ତ୍ରୋପଚାର କରି ନୂତନ ଜୀବନ ଗଢିବାର ସୁଯୋଗ ଦେଇଛନ୍ତି ମଙ୍ଗୁଲୁ ପାତ୍ରଙ୍କୁ। ସୂଚନାଯୋଗ୍ୟ ଯେ ସନସାଇନ୍ ହସ୍ପିଟାଲରେ କାର୍ଯ୍ୟରତ ଡ଼ ସୌମ୍ୟ ରଞ୍ଜନ ରଣା ଙ୍କ ତତ୍ତ୍ୱାବଧାନରେ ଏହି ବିରଳ ଅସ୍ତ୍ରୋପଚାର ସଫଳ ହୋଇପାରିଛି।ଏଥିସହ ଡ଼ ରୋସନ ସାହୁ,ନ୍ୟୁରୋ ମୁଖ୍ୟ ଡ଼ ପି କେ ସାହୁ ଙ୍କ ମିଳିତ ସହଯୋଗରେ ଏହି ଅସ୍ତ୍ରୋପଚାର ସଫଳ ରୂପ ନେଇଥିଲା। ଡ଼ାକ୍ତରଙ୍କ ଶତଚେଷ୍ଟା ଫଳରେ ଗଞ୍ଜାମ ଜିଲ୍ଲାର ୧୭ବର୍ଷର ପିଲା ମଙ୍ଗୁଲୁ ପାତ୍ରର ମୁଣ୍ଡ ଓ ଗୋଡର ଅସ୍ତ୍ରୋପଚାର କରାଯାଇ ତାଙ୍କୁ ନୂତନ ଜୀବନ ପ୍ରଦାନ କରାଯାଇଥିଲା। ୩ଡି ନେଭିଗେଶନ, ନ୍ୟୁରୋ ମନିଟରିଂ, ହାଇ ମେଗ୍ନିଫିକେଶନ ମାଇକ୍ରୋସ୍କୋପ ବ୍ୟବହାର କରି ଅପରେସନ କରାଯାଇଥିଲା। ସଫଳ ଅସ୍ତ୍ରୋପଚାର ପରେ ପିଲାଟିର ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ସୁସ୍ଥ ଓ ଚଲାବୁଲା କରିପାରୁଛି। ପିଲାଟିର ସ୍ୱପ୍ନ ନୂତନ ଜୀବନ ଗଢିବାର ଆଶା ଏବେ ପୂର୍ଣ୍ଣ ହୋଇଛି।ପିଲା ଟିର ବାପା ମା ଙ୍କ ମୁଖରେ ଖୁସିର ଲହରୀ ଖେଳିଯାଇଛି। ଡାକ୍ତରଙ୍କର ସଫଳତାକୁ ନେଇ ଚାରିଆଡ଼େ ଚର୍ଚ୍ଚା ସହ ପ୍ରଶଂସାର ସୁଅ ଛୁଟୁଛି।

## ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ଫୁଲନଖରା(ଭାସ୍କର ନ୍ୟୁଜ୍): ବାରଙ୍ଗ ବ୍ଲକ ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୬ ଟି ଗ୍ରାମପଞ୍ଚାୟତରୁ ୧୬ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ଏଥିରେ ପାରମ୍ପରିକ ବିଭିନ୍ନ କିସମର ପିଠା, ନାନାଦି ପ୍ରକାରର ମିଠା ଜାତୀୟ ଖାଦ୍ୟ, ମାଣ୍ଡିଆ ଜାତୀୟ ଖାଦ୍ୟ,ବିଭିନ୍ନ ପ୍ରକାରର ତେଲ ଭାଜି ପ୍ରକାରର ଖାଦ୍ୟ, ଖେଚୁଡ଼ି,ବିଭିନ୍ନ କିସମର ତରକାରୀ ଓ ନାନାଦି ପ୍ରକାର ବ୍ୟଞ୍ଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ବି.ଡି.ଓ ସ୍ୱାଗତ ଦାସ, ଏ.ବି.ଡି.ଓ ବିଜୟ କେତନ ଚୌଧୁରୀ, ସିଡିପିଓ ସଂଯୁକ୍ତା ମହାରଣା, ବିପିସି ଗଙ୍ଗୋତ୍ରୀ ପ୍ରିୟଦର୍ଶିନୀ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ବିପିଏସଏ ମଧୁସ୍ମିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ନଗରୀ ଗ୍ରାମପଞ୍ଚାୟତର ବଟେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ଏଥିରେ ପ୍ରଥମ ସ୍ଥାନ ଅଧିକାର କରି ୫,୦୦୦ ଅର୍ଥରାଶି ପୁରସ୍କାର ପାଇବା ସହ ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିବାବେଳେ ମଧୁପୁର ଗ୍ରାମ ପଞ୍ଚାୟତର ଓମ୍ ଶିରିଡ଼ି ସାଇ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାଣ ଅଧିକାର କରି ୪,୦୦୦ ଅର୍ଥରାଶି ପୁରସ୍କାର ପାଇଥିଲେ। ଏହି ପ୍ରତିଯୋଗିତାରେ ୧୬ ଟି ପଞ୍ଚାୟତର ଅଂଶଗ୍ରହଣ କରିଥିବା ମୋଟ ୪୮ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟିକୁ ବ୍ଲକସ୍ତରୀୟ ମହାସଂଘର ସଭାନେତ୍ରୀ ସୁମିନା ପ୍ରଧାନ, ସମ୍ପାଦିକା ବୁଲି ଭୋଇ, ଓଏଲ୍ଏମ ଷ୍ଟାଫ୍, ସମସ୍ତ ଏମବିକେ ପରିଚାଳନା କରିଥିଲେ। ନଗରୀ ଗ୍ରାମପଞ୍ଚାୟତର ବଟେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ନଗରୀ ଗ୍ରାମ ପଞ୍ଚାୟତ ମହାସଂଘର ସଭାନେତ୍ରୀ ଶ୍ରୀମତୀ କାଦମ୍ବିନୀ ଦାଶ,ସମ୍ପାଦିକା ସଂଯୁକ୍ତା ମହାପାତ୍ରଙ୍କ ସମେତ ସମସ୍ତ କାର୍ଯ୍ୟକାରୀ ସଦସ୍ୟା, ଏମବିକେ ପ୍ରିୟଙ୍କା ଦାସ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଥିଲେ।

## ହାତୀ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ଓଡିଶାର ସଂସ୍କୃତି କହିଲେ ଶ୍ରୀ ଜଗନ୍ନାଥ ସଂସ୍କୃତି କୁ ବୁଝାଇଥାଏ। ସଂସ୍କୃତିର ମୂଳଧାର ମଧ୍ୟ ସ୍ୱୟଂ ମହାପ୍ରଭୁ ଶ୍ରୀ ଜଗନ୍ନାଥ। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଉତ୍କଳୀୟ ପ୍ରାଣତନ୍ତ୍ରୀରେ ଏକଲଳିତ ମୂର୍ଚ୍ଛନା।କିନ୍ତୁ ଶ୍ରୀ ଜଗନ୍ନାଥଙ୍କ ଯାତ୍ରାମାନଙ୍କ ମଧ୍ୟରେ ଆଦ୍ୟଯାତ୍ରା ହେଉଛି ସ୍ନାନଯାତ୍ରା। ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବନ୍ତିଲୋ ଠାରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉ ମାନଙ୍କ ଦେବସ୍ନାନ ନୀତି ସମ୍ପନ୍ନ ହୋଇ ପ୍ରଭୁ ହାତୀ ବେଶରେ ଦର୍ଶନ ଦେଇଛନ୍ତି। ପ୍ରାତଃ ସମୟରେ ମନ୍ଦିରରେ ମଙ୍ଗଳ ଆଳତୀ ସହିତ ହୋମ ପୂଜା ଅର୍ଚ୍ଚନା କରାଯାଇ ପରେ ଦ୍ୱାରପୂଜା,ଖେଚୁଡି ଭୋଗ,ପୁଷ୍ପାଞ୍ଜଳୀ ଦିଆଯାଇଥିଲା। ଭୋର ସମୟରୁ ସ୍ନାନ ମଣ୍ଡପ ଶୋଧ କରାଯାଇ ପ୍ରତିଷ୍ଠା କରାଯାଇଥିଲା। ସେବାୟତମାନେ ଗୋଟିପହଣ୍ଡିରେ ପ୍ରଥମେ ଶ୍ରୀ ସୁଦର୍ଶନ ପ୍ରଭୁ ବଳଭଦ୍ର,ମା ସୁଭଦ୍ରା ଓ ଶେଷରେ ଜଗନ୍ନାଥଙ୍କୁ ସ୍ନାନମଣ୍ଡପରେ ବିଜେ କରାଯାଇଥିଲା। ଏହି ସମୟରେ ତ୍ରାସ ,ଛତ୍ରୀ,ଚାମର ବିଞ୍ଚଣା ,ଶଙ୍ଖ,କାହାଳି ବାଦନରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପରେ ନିକଟରେ ପୁଣ୍ୟତୋୟା କଳସରେ ଜଳସଂଗ୍ରହ କରାଯାଇଥିଲା। ରୀତିନୀତି ଅନୁଯାୟୀ ବିଗ୍ରହମାନଙ୍କ ଉପରେ ଶ୍ୱେତଶୋରିଷ, ଯବଧାନ, ରକ୍ତଚନ୍ଦନ, ମହୁ, କ୍ଷୀର,ହଳଦି ମିଶାଯାଇ ପ୍ରଲେପ କରାଯାଇଥିଲା। ପରେ ଗଜ ମହୋଷୌଧି, ସର୍ବମହୋଷୌଧି ଶ୍ରୀଅଙ୍ଗରେ ଲାଗି କରାଯିବା ପରେ ଶ୍ରୀ ବଳଭଦ୍ରଙ୍କୁ ମା ସୁଭଦ୍ରା, ଶ୍ରୀ ଜଗନ୍ନାଥଙ୍କୁ ସୁଦର୍ଶନ ଚକ୍ରଙ୍କୁ କଳସରେ



ଅଭିମିଶ୍ରିତ ଜଳରେ ସେବାୟତ ପୂଜକ ମାନେ ସ୍ନାନ କରାଇଥିଲେ। ଏହାପରେ ଠାକୁର ମାନଙ୍କୁ ନୂତନ ବସ୍ତ୍ର,ଚନ୍ଦନ, ତୁଳସୀ ଆଦି ଲାଗିପରେ ଟାହିଆ ଲଗାଯାଇଥିଲା। ତା ପରେ ନୈବେଦ୍ୟ, ଆଳତୀ ଓ ଉପଚାର ନୀତି କରାଯାଇଥିଲା। ଅପରାହ୍ନରେ ଶ୍ରୀଜୀଉ ମାନଙ୍କର ହାତୀବେଶ କରାଯାଇଥିଲା। ଏହା ପରେ ବିଭିନ୍ନ ନୀତି କରାଯାଇ ଅଣସର ଗୃହକୁ ପହଣ୍ଡିକରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ମନ୍ଦିର ବଡ଼ପଣ୍ଡା ବେଲାରସନ ପାଢ଼ୀ, ଅଜୟ ଦୀକ୍ଷିତି, ସୁବଳ ପାଢ଼ୀ, ଶ୍ୟାମ ସୁନ୍ଦର ପାଢ଼ୀଙ୍କ ସହ ମନ୍ଦିର ଟ୍ରଷ୍ଟର କର୍ମକର୍ତ୍ତା ସହଯୋଗ କରିଥିଲେ। ଏହା ସହ ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିର ରେ ଦେବସ୍ନାନ ନୀତି ସମ୍ପନ୍ନ ହୋଇଛି।

## ଶିକ୍ଷାଧିକାରୀଙ୍କ ସ୍କୁଲ ପରିଦର୍ଶନ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା



ପଟ୍ଟାମୁଣ୍ଡାଇ (ଭାସ୍କର ନ୍ୟୁଜ୍): ପଟ୍ଟାମୁଣ୍ଡାଇ ବ୍ଲକ ରେ କିଛି ଦିନ ହେଲା ଅଜିତ କୁମାର ବାରିକ ଯୋଗ ଦେଇଛନ୍ତି। ସିଏ କମ ଦିନ ଆସିବା ଭିତରେ ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ଥିବା ସମସ୍ତ ସ୍କୁଲ୍‌କୁ ପରିଦର୍ଶନରେ ଯାଇ ସ୍କୁଲର ଭଲ ମନ୍ଦ କଥା ପ୍ରଧାନ ଶିକ୍ଷକ, ଶିକ୍ଷକ ,ଶିକ୍ଷୟିତ୍ରୀ,କର୍ମଚାରୀ ଓ ସ୍କୁଲର ସଭାପତିଙ୍କ ଠାରୁ ସ୍କୁଲର ସମସ୍ୟା ଆଲୋଚନା କରିଛନ୍ତି।କେଉଁ ସ୍କୁଲ ରେ ଶିକ୍ଷକ ଅଭାବ ସେ ସ୍କୁଲକୁ କିପରି ଶିକ୍ଷକ ଦିଆଯିବ।କେଉଁ ସ୍କୁଲରେ ଶ୍ରେଣୀ ଗୃହର ଅଭାବ ଅଛି ତାହା ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯିବ, କେଉଁ ସ୍କୁଲରେ ଅଧିକା ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଛନ୍ତି ସେଇ ସ୍କୁଲରୁ ଶିକ୍ଷକ ଉଠା ଯାଇ ଅଭାବ ଥିବା ସ୍କୁଲରେ ଶିକ୍ଷକଙ୍କୁ ନିଯୁକ୍ତି କରାଯିବ ତାହାର ଏକ ତଥ୍ୟ ନେଇ କେମିତି ସମାଧାନ କରାଯିବ ତାହାକୁ ନୂତନ କରି କାର୍ଯ୍ୟରେ ଯୋଗ ଦେଇଥିବା ପଟ୍ଟାମୁଣ୍ଡାଇ ବ୍ଲକ୍ ଶିକ୍ଷା ଅଧିକାରୀ ଲାଗି ପଡ଼ି ଛନ୍ତି। ପ୍ରତି ସ୍କୁଲ ର ସଭାପତି ଓ ଗାଁ ର ମୁରବୀଙ୍କ ସହ ବି ନୂଆ ଶିକ୍ଷାଧିକାରୀ ଆଲୋଚନା କରି ସ୍କୁଲର ସମସ୍ୟା କିପରି ସମାଧାନ ହେବ ସେଇ ବିଷୟରେ ପଦକ୍ଷେପ ନେଇଛନ୍ତି।ଅଳ୍ପ ଦିନ କାର୍ଯ୍ୟ ରେ ଯୋଗ ଦେବା ପରେ ସ୍କୁଲ ଛୁଟି ହୋଇଗଲେ ମଧ୍ୟ ଅଫିସ ଆସି ସିଆରସିଙ୍କ ସହ ଘନଘନ ମିଟିଂ ଡାକି କେଉଁ ସ୍କୁଲରେ କଣ ସମସ୍ୟା ରହିଛି ସେମାନଙ୍କ ସହ ଆଲୋଚନା କରି ସ୍କୁଲ ଖୋଲିବା ଆଗରୁ ସମସ୍ୟାର ସମାଧାନ କରାଯିବ ସେଇ କାର୍ଯ୍ୟରେ ତତ୍ପର ଅଛନ୍ତି।ବହୁତ୍ କମ୍ ଦିନ ଭିତରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷା ଅଧିକାରୀ ଭାବେ ଯୋଗ ଦେଇ ବହୁ ସ୍କୁଲକୁ ଯାଇ ପରି ଦର୍ଶନ କରି ସ୍କୁଲରେ କେମିତି ପାଠ ପଢ଼ା ହେଉଛି ତାହା ସ୍କୁଲର ସଭାପତି ଓ ଅଭିଭାବକ ଙ୍କ ସହ ଆଲୋଚନା କରି ତାହାର ତୁରନ୍ତ ସମାଧାନ କରିଥିବାରୁ ପଟ୍ଟାମୁଣ୍ଡାଇ ବ୍ଲକ୍ ଜନସାଧାରଣଙ୍କ ପାଖରେ ଆସ୍ଥାଭାଜନ ହୋଇ ପାରିଛନ୍ତି।ଆଗରୁ ପଟ୍ଟାମୁଣ୍ଡାଇ ବ୍ଲକ୍ ରେ ଅସଜଡା ହୋଇ ପଡ଼ିଥିବା ଶିକ୍ଷା ବ୍ୟବସ୍ଥାକୁ ସଜାଡିବାରେ ଲାଗି ପଡିଛନ୍ତି ପଟ୍ଟାମୁଣ୍ଡାଇ ବ୍ଲକ୍ ଶିକ୍ଷାଧିକାରୀ ଅଜିତ କୁମାର ବାରିକ।ଆଉ କିଛି ଦିନ ପରେ ଖରାଦିନ ଛୁଟି ସରି ସ୍କୁଲ୍ ଖୋଲିବ। ସେଥିପାଇଁ ଛୁଟିରେ ବହୁ ସ୍କୁଲ୍ ପରିଦର୍ଶନ କରି ସ୍କୁଲରେ ରୋଷେଇ ଘର ଠିକ୍ ଅଛି କି ନାହିଁ , ସ୍କୁଲ୍ ଗୁଡିକ ର ପରିବେଶ ସଫାସୁତରା ଅଛି କି ନାହିଁ ତାହା ସ୍କୁଲର ପ୍ରଧାନ ଶିକ୍ଷକ ଓ ସ୍କୁଲ୍ ର ସଭାପତି ଙ୍କ ସହ ଆଲୋଚନା କରି ତାହାର ସମାଧାନ କରି ବାରେ ଲାଗି ପଡ଼ିଛନ୍ତି। ଯାହା ହେଉ ପଟ୍ଟାମୁଣ୍ଡାଇ ବ୍ଲକରେ ନୂତନ ଶିକ୍ଷାଧିକାରୀଙ୍କୁ ପାଇଁ ବ୍ଲକ୍‌ରେ ଥିବା ସମସ୍ତ ସ୍କୁଲ୍‌ର ଅଭିଭାବକ ଓ ସ୍କୁଲ୍‌ର ସଭାପତିଙ୍କ ମନରେ ଆନନ୍ଦ ଖେଳି ଯାଇଛି। କିଛି ସାମ୍ବାଦିକ ତାଙ୍କୁ ଭେଟି ପଚାରି ବୁଝିଥିଲେ ସ୍କୁଲର ସମସ୍ୟା ଉପରେ ସିଏ କହିଲେ ମୁଁ କମ ଦିନ ଭିତରେ ଆସି ବହୁ ସ୍କୁଲ୍‌ର ସମସ୍ୟା କୁ ସଜାଡି ବାରେ ଲାଗିଛି।ଆଗକୁ ଥିବା ସ୍କୁଲରେ ଶିକ୍ଷକ ଅଭାବ ସମସ୍ୟା ନ ରହିପାରେ ବୋଲି ସିଏ କଥା ଦେଇଛନ୍ତି। ସିଏ କହିଛନ୍ତି ପଟ୍ଟାମୁଣ୍ଡାଇ ବ୍ଲକ ରେ ଥିବା ସମସ୍ତ ସ୍କୁଲ୍ ରେ କେମିତି ପାଠପଢ଼ା ଠିକ୍ ଭାବରେ ହେବ ସେଥି ପ୍ରତି ଦୃଷ୍ଟି ଦେବେ। ଛାତ୍ର ଓ ଛାତ୍ରୀଙ୍କୁ ଦିଆ ଯାଉଥିବା ମିଡ୍‌ଡେ ମିଲ ଉପରେ ମଧ୍ୟ ଧ୍ୟାନ ଦେବେ ବୋଲି ସିଏ କିଛି ସ୍କୁଲ୍‌ର ସଭାପତି ଓ ବୁଦ୍ଧିଜୀବୀ, ସାମ୍ବାଦିକ ଓ କିଛି ଅଭିଭାବକଙ୍କୁ କହିଛନ୍ତି। ଯେଉଁ ସ୍କୁଲ୍‌ରେ ଶିକ୍ଷକ ଅଭାବ ଅଛନ୍ତି ରାଜ୍ୟ ସରକାର ଶିକ୍ଷକ ନିଯୁକ୍ତି ଦେଲେ ତାହା ପୂରଣ କରାଯିବ ବୋଲି କହିଛନ୍ତି।ସ୍କୁଲ ଖୋଲିବା ପରେ ଯେଉଁ ସ୍କୁଲ୍ ରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ସ୍କୁଲ୍ ଠିକ୍ ସମୟ ରେ ଯାଆନ୍ତି ନାହିଁ କିମ୍ବା ସ୍କୁଲ୍ ପାଠ ପଢା ରେ ସମୟ ନ ଦେଇ ଠକିବାରେ ଥାଆନ୍ତି, ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ଆସିଲେ ସେଇ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି। ଯାହାହେଉ ପଟ୍ଟାମୁଣ୍ଡାଇ ବ୍ଲକ ରେ ନୂତନ ଶିକ୍ଷାଧିକାରୀଙ୍କ ଯୋଗଦାନ ରେ ବହୁ ଅସଜଡ଼ା ସ୍କୁଲ୍‌କୁ ସଜାଡିପାରି ଥିବାରୁ ଶିକ୍ଷକ ,ବୁଦ୍ଧିଜୀବୀ ଓ ଅଭିଭାବକ ଙ୍କ ମହଲରେ କମ ଦିନ ଭିତରେ ପ୍ରଶଂସା ସାଉଁଟିବାରେ ଲାଗି ପଡିଛନ୍ତି।

## ଝାଡ଼ାବାନ୍ତିରେ ଥରହର

ବ୍ୟାସନଗର(ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲାର ଧର୍ମଶାଳା କୋରାଇ ଦାନଗଦି ଯାଜପୁର ଓ ବ୍ୟାସନଗର ପୌରାଞ୍ଚଳରେ ଝାଡାବାନ୍ତି ଆତଙ୍କ। ବ୍ୟାସନଗର ପୌରାଞ୍ଚଳ ସମେତ କୋରାଇ, ଧର୍ମଶାଳା ଓ ଦାନଗଦି ପ୍ରଭୃତି ଅଞ୍ଚଳରେ ବିଭିନ୍ନ ଡାକ୍ତରଖାନାରେ ୫୦୦ରୁ ଉର୍ଦ୍ଧ୍ୱ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି।ବ୍ୟାସନଗରରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଦାନଗଦି ଡ଼ାକ୍ତରଖାନାରେ ଜଣକ ମୃତ୍ୟୁ ହୋଇଛି। ଧର୍ମଶାଳାରେ ୧୦୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିବା ବେଳେ ବ୍ୟାସନଗର ସହରରେ ୭୦ରୁ ଉର୍ଦ୍ଧ୍ୱ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଯାଜପୁର ରୋଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଫୁଡ୍ ପଏଜନ କାରଣରୁ ଏପରି ହୋଇଥିବା ସିଡିଏମୋ କହିଛନ୍ତି। ଅନ୍ୟପକ୍ଷରେ ଜଳ ଦୂଷିତ ଯୋଗୁ ଏହି ରୋଗ ବ୍ୟାପିବାର କୁହା ଯାଉଛି। ସୂଚନା ମୁତାବକ ବ୍ୟାସନଗର ସହରାଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳର କିଛି ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ମେଡ଼ିକାଲରେ ପହଞ୍ଚିଥିଲେ। ପରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମେଡ଼ିକାଲରେ ଚିକିତ୍ସା ହେବାପରେ ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାବେଳେ ଆଉ କେତେକ ଗୁରୁତରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଏବଂ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେପଟେ ପ୍ରବଳ ଗରମ ସାଙ୍ଗକୁ ଭୋଜିଭାତ ଖାଇବା ପରେ ଫୁଡ୍ ପଏଜନ ହୋଇଥିବା କାରଣରୁ ଏପରି ହୋଇଥିବା ଡାକ୍ତର ଦଳ ଅନୁମାନ କରିଛନ୍ତି। ଏନେଇ ଖବର ପାଇ ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତି ରଞ୍ଜନ ଘଡାଇ ସ୍ଥାନୀୟ କୋରେଇ ବିଧାୟକ ଆକାଶ ଦାସ ନାୟକ, ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଯାଜପୁର ରୋଡ ଡାକ୍ତରଖାନାରେ ପହଞ୍ଚି ସ୍ଥିତି ପରଖିବା ପରେ ଆକ୍ରାନ୍ତ ମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା



ଉଚ୍ଚ ରକ୍ତଚାପରୁ ରକ୍ଷା ପାଇବା ପାଇଁ ପ୍ରଥମେ ଖାଦ୍ୟ ପେୟରେ ନିୟନ୍ତ୍ରଣ ରଖନ୍ତୁ। ଯେତେ ସମ୍ଭବ ଲୁଣ କମ୍ ଖାଇବା ଦରକାର। ଦିନକୁ ମାତ୍ର ୫ଗ୍ରାମ ଲୁଣ ଖାଆନ୍ତୁ। ଏହାଠାରୁ ଅଧିକ ଖାଆନ୍ତୁ ନାହିଁ। ତେଲମସଲା, ଫାଷ୍ଟଫୁଡ ଓ ଜଙ୍କଫୁଡ୍ ପରି ଖାଦ୍ୟ ଠାରୁ ଦୂରେଇ ରହନ୍ତୁ। ସବୁଜ ପନିପରିବା ଓ ତଟକା ଖାଦ୍ୟ ଖାଆନ୍ତୁ। ପରିବର୍ତ୍ତନ ଜୀବନଶୈଳୀ ଯୋଗୁଁ ବର୍ତ୍ତମାନ ୪୦ ବର୍ଷ ପୂର୍ବରୁ ଉଚ୍ଚରକ୍ତଚାପ ସମସ୍ୟା ଦେଖାଯାଉଛି। ଏଣୁ ୩୫-୪୦ ବର୍ଷ ପରେ ସମସ୍ତେ ବର୍ଷକୁ ଥରେ ରକ୍ତଚାପ ପରୀକ୍ଷା କରିବା ଏକାନ୍ତ ଆବଶ୍ୟକ। ଉଚ୍ଚ ରକ୍ତଚାପ ହୋଇଥିଲେ, ତାହା ହଠାତ୍ ଜଣାପଡ଼େ ନାହିଁ। ବଂଶରେ କାହାର ଉଚ୍ଚ ରକ୍ତଚାପ ଥିଲେ, ଡାଇବେଟିସ କିମ୍ବା ବ୍ରେନ୍ ଷ୍ଟ୍ରୋକ ହୋଇଥିଲେ ୬ମାସରେ ଥରେ ରକ୍ତଚାପ ପରୀକ୍ଷା କରିବା ଦରକାର। ଏଥିପ୍ରତି ଅଧିକ ସଚେତନ ହେବା ଉଚିତ୍। ପ୍ରତିଦିନ ଯୋଗ ଓ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ଶରୀରର ଅଙ୍ଗପ୍ରତ୍ୟଙ୍ଗ ସକ୍ରିୟ ରହେ। ଏହାଦ୍ୱାରା ମେଦବୃଦ୍ଧି ହୁଏନାହିଁ କି ଉଚ୍ଚ ରକ୍ତଚାପ ମଧ୍ୟ ହୁଏନାହିଁ। ତମାଖୁ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ଠାରୁ ଦୂରେଇ ରହନ୍ତୁ। ବିଶେଷ କରି ଧୂମପାନ ଠାରୁ ଦୂରେଇ ରହିବା ଦରକାର। କାରଣ ଏହା ଶୀରାପ୍ରଶୀରାକୁ ସଙ୍କୁଚିତ କରିଦିଏ। ଯାହାଦ୍ୱାରା ଉଚ୍ଚ ରକ୍ତଚାପର ଆଶଙ୍କା ବଢ଼ିଯାଏ। ଉଚ୍ଚ ରକ୍ତଚାପର ଶିକାର ହୋଇଥିବା ବ୍ୟକ୍ତି ନିୟମିତ ଭାବରେ ଔଷଧ ଖାଇବା ଦରକାର। ନଚେତ୍ ବ୍ରେନ୍ ଷ୍ଟ୍ରୋକ, ହୃଦ୍‌ଘାତ ହେବାର ଆଶଙ୍କା ବଢ଼ିଯାଏ।



# ଇଶିତାଙ୍କ ଘରକୁ ଆସିଲେ କୁନି ଅତିଥି

ବଲିଉଡ ତାରକା ଇଶିତା ଦତ୍ତା ଓ ଭାଟସାଲ ସେଠଙ୍କ ଘରକୁ ଆସିଛନ୍ତି କୁନି ଅତିଥି। ଉଭୟ ପୁଣି ଥରେ ପିତାମାତା ହୋଇଛନ୍ତି। ପୂର୍ବରୁ ଏହି ଦମ୍ପତି ଜଣେ ଶିଶୁ ପୁତ୍ରର ପିତାମାତା ହୋଇଥିବା ବେଳେ ବର୍ତ୍ତମାନ ତାଙ୍କ ଘରକୁ ଆସିଛନ୍ତି ଲକ୍ଷ୍ମୀ। ଇଶିତା ଦତ୍ତା କନ୍ୟା ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। ସୋସିଆଲ ମିଡିଆରେ ଏନେଇ ସୂଚନା ଦେଇଛନ୍ତି ଦମ୍ପତି। ଏହି ଖୁସି ଖବର ଆସିବା ପରେ ଫ୍ୟାନ୍ସ ସମେତ ସେଲିବ୍ରିଟି ଉଭୟଙ୍କୁ ଶୁଭକାମନା ଜଣାଇଛନ୍ତି। ଇଶିତା ଦତ୍ତା ଏବଂ ଭାଟସଲ ସେଠଙ୍କର ଏକ ପୁଅ ଅଛି। ଯାହାର ନାମ ବାୟୁ। ବର୍ତ୍ତମାନ ଅଭିନେତ୍ରୀ ପୁଣି ଥରେ ମାଆ ହୋଇଥିବା ବେଳେ ଶିଶୁ କନ୍ୟା ଜନ୍ମ ଦେଇଛନ୍ତି। ଅଭିନେତ୍ରୀ ଇନଷ୍ଟାଗ୍ରାମରେ ହସ୍ପିଟାଲରୁ ଏକ ଫଟୋ ସେୟାର କରିଛନ୍ତି। ଯେଉଁଥିରେ ବେବିର ଝଲକ ଦେଖାଇବା ସହ ଏହି ଖୁସି ଖବର ଦେଇଛନ୍ତି। ସେୟାର କରାଯାଇଥିବା ଫଟୋରେ ଇଶିତା, ଭାଟସାଲଙ୍କ ସହ ପୁଅ ଏବଂ ଝିଅଙ୍କୁ ଦେଖିବାକୁ ମିଳିଛି। ଏହି ଫଟୋ ସେୟାର କରି ଇଶିତା କ୍ୟାପସନରେ ଲେଖିଛନ୍ତି, 'ଦୁଇରୁ ଚାରଟି ହୃଦୟ ଏକ ସାଙ୍ଗରେ ଧକ୍ ଧକ୍ ହେଉଛି। ଆମର ପରିବାର ଏବେ ସମ୍ପୂର୍ଣ୍ଣ। ଏକ କନ୍ୟା ସନ୍ତାନ ସହିତ ଆଶୀର୍ବାଦ ପ୍ରାପ୍ତ। କହିବାକୁ ଗଲେ ଏହି ବର୍ଷ ଫେବୃଆରୀରେ, ଭାଟସାଲ ଇଶିତାଙ୍କ ଦ୍ୱିତୀୟ ଗର୍ଭଧାରଣ ନେଇ ନିଶ୍ଚିତ କରିଥିଲେ। ଇଶିତା ଏବଂ ଭାଟସାଲ ନଭେମ୍ବର ୨୦୧୭ରେ ବିବାହ କରିଥିଲେ। ବିବାହର ପ୍ରାୟ ସାଢେ ପାଞ୍ଚ ବର୍ଷ ପରେ ଦୁହେଁ ୧୯ ଜୁଲାଇ ୨୦୨୩ରେ ପ୍ରଥମ ସନ୍ତାନର ଜନ୍ମ ଦେଇଥିଲେ। ବର୍ତ୍ତମାନ ଦୁଇବର୍ଷ ପରେ ଉଭୟ ପୁଣି ଥରେ ପିତାମାତା ହୋଇଛନ୍ତି।







# ମାଳଦ୍ୱୀପର ଗ୍ଲୋବାଲ ଟୁରିଜିମ୍ ବ୍ରାଣ୍ଡ୍ ଆମ୍ବାସଡର ହେଲେ କ୍ୟାଟ୍ରିନା

ଅନେକ ଭାରତୀୟ ମାଳଦ୍ୱୀପରେ ଗ୍ରୀଷ୍ମ ଛୁଟି କାଟିବାକୁ ଭଲ ପାଆନ୍ତି। ଅଧିକାଂଶ ତାରକା ମଧ୍ୟ ମାଳଦ୍ୱୀପରେ ଉପଭୋଗ କରୁଥିବାର ଦେଖାଯାଇଛି। ଗତବର୍ଷ ମାଳଦ୍ୱୀପର ତିନିଜଣ ଯୁବମନ୍ତ୍ରୀ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ନକାରାତ୍ମକ ମନ୍ତବ୍ୟ ଦେବା ପରେ ଭାରତ-ମାଳଦ୍ୱୀପ ସମ୍ପର୍କ ତିକ୍ତ ହୋଇଥିଲା। ସୋସିଆଲ ମିଡିଆରେ 'ମାଳଦ୍ୱୀପ ବୟକଟ୍' ଏନେଇ ଟ୍ରେଣ୍ଡ ଜୋର୍ ଧରିଥିଲା। ଏବେ ମାଳଦ୍ୱୀପକୁ ନେଇ ଏକ ବଡ଼ ଖବର ଆସିଛି। ବଲିଉଡ ଅଭିନେତ୍ରୀ କ୍ୟାଟ୍ରିନା କୈଫଙ୍କୁ ଗ୍ଲୋବାଲ ଟୁରିଜିମ୍ ବ୍ରାଣ୍ଡ ଆମ୍ବାସଡର କରାଯାଇଛି। ମାଳଦ୍ୱୀପ ଜାତୀୟ ପର୍ଯ୍ୟଟନ ବୋର୍ଡ ଅଫିସିଆଲ୍ ଇନଷ୍ଟାଗ୍ରାମ୍ ପେଜ୍‌ରେ ଏହା ଘୋଷଣା କରାଯାଇଛି। ମାଳଦ୍ୱୀପ ମାର୍କେଟିଂ ଏବଂ ପବ୍ଲିକ୍ ରିଲେସନ୍ସ କର୍ପୋରେସନ (MMPRC/Visit Maldives) ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫଙ୍କୁ ଗ୍ଲୋବାଲ୍ ବ୍ରାଣ୍ଡ ଆମ୍ବାସଡର ଘୋଷଣା କରି ସୂଚନା ଦେଇଛି। କ୍ୟାଟ୍ରିନା କୈଫ୍ କେବଳ ବଲିଉଡ ଅଭିନେତ୍ରୀ ନୁହଁନ୍ତି, ଜଣେ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ଉଦ୍ୟୋଗୀ ମଧ୍ୟ। ସେ ଫୋବର୍ସ 'ଆଇକନ୍ ଅଫ୍ ଏକ୍ସେଲେନ୍ସ' ପୁରସ୍କାର ପାଇଛନ୍ତି ଏବଂ ତାଙ୍କୁ ଚଳଚ୍ଚିତ୍ର, ଫ୍ୟାଶନ୍ ଏବଂ ବ୍ୟବସାୟ ଜଗତର ଏକ ପ୍ରଭାବଶାଳୀ ଚେହେରା ଭାବରେ ବିବେଚନା କରାଯାଏ। ଗ୍ଲୋବାଲ ବ୍ରାଣ୍ଡ ଆମ୍ବାସଡର ହେବା ବିଷୟରେ କ୍ୟାଟ୍ରିନା କହିଛନ୍ତି, 'ମାଳଦ୍ୱୀପ ହେଉଛି ବିଳାସପୂର୍ଣ୍ଣ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ଏକ ଆଶ୍ଚର୍ଯ୍ୟଜନକ ମିଶ୍ରଣ। ଏହା ଏପରି ଏକ ସ୍ଥାନ ଯେଉଁଠାରେ ଶାନ୍ତି ଏବଂ ମହିମା ଏକାଠି ମିଶିଥାଏ। 'ସନି ସାଇଡ୍ ଅଫ୍ ଲାଇଫ୍'ର ଚେହେରା ହେବା ମୋ ପାଇଁ ଏକ ସମ୍ମାନର କଥା। ଏହି ସହଯୋଗ ମାଧ୍ୟମରେ ମୁଁ ସାରା ବିଶ୍ୱକୁ ମାଳଦ୍ୱୀପର ଅନନ୍ୟତା ଏବଂ ଅତୁଳନୀୟ ଯାତ୍ରା ଅଭିଜ୍ଞତା ସହିତ ପରିଚିତ କରାଇବାକୁ ଉତ୍ସାହିତ। ୨୦୨୧ ମସିହାରେ ଭିକି କୌଶଲଙ୍କୁ ବିବାହ କରିବା ପରେ କ୍ୟାଟ୍ରିନା କେବଳ ତିନୋଟି ଫିଲ୍ମ 'ଫୋନ୍ ଭୂତ', 'ଟାଇଗର୍ ୩' ଏବଂ 'ମେରି ଖ୍ରୀଷ୍ଟମାସ'ରେ ନଜର ଆସିଥିଲେ। ବର୍ତ୍ତମାନ, କ୍ୟାଟ୍ରିନାଙ୍କ ପାଖରେ କୌଣସି ପ୍ରୋଜେକ୍ଟ ନାହିଁ ଏବଂ ସେ ତାଙ୍କ ବୈବାହିକ ଜୀବନକୁ ଉପଭୋଗ କରୁଛନ୍ତି।

# ଉପକାରୀ ମେଥି



ମେଥି ଦାନାରେ ଫାଇବର ଏବଂ ଅନ୍ୟାନ୍ୟ ରସାୟନ ରହିଥାଏ। ଯାହା ଶରୀରରକୁ ଅନେକ ପ୍ରକାର ଫାଇଦା ଦେଇଥାଏ। ଏହା ସୁଗାରକୁ କଣ୍ଟ୍ରୋଲରେ ରଖିଥାଏ। ଏହା ବ୍ୟତୀତ ମେଥି ଇନସୁଲିନର ପରିମାଣ ମଧ୍ୟ ବଢାଇବାରେ ସାହାଯ୍ୟ କରିଥାଏ। ଯଦି ଆପଣ ବ୍ଲଡ୍ ସୁଗାର କଣ୍ଟ୍ରୋଲ୍ କରିବାକୁ ଚାହାଁନ୍ତି, ତେବେ ଆପଣ ଡାଏଟ୍‌ରେ ମେଥିଦାନା ଅନ୍ତର୍ଭୁକ୍ତ କରନ୍ତୁ। ମେଥି ଦାନା ଇନସୁଲିନର ପରିମାଣ ବଢାଇବାରେ ସାହାଯ୍ୟ କରେ। ମେଥିକୁ ରୋଷେଇରେ ପ୍ରାୟତଃ ବ୍ୟବହୃତ ହୁଏ। ଔଷଧୀୟ ଗୁଣରେ ଭରପୂର ଏହି ମସଲା ଔଷଧରେ ମଧ୍ୟ ବ୍ୟବହୃତ ହୁଏ। ଆଜିର ଯୁଗରେ ଖରାପ ଖାଦ୍ୟ ଏବଂ ଜୀବନଶୈଳୀ ହେତୁ ଲୋକମାନେ ଅନେକ ରୋଗରେ ଆକ୍ରାନ୍ତ ହୁଅନ୍ତି । ତେଣୁ ମଧୁମେହ ରୋଗୀଙ୍କ ପାଇଁ ମେଥି ଅତ୍ୟନ୍ତ ପ୍ରଭାବଶାଳୀ। ଏଥିରେ ଥିବା ପୋଷକ ତତ୍ତ୍ୱ ମଧୁମେହକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ।

# 'ମେଦବହୁଳତା' ମସ୍ତିଷ୍କ ଉପରେ କୁପ୍ରଭାବ ପକାଏ



ବିଶ୍ୱର ବିଭିନ୍ନ ଦେଶରେ ମେଦବହୁଳ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ମେଦବହୁଳତା ଯୋଗୁଁ ନାନାପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଉତ୍ପନ୍ନ ହେଉଛି। ହୃଦଯନ୍ତ୍ର, ବୃକ୍କ, ଯକୃତ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଉପରେ ଏହା ନକାରାତ୍ମକ ପ୍ରଭାବ ପକାଉଛି। ଅନ୍ୟପକ୍ଷରେ ମେଦବହୁଳତା ମସ୍ତିଷ୍କର କାର୍ଯ୍ୟଦକ୍ଷତା ଉପରେ କୁପ୍ରଭାବ ପକାଉଥିବା ଏକ ଗବେଷଣାରୁ ଜଣାପଡ଼ିଛି। ଏଥିସହ ମେଦବହୁଳ ବ୍ୟକ୍ତି ନାନାପ୍ରକାର ଦୁଃଶ୍ଚିନ୍ତାର ସମ୍ମୁଖୀନ ହେଉଥିବା ଗବେଷଣା ରିପୋର୍ଟରେ ଦର୍ଶାଯାଇଛି। ଏ ସମ୍ପର୍କରେ ଆମେରିକାସ୍ଥିତ ଏକ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର କହିଛନ୍ତି ମେଦବହୁଳ ବ୍ୟକ୍ତି କି ପ୍ରକାର ମାନସିକ ସମସ୍ୟାର ସମ୍ମୁଖୀନ ହୁଅନ୍ତି ସେ ସମ୍ପର୍କରେ ଏକ ଗବେଷଣା କରାଯାଇଥିଲା। ଗବେଷଣାରୁ ଯେଉଁ ତଥ୍ୟ ହସ୍ତଗତ ହେଲା ତାହା ଚିନ୍ତାଜନକ। ମେଦବହୁଳ ବ୍ୟକ୍ତିଙ୍କ ମସ୍ତିଷ୍କର କାର୍ଯ୍ୟଦକ୍ଷତା କମୁଥିବା ଗବେଷଣାରୁ ଜଣାପଡ଼ିଲା। ଏଥିସହ ସେମାନେ ନାନାପ୍ରକାର ଦୁଃଶ୍ଚିନ୍ତାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ମେଦବହୁଳତା କେବଳ ଶାରୀରିକ ନୁହେଁ ବରଂ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ କୁପ୍ରଭାବ ପକାଉଥିବା ଗବେଷଣାରୁ ସ୍ପଷ୍ଟ ହୋଇଛି। ଏହି ତଥ୍ୟ ଆଗାମୀ ଦିନରେ ମେଦବହୁଳତା ସମସ୍ୟାର ମୁକାବିଲା କ୍ଷେତ୍ରରେ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

# ହୋଟେଲର ବୟସ ୧୪୦୦ବର୍ଷ ଆଜିଯାଏଁ ବଦଳି ନାହାନ୍ତି ମାଲିକ

ଆଜିକାଲି ପ୍ରତ୍ୟେକ ସ୍ଥାନରେ ହୋଟେଲ ଦେଖିବାକୁ ମିଳିବ। ସୁନ୍ଦର ସୁନ୍ଦର ବିଲ୍ଡିଂ, ଲାଟେଷ୍ଟ ଟେକ୍ନୋଲୋଜି ଏବଂ ସବୁପ୍ରକାର ସୁବିଧା ଭରପୂର ଥିବା ହୋଟେଲ ତ ଅନେକ ଅଛି। ହେଲେ ଦୁନିଆର ସବୁଠାରୁ ପୁରୁଣା ହୋଟେଲ ବିଷୟରେ ଆପଣ ଜାଣିଛନ୍ତି କି ? ଆଜି ଆସନ୍ତୁ ଜାଣିବା, ଦୁନିଆର ସବୁଠାରୁ ପୁରୁଣା ହୋଟେଲ ସମ୍ପର୍କରେ। ଯାହା ଶୁଣିବା ପରେ ଆପଣ ନିଶ୍ଚୟ ଆଶ୍ଚର୍ଯ୍ୟ ହୋଇଯିବେ। ଜାପାନର ମାଉଣ୍ଟ ଫୁଜି ଠାରୁ କିଛି ଦୂରରେ ଅଛି ନିଶିୟାମା ଓନସେନ୍ କେୟୁଙ୍କାନ ହୋଟେଲ। ଏହି ହୋଟେଲ ନିଜର ନିଆରା ଇତିହାସ ପାଇଁ ପାଇଛି ପ୍ରସିଦ୍ଧି। ଏଠି ଏସି ପବନ ନୁହେଁ ଖୋଲା ଆକାଶର ଦେଶୀ ପବନର ମଜା ନିଅନ୍ତି ପର୍ଯ୍ୟଟକ। ଭିଡ, ଜନଗହଳି ଓ ପ୍ରଦୂଷଣ ଠାରୁ ଢେର୍ ଦୂରରେ ରହିଛି ଏହି ପୁରୁଣା ହୋଟେଲ। ଶହେ କି ୨ଶହ ବର୍ଷ ନୁହେଁ ପ୍ରାୟ ୧୪ଶହ ବର୍ଷ ପୁରୁଣା। କୁହାଯାଏ ଆଜି ବି ଏହି ହୋଟେଲ ନିଜର ଇତିହାସକୁ ସତେଜ କରି ରଖିଛି। ଦୁନିଆର ସବୁଠାରୁ ପୁରୁଣା ହୋଟେଲ ଭାବରେ ୨୦୧୧ରେ ଗିନିଜ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛି। ହୋଟେଲର ନିର୍ମାଣ ୭୦୫ ଏଡି'ରେ ଫୌଜିଓ୍ୱାରା ମୋହିତ ନାମକ ବ୍ୟକ୍ତି ନିର୍ମାଣ କରିଥିଲେ। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଆଜି ଏହି ହୋଟେଲକୁ ଏବେ ତାଙ୍କ ପରିବାରର ୫୨ତମ ପିଢି ଚଳାଉଛନ୍ତି। ହୋଟେଲ ନିଶିୟାମା ନିଜର ଆଲିଶାନ ବିଲ୍ଡିଂ ଓ ଗରମ ଝରଣା ପାଣି ପାଇଁ ବେଶ ଜଣାଶୁଣା। ଯାହା ଏହି ହୋଟେଲକୁ ଅନ୍ୟ ହୋଟେଲ ଠାରୁ ଅଲଗା ଓ ଖାସ୍ ବନାଇଥାଏ। ହୋଟେଲ ନିଶିୟାମା ପ୍ରକୃତିର ସୁନ୍ଦର ପରିବେଶରେ ରହିଛି। ହୋଟେଲର ଗୋଟିଏ ପାର୍ଶ୍ୱରେ ବହିଯାଉଛି ଏକ ସୁନ୍ଦର ନଦୀ। ଆପଣ ରୁମରେ ବସି ନଦୀର ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ ଓ କଳ କଳ ନାଦ ଶୁଣିପାରିବେ। ଅନ୍ୟପଟେ ଘଞ୍ଚ ଜଙ୍ଗଲର ସୁନ୍ଦର ଦୃଶ୍ୟ ଲୋକଙ୍କ ମନ ମୋହିଥାଏ। ଏଠାକାର ଶାନ୍ତ ପରିବେଶ ମନ ଓ ଆତ୍ମାକୁ ଶାନ୍ତି ଦେଇଥାଏ। ଯିଏ ଏଠାକୁ ଥରେ ଆସେ କେବେ ଫେରିଯିବାକୁ ଇଚ୍ଛା କରେନି। ସବୁଠାରୁ ପୁରୁଣା ଏହି ହୋଟେଲରେ ରହିଛି ପ୍ରାୟ ୩୭ଟି ରୁମ୍। ଗୋଟିଏ ରୁମ୍‌ର ଗୋଟିଏ ରାତି ପାଇଁ ପ୍ରାୟ ୩୫ ହଜାର ଟଙ୍କା ଦେବାକୁ ପଡେ। ତେବେ ହୋଟେଲରେ ଓପନ ଏୟାର ବାଥ୍ ନେବାର ମଜା ହିଁ କିଛି ଅଲଗା। ଏୟା ନୁହେଁ କି ହୋଟେଲ ଦେଖିବାକୁ ପୁରୁଣା କାଳିଆ। ସମୟ ସମୟରେ ହୋଟେଲର ନବୀକରଣ ମଧ୍ୟ କରାଯାଏ। ୧୯୯୭ ମସିହାରେ ଶେଷ ସମୟ ପାଇଁ ନବୀକରଣ କରାଯାଇଥିଲା। ପୂର୍ବରୁ ଏହି ହୋଟେଲରେ ୱାଇଫାଇ କନେକ୍ସନ ନଥିଲା କିନ୍ତୁ ୨୦୦୯ ଭିତରେ ହୋଟେଲର ସବୁ ରୁମ୍‌ରେ ପାସୱାଡ ଫ୍ରି ୱାଇଫାଇ ଲଗାସରିଛି। ବିଶ୍ୱର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ଏହାର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଆସନ୍ତି।



Printed, Published & Owned by Madhu Mohanty. Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



# ଆମ କଳାହାଣ୍ଡି





### ଗରମ ପାଣି ପଡ଼ି ଶିଶୁ ଗୁରୁତର ଘଟଣା

## ଖବର ପ୍ରକାଶ ପରେ ମିଳିଲା ସହାୟତା



**ଓଡ଼ିଶା ଭାସ୍କର ପ୍ରଭାବ**

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବେନଗାଁର ୪ ବର୍ଷ ବୟସର ଶିଶୁ ଉପରେ ଗରମ ପାଣି ପଡିଯିବା ଓ ଗୁରୁତର ଭାବେ ଚିକିତ୍ସିତ ହେଉଥିବା ତଥା ଗରିବ ବାପ-ମାଆ ଚିକିତ୍ସା ବାବଦକୁ ଆର୍ଥିକ ସହାୟତା ପାଇଁ ଆକୁଳ ଗୁହାରି କରିବା ସମ୍ପର୍କରେ ଏକ ଦାୟିତ୍ୱବାନ ଗଣମାଧ୍ୟମ ଭାବେ ପ୍ରଥମେ ଖବର ପ୍ରକାଶ କରିଥିଲା ଓଡ଼ିଶା ଭାସ୍କର। ତେବେ ଓଡ଼ିଶାଭାସ୍କରରେ ଖବର ପ୍ରକାଶ ପରେ ଗୁରୁତର ଶିଶୁ ପାଇଁ ବଢ଼ିଥିଲା ସହାୟତାର ହାତ। ଏପରିକି ଅସହାୟ ଓ ଦୁଃଖୀରଙ୍କୁ ସହାୟତା ପାଇଁ ଗଠିତ ହ୍ୱାଟ୍ସଆପ ଗ୍ରୁପ 'ଆମେ ବିପଦର ବନ୍ଧୁ' ତରଫରୁ କ୍ରାଉଡ୍ ଫଣ୍ଡିଂ ଜରିଆରେ ୨୫ ହଜାର ୪୩୨ ଟଙ୍କା ପ୍ରଦାନ କରାଯାଇଛି। ଆଜି ହ୍ୱାଟ୍ସଆପ ଗ୍ରୁପ ସଦସ୍ୟଙ୍କ ସହିତ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ସମାଜସେବୀ ହରିଶଙ୍କର ପାତ୍ର, ଲାଞ୍ଜିଗଡ ରୋଡ଼ ସରପଞ୍ଚ ମମତା ଶବର, ଲାଞ୍ଜିଗଡ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗ, ପିଇଡବ୍ଲୁ ମିଡିଆ ଏସୋସିଏସନର କୋଷାଧ୍ୟକ୍ଷ ନୀଲେଶ କୁମାର ନାଗ ପ୍ରମୁଖ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ଶିଶୁ ଓ ତାଙ୍କ ବାପା ଅଜିତ ହରିଜନ ଓ ବାଳମତି ହରିଜନଙ୍କୁ ସାକ୍ଷାତ କରି ଗ୍ରୁପ ଦ୍ୱାରା ସଂଗୃହୀତ ଅର୍ଥରାଶି ହସ୍ତାନ୍ତର କରିଥିଲେ। ସେହିପରି ବେନଗାଁ ହାଇସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମିଶି ପ୍ରଧାନଶିକ୍ଷକ ଭବାନୀଶଙ୍କର ନାଗଙ୍କ ଜରିଆରେ ସହାୟତା ରାଶି ପ୍ରଦାନ କରିଥିବାବେଳେ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ପାତ୍ର, ବେନଗାଁ ସମିତିସଭ୍ୟା ଯଶୋବନ୍ତି ନାଏକ, ସାମ୍ବାଦିକ ଦିଲୀପ ନାଏକ ପ୍ରମୁଖ ସହାୟତାର ହାତ ବଢ଼ାଇଥିବା ଜଣାପଡିଛି। ଏହାକୁ ନେଇ ଅଜିତଙ୍କ ପରିବାର ଓଡ଼ିଶାଭାସ୍କରକୁ ଧନ୍ୟବାଦ ଦେବା ସହିତ ହ୍ୱାଟ୍ସଆପ ଗ୍ରୁପ 'ଆମେ ବିପଦର ବନ୍ଧୁ'ର ସମସ୍ତ ସଦସ୍ୟଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।

### କୃଷି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

## ପୁସ୍ତକ ଉନ୍ମୋଚନ ସହ 'ଆନିମନ୍-୨୦୨୪-୨୫' ପାଳିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ସ୍ଥାନୀୟ କୃଷି ମହାବିଦ୍ୟାଳୟ, ଭବାନୀପାଟଣାର ୧୧ ତମ ପ୍ରତିଷ୍ଠା ଦିବସ 'ଆନିମନ୍ ୨୦୨୪-୨୫' ଗତ ୯ ଓ ୧୦ ତାରିଖ ଦୁଇ ଦିନ ଧରି ମହାବିଦ୍ୟାଳୟ ଅଡିଟୋରିୟମ ଓ କଲେଜ ପରିସରରେ ଥିବା ଖେଳ ପଡିଆରେ ଏକ ଚିତ୍ତାକର୍ଷକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ୯ ତାରିଖ ସୋମବାର ଦିନ ମହାବିଦ୍ୟାଳୟ ଅଡିଟୋରିୟମ ଠାରେ କଲେଜର ଡିନ୍ ଡ.ସଂଦୀପ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ଉମେଶ ଚନ୍ଦ୍ର ଶତପଥୀ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ବିଷୟରେ ଉଦ୍‌ବୋଧନ ଦେଇ ଉତ୍ସାହିତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ସଫଳତା ହାସଲ କରିଥିବାରୁ ମହାବିଦ୍ୟାଳୟର ଡିନ୍, ଅଧ୍ୟାପକ ଅଧ୍ୟାପିକା ତଥା ସହକର୍ମୀ ମାନଙ୍କୁ ଅଶେଷ ଧନ୍ୟବାଦ ଜଣାଇଥିଲେ। ମଞ୍ଚରେ ଛାତ୍ରସଂସଦର ଉପଦେଷ୍ଟା ସହକାରୀ ପ୍ରଫେସର ଡ. ଦେବାଶିଷ ବେହେରା, ଛାତ୍ର ସଂସଦ ସଭାପତି ସୌରଭରାଜ୍ ଲେଙ୍କା, ଉପ-ସଭାପତି ଚିତ୍ତରଂଜନ ମହାରଣା ଓ ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ମେହେର ଉପସ୍ଥିତ ଥିଲେ। ସଭାକାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପି ବି ପ୍ରିନ୍ସା, ମୃତ୍ୟୁଞ୍ଜୟ ଖଟୁଆ, ଆଦ୍ୟାଶା ମହାପାତ୍ର ଓ ସୌମ୍ୟ ରଞ୍ଜନ ସାହୁ ସଂଯୋଜନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ମୁଖପତ୍ର 'ଭାସ୍ୱତୀ' ଓ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ମାନଙ୍କ ଦ୍ୱାରା ଲେଖା ଯାଇଥିବା କୃଷି ସମ୍ବନ୍ଧୀୟ ପୁସ୍ତକ ତଥା ମହାବିଦ୍ୟାଳୟର ଛାତ୍ର ରାକେଶ କୁମାର ସାହୁଙ୍କ ଦ୍ୱାରା ଲିଖିତ କବିତା ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟର କେତେକ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପରବର୍ତ୍ତୀ ୧୦ ତାରିଖ ମଙ୍ଗଳବାରର ସଂଧ୍ୟା ଥିଲା ନୃତ୍ୟ, ସଂଗୀତ, ବାଦ୍ୟ ଓ ଡିଜେ ନାଇଟ୍‌ର ଆକର୍ଷଣୀୟ ମହଫିଲ୍। ଯାହାର ନାଆଁ ଥିଲା 'ଆଡମ୍ବର'। ରାଜ୍ୟର ବିଶିଷ୍ଟ ଗାୟକ ଆର୍ଯ୍ୟ ସାଇପ୍ରସାଦ, ଅନ୍ୟତମ ଗାୟିକା ସୁଜ୍ଞାନୀ ମହାପାତ୍ରଙ୍କ ସୁମଧୁର ସ୍ୱର ଓ ଡିଜେ ସ୍ୱିନ୍ ମାଫିଆଙ୍କ ମନଛୁଆଁ ସମନ୍ୱୟ ଦୀର୍ଘ ସମୟ ଧରି ନିମନ୍ତ୍ରିତ ଅତିଥି, ବିଶ୍ୱବିଦ୍ୟାଳୟର ଡିନ୍ ଅଧ୍ୟାପକ ଅଧ୍ୟାପିକା ତଥା ଛାତ୍ରଛାତ୍ରୀମାନଙ୍କୁ ଅନ୍ୟ ଏକ ପୃଥିବୀରେ ପହଞ୍ଚାଇ ଦେଇଥିଲା ଭଳି ମନେ ହେଉଥିଲା।

## ତାଣ୍ଡବ ରଚିଲା କାଳବୈଶାଖୀ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍) : ଲାଞ୍ଜିଗଡ଼ ବ୍ଲକ ଭୁର୍ଟିଗଡ଼ ପଞ୍ଚାୟତରେ ତାଣ୍ଡବ ରଚିଛି କାଳବୈଶାଖୀ। ଏଥିଯୋଗୁଁ ପଞ୍ଚାୟତର ବିଭିନ୍ନ ଗାଁରେ ମାଟିଘର, ଆଜବେଷ୍ଟସ ଘର ଆଦି କ୍ଷତିଗ୍ରସ୍ତ ହୋଇଛି। ସୋଲାର ଜଳ ଯୋଗାଣ ପ୍ରକଳ୍ପ ଭାଙ୍ଗିରୁଜି ଯାଇଥିବାବେଳେ ଗଛ ପଡ଼ି ସ୍କୁଲ ପାଚେରୀ ନଷ୍ଟ ହୋଇଛି। ସୂଚନାନୁଯାୟୀ, ଭୁର୍ଟିଗଡ଼ ପଞ୍ଚାୟତ ଜାନକୀ ପଦର ଗାଁର ଭୁବନ ପାତ୍ର, ପୂର୍ଣ୍ଣ ପାତ୍ର, କାଦୋମସ୍କାର ଦୈମତୀ କୁମାର, ମିତା ନାଏକ, କୌତୁକ ପାତ୍ର, ଦୀପକ ପାତ୍ର, ମେର୍ଡିକୁପା ଗାଁର ଅଗ୍ନି ପାତ୍ର, ପାଲକୀର ଆଲୋକ ମାଝୀ, ଡମ୍ବରୁ ମାଝୀଙ୍କ ଘର ଭାଙ୍ଗିରୁଜି ଯାଇଛି। ସେହିପରି କାଦୋମସ୍କା ଗାଁର ସୋଲାର ପାନୀୟ ଜଳ ପ୍ରକଳ୍ପ ଉଜୁଡିଯାଇଛି ଓ ଗଛ ପଡ଼ି ସ୍କୁଲ ପାଚେରୀ ଭାଙ୍ଗିଯାଇଛି। ଏ ସମ୍ପର୍କରେ ଖବର ପାଇ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ସମାଜସେବୀ ହରିଶଙ୍କର ପାତ୍ର କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟି ଆଶ୍ୱାସନା ଦେଇଛନ୍ତି। ଏପରିକି କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେବାକୁ କମର୍ଦ୍ଦା ରାଜସ୍ୱ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



### ବାଇକ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣା

## ଶବ ରଖି ରାସ୍ତା ଅବରୋଧ କଲେ ପରିବାର



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଅନ୍ତର୍ଗତ ବାବୁ କେନ୍ଦୁଗୁଡ଼ା ଗ୍ରାମର ଯୁବକ କୁରୁକ୍ଷେତ୍ର ବେମାଲ ବାଇକ ଧକ୍କାରେ ଗୁରୁତର ହେବାରୁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇ ଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ଭୁବନେଶ୍ୱର ହାଇଟେକକୁ ସ୍ଥାନାନ୍ତରିତ କରାଯାଇ ଥିଲା। ଚିକିତ୍ସାଧିନ ଅବସ୍ଥାରେ ୯ତାରିଖ ଦିନ କୁରୁକ୍ଷେତ୍ରର ମୃତଙ୍କ୍ୟ ହୋଇଯାଇଛି। ମୃତ ଶରୀର ଗାଁକୁ ଆସିବା ପରେ ପରିବାର ଲୋକେ ଆର୍ଥିକ ସହାୟତା ଦାବିରେ ମଙ୍ଗଳବାର ସକାଳୁ ଜୁନାଗଡ଼-କଲମପୁର ରାସ୍ତାରେ ଶବ ରଖି ରାସ୍ତା ଅବରୋଧ କରିଥିଲେ। ସୂଚନା ଅନୁସାରେ ଗତ ମାସ ୨୧ତାରିଖ ଦିନ କୁରୁକ୍ଷେତ୍ର ବେମାଲ ଧାନ କାଟିବା ପାଇଁ ଯାଇ ନିଜ ଘରକୁ ଫେରୁଥିବା ସମୟରେ ଘର ପାଖ ଅଞ୍ଚଳ କଦଳୀଚୁଆଁ ଗ୍ରାମର ବ୍ଲକ ରାୟ ନାଏକଙ୍କ ବାଇକ ଧକ୍କା ଦେଇଥିଲା। ଏହି ଘଟଣାକ୍ରମ ପରେ ଚିକିତ୍ସାଧିନ ଅବସ୍ଥାରେ କୁରୁକ୍ଷେତ୍ରଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ପରିବାର ଲୋକେ ଉତ୍ୟକ୍ତ ହୋଇ କ୍ଷତିପୂରଣ ଦାବିରେ ଘର୍ଲା ଛକ ଠାରେ ରାସ୍ତା ଅବରୋଧ ଦୀର୍ଘ ସମୟ ଧରି ଜାରି ରଖିଥିଲେ। ଖବର ପାଇ କଲମପୁର ତହସିଲଦାର ସ୍ମରଣିକା ତୁଲ, କଲମପୁର ଥାନା ଅଧିକାରୀ ନୀଳାମ୍ବର ଜାନୀ ଘଟଣା ସ୍ଥଳରେ ପହଞ୍ଚି ପରିବାର ଓ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଦୁର୍ଘଟଣା କରିଥିବା ସଂପୃକ୍ତଙ୍କ ଭାଇ ମୃତ ପରିବାର ଓ ସମ୍ପର୍କୀୟ ମାନଙ୍କ ସହିତ ଆଲୋଚନା କରି ଆର୍ଥିକ ସହଯୋଗ କରିବା ପାଇଁ ରାଜି ହେବାରୁ ରାସ୍ତାରୋକ ହଟିଥିଲା। ପ୍ରାୟ ଚାରି ଘଣ୍ଟା ଯାନବାହାନ ଚଳାଚଳ ଠପ ହେବାରୁ ଯାତାୟତରେ ବାଧା ସୃଷ୍ଟି ହୋଇଥିଲା। ରାସ୍ତା ଅବରୋଧ ହଟିବା ପରେ ଯାତାୟତରେ ସ୍ୱାଭାବିକ ହୋଇଥିଲା।

## ଶ୍ରୀ ଜଗନ୍ନାଥଙ୍କ ଦେବସ୍ନାନ ନୀତି ସମ୍ପନ୍ନ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଧର୍ମଗଡ଼ ଶ୍ରୀ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ପ୍ରଭାକର ନନ୍ଦ ଓ ମନ୍ଦିର ପୂଜକ ଭଣ୍ଡେଶ୍ୱର ଆଚାର୍ଯ୍ୟଙ୍କ ଦ୍ୱାରା ବିଧିମତେ ସମସ୍ତ ନୀତିକାନ୍ତି ମଧ୍ୟରେ ପୂଜାର୍ଚ୍ଚନା କରାଯାଇ ଶ୍ରୀ ଜୀଉଙ୍କର ସ୍ନାନ ନୀତି ହୋଇଥିଲା। ମନ୍ଦିର ଟ୍ରଷ୍ଟର ସଦସ୍ୟ ଆଚାର୍ଯ୍ୟ ହୃଷୀକେଶ ମିଶ୍ର ଓ ତାଙ୍କର ଧର୍ମପତ୍ନୀ ସୁଜାତା ମିଶ୍ର କର୍ତ୍ତା ଭାବେ ପୂଜା କାର୍ଯ୍ୟ ତୁଲାଇ ଥିବାବେଳେ ଟ୍ରଷ୍ଟର ସଦସ୍ୟ ଧର୍ମଗଡ ନଗରପାଳ ଅଶୋକ କୁମାର ମହାନ୍ତି, ଟ୍ରଷ୍ଟର ଉପସଭାପତି ତୁଷାର ରଞ୍ଜନ ପଟ୍ଟଯୋଶୀ, ସଂପାଦକ ନିରଞ୍ଜନ ମହାପାତ୍ର, ବରିଷ୍ଠ ସଦସ୍ୟ ହିମାଂଶୁ ଶେଖର ମୁଣ୍ଡ, ସୁରେଶ ଚନ୍ଦ୍ର ମୁଣ୍ଡ, ବିଦ୍ୟାଧର ସାହୁ, ସନ୍ତୋଷ କୁମାର ମେହେର, ସରୋଜ କୁମାର ସାହୁ, ଜନ୍ମେଜୟ ନାଏକ, ସୁରେଶ ଚନ୍ଦ୍ର ମୁଣ୍ଡ ସମେତ ଲକ୍ଷ୍ମୀକାନ୍ତ ଖମାରୀ, କମଲୁ ଅଗ୍ରୱାଲ, ରାଜେନ୍ଦ୍ର କୁମାର ମୁନି, ଲକ୍ଷ୍ମୀକାନ୍ତ ବାଗ, ଘନଶ୍ୟାମ ଅଗ୍ରୱାଲ, ରାମଚନ୍ଦ୍ର ପାଣିଗ୍ରାହି, ଇଙ୍ଗିତ କୁମାର ପଣ୍ଡା, ତ୍ରିଲୋଚନ ମୁଣ୍ଡ, ଲଳିତ ଅଗ୍ରୱାଲ ତଥା ବହୁ ଭକ୍ତ ଏହି ଅବସରରେ ଉପସ୍ଥିତ ଥିଲେ। ସମସ୍ତ ନିତୀକାନ୍ତି ଶେଷ ହେବା ପରେ ଶ୍ରୀ ଜିଉଙ୍କୁ ଅଣସର ଗୃହକୁ ନିଆ ଯାଇଛି। ଆସନ୍ତା ଜୁନ ୨୬ ତାରିଖ ଦିନ ଶ୍ରୀ ଜିଉଙ୍କର ନେତ୍ରୋତ୍ସବ ତଥା ନବ ଯୌବନ ବେଶ, ୨୭ ତାରିଖ ଦିନ ଶ୍ରୀଗୁଣ୍ଡିଚା ଯାତ୍ରା ଓ ୫ ତାରିଖ ଦିନ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ।

## ସାଂସଦଙ୍କ ପାଇଁ ଝଲସୁଛି ଦୁର୍ଗମ ଗାଁ ତୁର୍କା

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାର ଆଦିବାସୀ ବହୁଳ ଓ ଦୁର୍ଗମ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବା ହେଉକି ପାଣ୍ଠି ଯୋଗାଇଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛନ୍ତି ରାଜ୍ୟସଭା ସାଂସଦ ସୁଜିତ କୁମାର। ଏହିକ୍ରମରେ ସାଂସଦ ଶ୍ରୀ କୁମାର ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତର ଦୁର୍ଗମ ତୁର୍କା ଗାଁକୁ ସାଂସଦ ପାଣ୍ଠିରୁ ଗୋଟିଏ ହାଇମାଷ୍ଟ ଲାଇଟ ଓ ପାଞ୍ଚଟି ସୋଲାର ଷ୍ଟ୍ରିଟ ଲାଇଟ ଯୋଗାଇଦେବା ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସେମାନଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହୋଇଛି। ଗାଁରେ ୩୫ଟି ଆଦିବାସୀ ପରିବାର ରହୁଥିବାବେଳେ ସାଂସଦଙ୍କ ସୌଜନ୍ୟରୁ ଏବେ ସନ୍ଧ୍ୟା ହେଲେ ଆଲୁଅରେ ଝଲସୁଛି ଦୁର୍ଗମ ଗାଁ ତୁର୍କା।

### ଅଣଗେଜେଟେଡ଼ କର୍ମଚାରୀଙ୍କ ଚେତାବନୀ

## ଦାବି ପୂରଣ ନହେଲେ ସାମୂହିକ ଛୁଟି ସହ ଧାରଣା




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଓଡିଶା ଅଣଗେଜେଟେଡ଼ ବନ କର୍ମଚାରୀ ସଂଘ, କଳାହାଣ୍ଡି ସର୍କଲ ପକ୍ଷରୁ ତିନିଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବି ଗୁଡିକ ମଧ୍ୟରେ ପ୍ରମୁଖ ତିନି ଦାବି ଗୁଡିକ ହେଲା ଫରେଷ୍ଟ କମିଶନ ଗଠନ, ଆବଶ୍ୟକ ଅନୁଯାୟୀ କ୍ୟାଡର ପରିମାର୍ଜନ, ତାଲିମ ଓ ନିଯୁକ୍ତି ପକ୍ରିୟାରେ ଉନ୍ନତି ଏବଂ କ୍ଷେତ୍ର କର୍ମଚାରୀ ମାନଙ୍କର କଲ୍ୟାଣ ଓ ଦକ୍ଷତା ବୃଦ୍ଧି। ସମସ୍ତ ୱିଙ୍ଗସ୍‌କୁ ଇଣ୍ଟିଗ୍ରେଟ୍ କରି ଗୋଟିଏ ଛାତ ତଳେ କିପରି ପରିଚାଳନା କରିବା ସହ ଭୌଗୋଳିକ ପରିସୀମା ଏବଂ ଜଙ୍ଗଲର ଘନତ୍ୱ ଦୃଷ୍ଟିରୁ ରେଞ୍ଜ, ସେକ୍ସନ ଓ ବିଟ୍‌ର ପୁନଃଗଠନ କରି ବନ୍ୟ ପ୍ରାଣୀ ଓ ଟେରିଟୋରିଆଲ ଡିଭିଜନ ମାନଙ୍କରେ ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ ଏବଂ ରାପିଡ଼ ରେସ୍‌ପନ୍ସ ଟିମ୍ ଗଠନ ନିମନ୍ତେ ସ୍ୱତନ୍ତ୍ର କର୍ମଚାରୀ ନିଯୁକ୍ତି, ନୂତନ କ୍ୟାଡର ପୋଷ୍ଟ ସୃଷ୍ଟି, ବନ ବିଭାଗ ଦକ୍ଷତା ବୃଦ୍ଧି ନିମନ୍ତେ କମିଶନ ମାଓବାଦୀ, ଜଙ୍ଗଲ ମାଫିଆଙ୍କ ଦୌରାତ୍ମ୍ୟରୁ ରକ୍ଷା ସହିତ ଘଞ୍ଚ ଜଙ୍ଗଲରେ ବିପଦପୂର୍ଣ୍ଣ କାର୍ଯ୍ୟ କରୁଥିବା ବନ କର୍ମଚାରୀ ମାନଙ୍କ ସମସ୍ୟା ଦୃଷ୍ଟିରେ ରଖି ସାଲାରୀ ଆକାଉଣ୍ଟ ଇନ୍‌ସୁରାନ୍ସ ପ୍ୟାକେଜ୍ ଯେକୌଣସି ଜାତୀୟ କରଣ ବ୍ୟାଙ୍କ ମାଧ୍ୟମରେ ପ୍ରଦାନ କରିବାକୁ ଦାବି କରିଛି ସଂଘ। ସଂଘର ନିର୍ଦ୍ଦେଶାନାମା ଅନୁଯାୟୀ ଆସନ୍ତା ୧୫। ୦୬। ୨୫ ରିଖ ଠାରୁ ୨୧। ୦୬। ୨୫ ସପ୍ତାହ ବ୍ୟାପି ସମସ୍ତ ସଭ୍ୟ ସଭ୍ୟା ପ୍ରଥମେ କଳା ବ୍ୟାଚ ପିନ୍ଧି ପ୍ରତିବାଦ କରିବାକୁ ନିଷ୍ପତ୍ତି ହୋଇଛି। କିନ୍ତୁ ଏହି ସପ୍ତାହକ ମଧ୍ୟରେ ବିପଦ ପୂର୍ଣ୍ଣ କାର୍ଯ୍ୟ ଠାରୁ ଦୂରେଇ ରହିବେ କର୍ମଚାରୀ। ତା ୨୨। ୦୬। ୨୫ ରିଖ ଠାରୁ ଦାବି ପୂରଣ ହେବା ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ ସାମୂହିକ ଛୁଟିରେ ରହି ଭବାନୀପାଟଣା ଫରେଷ୍ଟ ସର୍କଲ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସି ପ୍ରତିବାଦ କରିବେ ବୋଲି ସରକାରଙ୍କୁ ଚେତାବନୀ ଦେଇଛି ସଂଘ।

## ଦଣ୍ଡପାଟ ଅଞ୍ଚଳରେ ଚାକିରି ଦେବା ନାରେ ଠକେଇ


ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଭଲ ଚାକିରି ଖଣ୍ଡେ ପାଇବାକୁ କିଏ ବା ନ ଚାହେଁ। କିନ୍ତୁ ଧର୍ମଗଡ ବ୍ଲକ ଦଣ୍ଡପାଟ ଅଞ୍ଚଳର ଯୁବକ ଯୁବତୀ ଚାକିରୀ ପାଇବା ଆଶାରେ ଠକାମୀର ଶିକାର ସାଜିଛନ୍ତି। କାନ୍ଥବାଡ଼ରେ ଲାଗିଥିବା ବିଜ୍ଞାପନ ଦେଖି ଟଙ୍କା ଦେଇ ଆବେଦନ କରିବା ପରେ ଚାକିରୀ ନପାଇ ନିରାଶ ହୋଇଛନ୍ତି। ଆୟୁର୍ବେଦିକ ହୋମିଓପାଥିକ ଡାକ୍ତରଖାନାରେ ଚାକିରୀ ଦେବା ନାରେ ବେହେରା ସ୍ଥିତ ଡାକ୍ତରଖାନାର ଜଣେ କର୍ମଚାରୀଙ୍କ ମାଧ୍ୟମରେ କୋକସରା ଗ୍ରାମର ଜଗନ୍ନାଥ ବାଗ ଓ ମୁକୁନ୍ଦ ବାଗ ନାମକ ବ୍ୟକ୍ତି ସ୍ଥାନୀୟ ୬ଜଣ ଯୁବକଙ୍କ ଠାରୁ ମୋଟ ୨ଲକ୍ଷ ୯୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ନେଇଥିବା ଅଭିଯୋଗ ହେଉଛି। ବେହେରା ଗ୍ରାମର ଯୁବକ ସଞ୍ଜୀବ ଗୋପାଳଙ୍କ ଠାରୁ ୭୦ହଜାର, ଖୁସିରାମ ବିଶି-୭୦ହଜାର, ଉଛୁଳା ଗ୍ରାମର ଗଣେଶ ବାଗ- ୭୦ହଜାର, କୋକସରା ବ୍ଲକ ମଚାମାଲ ଗ୍ରାମର ନକୁଳ ପୋଟା-୩୦ହଜାର, ମୂଷାପାଳି ଗ୍ରାମର ଶୁସାନ୍ତ- ୩୦ହଜାର ଓ ଜୟପ୍ରକାଶ ଗୋପାଳ-୨୦ହଜାର ଟଙ୍କା ଚାକିରୀ ଦେବା ନାରେ ନେଇଥିବା ଜଣାପଡ଼ିଛି। ମାଧ୍ୟମ ସାଜିଥିବା ସିକ୍ୟୁରୀଟି ଗାର୍ଡ ଜଣକ ଯୁବକଙ୍କ ଠାରୁ ଟଙ୍କା ଗ୍ରହଣ କରି ସାଙ୍ଗେ ସାଙ୍ଗେ ଜଗନ୍ନାଥ ବାଗଙ୍କ ଫୋନ ପେକୁ ଟ୍ରାନ୍ସଫର କରିଥିବା ସେ କୁହନ୍ତି।

ସେ କହିବା ମତେ -ଗତ ଜାନୁଆରୀ ୪ତାରିଖ ଦିନ ଜଗନ୍ନାଥ ବାଗଙ୍କ ଫୋନ ପେରେ ୨୦ହଜାର ଓ ନଗଦ ହାତରେ ୨୦ହଜାର ଦେଇଥିଲେ। ସେଭଳି ଫେବୃଆରୀ ୨୭ତାରିଖ ଦିନ ଫୋନ ପେ ମାଧ୍ୟମରେ ୪୦ହଜାର ଓ ନଗଦ ୨୦ହଜାର, ମାର୍ଚ୍ଚ ୩ତାରିଖରେ ୨୦ହଜାର ଫୋନ ପେ , ୪ତାରିଖ ଦିନ ନଗଦ ହାତରେ ୫ହଜାର, ୯ତାରିଖରେ ନଗଦ ୧୫ହଜାର ଓ ଫୋନ ପେରେ ୨୫ହଜାର ପ୍ରଥମ ପର୍ଯ୍ୟାୟରେ ଦେଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଏକ କାଳୀନ ନଗଦ ୧ଲକ୍ଷ ୨୫ହଜାର ଦେଇଥିବା ସେ କୁହନ୍ତି। ଯାହା କି ତାଙ୍କ ପାଖରେ ପ୍ରମାଣ ରହିଥିବା ଦୃଢ଼ୋକ୍ତି ପ୍ରକାଶ କରନ୍ତି। ତେବେ ବର୍ଷ ବର୍ଷ ଧରି ନିଯୁକ୍ତି ନ ଦେବା ଅଥବା ଟଙ୍କା ଫେରସ୍ତ ନ କରିବା ନେଇ ଯୁବକ ମାନେ ଅଭିଯୋଗ ଉଠାଇଛନ୍ତି।

ସେଭଳି ଗତ ୩୦/୧୨/୨୪ରେ ଦଣ୍ଡପାଟ ଅଞ୍ଚଳର ଅନେକ ସ୍ଥାନରେ ଘର କାନ୍ଥ ବାଡ଼ ଆଦି ସ୍ଥାନରେ ଏକ ଚାକିରି ବିଜ୍ଞାପନ ଦେଖିବାକୁ ମିଳିଥିଲା। ଏଥିରେ ପୁଅ ଝିଅଙ୍କ ପାଇଁ ଅନେକ ମେଡ଼ିକାଲ ପୋଷ୍ଟ ଭ୍ୟାକେନ୍ସି ଥିବା ଦର୍ଶାଯାଇଥିଲା। ଯେଉଁଥିରେ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ପିଏଚ୍‌ସି,ଏମ୍-ରାମପୁର ପିଏଚ୍‌ସି, ନର୍ଲା ପିଏଚସି, ଥୁଆମୂଳ ରାମପୁର ପିଏଚସି, ଧର୍ମଗଡ଼ ପିଏଚ୍‌ସି, ଟିପିଗୁଡା ପିଏଚ୍‌ସି, ଖଇରପଦର ପିଏଚ୍‌ସି, କାଂକେରି ପିଏଚ୍‌ସି, ବେହେରା ପିଏଚ୍‌ସିରେ ଏଏନ୍‌ଏମ୍, ନର୍ସିଂ ଅଫିସର, ଡାଟା ଏଣ୍ଟ୍ରି, ୱାର୍ଡ ଏଟେଣ୍ଡାଣ୍ଟ, ସିକ୍ୟୁରୀଟି ଗାର୍ଡ ଓ ସୁଇପର ପଦବୀ ଖାଲି ଥିବା ବିଜ୍ଞାପନରେ ଦର୍ଶା ଯାଇଥିଲା। ଏପରିକି ନିଯୁକ୍ତି ପାଇଁ ଯୋଗାଯୋଗ କରିବାକୁ ସୁନୀଲ ପାତ୍ର ନାମକ ବ୍ୟକ୍ତିଙ୍କ ଫୋନ ନମ୍ବର ୯୬୯୨୬୪୫୧୭୧ ଦିଆ ଯାଇଥିଲା। ଅନ୍ୟପଟେ ଦଲାଲ ଲଗେଇ ଅନେକ ଯୁବକ ଯୁବତୀଙ୍କୁ ଯୋଗାଯୋଗ କରାଯାଇ ପୋଷ୍ଟ ଅନୁଯାୟୀ ଟଙ୍କା ଦେବାକୁ କହିଥିଲେ। ଧର୍ମଗଡ଼-ଦଣ୍ଡପାଟ ଅଞ୍ଚଳର ପ୍ରାୟ ୧୬ ଜଣ ଯୁବକ ଯୁବତୀ ସେହି ନମ୍ବରରେ ଯୋଗାଯୋଗ କରିଥିଲେ। ଯୁବକ ଯୁବତୀଙ୍କ କହିବା ଅନୁଯାୟୀ ସ୍ଥାନୀୟ କେତେକ ରାଜନୀତି ଦଳର ଆଗ ଧାଡ଼ି ବ୍ୟକ୍ତିବିଶେଷ ସେଥିରେ ସାମିଲ ଥିବା ଯୋଗୁଁ ବିଶ୍ୱାସକୁ ନେଇ ୫୦-୬୦ହଜାର ଟଙ୍କା ଅଗ୍ରୀମ ଦେଇଥିବା ବେଳେ ବାକି ତକ ୪୦-୫୦ହଜାର ନିଯୁକ୍ତି ଆଦେଶ ପାଇବା ପରେ ଦେବାକୁ କଥା ରହିଥିଲା। ଦୀର୍ଘ ଦିନ ପରେ ବି ନା ଚାକିରି ମିଳିଲା ନା ଟଙ୍କା ଫେରସ୍ତ ମିଳିଲା। ବଡ଼ ଆଶ୍ଚର୍ଯ୍ୟ ବିଷୟ ଏବେ ସେ ଚିହ୍ନା ନେତାଙ୍କ ମୁହଁ ବି ଦେଖିବାକୁ ପାଉ ନ ଥିବା ବେଳେ ତାଙ୍କ ଅସଲ ଚେହେରା ଟଙ୍କା ଫେରସ୍ତ ନ କଲେ ଲୋକଲୋଚନକୁ ଅଣା ଯିବ ବୋଲି ଠକାମୀର ଶିକାର ସାଜିଥିବା ଯୁବକ ଯୁବତୀ ପ୍ରକାଶ କରନ୍ତି। ତେବେ ଦୈନନ୍ଦିନ ଅଞ୍ଚଳର ଯୁବକ ଯୁବତୀଙ୍କ ସରଳତା ସୁଯୋଗ ନେଇ ଫାଇଦା ଉଠାଉଥିବା ବ୍ୟକ୍ତି ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପ୍ରଶାସନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ଦାବି।

## ରାଶିଫଳ

ଗୁରୁବାର, ୧୨ ଜୁନ୍ ୨୦୨୫



**ମେଷ:** ଏହି ରାଶିର ଲୋକମାନେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ବନ୍ଧୁ ଏବଂ ସମ୍ପର୍କୀୟଙ୍କ ସାହାଯ୍ୟ ନେବେ। ଆଜି ଅତିଥିମାନେ ଆପଣଙ୍କ ଘରେ ପହଞ୍ଚିବେ, ଯାହା ଘରକୁ ଚଳଚଞ୍ଚଳ କରିବ । ଆଜି କୈଣସି ପ୍ରକାରର ବିତର୍କକୁ ଉତ୍ସାହିତ କରନ୍ତୁ ନାହିଁ । ଚାକିରି କ୍ଷେତ୍ରରେ ଆପଣଙ୍କର ପ୍ରଭାବ ବୃଦ୍ଧି ପାଇବ।




**ବୃଷ:** ଏହି ରାଶିର ଲୋକଙ୍କୁ ସେମାନଙ୍କର ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖିବାକୁ ପଡିବ। କୈଣସି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ନିଷ୍ପତ୍ତି ନେବା ପୂର୍ବରୁ, ଦୟାକରି ଧ୍ୟାନ ଦିଅନ୍ତୁ। ଘନିଷ୍ଠ ସମ୍ପର୍କୀୟଙ୍କ ସହିତ ସାକ୍ଷାତ ହୋଇପାରେ। ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।



**ମିଥୁନ:** ଏହି ରାଶିର ଲୋକଙ୍କ ପାଇଁ ସ୍ଥାୟୀ ଧନ ବୃଦ୍ଧି ହେବାର ସମ୍ଭାବନା ଅଛି। ବ୍ୟବସାୟୀମାନେ ଏକ ଲାଭ ଜନକ ଡିଲ୍ କରି ପାରିବେ। ଆପଣ ସାଙ୍ଗମାନଙ୍କ ସହିତ ଭ୍ରମଣ କରିବାକୁ ଯୋଜନା କରିପାରିବେ। ନିଯୁକ୍ତି ପ୍ରୟାସ ସଫଳ ହେବ। ଅର୍ଥ ଉପକୃତ ହେବାର ସମ୍ଭାବନା ଅଛି ।



**କର୍କଟ:** ଏହି ରାଶିର ବ୍ୟକ୍ତିମାନେ ଆଜି ମିଶ୍ରିତ ଫଳାଫଳ ପାଇବେ। ଆପଣ ଆପଣଙ୍କର ବ୍ୟବସାୟରେ କିଛି ପରିବର୍ତ୍ତନ କରିବାକୁ ଚେଷ୍ଟା କରି ପାରିବେ। ଅଧସ୍ତନ କର୍ମଚାରୀମାନେ ଆପଣଙ୍କୁ ଚାକିରି କ୍ଷେତ୍ରରେ ସମର୍ଥନ କରିବେ। ପାରିବାରିକ ପରିବେଶ ଖୁସି ହେବ। ପ୍ରେମ ସମ୍ପର୍କ ମଜବୁତ ହେବ।



**ସିଂହ:** ଆପଣ ବ୍ୟବସାୟରେ ଲାଭ ପାଇପାରିବେ। ଚାକିରି କ୍ଷେତ୍ରରେ ପରିସ୍ଥିତି ଆପଣଙ୍କ ସପକ୍ଷରେ ରହିବ। ଆପଣ ଧାର୍ମିକ କାର୍ଯ୍ୟ କଳାପରେ ଅଧିକ ଆଗ୍ରହୀ ହେବେ। ଆପଣ ନିଜ ପରିବାର ସଦସ୍ୟଙ୍କ ସହିତ ଏକ ଧାର୍ମିକ ସ୍ଥାନକୁ ଯାତ୍ରାର ଯୋଜନା କରିପାରିବେ।




**କନ୍ୟା:** ଏହି ରାଶିର ଲୋକମାନେ ସେମାନଙ୍କର ନୂତନ ଯୋଜନା ପୂରଣ କରିବାରେ ସଫଳ ହେବେ। ଆପଣ କଠିନ ପରିଶ୍ରମର ତୁରନ୍ତ ଲାଭ ପାଇବ ନାହିଁ। କର୍ମ କ୍ଷେତ୍ରରେ ଉନ୍ନତି ହେବାର ଆଶା କରା ଯାଉଛି। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। ସାମାଜିକ କ୍ଷେତ୍ରରେ ସମ୍ମାନ ହାସଲ କରାଯିବ।



**ତୁଳା:** ଲୋକମାନେ ଆଜି ନିଜ ପରିବାର ସଦସ୍ୟଙ୍କ ସହ ପିକନିକ୍ କାର୍ଯ୍ୟକ୍ରମ କରିପାରିବେ। ପିଲାମାନଙ୍କ ତରଫରୁ ଅସୁବିଧା ସମାପ୍ତ ହେବ । ବିବାହିତ ଜୀବନ ଭଲ ହେବ । ଜୀବନସାଥୀ ଆପଣଙ୍କର ଭାବନା ବୁଝିବେ । କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସଫଳତାର ସମ୍ଭାବନା ଅଛି ।



**ବିଛା:** ଏହି ରାଶି ଲୋକମାନେ ଏଥିର କିଛି ଭାବିବେ ନାହିଁ । ଆପଣ ଆପଣଙ୍କର କ୍ରୋଧ ଏବଂ ଉତ୍ସାହକୁ ନିୟନ୍ତ୍ରଣ କରନ୍ତୁ। ମୂଲ୍ୟବାନ ଜିନିଷଗୁଡିକ ସଂରକ୍ଷିତ ହେବା ଆବଶ୍ୟକ ଅନ୍ୟଥା ନିଖୋଜ ହେବାର ସମ୍ଭାବନା ଅଛି। ଆପଣ ଉତ୍ସାହର ସହିତ କିଛି କରିବା ଉଚିତ୍ ନୁହେଁ। ଗାଡି ଚଳାଇବା ସମୟରେ ସତର୍କ ରହିବାକୁ ପଡିବ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ।



**ଧନୁ:** ଏହି ରାଶିର ଲୋକମାନେ ଏକ ଲାଭଜନକ ଯାତ୍ରା କରିପାରିବେ। ଚାକିରି କ୍ଷେତ୍ରରେ ବଡ ଅଧିକାରୀମାନେ ଆପଣଙ୍କ ସହିତ ଖୁସି ହେବେ। ଋଣ ଦିଆଯାଇଥିବା ଟଙ୍କା ଫେରସ୍ତ କରାଯାଇ ପାରିବ। ଆୟ ବୃଦ୍ଧି ପାଇବ। ପିତାମାତାଙ୍କର ସମ୍ପୂର୍ଣ୍ଣ ସମର୍ଥନ ରହିବ। ପରିବାରକୁ ନେଇ ଚିନ୍ତିତ ହେବେ।



**ମକର:** ଏହି ରାଶିର ଲୋକମାନେ ଆଜି ଭଲ ଦିନ ପାଇବେ । ବେକାରୀ ହଟାଇବାକୁ ଚେଷ୍ଟା ସଫଳ ହୋଇପାରେ । ଆପଣ କିଛି କାର୍ଯ୍ୟରେ ସଫଳତା ପାଇବେ, ଯାହା ଆପଣଙ୍କୁ ଖୁସି କରିବ। ଆପଣ ପୂର୍ଣ୍ଣ ଭାଗ୍ୟ ପାଇବେ । ଆପଣ ସାଙ୍ଗମାନଙ୍କଠାରୁ ଉପହାର ପାଇପାରିବେ । ଯେଉଁମାନେ ଷ୍ଟକ୍ ମାର୍କେଟ୍ ସହିତ ସଂଯୁକ୍ତ, ସେମାନେ ଆବଶ୍ୟକୀୟ ଲାଭ ପାଇବା ସମ୍ଭାବନା । ସ୍ୱାମୀ-ସ୍ତ୍ରୀ ସମ୍ପର୍କ ମଜବୁତ ହେବ ।



**କୁମ୍ଭ:** କୁମ୍ଭ ଲୋକମାନେ ନିଜ ଘରେ ସେମାନଙ୍କର ନିକଟ ସମ୍ପର୍କୀୟଙ୍କୁ ଭେଟିବାକୁ ଯାଇପାରନ୍ତି। ହଠାତ୍ ଟେଲି ଯୋଗାଯୋଗ ମାଧ୍ୟମରେ ଭଲ ଖବର ପାଇବାର ସମ୍ଭାବନା ଅଛି। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ନୂତନ ଲୋକମାନେ ପରିଚିତ ହୋଇପାରିବେ। ଆପଣ ଆପଣଙ୍କର ଶତ୍ରୁମାନଙ୍କୁ ପରାସ୍ତ କରିବେ। ଲାଭ ପାଇଁ ସୁଯୋଗ ହାତକୁ ଯାଇପାରେ।



**ମୀନ:** କୈଣସି ବ୍ୟସ୍ତତା କାର୍ଯ୍ୟହେତୁ ବହୁତ ବିବ୍ରତ ହେବେ। ଗାଡି ଚଳାଇବା ସମୟରେ ବେପରୁଆ ହୁଅନ୍ତୁ ନାହିଁ । ଅନାବଶ୍ୟକ ନିୟନ୍ତ୍ରଣକୁ ରଖିବାକୁ ହେବ, ନଚେତ ଆର୍ଥିକ ସମସ୍ୟା ବୃଦ୍ଧି ପାଇପାରେ। ଚାକିରୀ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇପାରେ। କୈଣସି ବିପଦ ପୂର୍ଣ୍ଣ କାର୍ଯ୍ୟରେ ଯୋଗ ଦିଅନ୍ତୁ ନାହିଁ। ବ୍ୟବସାୟ ଭଲ ହେବ, ଆୟ ବୃଦ୍ଧି ପାଇବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯